

ସାଧାରଣ ଲୋକଙ୍କୁ ଟାର୍ଗେଟ୍ ଗ୍ରହଣୀୟ ନୁହେଁ

ପୃଷ୍ଠା ୫


# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 170 ଭାଗ ୩୪ | ସଂଖ୍ୟା ୧୭୦ | Thursday 10 September 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର, ୧୦ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ନିର୍ମାଣାଧୀନ କୋଠା ସ୍ଲାବ୍ ଭାଙ୍ଗିଲା; ଚାପି ହୋଇଛନ୍ତି ୧୫

ନୂଆଦିଲ୍ଲୀ,୯।୯: ଗୁଜରାଟର ରାଜଧାନୀ ଗାନ୍ଧୀନଗରରେ ବୁଧବାର ରାତିରେ ଏକ ନିର୍ମାଣାଧୀନ ବିଲ୍ଡିଂର ବିରାଟ ସ୍ଲାବ୍ ହଠାତ୍ ଖସିପଡ଼ିଛି। ସ୍ଲାବ ତଳେ ପ୍ରାୟ ୧୫ ଜଣ ଚାପି ହୋଇ ରହିଥିବା ଆଶଂକା କରାଯାଉଛି। ନିର୍ମାଣାଧୀନ ଏକ କୋଠାରେ ନିର୍ମାଣ କାର୍ଯ୍ୟ ସମୟରେ ଏକ କ୍ରେନ୍ ଖସିପଡ଼ିଥିଲା। କ୍ରେନ୍ ଖସିପଡ଼ିବା ଯୋଗୁଁ କୋଠାର ସ୍ଲାବର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣାର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପ୍ରଶାସନ ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ମାତ୍ରେ ପୁଲିସ ଓ ଦମକଳ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

### ମହାପ୍ରଭୁଙ୍କ ପ୍ରତି ଭକ୍ତି ନା ଫେଶନ

## ଜଗନ୍ନାଥଙ୍କ ଖଣ୍ଡୁଆପାଟରେ ଝିଅଙ୍କ ଫ୍ରକ୍

ଭୁବନେଶ୍ୱର, ୯।୯ (ସଂଚାର ବ୍ୟୁରୋ): ମହାପ୍ରଭୁ ଜଗନ୍ନାଥ କୋଟି ଓଡ଼ିଆର ମଉଡ଼ମଣି। କିଏ ପୂଜା କରେ ଭକ୍ତିରେ, ତ କିଏ ସେବା କରେ ଆନନ୍ଦରେ। ତାଙ୍କର ଛପନ ଭୋଗ ସ୍ୱତନ୍ତ୍ର। ତାଙ୍କ ବେଶ ଭୂଷା ବସ୍ତ୍ର ସ୍ୱତନ୍ତ୍ର। ତାଙ୍କ ପୋଷାକରେ ରହିଛି ଭିନ୍ନତା। ସେ ମଧ୍ୟରୁ ଖଣ୍ଡୁଆପାଟ ଅତ୍ୟନ୍ତ ପରିଚିତ। ନାଲି, ନେଳି, ହଳଦିଆ ରଙ୍ଗରେ ଗୀତ ଗୋବିନ୍ଦ ପଦ ଖୋଦେଇ କରି ନୀତି ନିୟମ ନିଷ୍ଠାପର ଭାବେ ବୁଣାକାର ସେବକ ବୁଣିଲା ବେଳେ କେବଳ ଜଗନ୍ନାଥଙ୍କୁ ନିଜେ ସମର୍ପି ଦେଇଥାଏ। ପ୍ରତିଦିନ ବଡ଼ସିଂହାର ବେଶରେ ମହାପ୍ରଭୁ ଏହି ଗୀତ ଗୋବିନ୍ଦ ଖଣ୍ଡୁଆକୁ ପିନ୍ଧି

### ସୋସିଆଲ ମିଡିଆରେ ଫଟୋ ଭାଇରାଲ

ଶୋଇଥାନ୍ତି, ଯାହା ଦୁର୍ଲଭ। ଯେତେବେଳେ ସେବକମାନେ ନେତା, ମନ୍ତ୍ରୀ, ପ୍ରଶାସକ, ଧନୀ ବ୍ୟକ୍ତିଙ୍କୁ ତାହା ପ୍ରଦାନ କରିବା ଆରମ୍ଭ କରିଦେଲେ ସେତେବେଳେ ଏହି ଗୀତ ଗୋବିନ୍ଦ ଖଣ୍ଡୁଆ କିଏ କିପରି ଧାରଣ କରିବ, ତାହାକୁ ନେଇ ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ନିୟମାବଳି ପ୍ରଣୟନ କରାଗଲା।

ହେଲେ ସେ ନିୟମ ନିୟମ ହୋଇ ରହିଗଲା। ଗୀତ ଗୋବିନ୍ଦ ଲେଖାଥିବା ଖଣ୍ଡୁଆପାଟରେ ତିଆରି ହେଉଛି ଝିଅ ପିଲାଙ୍କ ଫ୍ରକ। ଗଣେଶ ପୂଜାରେ ଏହାକୁ କେହି ପିନ୍ଧିଥାନ୍ତେ। ଜଣେ ଜଗନ୍ନାଥ ଭକ୍ତଙ୍କ ଆଖିରେ ଏହା ପଡ଼ିବା କ୍ଷଣି ସେ ଏହାର ପ୍ରତିବାଦ କରି ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରି ଏହାର ତୀବ୍ର ପ୍ରତିବାଦ କରିଛନ୍ତି। ମହାପ୍ରଭୁଙ୍କ ପ୍ରତି ଏ ଅବମାନନା କେତେଦୂର ଠିକ୍। ଏ ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଆଶୁତୋଷ ମିଶ୍ର ତୀବ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଯୋଉ ଖଣ୍ଡୁଆପାଟକୁ ମହାପ୍ରଭୁ ନିଜେ ମସ୍ତିଷ୍କରେ ଧାରଣ କରନ୍ତି, ତାହାକୁ ପାଇଥିବା ସେଇ ଲୋକ ବଜାରର ପ୍ରଣ୍ୟ ଦ୍ରବ୍ୟ ହିସାବରେ ବ୍ୟବହାର କରି ଫ୍ରକ୍ କରିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ସେ ଆହୁରି ମଧ୍ୟ ରାଜ୍ୟ ସରକାରଙ୍କ ଆଇନ ବିଭାଗକୁ ଅତ୍ୟନ୍ତ ବିନମ୍ରତାର ସହିତ ଅନୁରୋଧ କରି ଏଥିପ୍ରତି ଆଇନକୁ ଦୃଢ଼ ଭାବେ କାର୍ଯ୍ୟକାରୀ କରିବା ଦିଗରେ ଆଶା ରଖିଛନ୍ତି। ତେବେ ଏଠି ପ୍ରଶ୍ନ ଉଠେ, ଦୋଷ କାହାର। ଯିଏ ଖଣ୍ଡୁଆ ପାଟ ଦେଲା ତାର ନା ଯିଏ ଏହାର ମୂଲ୍ୟ ନ ବୁଝି ଏହାର ଅବମାନନା କଲା।



# ବିଶ୍ୱସ୍ତରୀୟ ନିବେଶ ଭାଗିଦାରୀ ସୁଦୃଢ଼




### ଆଇଏଚସି ଓ ଅଦାନୀ ଭାଗିଦାରିତାରେ ୧୪ ନୂଆ ପ୍ରକଳ୍ପ ପାଇଁ ଏମ୍‌ଓୟୁ

### ଓଡ଼ିଶା-ୟୁଏଇ ବାଣିଜ୍ୟକୁ ମଜବୁତ କରିବାକୁ ନୂଆ ସହଯୋଗିତା ଫ୍ରେମୱାର୍କ

### ପେଟ୍ରୋକେମିକାଲ୍ସ ଡାଉନଷ୍ଟ୍ରିମ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ବୋରୋଜକୁ ନିମନ୍ତ୍ରଣ

ଆବୁଧାବି/ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତର ପ୍ରଥମ ଦିନରେ ଓଡ଼ିଶା ବିଦେଶୀ ନିବେଶ ଭାଗିଦାରୀକୁ ଆଗେଇ ନେଇଛି। ଏଥିରେ ଏକ ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ, ୧୪ଟି ନୂଆ ପ୍ରକଳ୍ପ ପାଇଁ ଏମଓୟୁ ଓ ସହଯୋଗ ଚୁକ୍ତି ବାଣିଜ୍ୟ ଓ ବନ୍ଦର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗତକାଲିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗସ୍ତରେ ପ୍ରମୁଖ ବ୍ୟବସାୟୀ ଓ ନିବେଶକମାନେ ଏକାଠି ହୋଇଛନ୍ତି।

ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ (ଆଇଏଚସି)ର ବ୍ୟାବସାୟିକ ଶାଖା ଏବଂ ସହଯୋଗୀ କମ୍ପାନୀଗୁଡ଼ିକ ସହ ଗୁରୁତ୍ୱପୂର୍ଣ୍ଣ ଗୋଲ୍ ଟେବୁଲ ବୈଠକରୁ ଆଜିର ଦିନଟି ଆରମ୍ଭ ହୋଇଥିଲା। ଗତ ଜୁଲାଇ ୨ରେ ସ୍ୱାକ୍ଷରିତ ହୋଇଥିବା ଐତିହାସିକ ବୁଝାମଣାପତ୍ରର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଅନୁଷ୍ଠିତ ଏହି ବୈଠକରେ ଆଇଏଚସିର ପରିଚାଳନା ନିର୍ଦ୍ଦେଶକ, ସିଇଓ ତଥା ବୋର୍ଡ ସଦସ୍ୟ ସୟଦ ବସର ଶୁଏବ, ଅଦାନୀ ପୋର୍ଟସ ଆଣ୍ଡ ସ୍ପେଶାଲ ଇକୋନୋମିକ ଜୋନର ପରିଚାଳନା ନିର୍ଦ୍ଦେଶକ କରଣ ଅଦାନୀ ଓ ଅଦାନୀ ଗ୍ରୀନ୍ ଏନର୍ଜିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସାଗର ଅଦାନୀ ଯୋଗ ଦେଇଥିଲେ। ଆଲୁମିନିୟମ ପ୍ରକଳ୍ପ ପାଇଁ ଅଦାନୀ ଗ୍ରୁପ୍ ହେଉଛି ମିଳିତ ସହଯୋଗୀ। ଏହି ଗୋଲ୍ ଟେବୁଲ ବୈଠକରେ ଆଇଏଚସିର ବ୍ୟାବସାୟିକ ଶାଖା ଓ ସହଯୋଗୀ କମ୍ପାନୀଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ ଏକାଠି ହୋଇଥିଲେ। ସେମାନଙ୍କ ମଧ୍ୟରେ ଇଣ୍ଟରନ୍ୟାସନାଲ ରିସୋର୍ସେସ ହୋଲ୍ଡିଂ (ଆଇଆରଏଚ୍)ର ସିଇଓ ଅଲି ରସିଦ ଅଲ-ରସଦି, ଟୁ ପଏଣ୍ଟ ଜିରୋ ଗ୍ରୁପର ସିଇଓ ସାମିଆ ବୁଆଜ୍ଜା, ଟୁ ପଏଣ୍ଟ ଜିରୋର ସିଇଓ ମହମ୍ମଦ ହେସାମ, ଘିଥା ହୋଲ୍ଡିଂର ଗ୍ରୁପ୍ ସିଇଓ ଫଲାଲ ଅମିନ୍, ବୁର୍ଜିଲ ହୋଲ୍ଡିଂସର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡକ୍ଟର ଶମଶୀର ଭାୟାଲିଲ, ଏମଏମଡିସି ଗ୍ରୁପର ଗ୍ରୁପ୍ ସିଇଓ ଡକ୍ଟର ୟାସିର ଜାଗଲୁଲ, ଅଲ ସିର ମୋରାଇନର ସିଇଓ ଗାଇ ନିଭେନ୍ସ, ଏମିରେଟ୍ସ ଷ୍ଟାଲିଅନ୍ସ ଗ୍ରୁପର ସିଇଓ କାୟେଦ ଅଲି ଖୋର୍ମା, ସିରିୟସ ଇଣ୍ଟରନ୍ୟାସନାଲ ହୋଲ୍ଡିଂର ସିଇଓ ଅଜୟ ଭାଟିଆ, ଓଡ଼ିଆ ଉଦ୍ୟୋଗୀ ଓ ପୃଷ୍ଠା-୬

### ଲାଟ୍ରିନ୍ ଟାଙ୍କି ପାଲଟିଲା ଯମ

## ୨ ମିସ୍ତ୍ରିଙ୍କ ସମେତ ୩ ମୃତ




ଗୁଣପୁର,୯।୯(ସଂଚାର ବ୍ୟୁରୋ): ପାଇଖାନା ଟାଙ୍କି ପାଲଟିଲା ଯମ। ନେଇଗଲା ଏକକାଳୀନ ୩ ଜଣଙ୍କ ଜୀବନ। ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନା ଗୁଲୁଗୁଡ଼ା ପଞ୍ଚାୟତର ତାରପାଗୁଡ଼ା ଗାଁରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ନୂଆ କରି ତିଆରି ହୋଇଥିବା ପାଇଖାନା ଟାଙ୍କିର ସେଣ୍ଟ୍ରିଂ ବାହାର କରିବା ସମୟରେ ଶ୍ୱାସରୁଦ୍ଧ ହୋଇ ଦୁଇ ଜଣ ମିସ୍ତ୍ରିଙ୍କ ସମେତ ମୋଟ ୩ ଜଣଙ୍କର ମୃତ୍ୟୁ ହୋଇଛି। ବିଶ୍ୱନାଥ ବାରିକଙ୍କ ପାଇଖାନା ଟାଙ୍କି ସଫା କରିବା ଓ ସେଣ୍ଟ୍ରିଂ ବାହାର କରିବା ପାଇଁ ଜଣଙ୍କ ପରେ ଜଣେ ଟାଙ୍କି ଭିତରକୁ ଓହ୍ଲାଇଥିଲେ। କିନ୍ତୁ ଟାଙ୍କି ଭିତରେ ସେମାନେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକମାନେ ହେଲେ ପଦ୍ମପୁର ବ୍ଲକ ଜୀବଜଗତପୁର ଗାଁର ହରିଶ୍ଚନ୍ଦ୍ର ବୀର ପୃଷ୍ଠା-୬

## ଭାରତରତ୍ନ ପ୍ରଫେସରଙ୍କ ମୁଣ୍ଡରେ ଏସ୍‌ଆଇଆର୍ ଖଣ୍ଡା



ନୂଆଦିଲ୍ଲୀ, ୯।୯: କର୍ଣ୍ଣାଟକରେ ଜାରି ରହିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଅବସରରେ ନାମରେ ବିସଙ୍ଗତି ରହିଥିବା ଜଣାପଡ଼ିବା ପରେ ତାହାକୁ ସଂଶୋଧନ କରିବା ଲାଗି ଭାରତରତ୍ନ ପୁରସ୍କାର ପ୍ରାପ୍ତ ତଥା ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ସିଏନଆର ରାଓଙ୍କୁ ଏକ ନୋଟିସ୍ ଜାରି କରାଯାଇଛି।

### ପରିଚୟ ପ୍ରମାଣ କରିବାକୁ ନୋଟିସ୍

### ଶୁଣାଣିରେ ହାଜର ହେବାକୁ ନିର୍ଦ୍ଦେଶ

୨୦୦୨ ମସିହାର ନିର୍ବାଚନ ରେକର୍ଡରେ ରାଓଙ୍କ ନାମ ପୂର୍ବରୁ ଲାଗିଥିବା 'ପ୍ରଫେସର' ଶବ୍ଦରେ ଗୋଟିଏ 'ଏଫ୍' ତାଲିକାଭୁକ୍ତ ହୋଇଥିଲା। ତେବେ ତାଙ୍କର ବର୍ତ୍ତମାନର ଭୋଟର ତାଲିକାରେ ଗୋଟିଏ ବନାନଗତ ତ୍ରୁଟି ପରିଲକ୍ଷିତ ହୋଇଛି, ଯେଉଁଥିରେ 'ପ୍ରଫେସର' ଶବ୍ଦରେ ଦୁଇଟି 'ଏଫ୍' ରହିଛି। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ସହ ସଂଯୁକ୍ତ ସ୍ୱୟଂଚାଳିତ ସିଷ୍ଟମ୍ ଏହି 'ଅତିରିକ୍ତ ଏଫ୍'କୁ ଏକ ବନାନଗତ ତ୍ରୁଟି ବର୍ଗରେ ସାମିଲ୍ କରିବା ସହ ଏହା 'ସେଲ୍ଫ ମିସ୍‌ମ୍ୟାଚ୍' ବା 'ତାଙ୍କ ସହ ମେଳ ଖାଉନାହିଁ' ବୋଲି ଦର୍ଶାଇଛି। ଏହାପରେ ପୃଷ୍ଠା-୬

### ଝାରସୁଗୁଡ଼ା-ଖଡ଼ଗପୁର ୪ ଲେନ୍ ରେଳ ପ୍ରକଳ୍ପକୁ ମଞ୍ଜୁରୀ

## ୪ ରେଳ ପ୍ରକଳ୍ପକୁ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟିର ଅନୁମୋଦନ

### ଉପକୃତ ହେବେ ୫ ରାଜ୍ୟର ୧୪ ଜିଲ୍ଲାର ପ୍ରାୟ ୫୬ ଲକ୍ଷ ଲୋକ



ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ଝାରସୁଗୁଡ଼ା-ଖଡ଼ଗପୁର ୪ ଲେନ୍ ରେଲୱେ ଟ୍ରାକ୍‌କୁ ମଞ୍ଜୁରୀ ମିଳିଛି। ୪ ଲେନ ଟ୍ରାକକୁ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟିର ଅନୁମୋଦନ କରିଛି। ଆଜି ଦେଶର ୩ଟି ପ୍ରମୁଖ ରେଳ ସମ୍ପ୍ରସାରଣ ପ୍ରୋଜେକ୍ଟକୁ ମିଳିଛି ଅନୁମୋଦନ। ୩ଟି ପ୍ରମୁଖ ପ୍ରୋଜେକ୍ଟ ମଧ୍ୟରେ ଝାରସୁଗୁଡ଼ା-ଖଡ଼ଗପୁର ୪ ଲେନ୍ ଟ୍ରାକ୍ ପ୍ରକଳ୍ପ ରହିଛି। ବେଙ୍ଗଲ, ଓଡ଼ିଶା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼ ପାଇଁ ୩ଟି ପ୍ରୋଜେକ୍ଟକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ୫ଟି ରାଜ୍ୟର ୧୪ଟି ଜିଲ୍ଲାର ପ୍ରାୟ ୫୬ ଲକ୍ଷ ଲୋକ ଉପକୃତ ହେବେ। ୩ଟିଯାକ ରେଳ ପ୍ରୋଜେକ୍ଟ ପାଇଁ ବ୍ୟୟ ହେବ ୧୦,୭୮୩ କୋଟି ଟଙ୍କା। ଏହି ପ୍ରକଳ୍ପଗୁଡ଼ିକ ଭାରତୀୟ ପୃଷ୍ଠା-୬

### ଆରପିଡିଏସି ଓ ଡିଏମଏଫ ଟ୍ରଷ୍ଟ ବୋର୍ଡ ବୈଠକ

## ବିସ୍ଥାପିତଙ୍କ କଲ୍ୟାଣ ପାଇଁ 'ମାଷ୍ଟର ପ୍ଲାନ୍'

### ଯୋଗଦେଲେ ଢେଙ୍କାନାଳ ସାଂସଦ ଓ ଅନୁଗୋଳ ଜିଲ୍ଲା ବିଧାୟକ

### ଖଣି ପ୍ରଭାବିତ ଗ୍ରାମଗୁଡ଼ିକର ସମସ୍ୟା ଉପରେ ସମୀକ୍ଷା

### 'ୱେବ୍ ପୋର୍ଟାଲ୍' ବିକଶିତ କରିବା ପାଇଁ ପରାମର୍ଶ



ଅନୁଗୋଳ,୯।୯(ସଂଚାର ବ୍ୟୁରୋ): ଅନୁଗୋଳ ଜିଲ୍ଲାର ଖନନ ପ୍ରଭାବିତ ଜନସାଧାରଣଙ୍କ ବିକାଶ, ଉପଯୁକ୍ତ ଥଇଥାନ, ଉଚିତ୍ କ୍ଷତିପୂରଣ ଓ ସାମାଜିକ-ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଆଜି ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏମସିଏଲର ଷୋଡ଼ଶ ଆରପିଡିଏସି ଓ ଦ୍ୱାଦଶ ଡିଏମଏଫ୍ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଆରପିଡିଏସି ବୈଠକରେ ଖଣି ପ୍ରଭାବିତ ଗ୍ରାମଗୁଡ଼ିକର ସମସ୍ୟା, ଜମି ଅଧିଗ୍ରହଣ, ବିସ୍ଥାପିତଙ୍କୁ ଉଚିତ୍ କ୍ଷତିପୂରଣ, ଥଇଥାନ ଓ ରିହାବିଲିଟେସନ୍ କଲୋନୀଗୁଡ଼ିକର ସୁପରିଚାଳନା ସମ୍ପର୍କିତ ୨୧ଟି ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡା ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଖଣି ଅଞ୍ଚଳର ଆଗାମୀ ଦିନର ବିକାଶ, ସମୁଚିତ ଥଇଥାନ, ବିକଳ୍ପ ରୋଜଗାର ଓ ଆନୁଷଙ୍ଗିକ ସୁବିଧା ପାଇଁ ଏସିଏଲକୁ ଏକ ବ୍ୟାପକ 'ମାଷ୍ଟର ପ୍ଲାନ୍' ପ୍ରସ୍ତୁତ ପୃଷ୍ଠା-୬

## ସୋସିଆଲ ମିଡିଆରେ ନିଆଁ ଲଗାଉଛି ଏଆଇର ନୂଆ ଟ୍ରେଣ୍ଡ



### ୮୦ ଦଶକର 'ରେଟ୍ରୋ ଲୁକ୍'ରେ କେନ୍ଦ୍ରୀୟ ନେତା

### ମନ୍ତ୍ରୀଙ୍କ ଆଭିଏଟର୍ ଗ୍ଲାସ୍ ଓ ୮୦ ଦଶକର ଷ୍ଟାଇଲ୍

ନୂଆଦିଲ୍ଲୀ,୯।୯(ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ଏବେ ଏଆଇ କମାଲ କରୁଛି। ଇଣ୍ଟରନେଟ୍ ୟୁଜର୍ସଙ୍କୁ ଏବେ ଘାରିଛି ୮୦ ଦଶକର ପୁରୁଣା ଓ ନୋଷ୍ଟାଲଜିକ୍ ଦିନଗୁଡ଼ିକର ସ୍ମୃତି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମାଧ୍ୟମରେ ନିଜର ଫଟୋକୁ ୧୯୮୦ ଦଶକର 'ରେଟ୍ରୋ ଲୁକ୍'ରେ ବଦଳାଇବାର ଟ୍ରେଣ୍ଡ ଏବେ ଭାଇରାଲ୍ ହେବାରେ ଲାଗିଛି। କେବଳ ସାଧାରଣ ଲୋକ କିମ୍ବା ସେଲିବ୍ରିଟି ନୁହଁନ୍ତି, ଦେଶର ବହୁ ପ୍ରମୁଖ ନେତା, ଖୋଦ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା, କେନ୍ଦ୍ରମନ୍ତ୍ରୀ ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଏହି ଟ୍ରେଣ୍ଡରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ମାତାଙ୍କ ସମ୍ମୁଖରେ ଭାଷଣ ଦେଉଥିବାର ଏଆଇ ଫଟୋ ବେଶ୍ ଭାଇରାଲ ହେଉଛି। କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ନିଜର ଏକ ଏଆଇ ଜେନେରେଟେଡ୍ ଫଟୋ 'ଏକ୍ସ'ରେ ଶେୟାର କରି ଲେଖିଛନ୍ତି, '୮୦ ପୃଷ୍ଠା-୬

## ପାକିସ୍ତାନରେ ଶ୍ରୀଜଗନ୍ନାଥଙ୍କ ଜମି!



### ସିନ୍ଧରେ ସମ୍ପତ୍ତି ଥିବା ଦାବି ପରେ ବଢ଼ିଲା ରହସ୍ୟ

ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): କେବଳ ଓଡ଼ିଶା କି ଭାରତ ନୁହେଁ, ସୀମା ପାର ବିଦେଶ ମାଟିରେ ବି ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି। ପାକିସ୍ତାନର ସିନ୍ଧ ପ୍ରଦେଶରେ ଅଛି କାଳିଆ ସାଆନ୍ତଙ୍କ ଭୂସମ୍ପତ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଏହି ସୂଚନା ପରେ ଓଡ଼ିଶା ବାହାରେ ଓ ବିଦେଶରେ ଥିବା ମହାପ୍ରଭୁଙ୍କ ସମ୍ପତ୍ତିକୁ ନେଇ ସାମ୍ନାକୁ ଆସିଛି ଏହି ବଡ଼ ତଥ୍ୟ। ପ୍ରଥମ ଥର ପାଇଁ ଏହି ତଥ୍ୟ ସାମନାକୁ ଆସିବା ପରେ ମହାପ୍ରଭୁଙ୍କ ମହିମା ବଢ଼ିବା ସହ ଜଗନ୍ନାଥପ୍ରେମୀଙ୍କ ଭିତରେ ଉତ୍ସାହ ଭରିଛି। ତେବେ ସିନ୍ଧ ପ୍ରଦେଶରେ କେଉଁଠି ଅଛି ଏହି ଜମି, କେତେ ଓ କାହା ଦଖଲରେ ଅଛି, କେଉଁ ରେକର୍ଡରେ ପୃଷ୍ଠା-୬



## କାନ ଡେରିଥା

ଉପରେ ସରଳ ଭିତରେ ଗରଳ
ଚିହ୍ନିବା କଷ୍ଟ ସେ ବ୍ୟକ୍ତି
ସରଳ ମନରେ ସୁଯୋଗ ସେନେଇ
ଭଲ ସେ କଥା କୁହନ୍ତି
ମନକୁ ମୋହି ନିଅନ୍ତି...
ଭଲ ଜ୍ଞାନ ଦେବା ଧୋକାବାଜ ଲୋକ
କାହାର କେବେ ନୁହନ୍ତି ।

■ ଦେବାଶିଷ

# ପାଠ୍ୟପୁସ୍ତକ ପ୍ରସଙ୍ଗକୁ ପାସୋରିଦେଲେ କି ବିରୋଧୀ ?

ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସଙ୍ଗକୁ ପାସୋରି ଦେଲେ କି ରାଜ୍ୟର ବିରୋଧୀ ଦଳ? ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ବଣ୍ଟାଯାଇଥିବା ଏହି ପୁସ୍ତକ ସଂକ୍ରାନ୍ତରେ ଆଉ ବିଜେଡି, କଂଗ୍ରେସ କିମ୍ବା ଅନ୍ୟ କୌଣସି ବିରୋଧୀ ରାଜନୈତିକ ଦଳ ସେଭଳି ମୁହଁ ଖୋଲୁନାହାନ୍ତି। ପ୍ରଥମରୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଥିବା ବିଜେଡି ଓ ମନ୍ତ୍ରୀଙ୍କୁ ସାତ ଦିନର ଅଲଟିମେଟମ ଦେଇଥିବା କଂଗ୍ରେସ ଏ ସଂକ୍ରାନ୍ତରେ ପ୍ରାୟତଃ ନିରବତା ଅବଲମ୍ବନ କରୁଛନ୍ତି।

ବିରୋଧୀଙ୍କ ପାଇଁ ଏବେ ଏମଏମଡିଆର ପ୍ରସଙ୍ଗ ଏକ ନମ୍ବର ପାଲଟିଛି। ଏହି ପ୍ରସଙ୍ଗକୁ ନେଇ କିଛିଦିନ ସାମ୍ବାଦିକ ସମ୍ମିଳନୀ କରିବା ପରେ ଉଭୟ ବିଜେଡି ଓ କଂଗ୍ରେସ ଏବେ ରାସ୍ତାକୁ ଓହ୍ଲାଇଛନ୍ତି। କଂଗ୍ରେସ ଇଣ୍ଡିଆ ମେଣ୍ଟକୁ ସାଙ୍ଗରେ ଧରି ରାଜଧାନୀରେ ପ୍ରତିବାଦ ସଭା କରିଥିବା ବେଳେ ବିଜେଡି ଏକାକୀ ଲୋକ ଭବନ ଆଗରେ ପ୍ରତିବାଦ କରିବା ସହ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦେଇଛି।




ଯାହା ଲକ୍ଷ୍ୟ କରାଯାଉଛି ବିଧାନସଭା ଅଧିବେଶନ ପର୍ଯ୍ୟନ୍ତ ଦୁଇ ବିରୋଧୀ ଏହି ପ୍ରସଙ୍ଗକୁ ଛାଡ଼ିବାକୁ ନାରାଜ।

ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ ପ୍ରଥମରୁ ପ୍ରତିବାଦ କରିଥିବା ଦୁଇ ପ୍ରମୁଖ ରାଜନୈତିକ ଦଳ ଆଉ ଏହି ପ୍ରସଙ୍ଗରେ ସେଭଳି ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। ତେବେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜଧାନୀରେ ଚାଲିଥିବା ଆମରଣ

### ଏମଏମଡିଆର ପ୍ରସଙ୍ଗ ଏକ ନମ୍ବର

### ଧାରଣାକୁ ଲୋକଦେଖା ସମର୍ଥନ

ଅନଶନକୁ ବିଜେଡି ତା'ର ନୀରବ ସମର୍ଥନ ଦେଇଛି। ଦଳର ନେତାମାନେ ପ୍ରତିଦିନ ଯାଇ ଧାରଣା ସ୍ଥଳରେ ଉପସ୍ଥିତ ରହି ଅନଶନକାରୀଙ୍କୁ ବଳ ଦେଉଛନ୍ତି। ହେଲେ ମୁହଁ ଖୋଲିବାକୁ କୁଣ୍ଠ କୁଣ୍ଠ ହେଉଥିବା ଲକ୍ଷ୍ୟ କରାଯାଉଛି।

ଉଲ୍ଲେଖନୀୟ ଚଳିତ ଶିକ୍ଷା ବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସରକାର ବଣ୍ଟନ କରିଥିବା ପାଠ୍ୟପୁସ୍ତକରେ ୨ ହଜାରରୁ ଅଧିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସରକାର ମଧ୍ୟ ଏହାକୁ ମାନିଥିଲେ। ଏପରିକି ଏଭଳି ତ୍ରୁଟି ଗୁରୁ ଚଣ୍ଡାଳ ଭୁଲ୍ ବୋଲି ସରକାରୀ ସ୍ତରରେ କୁହାଯାଇଥିଲା। ଇଂରାଜୀ ବହିରେ ରଜଦୋଳି ଗୀତ ଓ ଅନ୍ୟ ପୁସ୍ତକରେ ଥିବା ନିମୁଡ଼ା ନିମୁଡ଼ା ଗୀତକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରି ନ ଥିଲେ। ଏହାବାଦ୍ ବି ବହିରେ ମାଳ ମାଳ ତ୍ରୁଟି ଥିଲା। ଓଡ଼ିଶା ବିଧାନସଭା ଫଟୋ ସ୍ଥାନରେ କର୍ଣ୍ଣାଟକ ବିଧାସଭାର ଫଟୋ ଲାଗିଛି। ଏହି ଘଟଣାରେ ସରକାର ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରିଥିବା ବେଳେ ଜଣେ ଜେଲ୍ ଯାଇଥିଲେ। ଘଟଣାର ତଦନ୍ତ ପରେ ସରକାର କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି।

ତେବେ ପାଠ୍ୟପୁସ୍ତକ ତ୍ରୁଟିକୁ ପ୍ରସଙ୍ଗ କରି ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ ପ୍ରଥମରୁ ଜୋରଦାର ଆନ୍ଦୋଳନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ ସହ ବିଜେଡି ଏକାଧିକ ଜିଲ୍ଲାରେ ପ୍ରଦର୍ଶନ କରିଥିଲା। ହେଲେ ଏବେ ଏମଏମଡିଆର ପ୍ରସଙ୍ଗକୁ ଦୁଇ ଦଳ ଯେଭଳି ଭାବେ ପ୍ରତିଯୋଗିତା ଭିତ୍ତିରେ ଉଠାଉଛନ୍ତି ଓ ପାଠ୍ୟପୁସ୍ତକ କଥା ଆଦୌ କହୁନାହାନ୍ତି ତାହାକୁ ଦେଖି ବିରୋଧୀ କ'ଣ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସଙ୍ଗକୁ ପାସୋରି ଦେଲେ କି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସଞ୍ଚାର SANCHAR

# ଚୋରା ମଦ ଜବତ, ୮ ଗିରଫ



କେନ୍ଦ୍ରାପଡ଼ା,୯।୯(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, ରାଜନଗର ଓ ଆଳି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ସାହାସପୁର ଗ୍ରାମର ରାମେଶ୍ୱର ମଳିକ(୨୮)ଙ୍କ ନିକଟରୁ ୩୧ ଲିଟର ଚୋରା ଦେଶୀ ମଦ, ଚକଡା ବାରଙ୍ଗ ଗ୍ରାମର ରାଜୁ ମଳିକ(୨୬)ଙ୍କ ନିକଟରୁ ୨୯ ଲିଟର ଚୋରା ଦେଶୀ ମଦ, ହଳଦିଆ ଗ୍ରାମର ଜାକୀର ଖାନ(୩୮)ଙ୍କ ନିକଟରୁ ୨୬ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଥିଲା ।

ସେହିପରି ପୋଖରିଆ ଗ୍ରାମର ଅର୍ଜୁନ ଚନ୍ଦ୍ର ମଳିକ(୨୮)ଙ୍କ ନିକଟରୁ ୩୬ ଲିଟର ଚୋରା ବିଦେଶୀ ମଦ, ଦେବେନ୍ଦ୍ର ନାରାୟଣପୁର ଗ୍ରାମର ଶାନ୍ତିଲତା ମିର୍ଧା(୬୦)ଙ୍କ ନିକଟରୁ ୧୬ ଲିଟର ବିଦେଶୀ ମଦ, ଡେମଳ ଗ୍ରାମର ସର୍ବେଶ୍ୱର ମଳିକ(୪୭)ଙ୍କ ନିକଟରୁ ୧୯ ଲିଟର ଚୋରା ଦେଶୀ ମଦ, ବାଳକଟି ଗ୍ରାମର ବିଜୟ କୁମାର ସାହୁ (୪୭)ଙ୍କ ନିକଟରୁ ୨୩ ଲିଟର ଚୋରା ବିଦେଶୀ ମଦ ଏବଂ ବାଟିପଡା ଗ୍ରାମର ଭିକାରୀ ଚନ୍ଦ୍ର ପରିଡ଼ା(୬୨)ଙ୍କ ନିକଟରୁ ୨୧ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା । ଉକ୍ତ ଚଢ଼ାଉରେ ସମୁଦାୟ ୨୦୧ ଲିଟର ଦେଶୀ ଓ ବିଦେଶୀ ଚୋରା ମଦ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ରୁଜୁ ହୋଇଥିବା ଅବକାରୀ ମାମଲାରେ ୮ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଋତୁପ୍ରଭା ସ୍ୱାଇଁ, ଦୀପକ କୁମାର ଜେନାଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ ।

# ରାସ୍ତା ତଳକୁ ଖସି ପଡିଲା ବସ, ୨୦ରୁ ଊର୍ଦ୍ଧ୍ୱ ଆହତ




ପଟ୍ଟାମୁଣ୍ଡାଇ,୯।୯ (ସଂଚାର ବ୍ୟୁରୋ)ଃଆଜି ଅପରାହ୍ନରେ ଗୋଟିଏ ଯାତ୍ରୀ ବାହୀ ବସ ରାସ୍ତା ତଳକୁ ଖସି ପଡିଛି । ମାତ୍ର ଏଥିରେ ଥିବା ୫୦ରୁ ଉର୍ଦ୍ଧ ଯାତ୍ରୀ ଅଳ୍ପକେ ବର୍ତି ଯାଇଛନ୍ତି । ଏହି ଦୁର୍ଘଟଣା ପରେ ଘଟଣାସ୍ଥଳକୁ ଲୋକଙ୍କ ସୁଅ ଛୁଟିଛି । ପ୍ରକାଶ ଯେ ଆଜି କଟକରୁ ରାଜନଗର ତାଳଚୁଆ ଯାଉଥିବା ଓ ଡି ୨୯ଏଫ ୬୯୬୬ ନମ୍ବର ପ୍ରିନ୍ସ ଘରୋଇ ବସଟି ଅପରାହ୍ନ ୩.୩୦ମିନିଟ ସମୟରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କଖାରୁଣୀ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ତଳକୁ ଖସି ପଡିଥିଲା । ଏହି ଦୁର୍ଘଟଣା ପରେ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇ ଥିଲେ । ଏହି ଦୁର୍ଘଟଣାରେ ୨୦ ଜଣ ଯାତ୍ରୀ ଆହତ ହୋଇ ଥିବା ବେଳେ ଅନ୍ୟ ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଅପରାହ୍ନ ୩. ୩୦ ମିନିଟ ସମୟରେ କଟକରୁ ତାଳଚୁଆ ଯାଉଥିବା ପ୍ରିନ୍ସ ବସର ହଠାତ ଏକ୍ସିଲ ଭାଙ୍ଗିଯିବା ଫଳରେ ଭାରସାମ୍ୟ ହରାଇ ବସଟି ରାସ୍ତା କଡ଼କୁ ଖସି ପଡିଥିଲା। ମାତ୍ର ବସଟି ଓଲଟି ପଡିବା ପୂର୍ବରୁ ରାସ୍ତା କଡ଼ରେ ଥିବା ଗଛରେ ଧକ୍କା ହୋଇ ଅଟକି ଯାଇଥିଲା। ଫଳରେ ବସରେ ଥିବା ୫୦ରୁ ଉର୍ଦ୍ଧ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମାତ୍ର ଏହି ଦୁର୍ଘଟଣାରେ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ବସରେ ଥିବା ଅନ୍ୟ ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡିଛି । ଖବର ପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ଆହତ ଯାତ୍ରୀ ଙ୍କୁ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛି । ରାଜନଗର ବିଧାୟକ ଧ୍ରୁବ ସାହୁ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ମୁଖ୍ୟଚିକିତ୍ସାଧିକାରୀ ଡା ନିରାକାର ପରିଡାଙ୍କ ସହିତ ହସ୍ପିଟାଲ ଯାଇ ଦୁର୍ଘଟଣାରେ ଆହତ ଯାତ୍ରୀଙ୍କ ଅବସ୍ଥା ଅନୁଧ୍ୟାନ କରିବା ସହିତ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିଛନ୍ତି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଓ ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଶିକ୍ଷାଦାନରେ ଗୁରୁତର ଅବହେଳା

# ହିନ୍ଦୀ ଶିକ୍ଷକ ନିଲମ୍ବିତ

କେନ୍ଦ୍ରାପଡ଼ା,୯।୯(ସଂଚାର ବ୍ୟୁରୋ)ଃଶିକ୍ଷାଦାନରେ ଗୁରୁତର ଅବହେଳା କରିବା ଅଭିଯୋଗରେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବାଲିଝରୀସ୍ଥିତ ଜଗନ୍ନାଥ ବିଦ୍ୟାପୀଠର ହିନ୍ଦୀ ଶିକ୍ଷକ ବଙ୍କିମ ବିହାରୀ ମହାନ୍ତିଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ନିଲମ୍ବନ କରିଛନ୍ତି । ପାଠପଢା ସମୟରେ ମୋବାଇଲରେ ଗପିବା, ଲେସନ ଡାଏରୀ ମେଣ୍ଟନ ନକରିବା, ସ୍ମାର୍ଟ ବୋର୍ଡରେ ପାଠ ନପଢାଇବା, ପିଲାଙ୍କ ପରୀକ୍ଷା ଖାତା ନଦେଖିବା ଭଳି ଗୁରୁତର ଅଭିଯୋଗ ତାଙ୍କ ନାମରେ ଆସିଥିଲା । ଏହାର ତଦନ୍ତ କରାଯାଇ ହିନ୍ଦୀ ଶିକ୍ଷକ ଶ୍ରୀ ମହାନ୍ତିଙ୍କୁ ନିଲମ୍ବନ କରାଯାଇଛି । ସେ ତାଙ୍କ କର୍ତ୍ତବ୍ୟରେ ଅବହେଳା କରିଥିବା ପ୍ରମାଣ ମିଳିଛି । ନିଲମ୍ବନ ଅବଧି ମଧ୍ୟରେ ତାଙ୍କ ମୁଖ୍ୟାଳୟ ରାଜନଗର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଧାର୍ଯ୍ୟ କରାଯାଇଛି । ଜିଲ୍ଲା ଶିକ୍ଷାଧିକାରୀଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡିପାରିବେ ନାହିଁ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଛି ।

## ଗରଦପୁର-ବ୍ରହ୍ମପୁରରେ ନିଶା କାରବାରକୁ ନେଇ ଚିନ୍ତା

# ରାତି ହେଲେ ବଢ଼ୁଛି ଆତଙ୍କ

## ପାଟ୍ରୋଲିଂକୁ ନେଇ ଉଠିଲା ପ୍ରଶ୍ନ

ଗରଦପୁର,୯।୯ (ସଂଚାର ବ୍ୟୁରୋ)ଃ ଗରଦପୁର ବଜାରଠାରୁ ବ୍ରହ୍ମପୁର ଅଞ୍ଚଳ ପର୍ଯ୍ୟନ୍ତ ନିଶା କାରବାର ଓ ବଢ଼ୁଥିବା ଅପରାଧକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢ଼ିଛି । ବ୍ରାଉନସୁଗର ସମେତ ବିଭିନ୍ନ ନିଶାଦ୍ରବ୍ୟର ବେଆଇନ କାରବାର ଚାଲିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ନିଶା କାରବାର ଯୋଗୁଁ ଯୁବପିଢ଼ି ପ୍ରଭାବିତ ହେବା ସହ ଏହା ଅପରାଧ ବୃଦ୍ଧିର ଏକ କାରଣ ପାଲଟୁଥିବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କେତେକ ଯୁବକ ନିଶାସକ୍ତ ଅବସ୍ଥାରେ ବିଭିନ୍ନ ସ୍ଥାନରେ ବୁଲାବୁଲି କରୁଥିବା ଦେଖାଯାଉଛି । କେତେକ ବ୍ୟକ୍ତିଙ୍କ ନିକଟରେ ବେଆଇନ ଅସ୍ତ୍ରଶସ୍ତ୍ର ଥିବା ନେଇ ମଧ୍ୟ ଅଭିଯୋଗ ରହିଛି । ଏଭଳି ଅଭିଯୋଗ ଯୋଗୁଁ ସନ୍ଧ୍ୟା ପରେ ବିଶେଷକରି ରାତି ସମୟରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ବଢ଼ୁଥିବା କୁହାଯାଉଛି ।

କେନାଲ କୂଳରେ ନିଶାଡ଼ିଙ୍କ ଆସରଃ ବ୍ରହ୍ମପୁର କେନାଲ କୂଳ ଓ ଏହାର ଆଖପାଖ ଅଞ୍ଚଳରେ ରାତି ସମୟରେ ନିଶାସେବୀଙ୍କ ଆସର ବସୁଥିବା ନେଇ ଅଭିଯୋଗ ହୋଇଛି । ଏଠାରେ ଅସାମାଜିକ ଗତିବିଧି ହେଉଥିବା ନେଇ ମଧ୍ୟ ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି ।

କେନାଲ କୂଳ ଓ ଚାଷଜମିରେ ମଦ ବୋତଲ, ପାଣି ବୋତଲ ସମେତ ବିଭିନ୍ନ ଆବର୍ଜନା ପଡ଼ି ରହୁଥିବାରୁ ଚାଷୀମାନେ ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି । ଚାଷଜମିରେ ପଡ଼ିଥିବା କାଚ ବୋତଲ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଯୋଗୁଁ କେତେକ ଚାଷୀ ଆହତ ହୋଇଥିବା ମଧ୍ୟ କୁହାଯାଉଛି ।

୨୦ରୁ ଊର୍ଦ୍ଧ୍ୱ ଘଟଣାକୁ ନେଇ ପ୍ରଶ୍ନଃ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନିକଟ ଅତୀତରେ ଅଞ୍ଚଳରେ ଚୋରି, ଘରେ ପଶିବା, ଲୁଟ୍, ମାରପିଟ ଓ ଡକାୟତି ଭଳି ୨୦ରୁ ଊର୍ଦ୍ଧ୍ୱ ଘଟଣା ଘଟିଥିବା ଅଭିଯୋଗ ରହିଛି । ଏହି ଘଟଣାଗୁଡ଼ିକ ମଧ୍ୟରୁ କେତୋଟି ମାମଲାରେ ପୋଲିସ ସଫଳତା ପାଇଛି ଏବଂ କେତୋଟି ଘଟଣାର ତଦନ୍ତ କେଉଁ ସ୍ଥିତିରେ ରହିଛି, ତାହାକୁ ନେଇ ମଧ୍ୟ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି ।

ଅପରାଧ ଘଟଣା ଘଟୁଥିବା ସତ୍ତ୍ୱେ ଅପରାଧୀଙ୍କ ପତ୍ତା ନମିଳିବା ଏବଂ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି । ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ହେଉଛି କି ନାହିଁ, ତାହାର ତଦାରଖ କରାଯିବା ଆବଶ୍ୟକ ବୋଲି ଲୋକେ ଦାବି କରିଛନ୍ତି ।

ପୋଲିସର ଦୃଢ଼ ପଦକ୍ଷେପ ଦାବିଃ ନିଶା କାରବାର ଉପରେ ରୋକ୍ ଲଗାଇବା ସହ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବଢ଼ାଇବା, ବେଆଇନ ଅସ୍ତ୍ରଶସ୍ତ୍ର ଉପରେ ନଜର ରଖିବା ଏବଂ ପୂର୍ବରୁ ଘଟିଥିବା ଅପରାଧ ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ବିଶେଷକରି ବ୍ରହ୍ମପୁର କେନାଲ କୂଳ ଭଳି ନିର୍ଜନ ସ୍ଥାନଗୁଡ଼ିକରେ ପୋଲିସର ନିୟମିତ ନଜରଦାରୀ ରହିଲେ ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ସମ୍ଭବ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି ।

ଏବେ ପ୍ରଶ୍ନ— ଅଞ୍ଚଳବାସୀଙ୍କ ଭୟ ଦୂର କରିବାକୁ ପୋଲିସ କେବେ ନେବ ଦୃଢ଼ ପଦକ୍ଷେପ? ନିଶା କାରବାର ଓ ଅପରାଧ ଉପରେ କେବେ ପଡ଼ିବ କଡ଼ା ନଜର?

# ଶୋଇଛି ଅବକାରୀ ବିଭାଗ, ବେଫିକର ବେପାରୀ




କେନ୍ଦ୍ରାପଡ଼ା,୯।୯ (ସଂଚାର ବ୍ୟୁରୋ)ଃ ଶିକ୍ଷାନୁଷ୍ଠାନ ନିକଟରେ ନିଶା କାରବାର ନେଇ ଚିନ୍ତା ବଢ଼ିଛି। ମାର୍ଶାଘାଇ ବ୍ଲକର କରିଲୋପାଟଣା ମହାବିଦ୍ୟାଳୟ ଫାଟକ ସମ୍ମୁଖ, ବ୍ରିଜ୍ ନିକଟସ୍ଥ ତିନିଛକ ଏବଂ ଏହାର ଆଖପାଖ ଅଞ୍ଚଳରେ ନିଶାଦ୍ରବ୍ୟ ବିକ୍ରି ହେଉଥିବା ନେଇ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଗୁରୁତର ଅଭିଯୋଗ ଆସିଛି।

ଅଭିଯୋଗ ଅନୁଯାୟୀ, କିଛି ଅସାମାଜିକ ଯୁବକଙ୍କ ଦ୍ୱାରା ଖୋଲାଖୋଲି ଭାବେ ଗଞ୍ଜେଇ ମିଶ୍ରିତ ସିଗାରେଟ୍ ଓ ବ୍ରାଉନ୍ ସୁଗାର ଭଳି ନିଶାଦ୍ରବ୍ୟ ବିକ୍ରି କରାଯାଉଥିବା କୁହାଯାଉଛି। କିଛି ଫାଷ୍ଟଫୁଡ୍ ଦୋକାନରେ ଖୁଲମ ଖୁଲା ଚୋରା ମଦ ବିପୁଳ ପରିମାଣରେ ବିକ୍ରି ହେଉଛି। ସେହି ଦୋକାନ ଆଗରେ ବସିବା ସହ ଗାଳିଗୁଲଜ ଚଲାଉଛନ୍ତି। ଯୁବକମାନଙ୍କ ଭିଡ଼ ଜମୁଥିବା ସହ ଜୁଆ ଖେଳ ହେଉଥିବା ନେଇ ମଧ୍ୟ +୨ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି।

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଓ କଲେଜର ଶତାଧିକ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। ନିଶାସକ୍ତ ଯୁବକଙ୍କ ଭିଡ଼ ଓ ଅସାମାଜିକ କାର୍ଯ୍ୟକଳାପ ଯୋଗୁଁ ଛାତ୍ରୀ ଏବଂ ମହିଳାମାନେ ମଧ୍ୟ ଏହି ରାସ୍ତାରେ ଯିବାକୁ ଭୟ କରୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନିଶା କାରବାର ପାଇଁ ବାହାର ଅଞ୍ଚଳରୁ ମଧ୍ୟ କିଛି ଯୁବକ ଆସୁଥିବା ଅଭିଯୋଗ ରହିଛି। କଳା ରଙ୍ଗର ଥାର୍ ଓ ଧଳା ରଙ୍ଗର ସ୍କର୍ପିଓ ଭଳି ଗାଡ଼ିରେ ନିଶାଦ୍ରବ୍ୟ ଆସୁଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ତେବେ ଏହି ଅଭିଯୋଗର ସତ୍ୟତା ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ଆବଶ୍ୟକ।

ଯୁବପିଢ଼ିକୁ ଟାର୍ଗେଟ୍ କରୁଛି ନିଶା ମାଫିଆ! କରିଲୋପାଟଣା ମହାବିଦ୍ୟାଳୟ ନିକଟରେ ଏଭଳି ଅଭିଯୋଗ ବାରମ୍ବାର ସାମ୍ନାକୁ ଆସୁଥିବାରୁ ଅଭିଭାବକ ଓ ସାଧାରଣ ଲୋକଙ୍କ ଚିନ୍ତା ବଢ଼ିଛି। +୨ ଓ +୩ ଛାତ୍ରଛାତ୍ରୀଙ୍କୁ ନିଶା କବଳରୁ ଦୂରେ ରଖିବା ପାଇଁ ଶିକ୍ଷାନୁଷ୍ଠାନ ନିକଟରେ ନିୟମିତ ପୁଲିସ ପାଟ୍ରୋଲିଂ, ଅଚାନକ ଯାଞ୍ଚ ଏବଂ ନିଶା କାରବାର ବିରୋଧରେ ଚଢ଼ାଉ ଜରୁରୀ ବୋଲି ଦାବି ହୋଇଛି।

ଅବକାରୀ ବିଭାଗ କରୁଛି କ'ଣ? ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ହେଉଥିବା ନେଇ ଅଭିଯୋଗ ଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଦୃଢ଼ ପଦକ୍ଷେପ ନିଆଯାଇନଥିବା ନେଇ ପ୍ରଶ୍ନ ଉଠିଛି। ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ଏହି ଅଞ୍ଚଳରେ ସ୍ୱତନ୍ତ୍ର ଯାଞ୍ଚ କରାଯାଇ ସତ୍ୟାସତ୍ୟ ଉଦ୍‌ଘାଟନ କରାଯିବା ସହ ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

# ରିଜୋନାନ୍ସରେ ନବାଗତଙ୍କୁ ସ୍ୱାଗତ ଉତ୍ସବ




ମାର୍ଶାଘାଇ,୯।୯(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ କଲେଜରୋଡ଼ ସ୍ଥିତ ଯୁକ୍ତ ଦୁଇ ବିଜ୍ଞାନ ଆବାସିକ ଶିକ୍ଷାନୁଷ୍ଠାନ ରିଜୋନାନ୍ସ କ୍ଲାସେସର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଭେନୋରା-୨୬ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟ ପରିଚଳିକା ଅଧ୍ୟାପିକା ସୁଚିତ୍ରା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଉମାକାନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସହ ପରିଚାଳକ ଅଧ୍ୟାପକ ବିକ୍ରମ କୁମାର ପାଇଟାଳ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଲକ୍ଷ୍ମୀଧର ଲେଙ୍କା, ସତ୍ୟରଞ୍ଜନ ବସନ୍ତିଆ, ସୁଜିତ ମଣ୍ଡଳ, ଜ୍ୟୋତିପ୍ରକାଶ ଦାସ ପ୍ରମୁଖ ଯୋଗଦେଇଥିଲେ । ଗତ ପରୀକ୍ଷାରେ ଏହି ଶିକ୍ଷାନୁଷ୍ଠାନର ପାସ ହାର ଶତପ୍ରତିଶତ ହୋଇଥିଲା । ଆସନ୍ତା ବର୍ଷ ପରୀକ୍ଷାରେ ଭଲ ରେଜଲ୍ଟ କରିବେ ବୋଲି ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ କହିବା ସହିତ ନବାଗତ ପ୍ରଥମ ବର୍ଷର ଛାତ୍ର ଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ । ହଷ୍ଟେଲ ପରିଚାଳିକା ପୂଜାରାଣୀ ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅନୁଷ୍ଠାନର ସଂଯୋଜକ ଅରବିନ୍ଦ ବେଉରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଭୋଟର ତାଲିକାରୁ ୪ଶହ ଭୋଟରଙ୍କ ନାମ କାଟିବା ପାଇଁ ଷଡ଼ଯନ୍ତ୍ର ଅଭିଯୋଗ

## ସଂଖ୍ୟାଲଘୁ ସଂପ୍ରଦାୟର ଥାନାରେ ଏତଲା




କେନ୍ଦ୍ରାପଡ଼ା, ୯।୯(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ୧ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୪ଶହ ଯୋଗ୍ୟ ସଂଖ୍ୟାଲଘୁ ଭୋଟରଙ୍କ ନାମ କାଟିଦେବା ପାଇଁ ଷଡଯନ୍ତ୍ର ହୋଇଛି । ଏନେଇ କେନ୍ଦ୍ରାପଡା ଟାଉନଥାରେ ଏତଲା ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି କେନ୍ଦ୍ରାପଡା-୯୭(ଏସସି) ଅନ୍ତର୍ଗତ କେନ୍ଦ୍ରାପଡା ପୌରାଳର ୧୬ ନମ୍ବର ୱାର୍ଡ ଫକୀରାବାଦର ବୁଥ ନମ୍ବର-୨୫୩ ଓ ୨୫୪ରେ ୨ଜଣ ବିଜେପି ଦଳର ବୁଥ ଲେଭେଲ ଏଜେ(ବିଏଲଏ) ହୃଷିକେଶ ସାହୁ ଓ ଦେବେନ୍ଦ୍ର ପ୍ରସାଦ ମେକାପ ଉଭୟ ବୁଥରେ ୨ଶହ ଲେଖାଏଁ ଭୋଟରଙ୍କ ନାମ କାଟିଦେବା ପାଇଁ ଫର୍ମ ନମ୍ବର-୭ରେ ଆବେଦନ କରିଛନ୍ତି । ସେହି ଭୋଟରମାନେ ଏବେ ଜୀବିତ ଅଛନ୍ତି ଓ ସେମାନେ ଯୋଗ୍ୟ ଭୋଟର ବୋଲି ଅଭିଯୋଗ ହୋଇଛି। ସେମାନେ ଫକୀରାବାଦ ଗ୍ରାମର ସ୍ଥାୟୀ ବାସିନ୍ଦା ତଥା ପଞ୍ଜିକୃତ ବୈଧ ଭୋଟର ଅଟନ୍ତି । ଏଭଳି ଏକ ସଙ୍ଗୀନ ଅପରାଧିକ ଷଡ଼ଯନ୍ତ୍ର ଏବଂ ଜାଲିଆତି ସମ୍ପର୍କରେ ବିଜେଡିର ବୁଥଲେଭେଲ ଏଜେ(ବିଏଲଏ) ମହମ୍ମଦ ଜାକିର ଓ ମୀର ଯ୍ୟାସିର ଆରାଫତ ଅବଦୁଲ ମଜିଜ କେନ୍ଦ୍ରାପଡା ଟାଉନ ଥାନାରେ ଏତଲା ଦେଇଛନ୍ତି । ଉଭୟ ଏଜେଙ୍କୁ ସମର୍ଥନ କରି ଅବଦୁଲ ମଜିଦଙ୍କ ନେତୃତ୍ୱରେ ବିଜୁଜନତାଦଳର ହିବଜୁର ରହେମାନ, ମହମ୍ମଦ ନିଆଜ(ମତ୍ତୁ), ମୀର କୁବେର, ଓସିଉଲ୍ଲା ଖାନ,ସେକ ଅକ୍ତର, ଅମୀର ଅହେମ୍ମଦ, ଗୋରା ଖାଁ, ବାସା ଖାଁ ଓ କଂଗ୍ରେସ ପକ୍ଷରୁ ସୟଦ ଅବଦୁଲ ସାର, ତାଜୁଦ୍ଦିନ ଖାଁ, ଫୁରକାନ ଖାନ ପ୍ରମୁଖ କେନ୍ଦ୍ରାପଡା ଟାଉନ ଥାନାକୁ ଯାଇ ଏତଲା ଦେବାସହିତ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହା ଲୋକ ପ୍ରତିନିଧ୍ୱ ଆଇନ ୧୯୫୦ ର ଧାରା ୩୧ ଅନୁଯାୟୀ ଏକ ସଙ୍ଗୀନ ଆଇନଗତ ଅପରାଧ । ତେଣୁ ସମସ୍ତ ଜାଲ କାଗଜପତ୍ର ଜବତ କରି ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଖ୍ୟାଲଘୁ ଭୋଟରମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

# ନାଳିଆପାଟ ନଦୀବନ୍ଧ ଭୁଶୁଡିବା ଘଟଣା, ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୯।୯ (ସଂଚାର ବ୍ୟୁରୋ)ଃ ମହାକାଳପଡା ବ୍ଲକ୍ ଅନ୍ତର୍ଗତ କଂସାର ବଡଦାଣ୍ଡୁଆ ପଞ୍ଚାୟତର ସୁରକ୍ଷା ବାଡ କୁହାଯାଉଥିବା ନାଳିଆ ପାଟବନ୍ଧ ର ବିଭିନ୍ନ ଅଂଶରେ ଗତ କିଛିଦିନ ହେବ ୩ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ସେହିଭଳି ତା-୦୭/୦୯/୨୬ ରିଖ ଦିନ ପ୍ରଖର ସ୍ରୋତରେ ପଖାପାଖି ୨୦୦ ଫୁଟର ମାଟି ଅତଡା ନଦୀ ଭିତକୁ ଖସି ପଡ଼ିଥିଲା। ଏହି ଗୋବରୀ ନଦୀ ବନ୍ଧ ସୁରକ୍ଷା ପାଇଁ ମହାକାଳପଡ଼ା ନଦୀ ତଟବନ୍ଧ ସବ-ଡିଭିଜନ ପକ୍ଷରୁ ପାଖାପାଖି ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ବନ୍ଧ ସୁରକ୍ଷା କାର୍ଯ୍ୟରେ ସଠିକ୍ ମାନର କାର୍ଯ୍ୟ ହୋଇନଥିଲା। ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଏଭଳି ଅଘଟଣ ଘଟିଥିବା ଦର୍ଶାଇ କେନ୍ଦ୍ରାପଡ଼ା ଜିଲ୍ଲା ରାଜୀବ ଗାନ୍ଧୀ




ଷ୍ଟୁଡେଣ୍ଟ ଫୋରମ୍ ଜିଲ୍ଲା ସଭାପତି ଉମେଶ ପାଢ଼ୀ ଓ ଭିଜିଲାନ୍ସ କମିଟି ସଦସ୍ୟ ନଗେନ୍ଦ୍ର ଜେନା କେନ୍ଦ୍ରାପଡ଼ା ଅତିରିକ୍ତଜିଲ୍ଲାପାଳଙ୍କୁ ଭେଟି ଏକ ଲିଖିତ ଅଭିଯୋଗ କରିଛନ୍ତି।

କାର୍ଯ୍ୟର ସମୟ ଅବଧି ଶେଷ ପରେ କାର୍ଯ୍ୟ କାହିଁକି ଶେଷ ହୋଇନଥିଲା? ପଥରଗୁଡ଼ିକୁ ତାର ଜାଲି ବକ୍ସ (ଗ୍ୟାବିଅନ) ସାହାର୍ଯ୍ୟରେ ବନ୍ଧ ପାର୍ଶ୍ୱରେ ଖପ୍ପା ଯିବାର ବ୍ୟବସ୍ଥା ରହିଥିଲା ହେଲେ ଚୁନା ପଥରକୁ ଥୋଇ ନାଁକୁ ତାର ଜାଲି ତା ଉପରେ ପକାଇ ବିଲ କରାଇ ନେଇଥିଲା ଠିକା ସଂସ୍ଥା। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ ପଣ୍ଡା ଓ ସହକାରୀ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା ସମ୍ପୂର୍ଣ୍ଣ ମାନ ନିରିକ୍ଷଣ ନକରି କିପରି ବିଲ କଲେ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ପଥର ପ୍ୟାକିଂ କରାଇ ଥିବାରୁ ନଦୀ ବନ୍ଧରେ ବିଭିନ୍ନ ଅଂଶରୁ ଏବେ ମାଟି ଅତଡା ଖସୁଥିବା ଦେଖାଯାଉଛି। ନଦୀ ଭାଙ୍ଗିବା ଘଟଣା କୁ ନେଇ ଗ୍ରାମବାସୀ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି।

ତେବେ ଏହାର ସ୍ଥାୟୀ ପ୍ରତିକାର ସହ ଦୁର୍ନୀତି ରେ ସମ୍ପୃକ୍ତ ଥିବା ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ ପଣ୍ଡା ଓ ସହକାରୀ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ କରିଛନ୍ତି।

# ଶକ୍ତିଶ୍ରୀ ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ



ରାଇଘର,୯।୯ (ସଂଚାର ବ୍ୟୁରୋ)ଃ ସ୍ଥାନୀୟ ସରକାରୀ ସ୍ନାତକ ମହାବିଦ୍ୟାଳୟ, ରାଇଘର ପରିସରରେ କେନ୍ଦ୍ର ଓ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗର ଆନୁକୂଲ୍ୟରେ 'ଶକ୍ତିଶ୍ରୀ ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. କ୍ଷୀରୋଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ସୁରକ୍ଷା, ଅଧିକାର, ଆତ୍ମବିଶ୍ୱାସ ଓ ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସମ୍ମାନିତ ଅତିଥି ଭାବେ କବି ଓ କଥାକାର ପରୀକ୍ଷିତ ସାହୁ, ସ୍ଥାନୀୟ ସବ୍‌ଇନ୍ସପେକ୍ଟର ଚନ୍ଦନ ସାହୁ ଏବଂ ଆଇନଜୀବୀ ପୁରୁଷୋତ୍ତମ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଆଇନଗତ ଓ ସାମାଜିକ ଦିଗ ସମ୍ପର୍କରେ ସଚେତନ କରିଥିଲେ। ବକ୍ତାମାନେ ଶିଶୁ ଯୌନ ନିର୍ଯାତନା ଓ ଶୋଷଣ, ପୋକ୍ସୋ ଆଇନ, ରାଗିଙ୍ଗ, ନାରୀ ସୁରକ୍ଷା, ସାଇବର ଅପରାଧ ଓ ଆଇନଗତ ଅଧିକାର ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟାୟ କିମ୍ବା ନିର୍ଯାତନାର ଶିକାର ହେଲେ ନିରବ ନରହି ଆଇନଗତ ଓ ପ୍ରଶାସନିକ ସହାୟତା ନେବାକୁ ସେମାନେ ପରାମର୍ଶ ଦେଇଥିଲେ।

## ଆକ୍ସନ ମୋଡରେ ଜିଲ୍ଲାପାଳ

# ବଦଳିଲେ ୧୫ ରାଜସ୍ୱ କର୍ମଚାରୀ

## କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଶାସନିକ ଅଦଳବଦଳ



କେନ୍ଦ୍ରାପଡ଼ା,୯।୯ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନରେ ଆଜି ଏକ ପ୍ରଶାସନିକ ଅଦଳବଦଳ ଦେଖିବାକୁ ମିଳିଛି। ପ୍ରଶାସନିକ ଆବଶ୍ୟକତା ଏବଂ ଜିଲ୍ଲାର ଦୈନନ୍ଦିନ କାର୍ଯ୍ୟାଳୟ ପରିଚାଳନାକୁ ଅଧିକ ସୁଚାରୁ ଓ ଗତିଶୀଳ କରିବା ପାଇଁ ଜିଲ୍ଲାପାଳଙ୍କ ଚିଠି ନଂ -୧୬୬୪, ସେପ୍ଟେମ୍ବର ୦୯ତାରିଖରେ ଏକକାଳୀନ ୧୫ ଜଣ ରାଜସ୍ୱ କର୍ମଚାରୀଙ୍କୁ ବଦଳି କରାଯାଇଛି। କଟକ ରାଜସ୍ୱ ବିଭାଗୀୟ କମିଶନର (ଆର୍‌ଡିସି) ଙ୍କ ପୂର୍ବ ଅନୁମୋଦନ କ୍ରମେ ଜିଲ୍ଲାର ବିଭିନ୍ନ ବ୍ଲକ୍, ତହସିଲ,ଆଇସିଡିଏସ୍ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ୧୫ ଜଣ କର୍ମଚାରୀଙ୍କୁ ବଦଳି କରିଛନ୍ତି ଜିଲ୍ଲାପାଳ ରଘୁରାମ ଆର ଆୟାର। ଏହି ବଦଳି ତାଲିକାରେ ଜଣେ ସେକ୍ସନ ଅଫିସର, ୧୦ ଜଣ ବରିଷ୍ଠ ରାଜସ୍ୱ ସହାୟକ ଏବଂ ୪ ଜଣ କନିଷ୍ଠ ରାଜସ୍ୱ ସହାୟକ ସାମିଲ ଅଛନ୍ତି। ଏହି ବଦଳି ତାଲିକାରେ ସେକ୍ସନ ଅଫିସର ମୀନାକ୍ଷୀ ବାରିକ ଡେରାବିଶ ବ୍ଲକ କାର୍ଯ୍ୟାଳୟରୁ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟକୁ ବଦଳି ହୋଇଛନ୍ତି।

ସେହିପରି ଜିଲ୍ଲାର ୧୦ ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ବିଭିନ୍ନ ତହସିଲ ଓ ବ୍ଲକକୁ ବଦଳି କରାଯାଇଛି। ଏହି ୧୦ ବରିଷ୍ଠ ରାଜସ୍ୱ ସହାୟକଙ୍କ ଭିତରେ ରୀନା ନାଥଙ୍କୁ କନିକା ତହସିଲରୁ ପଟ୍ଟାମୁଣ୍ଡାଇ ତହସିଲ,ସସ୍ମିତା ରାଉତଙ୍କୁ ରାଜନଗର ଆଇ.ସି.ଡି.ଏସ୍. କାର୍ଯ୍ୟାଳୟରୁ କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟ,ଦୁଷ୍ମନ୍ତ ପାତ୍ରଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକରୁ ଆଳି ବ୍ଲକ କାର୍ଯ୍ୟାଳୟ, ସିଲି ବେହେରାଙ୍କୁ କନିକା ତହସିଲରୁ ଗରଦପୁର ତହସିଲ,ସଲମା ମାଝୀଙ୍କୁ କେନ୍ଦ୍ରାପଡ଼ା ତହସିଲରୁ ମାର୍ଶାଘାଇ ତହସିଲ,ପ୍ରଜ୍ଞା ପରମିତା ଜେନାଙ୍କୁ କେନ୍ଦ୍ରାପଡ଼ା ତହସିଲରୁ କନିକା ତହସିଲ,ପ୍ରଦୀପ କୁମାର ଦାଶଙ୍କୁ କେନ୍ଦ୍ରାପଡ଼ା ତହସିଲରୁ ଗରଦପୁର ତହସିଲ, ପ୍ରିୟଙ୍କା ସାହାଣୀଙ୍କୁ ପଟ୍ଟାମୁଣ୍ଡାଇ ତହସିଲରୁ କନିକା ତହସିଲ, ସତ୍ୟବ୍ରତ ଗିରିଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ରାଜନଗର ଆଇ.ସି.ଡି.ଏସ୍. କାର୍ଯ୍ୟାଳୟ ଓ ନିରଞ୍ଜନ ବାରିକଙ୍କୁ ଡେରାବିଶ ବ୍ଲକରୁ ରାଜନଗର ତହସିଲ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

ସେହିପରି ଜିଲ୍ଲାର ୪ ଜଣ କନିଷ୍ଠ ରାଜସ୍ୱ ସହାୟକଙ୍କ ଭିତରେ କେଶବାନନ୍ଦ ସେଠୀଙ୍କୁ ପଟ୍ଟାମୁଣ୍ଡାଇ ତହସିଲରୁ ରାଜନଗର ତହସିଲ, ସୌମ୍ୟ ରଞ୍ଜନ ମହାନ୍ତିଙ୍କୁ କେନ୍ଦ୍ରାପଡ଼ା ତହସିଲରୁ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ, ଆଲୋକ ରଞ୍ଜନ ରାଉତଙ୍କୁ ପଟ୍ଟାମୁଣ୍ଡାଇ ତହସିଲରୁ ମହାକାଳପଡ଼ା ତହସିଲ ଓ କିରଣ କୁମାରଙ୍କୁ ମହାକାଳପଡ଼ା ତହସିଲରୁ ମାର୍ଶାଘାଇ ତହସିଲ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

ତେବେ ଏହି ସରକାରୀ ନିର୍ଦ୍ଦେଶନାମାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ଚେତାବନୀ ମଧ୍ୟ ଦିଆଯାଇଛି। ସମ୍ପୃକ୍ତ କାର୍ଯ୍ୟାଳୟର ଅଧିକାରୀ ମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ଯେ, ବଦଳି ହୋଇଥିବା ସମସ୍ତ କର୍ମଚାରୀଙ୍କୁ ଆସନ୍ତା ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା କାର୍ଯ୍ୟରୁ ଅବ୍ୟାହତି ବା ରିଲିଭ୍ କରିବାକୁ ହେବ। ଯଦି କୌଣସି କାରଣରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କୁ ରିଲିଭ୍ କରାନଯାଏ, ତେବେ ସେପ୍ଟେମ୍ବର ୧୯ ତାରିଖରୁ ସେମାନେ ସେଣ୍ଟ୍ରାଲି ଭାବେ ରିଲିଭ୍ ହୋଇଥିବା ଧରି ନିଆଯିବ ଏବଂ ସେମାନଙ୍କୁ ତୁରନ୍ତ ନୂତନ କାର୍ଯ୍ୟାଳୟରେ ଯୋଗଦେବାକୁ ପଡ଼ିବ। ଏହି ଆଦେଶରେ କୌଣସି ପ୍ରକାରର ଅବହେଳା କିମ୍ବା ଖିଲାପକୁ ବରଦାସ୍ତ କରାଯିବ ନାହିଁ ଏବଂ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଚିଠିରେ ସ୍ପଷ୍ଟ କୁହାଯାଇଛି ।

# ବିପୁଳ ପରିମାଣର ମଦ ଜବତ, ଦୁଇ ଗିରଫ



ବାଲିଆପାଳ,୯।୯ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକରେ ବୁଧବାର ବାଲେଶ୍ୱର ମୋବାଇଲ ଟିମ ସ୍କ୍ୱାଡ୍ ଏବଂ ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ସିମୁଳିଆ ରାଜାରାଣୀ ଛକ ନିକଟରେ ରେ ଚୋରା ମଦ ବେପାରୀ ସପନ ମଣ୍ଡଳ (ଝୁନା) ମଣ୍ଡଳଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ବେପାରୀଙ୍କୁ ଗିରଫ କରି ବସ୍ତା ଅବକାରୀ ଥାନାକୁ ନିଆଯାଇଛି। ସେହିପରି ନରାଛକ ଏବଂ ଲଙ୍ଗଳେଶ୍ୱର ଠାରେ ଥିବା ଦୀର୍ଘ ଦିନରୁ ଚୋରା ମଦ ଦୋକାନୀ ବିଜୟ ନାୟକ ଙ୍କ ଘରେ ଚଢ଼ାଉ କରିବା ସହିତ ଗିରଫ କରିଛି ଅବକାରୀ ବିଭାଗ। ଏହି ତିନି ଜାଗା ଚଢ଼ାଉ ସର୍ବ ମୋଟ ୨୭୦ ଲିଟର ଦେଶୀ ମହୁଲି, ୬.୧୨୦ ଲିଟର ବିଦେଶୀ ଏବଂ ୯.୧୦୦ ଲିଟର ବିଅର ଜବଦ କରାଯାଇଛି।ତେବେ ବାଲିଆପାଳ ବ୍ଲକ ରେ ଦିନକୁ ଦିନ ଛକ ବଜାରରେ ଗାଁ ଗହଳିରେ ଚୋରା ମଦ କାରବାର ବଢ଼ୁଛି ଜାଣିଶୁଣି ଅବକାରୀ ବିଭାଗର ନିଷ୍କ୍ରିୟତା ନେଇ ଚର୍ଚ୍ଚା ହୋଇଛି। ବର୍ଷକୁ ଥରେ କି ଦିଥର ଲୋକ ଦେଖାଣିଆ ବାଃ ବାଃ ନେଉଛି ବିଭାଗ। ଏହା ବ୍ୟତୀତ ଗିରଫ କରି ନେଉଥିବା ଅଭିଯୁକ୍ତଙ୍କୁ କିଛି ଦିନ ପରେ ମୋଟା ଅଙ୍କର ଅର୍ଥ ନେଇ ଛାଡିଦେବାରୁ ପୁଣି ଅସାଧୁ ବ୍ୟକ୍ତିମାନେ ଚୋରା ମଦ ବିକ୍ରି କରୁଛନ୍ତି। ଏହି ଚଢାଉ ସମୟରେ ବାଲେଶ୍ୱର ଭ୍ରାମ୍ୟମାଣ ସଂସ୍ଥାର ଅବକାରୀ ନିରୀକ୍ଷକ ଅଭିରାମ ସାହୁ, ବସ୍ତା ଅବକାରୀ ନିରୀକ୍ଷକ ଜଗନ୍ନାଥ ଭିତିରିଆ, ଜଳେଶ୍ୱର ଅବକାରୀ ଉପ ଅଧିକ୍ଷକ ଶ୍ରୀକାନ୍ତ ଦତ୍ତ, ପ୍ରଭାକର ସେଠି, ବାଲିଆପାଳ ଉପ ଅଧିକ୍ଷକ ସୁନିଲ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।





**ଆବୁଧାବିରେ ଆଇବିପିଜି ସହ ମୁଖ୍ୟମନ୍ତ୍ରୀଙ୍କ ରାଉଣ୍ଡ ଟେବୁଲ୍ ଆଲୋଚନା**

ଓଡ଼ିଶା ଇନଭେଷ୍ଟର୍ସ ମିଟ୍‌ର ଅଂଶ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ (ଆଇବିପିଜି)ଙ୍କ ସହ ରାଉଣ୍ଡ ଟେବୁଲ୍ ଆଲୋଚନାରେ ଯୋଗଦେଇଛନ୍ତି। ଏଥିରେ ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ରପ୍ତାନୀ ଓ ବ୍ୟାବସାୟିକ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଛି।

# ସ୍କ୍ରବ୍ ଟାଇଫସ୍ ନିୟନ୍ତ୍ରଣ ପାଇଁ ପ୍ରତିଷେଧମୂଳକ ବ୍ୟବସ୍ଥାକୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଗୁରୁତ୍ୱ

## ଆତଙ୍କିତ ନ ହେବାକୁ ଦେଲେ ପରାମର୍ଶ

ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ସ୍କ୍ରବ୍ ଟାଇଫସ୍‌କୁ ନେଇ ତତ୍ପର ହୋଇଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ଯେଉଁ ଅଞ୍ଚଳରେ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହେବେ, ସେଠାକୁ ଡାକ୍ତରୀ ଟିମ୍ ପଠାଯିବ। ରୋଗ ଯେପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପେ, ସେଥିପାଇଁ ସଚେତନତା ସହ ନିୟନ୍ତ୍ରଣମୂଳକ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିସହ ରାଜ୍ୟରେ ଚିହ୍ନଟ ହୋଇଥିବା ସନ୍ଦିଗ୍ଧ ସ୍କ୍ରବ୍ ଟାଇଫସ୍ କ୍ଷେତ୍ରକୁ ନେଇ ଆତଙ୍କିତ ନ ହେବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।



ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ ଯେଉଁ ସ୍ଥାନରେ ସ୍କ୍ରବ୍ ଟାଇଫସ୍ ଚିହ୍ନଟ ହେଉଛି, ସେଠାକୁ ଡାକ୍ତରୀ ଟିମ୍ ପଠାଇ ଆବଶ୍ୟକ ଚିକିତ୍ସା ଓ ନିରୀକ୍ଷଣ ବ୍ୟବସ୍ଥା କରାଯିବ। ସ୍କ୍ରବ୍ ଟାଇଫସ୍ ଚିକିତ୍ସା ଓ ନିୟନ୍ତ୍ରଣ ପାଇଁ ଗାଇଡଲାଇନ୍ ମଧ୍ୟ ପ୍ରସ୍ତୁତ ହୋଇଛି। ରୋଗୀ ଚିହ୍ନଟ, ଚିକିତ୍ସା ଓ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ଉପରେ ଏହି ଗାଇଡଲାଇନ୍ ଅନୁଯାୟୀ କାର୍ଯ୍ୟ କରାଯିବ। ସ୍କ୍ରବ୍ ଟାଇଫସ୍ ଯେପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପେ, ସେଥିପାଇଁ ପ୍ରତିଷେଧମୂଳକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ରୋଗ ଚିହ୍ନଟ ହେଉଥିବା ଅଞ୍ଚଳରେ ଅଧିକ ଗୁରୁତ୍ୱ ଦିଆଯିବ। ଏଥିସହ ଆବଶ୍ୟକ ସଚେତନତା ଓ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି।

# ଏସ୍‌ଏସ୍‌ଇପିଡି ବିଭାଗ ସଚିବ ଦାୟିତ୍ୱ ନେଲେ ଡା. ବୃନ୍ଦା

ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡା. ବୃନ୍ଦା ଡି ଆଜି ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ (ଏସଏସଇପିଡି) ବିଭାଗ କମିଶନର ତଥା ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭିନ୍ନକ୍ଷମ ବ୍ୟକ୍ତି ଓ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା, ମର୍ଯ୍ୟାଦା, ଅନ୍ତର୍ଭୁକ୍ତିକରଣ ଓ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବା ପାଇଁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ନିରନ୍ତର ସହଯୋଗ ଓ ସାମୂହିକ ସମର୍ଥନ ସେ କାମନା କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଡା. ବୃନ୍ଦା ଡି'ଙ୍କୁ ବିଭାଗର ସ୍ୱତନ୍ତ୍ର ସଚିବ ରଜନୀ ଜାନି, ଆର୍ଥିକ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ସଚିବ ଦୀପକ ରାଉତରାୟ, ସୋନିଆ ଚେରେଜା ଓ ଭାସ୍କର ରାଉତ ଓ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସ୍ୱାଗତ କରିଥିଲେ।



ଆଲୋଚନା ସମୟରେ ଡା. ବୃନ୍ଦା ଡି କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ଦକ୍ଷ, ସ୍ୱଚ୍ଛ ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ସମସ୍ତ ସ୍ତରରେ ଅଧିକ ସାଙ୍ଗଠନିକ ସମନ୍ୱୟ, ସୁଗମ ପ୍ରଶାସନିକ ପ୍ରକ୍ରିୟା ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ସୁଫଳ ପ୍ରଭାବଶାଳୀ ଉପାୟରେ ଉଦ୍ଦିଷ୍ଟ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବିଭାଗ ଅଧିକାରୀମାନେ ପରସ୍ପର ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେ ପ୍ରଯୁକ୍ତିବିଦ୍ୟା, ତଥ୍ୟଚାଳିତ ମନିଟରିଂ ଓ ପ୍ରଭାବଶାଳୀ କ୍ଷେତ୍ରସ୍ତରୀୟ ସମନ୍ୱୟକୁ ଉପଯୋଗ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

**ନିଆଳି ଅଞ୍ଚଳର ଟାଟା ପାୱାର ଭିତ୍ତିଭୂମିର ସମୀକ୍ଷା କଲେ ଶକ୍ତି ମନ୍ତ୍ରୀ**

# ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ଗୁରୁତ୍ୱ



ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ନିଆଳି ଅଞ୍ଚଳରେ ଟାଟା ପାୱାର ଦ୍ୱାରା ପରିଚାଳିତ ବିଦ୍ୟୁତ ସଞ୍ଚାରଣ ବ୍ୟବସ୍ଥା ଓ ସେବା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନିଆଳି ବିଧାୟକ ଛବି ମଲ୍ଲିକଙ୍କ ସମେତ ଟାଟା ପାୱାରର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ସମସ୍ତ ଭିତ୍ତିଭୂମି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ସମଗ୍ର ଅଞ୍ଚଳର ପ୍ରମୁଖ ୩୩ କେଭି ବିଦ୍ୟୁତ ସଞ୍ଚାରଣ ଲାଇନ୍ ନେଟୱର୍କର ସମ୍ପୂର୍ଣ୍ଣ ସଂସ୍କାର, ନିରନ୍ତର ବିଦ୍ୟୁତ ଯୋଗାଣ ଓ କ୍ଷମତା ବୃଦ୍ଧି ଉପରେ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଏୟାର ବ୍ରେକ ସ୍ୱିଚ୍ ଓ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମରଗୁଡ଼ିକର ଯାନ୍ତ୍ରିକ ମରାମତି ଓ ନବୀକରଣ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବାକୁ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଶର୍ଟସର୍କିଟ୍ ଓ ଅପ୍ରତ୍ୟାଶିତ ବିଦ୍ୟୁତ କାଟକୁ ରୋକିବା ପାଇଁ ଟ୍ରାନ୍ସଫର୍ମର ଓ ଟ୍ରାନ୍ସମିସନ୍ ଲାଇନ୍ ଆଖପାଖରେ ଥିବା ଲତା ଓ ବୃକ୍ଷରାଜିକୁ ତୁରନ୍ତ ସଫା କରିବା ପାଇଁ ଏକ ସ୍ୱତନ୍ତ୍ର ରକ୍ଷଣାବେକ୍ଷଣ ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାହକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଅଞ୍ଚଳର ପ୍ରତ୍ୟେକ ଘରୋଇ ଗ୍ରାହକଙ୍କ କ୍ଷେତ୍ରରେ ବିଦ୍ୟୁତ ଆର୍ଥିଂ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ପାଳନକୁ ବାଧ୍ୟତାମୂଳକ କରିବାକୁ ସେ କହିଛନ୍ତି। କାର୍ଯ୍ୟର ଗୁଣବତ୍ତା ଓ ଅଗ୍ରଗତି ଉପରେ କଡ଼ା ନଜର ରଖାଯିବ ବୋଲି ସୂଚାଇ ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେ ଯେକୌଣସି ସମୟରେ ନିଆଳି ଅଞ୍ଚଳ ଗସ୍ତ କରି ଭୂମିପୃଷ୍ଠରେ ଚାଲିଥିବା ଏହି ନବୀକରଣ କାର୍ଯ୍ୟର ଆକସ୍ମିକ ସମୀକ୍ଷା ଓ ଅନୁଧ୍ୟାନ କରିବେ।

# ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର କର୍ମକର୍ତ୍ତା ଘୋଷିତ

ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): କଂଗ୍ରେସ ସେବାଦଳକୁ ସଂଗଠିତ ତଥା କ୍ରିୟାଶୀଳ କରିବା ପାଇଁ ଅଖିଳ ଭାରତ କଂଗ୍ରେସ ସେବା ଦଳର ମୁଖ୍ୟ ସଂଗଠକ ଶ୍ରୀନିବାସ ବିଭି ଓଡ଼ିଶା ପ୍ରଦେଶ କଂଗ୍ରେସ ସେବା ଦଳର କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦେଇଥିବା ଆଜି ସ୍ଥାନୀୟ କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେବାଦଳର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ସୂଚନା ଦେଇଛନ୍ତି। ଏହି ତାଲିକାରେ ମହିଳା ସଂଗଠିକା ଭାବେ ଗୀତାଞ୍ଜଳି ମହାନ୍ତି ନିଯୁକ୍ତି ପାଇଥିବା ବେଳେ ଉପସଭାପତି ଭାବେ ମୁନୁ ସରାଫ ଓ ନଳିନୀ ବେହେରା ନିଯୁକ୍ତି ପାଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ମିତ୍ରଭାନୁ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ବିଜୟଲକ୍ଷ୍ମୀ ମହାପାତ୍ର, କୁଳମଣି ସାହୁ, ମନୋଜ ସାହୁ, ଏମଡି ସାହାଦୁଲ୍ଲା, ପ୍ରଦୀପ କୁମାର ସ୍ୱାଇଁ, ସନ୍ତୋଷ ପ୍ରଧାନ ଓ ଭୋକାଲି ସେଠୀ ନିଯୁକ୍ତି ପାଇଛନ୍ତି।




ସମ୍ପାଦକ ଭାବେ କିଶୋର କପୁର, ସୁବାଷ ମଲ୍ଲିକ, ସନ୍ଧ୍ୟାରାଣୀ ଦାସ, ତୃପ୍ତି ଦାସ, ବସନ୍ତ କୁମାର ପଣ୍ଡା, ଅଜିତା କର, ରମେଶ ମଲ୍ଲିକ, ଅଶୋକ ନାଥ, ଜ୍ୟୋତ୍ସ୍ନା ବଗର୍ତ୍ତୀ, ସମ୍ପଦ କୋଢ଼, ସଞ୍ଜୀବ ନାୟକ, ବିନୋଦିନୀ ଦ୍ୱୀପ, ସୁରେଶ ସାହୁକାର, ଅଜୟ କୁମାର ମହାନ୍ତି, ଅଭୟ କୁମାର ଜେନା, ପ୍ରସନ୍ନ କୁମାର ପାଇକରାୟ, ଅକ୍ଷୟ କୁମାର ମଦୁଲି, ରଞ୍ଜନ କୁମାର ଭୋଇ, ରବି ହେମ୍ବ୍ରମ ଓ ଶଙ୍କର୍ଷଣ ରାଉତ ନିଯୁକ୍ତି ପାଇଛନ୍ତି। ତା'ଛଡ଼ା ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ କୁମାର ପାତ୍ର, ନବ କିଶୋର ସାଠୁଆ, ପୀତାମ୍ବର ସେଠୀ, ଅର୍ଜୁନ ମଲ୍ଲିକ, ଧରିତ୍ରୀ ଜେନା, ଟୁଲୁ ଦାସ, ଅଶୋକ କୁମାର ସାମଲ, ମନୋଜ ଗୌଡ଼, ଦେବାଶିଷ ସାହୁ, ସଞ୍ଜୟ ବେହେରା, ଶାନ୍ତିଲତା ତାଣ୍ଡି, ପୁଷ୍ପା ଗଡ଼ତିଆ, ଝୁଲେନ୍ଦ୍ର ବାରିକ, ସୁନାଙ୍ଗ ଭୋଇ, ହେମନ୍ତ ନାୟକ, ତ୍ରିନାଥ ନାୟକ, ତୋଫାନ ମଲ୍ଲିକ, ବିନାୟକ ଗୌଡ଼, ଏସକେ ହମିଦ ରାଜା, ଅବିନାଶ ସ୍ୱାଇଁ ଓ ସୁଶାନ୍ତ କୁମାର ମଲ୍ଲିକ ନିଯୁକ୍ତି ପାଇଛନ୍ତି। ସେହିପରି ପ୍ରଦେଶ ଧ୍ୱଜ ପ୍ରଭାରୀ ଓ କାର୍ଯ୍ୟାଳୟ ଇନଚାର୍ଜ ଭାବେ ଜ୍ୟୋତିଷ କୁମାର ସାହୁ, ଗଣମାଧ୍ୟମ ବିଭାଗର ସଂଯୋଜକ ଭାବେ ଦୀପକ କୁମାର ମହାପାତ୍ର ଓ ଯୁଗ ସଂଯୋଜକ ଭାବେ ଦେବାଶିଷ ମିଶ୍ର, ସାମାଜିକ ଗଣମାଧ୍ୟମର ସଂଯୋଜକ ଭାବେ ଦୀପକ କୁମାର ସାହୁ, ଯୁଗ ସଂଯୋଜକ ଭାବେ କୈଳାସ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି।

# ଜମିବାଡ଼ି ବିବାଦକୁ ନେଇ ମହିଳାଙ୍କୁ ଖଣ୍ଡାରେ ଆକ୍ରମଣ

ପୁରୀ,୯।୯ (ସଂଚାର ବ୍ୟୁରୋ) : ଜମିବାଡ଼ିକୁ କେନ୍ଦ୍ରକରି ମହିଳାଙ୍କୁ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ। ଜମି ମାପଚୁପ ବେଳେ ସିଦ୍ଧ ମହାବୀର ଅଞ୍ଚଳର ଜ୍ୟୋତ୍ସ୍ନାମୟୀ ମିଶ୍ରଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଛି। ଆକ୍ରମଣରେ ମହିଳା ଗୁରୁତର ଆହତ ହୋଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁସାରେ, ସିଦ୍ଧ ମହାବୀର ଅଞ୍ଚଳରେ ଜମିବାଡ଼ିକୁ ନେଇ ମାପଚୁପ ଚାଲିଥିଲା । ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଅଭିଯୋଗ ଅନୁସାରେ, ବଚସା ଉଗ୍ରରୂପ ନେବା ପରେ ପ୍ରତିପକ୍ଷ ଜଣେ ହଠାତ୍ ଖଣ୍ଡାରେ ଜ୍ୟୋତ୍ସ୍ନାମୟୀଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ପୁରୀ ସଦର ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଡାକ୍ତରଙ୍କ କହିବା ଅନୁସାରେ ତାଙ୍କ ଅବସ୍ଥା ସ୍ଥିର ରହିଛି ।

**ଏମ୍‌ଏମ୍‌ଡିଆର୍ ଆଇନକୁ ନେଇ ବିଜେଡିର ବିକ୍ଷୋଭ**

# ଲୋକଭବନ ଆଗରେ ପୁଲିସ-କର୍ମୀ ମୁହାଁମୁହିଁ



ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ସଂଶୋଧିତ ଏମ୍‌ଏମ୍‌ଡିଆର ଆଇନ ପ୍ରତ୍ୟାହାର ଦାବିକୁ ନେଇ ରାଜଧାନୀ ଭୁବନେଶ୍ୱରରେ ବିଜେଡି ପକ୍ଷରୁ ବିଶାଳ ପ୍ରତିବାଦ କରାଯାଇଛି। ଲୋକ ଭବନ ସମ୍ମୁଖରେ ଆୟୋଜିତ ଏହି ଆନ୍ଦୋଳନ ସମୟରେ ପୁଲିସ ଓ ବିଜେଡି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପାୱାର ହାଉସ୍ ଛକରେ କିଛି ସମୟ ପାଇଁ ଉତ୍ତେଜନା ଲାଗି ରହିଥିଲା। ସୂଚନାନୁଯାୟୀ, ବିଜେଡି ପକ୍ଷରୁ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଥିଲା। ପୁଲିସ ବ୍ୟାରିକେଡ୍ ଭାଙ୍ଗି ଲୋକ ଭବନକୁ ଅଗ୍ରସର ହେବାକୁ ବିକ୍ଷୋଭକାରୀ ଉଦ୍ୟମ କରିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୁଲିସ ସେମାନଙ୍କୁ ଅଟକାଇଥିଲା। ଏହାପରେ ପାୱାର ହାଉସ୍ ଛକରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା। ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। ରାଜଧାନୀରେ ଆୟୋଜିତ ଏହି ପ୍ରତିବାଦରେ ବିଜେଡିର ଶତାଧିକ କର୍ମୀ, ବରିଷ୍ଠ ନେତା ଓ ବିଧାୟକ ସାମିଲ ହୋଇଥିଲେ। ଦଳ ପକ୍ଷରୁ ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନକୁ 'କଳା ଆଇନ' ବୋଲି ଅଭିହିତ କରାଯାଇ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ବିଜେଡି ନେତାମାନେ କହିଛନ୍ତି ଯେ ରାଜ୍ୟର ଖଣିଜ ସମ୍ପଦ ଓ ଓଡ଼ିଶାର ସ୍ୱାର୍ଥକୁ ପ୍ରଭାବିତ କରୁଥିବା ଏହି ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ସେମାନଙ୍କର ଆନ୍ଦୋଳନ ଜାରି ରହିବ। ପରବର୍ତ୍ତୀ ସମୟରେ ବିଜେଡିର ଏକ ପ୍ରତିନିଧି ଦଳକୁ ରାଜ୍ୟପାଳଙ୍କୁ ଭେଟିବା ପାଇଁ ଅନୁମତି ମିଳିଥିଲା। ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ଓ ଏମ୍‌ଏମ୍‌ଡିଆର୍ ଆଇନକୁ ପୁନଃବିଚାର କରି ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ।

# ଭୂତଳ ଚାମ୍ବରରୁ ୮୧୩ ବୋତଲ କଫ୍ ସିରପ୍ ଜବତ, ମହିଳା ଗିରଫ

ବରଗଡ଼,୯।୯ (ସଂଚାର ବ୍ୟୁରୋ) : ବରଗଡ଼ ଜିଲ୍ଲା ଭଟଲି ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ବଡ଼ମାଲ ଗ୍ରାମର ଜଣଙ୍କ ଘରେ ଚଢ଼ାଉ କରି ପୁଲିସ ଏକ ଭୂତଳ ଚାମ୍ବରରୁ ୮୧୩ ବୋତଲ କଫ୍ ସିରପ୍ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ବଡ଼ମାଲ ଗ୍ରାମର ସୂର୍ଯ୍ୟକାନ୍ତ ସାହୁ ଘର ଭିତରେ ଚଟାଣ ତଳେ ଚାମ୍ବର କରି କଫ୍ ସିରପ ଲୁଚାଇ ରଖିଥିଲେ। ଖବର ପାଇ ପୁଲିସ ଚଢ଼ାଉ କରି ଭୂମି ତଳୁ ୮୧୩ ବୋତଲ କଫ ସିରପ୍ ଜବତ କରିଥିଲେ। ଏଥିସହ ୩ ଲକ୍ଷ ୩୩ ହଜାରରୁ ଅଧିକ ନଗଦ ଟଙ୍କା, ଗୋଟିଏ ବୋଲେରୋ, ଗୋଟିଏ ଥାର୍ ଗାଡ଼ି ଏବଂ ୪ଟି ମୋବାଇଲ୍ ଫୋନ୍ ପୁଲିସ ଜବତ କରିଛି। ସୂର୍ଯ୍ୟକାନ୍ତଙ୍କ ପତ୍ନୀ ପାର୍ବତୀ ସାହୁଙ୍କୁ ପୁଲିସ ଗିରଫ କରିଥିବା ବେଳେ ସୂର୍ଯ୍ୟକାନ୍ତ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି।



**ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ**

# ଆଜି ସୃଷ୍ଟି ହେବ ଲଘୁଚାପ ୧୨ ପର୍ଯ୍ୟନ୍ତ ବର୍ଷା

ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ଆସନ୍ତାକାଲି ଲଘୁଚାପ ସୃଷ୍ଟି ହେବ। ଉତ୍ତର ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ବାୟୁମଣ୍ଡଳରରୁ ପ୍ରାୟ ୫.୮ କିମି ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଥିବା ଜଣାପଡ଼ିଛି। ଏହାର ପ୍ରଭାବରେ ଆସନ୍ତାକାଲି ଉତ୍ତର ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପଶ୍ଚିମ-କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସହ ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ଏହା ଦାନା ବାନ୍ଧିବା ନେଇ ଆକଳନ କରାଯାଉଛି। ଏହା ଫଳରେ ବଙ୍ଗୋପସାଗର ଉପରେ ବାଦଲ ସଂଗଠିତ ହେବା ସହ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳରେ ବର୍ଷାର ପରିମାଣ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ଲଘୁଚାପ ସୃଷ୍ଟି ପରେ ଏହା କେଉଁ ଦିଗକୁ ଗତି କରିବ ଓ ଏହା କେତେ ଶକ୍ତିଶାଳୀ ହେବ, ତାହା ପରବର୍ତ୍ତୀ ପାଣିପାଗ ସ୍ଥିତିରୁ ଅଧିକ ସ୍ପଷ୍ଟ ହେବ। ଏବେ ପାଣିପାଗ ବିଶେଷଜ୍ଞମାନଙ୍କ ନଜର ଆଣ୍ଡାମାନ ସାଗରରୁ ବଙ୍ଗୋପସାଗର ଆଡ଼କୁ ହେଉଥିବା ପାଣିପାଗ ପରିବର୍ତ୍ତନ ଉପରେ ରହିଛି। ଲଗାତାର ଲଘୁଚାପ ପରେ ଗତ କିଛି ଦିନ ଧରି ନିଷ୍କ୍ରିୟ ଥିଲା ମୌସୁମୀ। ଫଳରେ ରାଜ୍ୟରେ ଅନୁଭୂତ ହେଉଥିଲା ଅସହ୍ୟ ଗରମ ଓ ଗୁଳୁଗୁଳି। କିନ୍ତୁ ଏବେ ପାଣିପାଗରେ ପରିବର୍ତ୍ତନ ସହ ବର୍ଷା ହେବା ନେଇ ଆକଳନ କରାଯାଉଛି। ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ। ଏହାର ପ୍ରଭାବରେ ଆସନ୍ତା ୧୨ ତାରିଖ ଯାଏଁ ପ୍ରବଳ ବର୍ଷା ହେବ। ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ବଡ଼ ବର୍ଷା ସମ୍ଭାବନା ରହିଛି। ଆଜି ଦୁଇ ଜିଲ୍ଲାକୁ ଅରେଞ୍ଜ, ୯ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି।

# ବେଦାନ୍ତ ପକ୍ଷରୁ ଷଷ୍ଠ ସିଏଲଆଇ ଏକ୍ସପୋରେ ପରବର୍ତ୍ତୀ ପିଢ଼ିର ଖଣି ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶିତ

ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କୋଲକାତାର ବିଶ୍ୱ ବଙ୍ଗଳା ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ଷଷ୍ଠ କୋଲ୍ ଲଗ୍ ଇଣ୍ଡିଆ (ସିଏଲଆଇ) ଏକ୍ସପୋ-୨୦୨୬ରେ ଏହାର ପ୍ରଯୁକ୍ତିବିଦ୍ୟା-ଆଧାରିତ ଖଣି କାର୍ଯ୍ୟ ଓ ଗୋଷ୍ଠୀ ବିକାଶ ପଦକ୍ଷେପ ପ୍ରଦର୍ଶନ କରିଛି। ଭାରତୀୟ କୋଇଲା ଫୋରମ୍ ଓ କୋଇଲା ଉତ୍ପାଦକ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ଭାରତର କୋଇଲା ଓ ଖଣି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଏକାଠି ହୋଇଥିଲେ। ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଷ୍ଟଲକୁ ଆଲୋକ ପର୍ତ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ, ଭାରତୀୟ କୋଇଲା ଫୋରମ୍ ଓ ପୂର୍ବତନ ସଚିବ, କୋଇଲା ମନ୍ତ୍ରଣାଳୟ; କପିଳ ଧଗତ, ଅଧ୍ୟକ୍ଷ, କୋଇଲା ଉତ୍ପାଦକ ସଂଘ (ସିପିଏ); ଓ ପାର୍ଥ ଏସ୍. ଭଟ୍ଟାଚାର୍ଯ୍ୟ, ଅଧ୍ୟକ୍ଷ, ପିୟରଲେସ୍ ଗ୍ରୁପ୍ ଏବଂ ପୂର୍ବତନ ଅଧ୍ୟକ୍ଷ, କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ବେଦାନ୍ତର କର୍ମଚାରୀଙ୍କ ସହ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶା ଓ ଛତିଶଗଡ଼ରେ କମ୍ପାନୀର ପ୍ରମୁଖ କୋଇଲା ଖଣି ସମ୍ପର୍କିତ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ କୁରାଲୋଇ, ଜାମଖାନି, ଘୋଘରପଲ୍ଲୀ, ରାଧିକାପୁର ଓ ବର୍ରା ଅନ୍ତର୍ଭୁକ୍ତ ଥିଲା, ଯାହା ପରିଦର୍ଶକମାନଙ୍କୁ ଏହାର ଖଣି କାର୍ଯ୍ୟ, ଭୂପୃଷ୍ଠ ଓ କୋଇଲା ଖନନ ପ୍ରକ୍ରିୟା, ସୁରକ୍ଷା ଅଭ୍ୟାସ ଓ ପ୍ରଯୁକ୍ତିବିଦ୍ୟା ହସ୍ତକ୍ଷେପ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା।



କାର୍ଯ୍ୟକ୍ରମ ବିଷୟରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେସ କୁମାର କହିଛନ୍ତି ଯେ ଟେକ୍ନୋଲୋଜି ସୁରକ୍ଷିତ, ଅଧିକ ଦକ୍ଷ ଓ ଦାୟିତ୍ୱବାନ ଖନନ ପାଇଁ ଏକ ପ୍ରମୁଖ ସହାୟକ ଭାବେ ଉଭା ହେଉଛି। ସିଏଲ୍‌ଆଇ ୨୦୨୬ ଏହି ପରିବର୍ତ୍ତନ ଉପରେ ଦୃଷ୍ଟିକୋଣ ବିନିମୟ କରିବା ଏବଂ ଆମର ଖଣି କାର୍ଯ୍ୟକଳାପ ମଧ୍ୟରେ ଆମର ଯାତ୍ରାକୁ ପ୍ରଦର୍ଶିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା। ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଓ ଆମ ଖଣି ଆଖପାଖର ସମ୍ପ୍ରଦାୟଗୁଡ଼ିକୁ ସହାୟତା କରିବା ଜାରି ରଖିବା ସହ ଆମେ ସୁରକ୍ଷା, ପରିଚାଳନା ଏବଂ ଦକ୍ଷତାକୁ ମଜବୁତ କରିବା ପାଇଁ ଡିଜିଟାଲ୍ ଟେକ୍ନୋଲୋଜି ଓ ଡାଟା-ପରିଚାଳିତ ଅନ୍ତର୍ଦୃଷ୍ଟିର ଲାଭ ଉଠାଉଛୁ। ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ପ୍ରୟାସକୁ ପ୍ରଶଂସା କରି ଭାରତୀୟ କୋଇଲା ଫୋରମର ଅଧ୍ୟକ୍ଷ ତଥା କୋଇଲା ମନ୍ତ୍ରଣାଳୟର ପୂର୍ବତନ ସଚିବ ଆଲୋକ ପର୍ତ୍ତି କହିଛନ୍ତି ଯେ ପ୍ରଯୁକ୍ତି ଏବଂ ନବସୃଜନ ଭାରତର ଖଣି କ୍ଷେତ୍ରକୁ ଅଧିକ ଆକାର ଦେଉଛି, ଅଧିକ ଉତ୍ପାଦକତା, ସୁରକ୍ଷା ଓ ସମ୍ବଳ ଦକ୍ଷତାକୁ ପରିଚାଳିତ କରୁଛି। ବେଦାନ୍ତର ସମନ୍ୱିତ କୋଇଲା, ଶକ୍ତି ଓ ଆଲୁମିନିୟମ ପରିଚାଳନା ପ୍ରଦର୍ଶନ କରୁଛି ଯେ କିପରି ପ୍ରଯୁକ୍ତିବିଦ୍ୟା ଭାରତର ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିପାରିବ, ଯେତେବେଳେ କି ଖଣି ଅଭ୍ୟାସର ଆଧୁନିକୀକରଣ ଉପରେ ଏହାର ପଦକ୍ଷେପ ଆବଶ୍ୟକତା ସହ ମେଳ ଖାଉଛି।

# ବ୍ୟବସ୍ଥା ତଣ୍ଟିରେ ଦାରା କଣ୍ଟା

ଭୁବନେଶ୍ୱର,୯।୯: ଦାରା ସିଂ ମୁକ୍ତି ପ୍ରସଙ୍ଗ ଏବେ ରାଜ୍ୟ ସରକାରଙ୍କ ତଣ୍ଟିରେ କଣ୍ଟା ଭଳି ଲାଗିଛି। ଗୋଟିଏ ପଟେ ଏ ପ୍ରସଙ୍ଗରେ ରାଜ୍ୟ ସରକାର ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ ବାରମ୍ବାର ନିର୍ଦ୍ଦେଶ ଦେଉଥିବା ବେଳେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅପେକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦାରା ସିଂଙ୍କ କାରାମୁକ୍ତି ଏକପ୍ରକାର ଅନିଶ୍ଚିତତା ଘେରରେ ରହିଛି।

ଏଠାରେ ଉଲ୍ଲେଖନୀୟ ଯେ ୧୯୯୯ରେ ମନୋହରପୁରଠାରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ୍ ଷ୍ଟେନ୍ ଓ ତାଙ୍କ ଦୁଇ ଶିଶୁପୁତ୍ର ଫିଲିଫ୍ ଓ ତିମୋଟି ଏକ ମୋଟର ଗାଡ଼ିରେ ଶୋଇଥିବା ବେଳେ ସେମାନଙ୍କୁ ଜୀଅନ୍ତା ପୋଡ଼ି ହତ୍ୟା କରାଯାଇଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଦାରା ସିଂଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ମୃତ୍ୟୁଦଣ୍ଡାଦେଶ ଦେଇଥିବା ବେଳେ ସହ-ଅଭିଯୁକ୍ତମାନଙ୍କୁ ଆଜୀବନ ଓ ଅନ୍ୟ କାରାଦଣ୍ଡାଦେଶ ହୋଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶା ହାଇକୋର୍ଟଙ୍କ ଦାରା ସିଂଙ୍କ ଫାଶୀ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡରେ ବଦଳାଇଥିଲେ।

ଇତିମଧ୍ୟରେ ସମସ୍ତ ସହ-ଅଭିଯୁକ୍ତ କାରାଦଣ୍ଡ କାଳ କାଟି ମୁକ୍ତ ହୋଇଥିବା ବେଳେ ଆଜୀବନ କାରାଦଣ୍ଡ ଭୋଗୁଥିବା କେନ୍ଦୁଝର ଜିଲ୍ଲାର ମହେନ୍ଦ୍ର ହେମ୍ବ୍ରମ୍‌ଙ୍କୁ ରାଜ୍ୟ ସରକାର କାରାମୁକ୍ତ କରିଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଦାରା ଓରଫ୍ ରବୀନ୍ଦ୍ର କୁମାର ପାଲ୍ କିନ୍ତୁ ଏବେ ବି କାରାକକ୍ଷରେ ବନ୍ଦୀ ଅଛନ୍ତି। ଇତିମଧ୍ୟରେ ୨୦୨୨ର ରାଜ୍ୟ ସରକାରଙ୍କ ନୂଆ ନୀତି ଅନୁଯାୟୀ ତାଙ୍କୁ ମୁକ୍ତ କରିବାକୁ ଦାରା ରାଜ୍ୟ ସରକାରଙ୍କୁ ବାରମ୍ବାର ଆବେଦନ କରୁଛନ୍ତି ଓ ସବୁଥର ତାଙ୍କର ଆବେଦନ ଖାରଜ ହୋଇଯାଉଛି।



ଏଠାରେ ଉଲ୍ଲେଖନୀୟ ଯେ ଦାରାଙ୍କୁ କାରାମୁକ୍ତ କରିବା ପାଇଁ ବିଭିନ୍ନ ସମୟରେ ଧାରଣା, ଉପବାସ ଆଦି ଅନେକ କାର୍ଯ୍ୟକ୍ରମ ହୋଇଛି। ଏମିତିକି ବହୁ ରାଜନୈତିକ ନେତା ବି ଧାରଣାରେ ବସି ଦାରାଙ୍କ କାରାମୁକ୍ତି ପାଇଁ ଦାବି କରିଆସୁଛନ୍ତି। ଅନ୍ୟପକ୍ଷରେ ଗ୍ରାହାମ୍ ଷ୍ଟେନ୍‌ଙ୍କ ପତ୍ନୀ ତାଙ୍କ ଉଦାରପଣ ଦେଖାଇ ଅପରାଧୀମାନଙ୍କୁ ବ୍ୟକ୍ତିଗତ ଭାବେ କ୍ଷମା କରିଥିବା ଘୋଷଣା କରିବା ସହ ନିଜ ଦେଶକୁ ଫେରିଯାଇଛନ୍ତି। ଦାରା ସୁପ୍ରିମକୋର୍ଟରେ ତାଙ୍କ କାରାମୁକ୍ତି ପାଇଁ ଆବେଦନ କରିବାର ପାଖାପାଖି ୨ ବର୍ଷ ସମୟ ବିତିବାକୁ ବସିଲାଣି। ଏହି ମାମଲାରେ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡର ସୁପାରିସ ଆଧାରରେ ନିଷ୍ପତ୍ତି ନେବା ଲାଗି ଅଦାଲତ ବାରମ୍ବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଉଛନ୍ତି ଓ ସରକାର ତାରିଖ ପରେ ତାରିଖ ଗଡ଼ାଇ ଚାଲୁଛନ୍ତି। ପୂର୍ବରୁ ଅଗଷ୍ଟ ୧୫ ସୁଦ୍ଧା ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବାକୁ କୁହାଯାଇଥିଲା। କିନ୍ତୁ ଦାରା ଉତ୍ତର ପ୍ରଦେଶର ବାସିନ୍ଦା ହୋଇଥବାରୁ ସେଠାକାର ପୁଲିସ ପ୍ରଶାସନଠାରୁ ଦାରାଙ୍କ ଅପରାଧିକ ପୃଷ୍ଠଭୂମି ସଂକ୍ରାନ୍ତରେ ତଥ୍ୟ ମଗାଯାଇଛି କହି ସରକାର ସୁପ୍ରିମକୋର୍ଟରେ ସମୟ ନେଉଛନ୍ତି। ଯଦି ଦାରାଙ୍କ କାରାମୁକ୍ତି ପାଇଁ ସୁପ୍ରିମକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦିଅନ୍ତି, ତେବେ ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଆଇନ୍ ଅଦାଲତଙ୍କ ରାୟ ଅନୁପାଳନ ନଜିର ଦେଇ ଖସିଯାଇପାରନ୍ତି। କିନ୍ତୁ ରାଜ୍ୟ ସରକାର ଯଦି ନିଜ ଆଡୁ ଦାରାଙ୍କୁ କାରାମୁକ୍ତ କରନ୍ତି, ତେବେ ବିଭିନ୍ନ ମହଲରେ ପ୍ରତିକ୍ରିୟା ସହ ସମାଲୋଚନା ହେବାର ଆଶଙ୍କା ରହିଛି। ଆଇନ୍ ବିଶାରଦମାନେ କହୁଛନ୍ତି ଯେ ଗୁଜରାଟର ବିଲ୍‌କିସ୍ ବାନୋ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ୧୧ ଜଣ ଅପରାଧୀଙ୍କୁ ସେଠାକାର ସରକାର ଦଣ୍ଡ ସମୀକ୍ଷା ବୋର୍ଡର ସୁପାରିସ ଆଧାରରେ ମୁକ୍ତ କରିବା ପରେ ଚାରିଆଡ଼େ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା ଓ ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବା ପରେ ମୁକ୍ତ ହୋଇଥିବା ଅପରାଧୀମାନଙ୍କୁ ପୁଣିଥରେ କାରାଗାରକୁ ପଠାଇବା ପାଇଁ ସରକାର ବାଧ୍ୟ ହୋଇଥିଲେ। ଏଭଳି ସ୍ଥିତିରେ ଦାରା ସିଂଙ୍କୁ କାରାମୁକ୍ତ କରିବା ପାଇଁ ରାଜ୍ୟ ସରକାର ନିଜେ ନିଷ୍ପତ୍ତି ନେବେ କି ଅଦାଲତଙ୍କ ରାୟ ଉପରେ ନିର୍ଭର କରିବେ, ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ। ତେବେ ସରକାର ନିଷ୍ପତ୍ତି ନ ନେଲେ ବିଭାଗୀୟ ଅଧିକାରୀଙ୍କୁ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ ଏବେ କହିବା ପରେ ଏହି ପ୍ରସଙ୍ଗରେ ପ୍ରଶାସନିକ ସ୍ତରରେ ତନାଘନା ଚାଲିଛି। (ତଥ୍ୟ)

# ଚାକିରି ଦେବା ନାଁରେ ଏକ କୋଟିରୁ ଅଧିକ ଠକେଇ, ଅଭିଯୁକ୍ତ ଗିରଫ

ଭଦ୍ରକ,୯।୯ (ସଂଚାର ବ୍ୟୁରୋ) : ଚାକିରି କରାଇଦେବା ନାଁରେ ଏକ କୋଟି ଟଙ୍କା ଠକେଇ। ଠକକୁ ଦୀଘାରୁ ବାନ୍ଧିଲା ଭଦ୍ରକ ପୁଲିସ । ସରକାରୀ ଚାକିରୀ କରାଇ ଦେବା ନାଁରେ ଠକୁଥିବା ଜଣେ ଠକକୁ ଦୀଘାରୁ ବାନ୍ଧିଛି ଭଦ୍ରକ ଟାଉନ ପୋଲିସ । ଅଭିଯୁକ୍ତ ଯୁବକ ଜଣକ ହେଲେ ଧାମନଗର ଥାନା ଚୁଡ଼ାକୁଟି ଅଞ୍ଚଳର ଜଗନ୍ନାଥ ବାହାଲିଆ । ସେ ଭଦ୍ରକ ଟାଉନ ଥାନା ଅଧିନ ଜଗନ୍ନାଥପୁର ଅଞ୍ଚଳରେ ରହି ଏଭଳି ଠକାମୀ ଚଳାଇଥିଲା । ବଡ଼ ବଡ଼ ଲୋକଙ୍କ ସହ ସଂପର୍କ ଥିବା କହି ଅନେକ ଚାକିରୀ ଆଶୀୟାଙ୍କ ଠାରୁ ପ୍ରାୟ ଏକ କୋଟିରୁ ଅଧିକ ଟଙ୍କା ଠକିଥିଲା । ଅଭିଯୋଗ ପରେ ବହୁ ତନାଘନା କରି ପଶ୍ଚିମବଙ୍ଗ ଦୀଘାରୁ ଅଭିଯୁକ୍ତକୁ ଗିରଫ କରିଛି ଭଦ୍ରକ ଟାଉନ ପୋଲିସ । ଏହି ଠକେଇରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ଗୁରୁବାର ୧୦ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର

Thursday 10 September 2026, Bhubaneswar

# ମାନବତାର ଭବିଷ୍ୟତ କ'ଣ?

ବୁଲଗେରିଆର ଅନ୍ଧ ରହସ୍ୟବାଦୀ ବାବା ଭେଙ୍ଗା (ପ୍ରକୃତ ନାମ ଭାଙ୍ଗେଲିଆ ପାଣ୍ଡେଭା ଡିମିଟ୍ରୋଭା) ୧୯୯୬ ମସିହାରେ ପ୍ରୟାଣ କରିଥିଲେ। ତଥାପି ତାଙ୍କ ନାମ ଆଜି ବି ସାରା ବିଶ୍ୱରେ ଆଲୋଚିତ। ତାଙ୍କୁ "ବାଲ୍କାନ୍‌ର ନୋଷ୍ଟ୍ରାଡାମସ୍" କୁହାଯାଏ। ତାଙ୍କ ଅନୁଗାମୀମାନେ ଦାବି କରନ୍ତି ଯେ ୯/୧୧ ଆକ୍ରମଣ, କୋଭିଡ୍ ମହାମାରୀ ଭଳି ଘଟଣାକୁ ସେ ଆଗରୁ ଦେଖିଥିଲେ। ଏବେ ୨୦୨୭ ପାଇଁ ତାଙ୍କ ନାମରେ ଏକ ନୂଆ ଭବିଷ୍ୟବାଣୀ ବ୍ୟାପକ ଭାବେ ଆଲୋଚିତ ହେଉଛି।



ଏହି ଭବିଷ୍ୟବାଣୀ ଅନୁସାରେ ୨୦୨୭ ମସିହାରେ ଏକ ରହସ୍ୟମୟ ରୋଗ କିମ୍ବା ଜେନେଟିକ୍ ପରୀକ୍ଷଣ ଯୋଗୁଁ କିଛି ମାନବଙ୍କ ଭିତରେ "ସୁପରହ୍ୟୁମାନ" ଭଳି ଗୁଣ ବିକଶିତ ହେବ। ଅର୍ଥାତ୍ ସାଧାରଣ ମଣିଷଠାରୁ ଅଧିକ ଶକ୍ତି, ବୁଦ୍ଧି କିମ୍ବା ଅନ୍ୟ କ୍ଷମତା କିଛି ଲୋକଙ୍କୁ ମିଳିବ। ଏହି ପରିବର୍ତ୍ତନ ସମସ୍ତଙ୍କୁ ନୁହେଁ, କେବଳ ସୀମିତ ସଂଖ୍ୟକ ବ୍ୟକ୍ତିଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ଫଳରେ ମାନବ ସମାଜରେ ଏକ ବଡ଼ ବିଭାଜନ ସୃଷ୍ଟି ହୋଇପାରେ।

ଏହି ଭବିଷ୍ୟବାଣୀ ବିଜ୍ଞାନ କଳ୍ପନା କାହାଣୀ ଭଳି ଶୁଣାଯାଏ। ତଥାପି ଏହା ଲୋକଙ୍କ ମନରେ ଆତଙ୍କ ଓ କୌତୂହଳ ଉଭୟ ସୃଷ୍ଟି କରୁଛି। ବାବା ଭେଙ୍ଗା ନିଜେ କିଛି ଲିଖିତ ରେକର୍ଡ ଛାଡ଼ି ନଥିଲେ। ତାଙ୍କ ଭବିଷ୍ୟବାଣୀ ମୁଖ୍ୟତଃ ତାଙ୍କ ଭତିଜୀ ଓ ଅନୁଗାମୀମାନଙ୍କ ଦ୍ୱାରା ପରେ ବ୍ୟାଖ୍ୟା କରାଯାଇଛି। ତେଣୁ ଏହି ଦାବିଗୁଡ଼ିକର ସତ୍ୟତା ପ୍ରମାଣିତ ନୁହେଁ। ତଥାପି ଲୋକେ ଏହାକୁ ଗମ୍ଭୀରତାର ସହିତ ନେଉଛନ୍ତି।

ଏହି ଭବିଷ୍ୟବାଣୀ ଆମକୁ ଏକ ଗଭୀର ପ୍ରଶ୍ନ କରେ-ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କେତେ ଦୂର ଯିବ? ଆଜି ଜେନେଟିକ୍ ଇଞ୍ଜିନିୟରିଂ, କ୍ରିସ୍ପର ଭଳି ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତ୍ତା ଦ୍ରୁତ ଗତିରେ ଅଗ୍ରସର ହେଉଛି। ଯଦି ଭବିଷ୍ୟତରେ କୌଣସି ପରୀକ୍ଷଣ ବା ରୋଗ ଯୋଗୁଁ କିଛି ମାନବ ଅସାଧାରଣ ଶକ୍ତି ପାଆନ୍ତି, ତେବେ ସମାଜର ସନ୍ତୁଳନ କିପରି ରହିବ? ଏହା ନୂତନ ସୁଯୋଗ ଆଣିବ ନା ନୂତନ ବିଭେଦ ଓ ସଂଘର୍ଷ? ଇତିହାସରେ ଦେଖାଯାଇଛି ଯେ ଯେତେବେଳେ ମାନବ ନିଜ ଶକ୍ତିକୁ ଅତିକ୍ରମ କରିବାକୁ ଚେଷ୍ଟା କରେ, ସେତେବେଳେ ଉଭୟ ଉନ୍ନତି ଓ ବିପଦ ଆସେ। ଆଟମିକ୍ ଶକ୍ତି ଯେପରି ଶାନ୍ତି ଓ ଯୁଦ୍ଧ ଉଭୟ ଆଣିଥିଲା, ସେହିପରି ଜେନେଟିକ୍ ପରିବର୍ତ୍ତନ ମଧ୍ୟ ଦ୍ୱୈତ ପ୍ରଭାବ ଆଣିପାରେ। ଯଦି କିଛି ଲୋକ ସୁପରହ୍ୟୁମାନ ହୁଅନ୍ତି, ତେବେ ସାଧାରଣ ମଣିଷଙ୍କ ଅଧିକାର, ସମାନତା ଓ ମର୍ଯ୍ୟାଦା କିପରି ରକ୍ଷା ହେବ? ଏହା ଏକ ଗମ୍ଭୀର ନୈତିକ ପ୍ରଶ୍ନ।

ଓଡ଼ିଶା ଭଳି ଏକ ରାଜ୍ୟରେ ଯେଉଁଠାରେ ଲୋକେ ପରମ୍ପରା, ଧର୍ମ ଓ ବିଜ୍ଞାନକୁ ସହଯୋଗରେ ଗ୍ରହଣ କରନ୍ତି, ଏହି ଭବିଷ୍ୟବାଣୀ ଆମକୁ ସତର୍କ କରେ। ଆମେ ଭୟରେ ନ ରହି ବିଚାର କରିବା ଉଚିତ୍। ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଯଦି ସତ ହୁଏ ବା ନ ହୁଏ, ତାହା ନିର୍ଭର କରେ ଭବିଷ୍ୟତ ଉପରେ। କିନ୍ତୁ ଏହା ଆମକୁ ମନେ ପକାଇ ଦିଏ ଯେ ବିଜ୍ଞାନର ଅଗ୍ରଗତି ସହିତ ନୈତିକତା ଓ ମାନବିକତାକୁ ମଧ୍ୟ ବଢ଼ାଇବା ଆବଶ୍ୟକ।

୨୦୨୭ ଆସୁଛି। ଏହା କେବଳ ଏକ ବର୍ଷ ନୁହେଁ, ବରଂ ମାନବ ସଭ୍ୟତାର ଏକ ନୂତନ ପରୀକ୍ଷା ହୋଇପାରେ। ଆମେ ଯଦି ବିଜ୍ଞାନକୁ ଦାୟିତ୍ୱର ସହିତ ବ୍ୟବହାର କରୁ, ତେବେ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରେ। ନଚେତ୍ ଏହି ଭବିଷ୍ୟବାଣୀ ଆମ ପାଇଁ ଏକ ସତର୍କତା ସଙ୍କେତ ହୋଇ ରହିବ। ଶେଷରେ କହିବାକୁ ହେବ-ଭବିଷ୍ୟତ ଆମ ହାତରେ। ବାବା ଭେଙ୍ଗା ଯାହା କହିଥିଲେ ବା ନ କହିଥିଲେ, ଆମେ ଆମ କର୍ମ ଦ୍ୱାରା ନିଜ ଭାଗ୍ୟ ନିର୍ଣ୍ଣୟ କରିବା।

# ସୋସିଆଲ ଇମେଜ୍

**ମନସିଜ୍ ଦାସ**



ଏଣୁତେଣୁ କଥା ହେବା ଆଉ ବ୍ୟକ୍ତିଗତ କଥା କହିବା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ। ଏକଥା ହୃଦୟଙ୍ଗମ କରିବା ଦରକାର। ସମସ୍ତଙ୍କୁ ସବୁକଥା କହିଦେଲେ ବେଳେବେଳେ ଅପ୍ରୀତିକର ସମସ୍ୟା ସୃଷ୍ଟି ହୁଏ, ଯାହାଫଳରେ ନିଜ ସୋସିଆଲ ଇମେଜ ବି ଖରାପ ହୋଇଥାଏ। ତେଣୁ ଓଭର ଶେୟାରିଂ ପ୍ରକୃତିକୁ ନିୟନ୍ତ୍ରଣ କରିବା ଦରକାର। ଅଫିସରେ ହେଉ କି ଘରେ କିଛି ଲୋକଙ୍କର ଯେପରି ପେଟ ଭିତରେ କଥା କିଛି ରହିନଥାଏ ଅର୍ଥାତ୍ ଅନେକ କିଛି କଥା କହିଦିଅନ୍ତି। କିନ୍ତୁ କେତେକଙ୍କର ଓଭର ଶେୟାରିଂ ଗୁଣ ପାଇଁ ଭବିଷ୍ୟତରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିପାଇଁ ହୁଏତ ନିଜ ସୋସିଆଲ ଇମେଜ ବି ଖରାପ ହୋଇଥାଏ।

କହୁ କହୁ ଅନେକ କଥା ମନକୁ ବାହାରିଆସେ। ବେଳେ ବେଳେ କଥାବର୍ତ୍ତା ହେବା ସମୟରେ ଆମେ ଏମିତି ସବୁ କଥା କହିଦେଉ ଯାହା ବାହାର ଲୋକଙ୍କ ଆଗରେ କହିବା ଠିକ ନୁହେଁ। କିନ୍ତୁ ଥରେ କଥା ବାହାରିଗଲେ ଆଉ ଫେରେନାହିଁ। କଥାରେ ନାହିଁ -'ମୁହଁରୁ ବାହାରିଥିବା ଶବ୍ଦ ଆଉ ତୂଣିରୁ ବାହାରିଥିବା ଶର'। ତେଣୁ ଶୁଣିବା ଲୋକେ କେଉଁ କଥାକୁ କେମିତି ଗ୍ରହଣ କରିବେ ସେକଥା ଜାଣିବା ନିହାତି ଦରକାର। ସେଥିପାଇଁ ତ ସମସ୍ତଙ୍କ ସହ କଥା ହେବା ସମୟରେ ନିଜ ବିଷୟରେ ସବୁ କଥା କହିବା ଠିକ ନୁହେଁ। ଅନେକଙ୍କର ଭ୍ରାନ୍ତଧାରଣା ରହିଥାଏ କି ଏଭଳି ଗୁଣ ଥିଲେ ସୋସିଆଲ ଇମେଜ ଭଲ ରହିବ ଓ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଲୋକେ ଅଧିକରୁ ଅଧିକ ଭଲ ପାଇବେ। ମାତ୍ର ଏହା ଆଦୌ ଠିକ ନୁହେଁ। ଏହି ଗୁଣ ଯୋଗୁଁ ବ୍ୟକ୍ତିତ୍ୱ ହରାଇବା ଆଶଙ୍କା ରହିଥାଏ। ତେଣୁ ଲୋକଙ୍କୁ ବୁଝିବା ଓ ସମ୍ପର୍କ ବଜାୟ ରଖିବା ନିମନ୍ତେ ମନଖୋଲା କଥାବାର୍ତ୍ତା ବଦଳରେ କାହା ସହିତ କିଭଳି କଥା ହେବାକୁ ପଡ଼ିବ ଜାଣିବା ଦରକାର।

ଏକ ପ୍ରକାର ନିଜ ଆଚାର ବ୍ୟବହାରରେ ସ୍ୱଳ୍ପ କାଳୀନ ସମୟ ପାଇଁ ହେଉ 'ବ୍ରେକ୍' ରଖନ୍ତୁ। କଥାବାର୍ତ୍ତା ସମୟରେ ଯେତେ ବେଳେ ବି ଅନୁଭବ କରୁଛନ୍ତି କି ଅଧିକ ହୋଇଯାଉଛି ସେହି ସମୟରେ ହିଁ ବ୍ରେକ କରିବା ଦରକାର। ବେଳେ ବେଳେ ମନର ବି ଏକ ଲଗାମ ରହିଥାଏ। ତେଣୁ କିଛି ସମୟ ଗପିବା ପରେ ହୃଦବୋଧ ହୋଇଥାଏ କି ଏସବୁ କଥା ବାହାରେ ଗପିବା ଠିକ ନୁହେଁ। ପ୍ରତ୍ୟେକଙ୍କ କିଛି ଏକାନ୍ତ ବ୍ୟକ୍ତିଗତ ଓ ପାରିବାରିକ ସମସ୍ୟା ରହିଥାଏ ଯାହାକୁ ସାର୍ବଜନୀନ କରିହୁଏ ନାହିଁ। ତେଣୁ ଏସବୁ ବିଷୟରେ ସମସ୍ତଙ୍କ ଆଗରେ କହିବାବେଳେ ମନକୁ ଯଦି ଠିକ ଲାଗୁ ନଥାଏ ସେହି ମୁହୂର୍ତ୍ତରେ କହିବା ବନ୍ଦ କରି ଦିଅନ୍ତୁ। ଏହାବାଦ ଯଦି ଭୁଲରେ କିଛି କଥା ପାଟିରୁ ବାହାରି ଯାଇଛି, ତେବେ ତୁରନ୍ତ କଥା ବଦଳାଇ ଅନ୍ୟମନସ୍କ କରାଇ ଦିଅନ୍ତୁ।

ସୋସିଆଲ ଇମେଜ ବ୍ୟବସ୍ଥାରେ ଭଲ ଭାବେ ଜଣେ ଲୋକଙ୍କୁ ଚିହ୍ନନ୍ତୁ। ସମାଜରେ ବିଭିନ୍ନ ପ୍ରକାର ଲୋକ ରହିଥାନ୍ତି। ସେମାନଙ୍କ ମଧ୍ୟରୁ ସମସ୍ତେ ଆମ ପାଇଁ ଭରସାଯୋଗ୍ୟ ହୋଇପାରିବେ ନାହିଁ। ତେଣୁ ଲୋକଙ୍କୁ ଚିହ୍ନି ସେମାନଙ୍କ ସହ ମିଶିବା ଦରକାର। କାହିଁକି ନା କେତେକ ଆପଣଙ୍କ କଥାର ଭୁଲ ପ୍ରୟୋଗକରି ଅସୁବିଧା ସୃଷ୍ଟି କରିବା ପାଇଁ ଚାହିଁଥାନ୍ତି। କେହି କେହି ନିଜ ସ୍ୱାର୍ଥ ସାଧନ ପାଇଁ ବା ଅନ୍ୟ ମାନଙ୍କ ସ୍ୱାର୍ଥ ପରିପୂରଣ ପାଇଁ ଆପଣଙ୍କ ସହିତ ଛଳନାପୂର୍ଣ୍ଣ ସମ୍ପର୍କ ଆରମ୍ଭ କରିପାରନ୍ତି। ତେଣୁ ଯେଉଁମାନେ ଆପଣଙ୍କର ଭରସାଯୋଗ୍ୟ ହୋଇଥିବେ ସେହି ମାନଙ୍କ ଆଗରେ ବ୍ୟକ୍ତିଗତ କଥା କହି ଆପଣ ନିଜ ସମସ୍ୟାକୁ ଶେୟାର କରିପାରିବେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୀମା ସ୍ଥିର କରନ୍ତୁ। ଆମେ ସମସ୍ତେ ଆମ ନିଜ ପାଇଁ ଏକ ବ୍ୟକ୍ତିଗତ ପରିସୀମା ସୃଷ୍ଟି କରିବା ଦରକାର। ସେହି ଅନୁସାରେ କେଉଁ ସବୁ କଥା ବିଷୟରେ ଆଦୌ ବାହାର ଲୋକଙ୍କ ସହ ଶେୟାର କରିବେ ନାହିଁ ସେକଥା ବିଚାର କରନ୍ତୁ। ଆପଣ ଚାହୁଁ ନଥିବା ପ୍ରସଙ୍ଗରେ ଆଦୌ ଆଲୋଚନା କରନ୍ତୁ ନାହିଁ। କେହି ସେନେଇ କିଛି କଥା ହେବାକୁ ଚାହିଁଲେ ବି ଚତୁରତାର ସହ ଆଡ଼େଇ ଯିବାକୁ ହେବ। ସର୍ବପ୍ରଥମେ ପ୍ରତିକ୍ରିୟା ବୁଝନ୍ତୁ। ଆପଣ କଥା ହେବା ସମୟରେ ଶୁଣୁଥିବା ଲୋକଙ୍କର ପ୍ରତିକ୍ରିୟା ଲକ୍ଷ୍ୟ କରନ୍ତୁ। ସେମାନଙ୍କ କଥା ଓ ବ୍ୟବହାରରୁ ହିଁ ଆପଣ ସବୁ କଥା ବୁଝିପାରିବେ। ବେଳେ ବେଳେ ଲୋକେ ହଠାତ୍ କିଛି ନକହି ପରେ ପ୍ରତିକ୍ରିୟା ପ୍ରକାଶ କରନ୍ତି। ସେଭଳି ଲୋକଙ୍କ ସହ ଯଥାସମ୍ଭବ କମ କଥା ହୁଅନ୍ତୁ। ତେଣୁ ଅନ୍ୟମାନଙ୍କ କଥାରୁ ଯଦି ଆପଣ କିଛି ନକାରାତ୍ମକ ମନୋଭାବର ଆଭାସ ପାଇବେ ତାହେଲେ ସତର୍କ ହୋଇଯାଆନ୍ତୁ। ନିଜେ ତେଣୁ ମାପିଚୁପି କଥା ହୁଅନ୍ତୁ। ଫଳରେ କୌଣସି ସମ୍ପର୍କ ନଷ୍ଟ ହେବନାହିଁ କିମ୍ବା ଭାବମୂର୍ତ୍ତି ବି ଖରାପ ହେବନାହିଁ। ବର୍ତ୍ତମାନର ଯୁଗ ଏଆଇର ସମୟରେ ପହଞ୍ଚିଲାଣି। ବର୍ତ୍ତମାନର ସମୟ ବି ଯାହା ନିଜ ଇମେଜକୁ ନେଇ ସତର୍କ ଓ ସଚେତନ ରହିବା ଅତ୍ୟନ୍ତ ଜରୁରୀ। ଚାଲି ଚଳନ ଠାରୁ କଥାବାର୍ତ୍ତା, ପୋଷାକ ପତ୍ର ଠାରୁ ଖାଦ୍ୟପେୟ ଏସବୁକୁ ଦୃଷ୍ଟି ଦେବା ଜରୁରୀ। କଥାବାର୍ତ୍ତାରୁ ଜଣଙ୍କ ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ। ତେବେ ଅତ୍ୟଧିକ ଭାବପ୍ରବଣତା ଓ ଗପିବା ସ୍ୱଭାବ ସହ ସବୁ କଥା ଶେୟାର କରିବା ଅନେକ କ୍ଷେତ୍ରରେ କ୍ଷତିକାରକ ଓ ବିବାଦୀୟ ହୋଇଥାଏ। କମ କଥା କହିବା ଓ ଅଧିକ ଶୁଣିବା ଏକ ଭଲ ଅଭ୍ୟାସ। ଘର ହେଉ କି ବାହାର ସମ୍ପର୍କର ଏକ ସୀମା ନିର୍ଦ୍ଧାରଣ କରନ୍ତୁ। ସମୟ ପାଇଲେ ପ୍ରକୃତି କୋଳରେ ନିଜ ପରିବାର ଲୋକଙ୍କୁ ନେଇ କିମ୍ବା ଏକାନ୍ତରେ କିଛି ନିରୋଳା ଉପଲବ୍ଧି ଓ ଅନୁଭବକୁ କିଛି ପଚାରନ୍ତୁ ଆଉ କିଛି ଶୁଣନ୍ତୁ। ଆପଣ ନିଜ ସୋସିଆଲ ଇମେଜର ସବୁ ପ୍ରଶ୍ନ ଓ ଉତ୍ତର ସେଇଠି ହିଁ ପାଇଯିବେ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**



## ଜନଆକାଂକ୍ଷାରୁ ସହରାଞ୍ଚଳ ବିକାଶର ନୂଆ ଅଧ୍ୟାୟ

# ୨୮ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ:ଲୋକଙ୍କ ଦାବି, ଲୋକସରକାରର ନିଷ୍ପତ୍ତି ଓ ସମୃଦ୍ଧ ଓଡ଼ିଶାର ସଂକଳ୍ପ

**ଡଃ କୃଷ୍ଣଚନ୍ଦ୍ର ମହାପାତ୍ର**



ଓଡ଼ିଶାର ବିକାଶର ଅର୍ଥ, କେବଳ ବଡ଼ବଡ଼ ସହରଗୁଡ଼ିକର ବିକାଶ ନୁହେଁ। ମୋ ଦୃଷ୍ଟିରେ ଓଡ଼ିଶା ସେତେବେଳେ ହିଁ ସମୃଦ୍ଧ ହେବ, ଯେତେବେଳେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳ, ପ୍ରତ୍ୟେକ ସହର ଏବଂ ପ୍ରତ୍ୟେକ ଉଦୀୟମାନ ନଗର କେନ୍ଦ୍ର ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ଆଗକୁ ବଢ଼ିବ। ଆଜି ଓଡ଼ିଶାର ଅନେକ ଅଞ୍ଚଳ ଦ୍ରୁତ ଗତିରେ ସହରୀକରଣ ଆଡ଼କୁ ଅଗ୍ରସର ହେଉଛନ୍ତି। ଜନସଂଖ୍ୟା ବଢ଼ୁଛି, ବ୍ୟବସାୟ ବଢ଼ୁଛି, ନୂଆ ଜୀବିକାର ସୁଯୋଗ ସୃଷ୍ଟି ହେଉଛି ଏବଂ ଲୋକଙ୍କ ଆଶା-ଆକାଂକ୍ଷା ମଧ୍ୟ ବଢ଼ୁଛି।

ଏହି ପରିବର୍ତ୍ତିତ ପରିସ୍ଥିତିରେ ସ୍ଥାନୀୟ ଲୋକଙ୍କ ଏକ ପ୍ରମୁଖ ଦାବି ଥିଲା-ସେମାନଙ୍କ ଅଞ୍ଚଳକୁ ଉପଯୁକ୍ତ ସହରୀୟ ପ୍ରଶାସନିକ ମାନ୍ୟତା ମିଳୁ ଏବଂ ମୌଳିକ ସହରୀୟ ସୁବିଧାର ବିକାଶ ହେଉ। ଲୋକଙ୍କ ଏହି ଆକାଂକ୍ଷାକୁ ଆମ ସରକାର କେବଳ ଏକ ଦାବି ଭାବେ ଦେଖିନାହିଁ; ଏହାକୁ ଏକ ବିକାଶମୂଳକ ଆବଶ୍ୟକତା ଭାବେ ଗ୍ରହଣ କରିଛି।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ଲୋକସରକାର ଜନସାଧାରଣଙ୍କ ଦାବି ଓ ଆକାଂକ୍ଷାକୁ ସମ୍ମାନ ଦେଇ ୨୮ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ କରିଛି। ମୋ ପାଇଁ ଏହା କେବଳ ଏକ ପ୍ରଶାସନିକ ନିଷ୍ପତ୍ତି ନୁହେଁ; ଏହା ହେଉଛି ଲୋକଙ୍କ ସ୍ୱର ପ୍ରତି ସରକାରର ସମ୍ମାନ ଏବଂ ତୃଣମୂଳ ସ୍ତରରେ ସହରୀୟ ବିକାଶକୁ ଆହୁରି ସୁଦୃଢ଼ କରିବାର ଏକ ପ୍ରତିବଦ୍ଧତା।

ଏହି ୨୮ଟି ନୂଆ ଏନଏସି ହେଉଛି-ପାଲଲହଡ଼ା, ଲୋଇସିଂହା, ସିମୁଳିଆ, ବସ୍ତା, ସୋହେଲା, ତିହିଡ଼ି, ଧୂଷୁରୀ, ସାଲେପୁର, ବଡ଼ମ୍ବା, ନରସିଂହପୁର, ଗଁଦିଆ, ଜଗନ୍ନାଥପ୍ରସାଦ, ପାତ୍ରପୁର, ଚଣ୍ଡିଖୋଲ, ନର୍ଲା, ଜୟପାଟଣା, ଟାଙ୍ଗୀ, ବୋରିଗୁମ୍ମା, କପ୍ତିପଦା, ଯଶିପୁର, ରାସଗୋବିନ୍ଦପୁର, ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, ବିଷମକଟକ, ବାମରା, ରେଙ୍ଗାଲି ଓ ବୀରମହାରାଜପୁର।

ଏହି ନୂଆ ଏନଏସିଗୁଡ଼ିକ ନିଜ ନିଜ ଅଞ୍ଚଳର ସହରାଞ୍ଚଳ ବିକାଶର ନୂଆ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛନ୍ତି। ଏହା ସହିତ ଏକ ନୂଆ ଦାୟିତ୍ୱ ମଧ୍ୟ ଆସିଛି-ଲୋକଙ୍କ ଆଶାକୁ ବାସ୍ତବ ରୂପ ଦେବାର ଦାୟିତ୍ୱ।କେବଳ ଏନଏସି ଘୋଷଣା କରିଦେଲେ ଆମର ଦାୟିତ୍ୱ ଶେଷ ହୁଏ ନାହିଁ। ଏହି ନୂଆ ନଗରଗୁଡ଼ିକୁ ଆବଶ୍ୟକ ଭିତ୍ତିଭୂମି, ଉନ୍ନତ ନାଗରିକ ସୁବିଧା ଓ ଭଲ ଜୀବନଯାପନର ପରିବେଶ ଯୋଗାଇଦେବା ଆମର ପରବର୍ତ୍ତୀ ଲକ୍ଷ୍ୟ। ଏଥି ପାଇଁ ଆମେ ଘୋଷଣା କରିବା ସହିତ ପ୍ରତ୍ୟେକ ଏନଏସି ପାଇଁ ୨ କୋଟି ୭୫ ଲକ୍ଷ ହିସାବରେ ମୋଟ ୮୫ କୋଟି ୩୮ ଲକ୍ଷ ଟଙ୍କା ତତକ୍ଷଣ ପ୍ରଦାନ କରିଥିଲୁ।

ଏହି ଲକ୍ଷ୍ୟକୁ ଆଗରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ନୂଆ ଏନଏସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଘୋଷଣା କରିଛନ୍ତି। ୨୮ଟି ଏନଏସି ପାଇଁ ଏହାର ମୋଟ ପରିମାଣ ୫୬୦ କୋଟି ଟଙ୍କା। ଏହି ପଦକ୍ଷେପ ଆମର ଉଦ୍ଦେଶ୍ୟକୁ ସ୍ପଷ୍ଟ କରେ— ନୂଆ ସହରାଞ୍ଚଳ ଗୁଡ଼ିକ କେବଳ ନାମରେ ଏନଏସି ହୋଇ ରହିବ ନାହିଁ; ସେଠାରେ ଦୃଶ୍ୟମାନ ଓ ସ୍ଥାୟୀ ବିକାଶ ହେବ।

ରାସ୍ତା, ଡ୍ରେନେଜ୍, ଷ୍ଟ୍ରିଟ୍ ଲାଇଟ୍, ବଜାର, ପାର୍କ, ଜନସାଧାରଣଙ୍କ ପାଇଁ ଆବଶ୍ୟକ ସୁବିଧା, ପରିମଳ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମି-ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଏହି ପ୍ୟାକେଜ୍‌ର ଅର୍ଥକୁ ପ୍ରାଥମିକତା ଦିଆଯାଇ ବ୍ୟବହାର କରାଯିବ। ଆମର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଦୈନନ୍ଦିନ ଜୀବନରେ ବିକାଶର ପ୍ରଭାବ ସ୍ପଷ୍ଟ ଭାବେ ଅନୁଭୂତ ହେବ।

ଏହା ସହିତ ନୂଆ ଏନଏସିଗୁଡ଼ିକ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାର ନିୟମିତ ଅର୍ଥ ଓ ସୁବିଧା ପାଇବାର ଅବସର ମଧ୍ୟ ପାଇବେ। ଆବାସ, ପାନୀୟ ଜଳ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ରାସ୍ତା, ଆଲୋକୀକରଣ, ଜୀବିକା ଓ ଅନ୍ୟାନ୍ୟ ନଗରୀୟ ସେବା କ୍ଷେତ୍ରରେ ବିଭିନ୍ନ ଯୋଜନାର ସମନ୍ୱୟ ମାଧ୍ୟମରେ ଏହି ଅଞ୍ଚଳଗୁଡ଼ିକର ବିକାଶକୁ ଆହୁରି ଗତି ଦିଆଯାଇପାରିବ।

ମୁଁ ସବୁବେଳେ ବିଶ୍ୱାସ କରେ, ସହରାଞ୍ଚଳ ବିକାଶର ଅର୍ଥ କେବଳ ଭିତ୍ତିଭୂମି ନିର୍ମାଣ ନୁହେଁ; ଲୋକଙ୍କ ଜୀବନମାନରେ ପରିବର୍ତ୍ତନ ଆଣିବା ହିଁ ଏହାର ପ୍ରକୃତ ଲକ୍ଷ୍ୟ। ଏକ ଭଲ ସହର ସେହି ସହର, ଯେଉଁଠାରେ ଲୋକ ସୁରକ୍ଷିତ ଭାବେ ଚଳପ୍ରଚଳ କରିପାରନ୍ତି, ସ୍ୱଚ୍ଛ ପରିବେଶ ପାଆନ୍ତି, ଆବଶ୍ୟକ ନାଗରିକ ସେବା ସହଜରେ ପାଆନ୍ତି ଏବଂ ନିଜ ଜୀବିକା ଓ ଉନ୍ନତି ପାଇଁ ସୁଯୋଗ ପାଆନ୍ତି।

ତେଣୁ ଏହି ୨୮ଟି ନୂଆ ଏନଏସିର ବିକାଶରେ ଆମର ଦୃଷ୍ଟିକୋଣ ମଧ୍ୟ ସମନ୍ୱିତ। ଆମେ ଏଠାରେ ଯୋଜନାବଦ୍ଧ ନଗରୀକରଣ, ଭଲ ରାସ୍ତା ଓ ଡ୍ରେନେଜ୍, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସୁନ୍ଦର ସାର୍ବଜନୀନ ସ୍ଥାନ, ସୁଗମ ନାଗରିକ ସେବା ଏବଂ ଭବିଷ୍ୟତର ଆବଶ୍ୟକତାକୁ ମନେରଖି ନଗରୀୟ ଭିତ୍ତିଭୂମି ଗଠନ କରିବାକୁ ଚାହୁଁଛୁ। ଏହି ନୂଆ ଏନଏସିଗୁଡ଼ିକର ଆଉ ଏକ ବଡ଼ ସମ୍ଭାବନା ରହିଛି, ଏଗୁଡ଼ିକ କେବଳ ପ୍ରଶାସନିକ କେନ୍ଦ୍ର ନୁହେଁ, ନିଜ ନିଜ ଅଞ୍ଚଳର ଆର୍ଥିକ ବିକାଶର ଇଞ୍ଜିନ୍ ହୋଇପାରିବ। ସ୍ଥାନୀୟ ବଜାର, କ୍ଷୁଦ୍ର ବ୍ୟବସାୟ, MSME, ଉଦ୍ୟମିତା, କୃଷିଜାତ ସାମଗ୍ରୀର ବିପଣନ, ପର୍ଯ୍ୟଟନ ଓ ସେବା କ୍ଷେତ୍ରକୁ ପ୍ରୋତ୍ସାହନ ଦେଇ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରାଯାଇପାରିବ। ଏହା ଦ୍ୱାରା ଯୁବପିଢ଼ି ପାଇଁ ସ୍ଥାନୀୟ ସ୍ତରରେ ନୂଆ ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ।

ଆମର ଲକ୍ଷ୍ୟ ହେଉଛି ବିକାଶକୁ ଭୁବନେଶ୍ୱର, କଟକ କିମ୍ବା ଅନ୍ୟ ବଡ଼ ସହରରେ ସୀମିତ ନରଖି ରାଜ୍ୟର ପ୍ରତ୍ୟେକ ଉଦୀୟମାନ ନଗର କେନ୍ଦ୍ରକୁ ବିକାଶର ଅଂଶୀଦାର କରିବା। ଶକ୍ତିଶାଳୀ, ଛୋଟ ଓ ମଧ୍ୟମ ସହର ହିଁ ଏକ ସନ୍ତୁଳିତ ଓ ସମାବେଶୀ ଓଡ଼ିଶାର ଭିତ୍ତି ହୋଇପାରିବ।

ଏହି ଦାୟିତ୍ୱ କେବଳ ସରକାରର ନୁହେଁ। ନୂଆ ଏନଏସିର ଜନପ୍ରତିନିଧି, ଅଧିକାରୀ, ସ୍ଥାନୀୟ ସଂଗଠନ, ଯୁବପିଢ଼ି ଓ ସାଧାରଣ ନାଗରିକ-ସମସ୍ତଙ୍କ ସହଭାଗିତା ହିଁ ଏହି ନୂଆ ସହରୀୟ ଯାତ୍ରାକୁ ସଫଳ କରିବ। ଆମେ ଏମିତି ଏକ ସହରୀୟ ଶାସନ ବ୍ୟବସ୍ଥା ଚାହୁଁଛୁ, ଯେଉଁଠାରେ ପ୍ରଶାସନ ଲୋକଙ୍କ ନିକଟରେ ରହିବ ଏବଂ ଲୋକଙ୍କ ଆବଶ୍ୟକତା ହିଁ ବିକାଶର ପ୍ରାଥମିକତା ହେବ।

୨୮ଟି ନୂଆ ଏନଏସି ଗଠନ ହେଉଛି ଏହି ଲୋକମୁଖୀ ଚିନ୍ତାଧାରାର ଏକ ଦୃଢ଼ ପ୍ରତିଫଳନ। ଜନସାଧାରଣ ଦାବି କରିଥିଲେ, ଆମ ଲୋକସରକାର ସେହି ଦାବିକୁ ଶୁଣିଛି; ସରକାର ନିଷ୍ପତ୍ତି ନେଇଛି ଏବଂ ଏବେ ସେହି ନିଷ୍ପତ୍ତିକୁ ବିକାଶରେ ପରିଣତ କରିବାର ସମୟ ଆସିଛି। ଏହିଠାରେ କହିରଖେ ଯେ, ପୂର୍ବ ସରକାର କେବଳ ଘୋଷଣାରେ ସୀମିତ ଥିଲେ, କିନ୍ତୁ ଆମ ସରକାର ଲୋକଙ୍କ ନାର୍ଯ୍ୟ ଦାବୀକୁ ଗ୍ରହଣ କରି ତାର ବାସ୍ତବ ରୂପାୟନ ଦେଇଛନ୍ତି।

ମୋର ବିଶ୍ୱାସ, ଆଜି ଯେଉଁ ୨୮ଟି ଅଞ୍ଚଳ ନୂଆ ଏନଏସି ଭାବେ ନୂଆ ଯାତ୍ରା ଆରମ୍ଭ କରିଛି, ଆଗାମୀ ଦିନରେ ସେଗୁଡ଼ିକ ନିଜ ନିଜ ଅଞ୍ଚଳର ବିକାଶ, ଜୀବିକା ଓ ସମୃଦ୍ଧିର ନୂଆ କେନ୍ଦ୍ର ଭାବେ ପରିଚିତ ହେବ। ଏହି ଯାତ୍ରାରେ ୨୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍ ଏକ ଆରମ୍ଭ ମାତ୍ର; ନିୟମିତ ସରକାରୀ ଯୋଜନା, ସ୍ଥାନୀୟ ସମ୍ପଦର ସୁବିନିଯୋଗ ଓ ଲୋକଙ୍କ ସକ୍ରିୟ ସହଯୋଗ ଏହି ବିକାଶକୁ ଆହୁରି ସୁଦୃଢ଼ କରିବ।

ଜନତାଙ୍କ ଦାବିରୁ ନିଷ୍ପତ୍ତି, ନିଷ୍ପତ୍ତିରୁ ବିକାଶ ଏବଂ ବିକାଶରୁ ସମୃଦ୍ଧି-ଏହା ହିଁ ଆମ ଲୋକସରକାରର ସଂକଳ୍ପ। ୨୮ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ ସଂକଳ୍ପର ଏକ ନୂଆ ଅଧ୍ୟାୟ।

ଆମର ଲକ୍ଷ୍ୟ ସ୍ପଷ୍ଟ-ପ୍ରତ୍ୟେକ ଅଞ୍ଚଳର ସନ୍ତୁଳିତ ବିକାଶ, ପ୍ରତ୍ୟେକ ନାଗରିକଙ୍କ ପାଇଁ ଉନ୍ନତ ନାଗରିକ ସେବା ଏବଂ ଏକ ସମୃଦ୍ଧ, ସୁନ୍ଦର ଓ ସଶକ୍ତ ଓଡ଼ିଶା।

**ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା**

# ଦରମାରୁ କାଟି ଭରଣପୋଷଣ: ନ୍ୟାୟ କେବଳ ଆଦେଶରେ ନୁହେଁ, ଜୀବନରେ ପହଞ୍ଚିବା ଦରକାର

**ସୌଭାଗ୍ୟ ରଞ୍ଜନ ମହାନ୍ତି**



ଅଦାଲତ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, କିନ୍ତୁ ସ୍ୱାମୀ ଟଙ୍କା ଦେଉନାହାନ୍ତି; ମାସ ପରେ ମାସ ଜଣେ ମହିଳା ଅପେକ୍ଷା କରୁଛନ୍ତି, ପିଲାର ପଢ଼ାଖର୍ଚ୍ଚ ପାଇଁ ମାଆ ଚିନ୍ତାରେ ରାତି କାଟୁଛନ୍ତି, ଘରଭଡ଼ା, ଔଷଧ, ଖାଦ୍ୟ ଓ ଶିକ୍ଷା ଭଳି ମୌଳିକ ଆବଶ୍ୟକତା ପାଇଁ ଜଣେ ପରିବାର ଅନ୍ୟର ଦୟା ଉପରେ ନିର୍ଭର କରୁଛି-ଏହା କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ଏହା ନ୍ୟାୟ ବ୍ୟବସ୍ଥାର ଆଦେଶ ଓ ତାହାର ବାସ୍ତବ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ଏକ ଗଭୀର ଫାଟକୁ ପ୍ରକାଶ କରେ। ଏହି ପରିପ୍ରେକ୍ଷିତରେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଆଯାଇଥିବା କଡ଼ା ଆଭିମୁଖ୍ୟ ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁସାରେ, ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଭରଣପୋଷଣ ଦେଉନଥିବା ସରକାରୀ କର୍ମଚାରୀଙ୍କ ଦରମାରୁ ନିର୍ଦ୍ଧାରିତ ଅର୍ଥ କାଟି ପତ୍ନୀ କିମ୍ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରିବାର ବ୍ୟବସ୍ଥା ଏକ ସ୍ପଷ୍ଟ ସନ୍ଦେଶ ଦେଉଛି-ସରକାରୀ ଚାକିରି କେବଳ ଦରମା ପାଇବାର ଅଧିକାର ନୁହେଁ, ଏହା ସାମାଜିକ ଦାୟିତ୍ୱ ଓ ଆଇନ ପ୍ରତି ସମ୍ମାନର ମଧ୍ୟ ଏକ ପରିଚୟ। ଜଣେ ସରକାରୀ କର୍ମଚାରୀ ଯେତେବେଳେ ନିଜ ପରିବାରର ଭରଣପୋଷଣ ସମ୍ପର୍କରେ ଅଦାଲତଙ୍କ ଆଦେଶକୁ ଅଣଦେଖା କରନ୍ତି, ସେତେବେଳେ ପ୍ରଶ୍ନ କେବଳ ସ୍ୱାମୀ-ସ୍ତ୍ରୀଙ୍କ ବିବାଦରେ ସୀମିତ ରହେ ନାହିଁ; ପ୍ରଶ୍ନ ଉଠେ ଆଇନ ପ୍ରତି ସମ୍ମାନ, ପିତାମାତାଙ୍କ ଦାୟିତ୍ୱ ଓ ମାନବିକତାର ମୂଲ୍ୟବୋଧ ଉପରେ। ଏଠାରେ ଗୋଟିଏ କଥା ସ୍ପଷ୍ଟ ହେବା ଆବଶ୍ୟକ-ପ୍ରତ୍ୟେକ ଦାମ୍ପତ୍ୟ ବିବାଦକୁ ଏକପକ୍ଷୀୟ ଭାବେ ଦେଖିବା ଉଚିତ ନୁହେଁ। ଅଦାଲତ ଯେଉଁ ମାମଲାରେ ଭରଣପୋଷଣର ରାଶି ନିର୍ଦ୍ଧାରଣ କରିଛନ୍ତି, ସେହି ଆଦେଶ ଆଇନ ଅନୁଯାୟୀ ହେବା ପରେ ତାହାର ପାଳନ ନିଶ୍ଚିତ କରିବା ହେଉଛି ଏହି ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ। କାରଣ ନ୍ୟାୟ ଯଦି କାଗଜରେ ରହିଯାଏ ଏବଂ ତାହାର ଫଳ ଜଣେ ଅସହାୟ ମହିଳା କିମ୍ବା ଶିଶୁର ଜୀବନକୁ ଛୁଇଁ ନପାରେ, ତେବେ ସେହି ନ୍ୟାୟର ଅର୍ଥ ଅଧୁରା ରହିଯାଏ। ଅଦାଲତର ଆଦେଶ ହେଉଛି ନ୍ୟାୟର ନିଷ୍ପତ୍ତି, କିନ୍ତୁ ତାହାର ସମୟୋଚିତ ପାଳନ ହେଉଛି ନ୍ୟାୟର ପ୍ରକୃତ ପରୀକ୍ଷା। ଆମ ସମାଜରେ ଅନେକ ମହିଳା ବିବାହ ପରେ ଆର୍ଥିକ ଭାବେ ସ୍ୱାମୀଙ୍କ ଉପରେ ନିର୍ଭର କରିଥାନ୍ତି। ଦାମ୍ପତ୍ୟ ସମ୍ପର୍କ ଭାଙ୍ଗିଗଲେ କିମ୍ବା ବିଚ୍ଛିନ୍ନ ଜୀବନ ଆରମ୍ଭ ହେଲେ ସେମାନଙ୍କ ସମ୍ମୁଖରେ ଥିବା ପ୍ରଥମ ପ୍ରଶ୍ନ ହେଉଛି-ଆସନ୍ତାକାଲି ଘର ଚାଲିବ କିପରି? ତା'ପରେ ଥାଏ ପିଲାର ଶିକ୍ଷା, ଚିକିତ୍ସା, ଖାଦ୍ୟ ଓ ସୁରକ୍ଷାର ପ୍ରଶ୍ନ। ଏଭଳି ସମୟରେ ଅଦାଲତ ନିର୍ଦ୍ଧାରିତ ଭରଣପୋଷଣ ରାଶି ତାଙ୍କ ପାଇଁ କେବଳ ଟଙ୍କା ନୁହେଁ; ଏହା ଜୀବନକୁ ଆଗକୁ ନେବାର ଏକ ଆବଶ୍ୟକ ଆଧାର। ସେହି ଅର୍ଥ ପାଇବାରେ ବିଳମ୍ବ ହେଲେ ତାହାର ପ୍ରଭାବ ଘରର ଚୁଲିରୁ ଆରମ୍ଭ କରି ପିଲାର ପାଠପଢ଼ା ପର୍ଯ୍ୟନ୍ତ ପହଞ୍ଚିଥାଏ। ତେଣୁ ସରକାରଙ୍କ ଏହି ପଦକ୍ଷେପକୁ କେବଳ ପ୍ରଶାସନିକ ନିର୍ଦ୍ଦେଶ ଭାବେ ଦେଖିଲେ ଚାଲିବ ନାହିଁ; ଏହାକୁ ନ୍ୟାୟକୁ ଜୀବନ ସହ ଯୋଡ଼ିବାର ଏକ ପ୍ରୟାସ ଭାବେ ଦେଖିବା ଦରକାର। ତଥାପି ଏଠାରେ ଆଉ ଗୋଟିଏ ବଡ଼ ଦାୟିତ୍ୱ ରହିଛି। ଏହି ବ୍ୟବସ୍ଥା ଯେପରି ସଠିକ୍ ଭାବେ କାର୍ଯ୍ୟକାରୀ ହୁଏ, ସେଥିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ସଚେତନ ଓ ଦାୟିତ୍ୱଶୀଳ ହେବାକୁ ପଡ଼ିବ। ଅଦାଲତଙ୍କ ନିର୍ଦ୍ଦେଶ ମିଳିବା ପରେ ଦରମାରୁ ନିର୍ଦ୍ଧାରିତ ରାଶି କାଟିବା, ସେହି ଅର୍ଥ ଠିକ୍ ବ୍ୟକ୍ତିଙ୍କ ଖାତାକୁ ସମୟରେ ପହଞ୍ଚାଇବା ଏବଂ ସମଗ୍ର ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବା ଅତ୍ୟନ୍ତ ଜରୁରୀ। ପ୍ରଶାସନିକ ଅବହେଳା ଯଦି ପୁଣି ଏହି ଅସହାୟ ପରିବାରମାନଙ୍କୁ ଅପେକ୍ଷା କରାଏ, ତେବେ ଏହି ସୁନ୍ଦର ଉଦ୍ଦେଶ୍ୟ ମଧ୍ୟ ଦୁର୍ବଳ ହୋଇଯିବ। ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ସରକାରୀ କର୍ମଚାରୀଙ୍କ ସମନ୍ୱିତ ସେବା ବ୍ୟବସ୍ଥା ସହ ଯୋଡ଼ିବାର ନିର୍ଦ୍ଦେଶ ମଧ୍ୟ ଏହି କାରଣରୁ ଗୁରୁତ୍ୱପୂର୍ଣ୍ଣ। ବ୍ୟବସ୍ଥା ଯେତେ ସ୍ୱୟଂଚାଳିତ ଓ ସୁସଂଗଠିତ ହେବ, ମାନବୀୟ ଅବହେଳାର ସମ୍ଭାବନା ସେତେ କମିବ। କିନ୍ତୁ ଆମେ ଏହି ପ୍ରଶ୍ନକୁ କେବଳ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ। ସମାଜର ପ୍ରତ୍ୟେକ ପୁରୁଷଙ୍କୁ ବୁଝିବାକୁ ହେବ ଯେ ବିବାହ କୌଣସି ଚୁକ୍ତିର ଶେଷ ନୁହେଁ, ଏହା ଦାୟିତ୍ୱର ଆରମ୍ଭ। ସମ୍ପର୍କ ଭାଙ୍ଗିପାରେ, ଦାମ୍ପତ୍ୟ ଜୀବନ ଅଲଗା ହୋଇପାରେ, କିନ୍ତୁ ସନ୍ତାନ ପ୍ରତି ପିତାଙ୍କ ଦାୟିତ୍ୱ ଶେଷ ହୋଇଯାଏ ନାହିଁ। ସେହିପରି ପତ୍ନୀଙ୍କ ପ୍ରତି ଆଇନ ନିର୍ଦ୍ଧାରିତ ଦାୟିତ୍ୱକୁ ଅବହେଳା କରିବା ମଧ୍ୟ ସଭ୍ୟ ସମାଜର ଲକ୍ଷଣ ନୁହେଁ। ଆମେ ଏମିତି ଏକ ସମାଜ ଚାହୁଁ, ଯେଉଁଠାରେ ଜଣେ ମହିଳା ନିଜ ଅଧିକାର ପାଇଁ ବର୍ଷ ବର୍ଷ ଦୁଆର ଦୁଆର ଘୁରିବେ ନାହିଁ, ଜଣେ ଶିଶୁ ନିଜ ପିତାଙ୍କ ଦାୟିତ୍ୱ ପାଇଁ ଅଦାଲତର ଦୁଆରକୁ ଚାହିଁ ରହିବ ନାହିଁ ଏବଂ ନ୍ୟାୟ ପାଇବା ପାଇଁ ଜଣେ ମାଆଙ୍କୁ ନିଜ ସମ୍ମାନକୁ ବାରମ୍ବାର ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ଏହି ଦୃଷ୍ଟିରୁ ଓଡ଼ିଶା ସରକାରଙ୍କ ନୂଆ ପଦକ୍ଷେପ ଏକ ଦୃଢ଼ ପ୍ରଶାସନିକ ସନ୍ଦେଶ ବହନ କରୁଛି-ଆଇନର ଆଦେଶକୁ ଅଣଦେଖା କରିବାର ଅଭ୍ୟାସ ଆଉ ଚାଲିବ ନାହିଁ। ତେବେ ଏହା ସହିତ ଆମ ସମାଜର ମନୋଭାବ ବଦଳିବା ମଧ୍ୟ ଆବଶ୍ୟକ। ଝିଅକୁ ବିବାହ ଦେବା ସମୟରେ ଯେପରି ଅଭିଭାବକମାନେ ପରିବାରର ଆର୍ଥିକ ସ୍ଥିତି ଓ ସାମାଜିକ ପ୍ରତିଷ୍ଠା ଦେଖନ୍ତି, ସେହିପରି ପୁଅର ଚରିତ୍ର, ଦାୟିତ୍ୱବୋଧ ଓ ମାନବିକତାକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଦରକାର। ଉଚ୍ଚ ଚାକିରି, ବଡ଼ ଦରମା କିମ୍ବା ସାମାଜିକ ପ୍ରତିଷ୍ଠା ଜଣେ ମଣିଷକୁ ଭଲ ସ୍ୱାମୀ କିମ୍ବା ଭଲ ପିତା କରେ ନାହିଁ; ଦାୟିତ୍ୱବୋଧ ହିଁ ମଣିଷର ପ୍ରକୃତ ପରିଚୟ। ଆଜି ଯଦି ଜଣେ ସରକାରୀ କର୍ମଚାରୀଙ୍କ ଦରମାରୁ ଆଇନ ଅନୁଯାୟୀ ଅର୍ଥ କାଟି ଅଧିକାରୀ ପତ୍ନୀ କିମ୍ବା ସନ୍ତାନଙ୍କ ଖାତାକୁ ପଠାଇବାର ଆବଶ୍ୟକତା ପଡ଼ୁଛି, ତେବେ ଏହା ଆମ ସମାଜ ପାଇଁ ମଧ୍ୟ ଏକ ଆତ୍ମସମୀକ୍ଷାର ମୁହୂର୍ତ୍ତ। ଆଇନ ଭୟରୁ ଦାୟିତ୍ୱ ପାଳନ କରିବା ନୁହେଁ, ମାନବିକତାରୁ ଦାୟିତ୍ୱ ପାଳନ କରିବା ହିଁ ଆମର ଲକ୍ଷ୍ୟ ହେବା ଉଚିତ। ସରକାରଙ୍କ ପଦକ୍ଷେପ ଯଦି ଜଣେ ମହିଳାଙ୍କ ଆଖିରୁ ଲୁହ ଶୁଖାଇପାରେ, ଜଣେ ଶିଶୁର ପାଠପଢ଼ା ବଞ୍ଚାଇପାରେ ଏବଂ ଜଣେ ଅସହାୟ ପରିବାରକୁ ସମ୍ମାନର ସହ ଜୀବନ ବଞ୍ଚିବାର ଅବସର ଦେଇପାରେ, ତେବେ ଏହି ବ୍ୟବସ୍ଥାର ସଫଳତା ସେଠି ହିଁ। ନ୍ୟାୟର ଅର୍ଥ କେବଳ ଦୋଷୀକୁ ଦଣ୍ଡ ଦେବା ନୁହେଁ; ଯିଏ ଅଧିକାର ପାଇବାକୁ ଯୋଗ୍ୟ, ତାଙ୍କ ପାଖରେ ସେହି ଅଧିକାରକୁ ସମୟରେ ପହଞ୍ଚାଇବା ମଧ୍ୟ ନ୍ୟାୟ। ଆଜି ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ଏକ ବଡ଼ ବାର୍ତ୍ତା ଦେଉଛି-ପଦବୀ ବଡ଼ ହୋଇପାରେ, ଦରମା ବଡ଼ ହୋଇପାରେ, କିନ୍ତୁ ଆଇନଠାରୁ କେହି ବଡ଼ ନୁହେଁ। ଏବଂ ଯେଉଁଠାରେ ଜଣେ ମହିଳା କିମ୍ବା ଶିଶୁର ଅଧିକାର ପ୍ରଶ୍ନରେ ଆସେ, ସେଠାରେ ପ୍ରଶାସନର ନିରପେକ୍ଷତା ସହିତ ମାନବିକ ସମ୍ବେଦନା ମଧ୍ୟ ସମାନ ଭାବେ ଆବଶ୍ୟକ। ଆମର ଆଶା, ଏହି ନିର୍ଦ୍ଦେଶ କାଗଜରେ ସୀମିତ ରହିବ ନାହିଁ; ପ୍ରତ୍ୟେକ ଯୋଗ୍ୟ ମହିଳା ଓ ସନ୍ତାନଙ୍କ ଜୀବନରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପହଞ୍ଚିବ। କାରଣ ଶେଷ ପର୍ଯ୍ୟନ୍ତ ସରକାରର ସଫଳତା ନିର୍ଦ୍ଦେଶର ସଂଖ୍ୟାରେ ନୁହେଁ, ଜଣେ ଅସହାୟ ମଣିଷର ମୁହଁରେ ଫେରିଥିବା ନିରାପତ୍ତାର ହସରେ ମାପାଯିବ। ନ୍ୟାୟ ଯେତେବେଳେ ଅଦାଲତରୁ ବାହାରି ଘରର ଦୁଆରରେ ପହଞ୍ଚେ, ସେତେବେଳେ ହିଁ ଲୋକତନ୍ତ୍ରର ମର୍ଯ୍ୟାଦା ସାର୍ଥକ ହୁଏ।

ମୋବାଇଲ୍: ୯୪୩୭୯୯୪୩୭୯

# ଖାର୍ଗ ଦ୍ୱୀପ ନିକଟରେ ଆମେରିକା ଆକ୍ରମଣ



## ୫ ଇରାନୀ ତୈଳ ଟ୍ୟାଙ୍କର୍ ଧ୍ୱଂସ

ୱାଶିଂଟନ୍,୯।୯ଃ ଆମେରିକା ସେନା ମଙ୍ଗଳବାର ରାତିରେ ଏକ ବଡ଼ ସାମରିକ ଅଭିଯାନ ଆରମ୍ଭ କରି ପାଞ୍ଚଟି ଇରାନୀ ତୈଳ ଟ୍ୟାଙ୍କର୍ ନଷ୍ଟ କରିଦେଇଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡ କହିଛି ଯେ ଏହି କାର୍ଯ୍ୟାନୁଷ୍ଠାନ ଇରାନୀ ଯୁଦ୍ଧଜାହାଜ ଉପରେ ସମ୍ପ୍ରତି ଆକ୍ରମଣର ଜବାବରେ କରାଯାଇଥିଲା। ଏହାର ଜବାବରେ ତେହେରାନ ଜୋର୍ଡାନରେ ଥିବା ଆମେରିକୀୟ ଘାଟି ଉପରେ ଆକ୍ରମଣ କରିଥିଲା। ଇରାନୀ ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଜୋର୍ଡାନରେ ଥିବା ଆମେରିକୀୟ ଘାଟି ଆଡ଼କୁ କ୍ଷେପଣାସ୍ତ୍ର ମାଡ କରାଯାଇଥିଲା। ଏହା ପରସ୍ପର ବିରୁଦ୍ଧରେ ଆକ୍ରମଣର ଏକ ନୂତନ ପର୍ଯ୍ୟାୟ, ଯାହା ଉଭୟ ପକ୍ଷକୁ ଖୋଲା ସଂଘର୍ଷ ଆଡ଼କୁ ଠେଲି ଦେଇଛି।

କେନ୍ଦ୍ରୀୟ କମାଣ୍ଡ ରିପୋର୍ଟ କରିଛି ଯେ ଇରାନ ଗତ ଦୁଇ ଦିନରେ ଦୁଇଥର ଆମେରିକୀୟ ନୌସେନା ଜାହାଜ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଏହା ପରେ ଆମେରିକୀୟ ସେନା ଅଶୋଧିତ ତୈଳ ପରିବହନ କରୁଥିବା ପାଞ୍ଚଟି ଇରାନୀ ତୈଳ ଟ୍ୟାଙ୍କର୍ ଉପରେ ଆକ୍ରମଣ କରିଥିଲା। ଏହି ଟ୍ୟାଙ୍କର୍ ମଧ୍ୟରୁ ଚାରୋଟି ଓମାନ ଉପସାଗରରେ ଓ ବାକି ଗୋଟିଏ ଖାର୍ଗ ଦ୍ୱୀପ ନିକଟରେ ଟାର୍ଗେଟ କରାଯାଇଥିଲା। କେନ୍ଦ୍ରୀୟ କମାଣ୍ଡ କହିଛି ଯେ ଆକ୍ରମଣ ପୂର୍ବରୁ ଟ୍ୟାଙ୍କର୍‌ର କର୍ମଚାରୀମାନଙ୍କୁ ଜାହାଜ ଛାଡ଼ିବାକୁ କୁହାଯାଇଥିଲା।

ଏହି ଆକ୍ରମଣଗୁଡ଼ିକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱୈତ ଅର୍ଥନୈତିକ ଏବଂ ସାମରିକ ରଣନୀତିର ଅଂଶ। ଆମେରିକା ଏହାର ଯୁଦ୍ଧ ରଣନୀତିକୁ ହର୍ମୁଜ୍ ପ୍ରଣାଳୀ ପାଖରେ ଟାର୍ଗେଟଗୁଡ଼ିକୁ ଆକ୍ରମଣ କିମ୍ବା ନିରପେକ୍ଷ କରିବା, ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଦେଇ ବାଣିଜ୍ୟିକ ପରିବହନ ପାଇଁ ସୁରକ୍ଷା ଅଭିଯାନ ପରିଚାଳନା କରିବା ଏବଂ ଇରାନ ବନ୍ଦରଗୁଡ଼ିକରେ ନୌସେନା ଅବରୋଧ ବଜାୟ ରଖିବା ଉପରେ କେନ୍ଦ୍ରିତ କରିଛି।

ଗତ ଶନିବାର ଇରାନର ଆଇଆରଜିସି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଦ୍ୱାରା ଏକ ଆମେରିକୀୟ ବିମାନ ବାହକ ଏବଂ ବିଧ୍ୱଂସକକୁ ଆକ୍ରମଣ କରିବାକୁ ଚେଷ୍ଟା କରିବା ପରେ ଆମେରିକୀୟ ସେନା ତିନୋଟି ଇରାନୀ ଟ୍ୟାଙ୍କର୍ ମଧ୍ୟ ନଷ୍ଟ କରିଦେଇଥିଲା। ଆବଶ୍ୟକ ହେଲେ ଏହା ଇରାନର ସୀମିତ ଏବଂ ଦୁର୍ବଳ ତୈଳ ନୌବାହିନୀକୁ ନଷ୍ଟ କରିବ ବୋଲି ଆମେରିକା ଚେତାବନୀ ଦେଇଛି। ଇରାନର ସରକାରୀ ଟିଭି ଆମେରିକାର ଆକ୍ରମଣକୁ ନିଶ୍ଚିତ କରି ରିପୋର୍ଟ କରିଛି ଯେ ପାରସ୍ୟ ଉପସାଗରର ଦକ୍ଷିଣ ବନ୍ଦର ଜାସ୍କ ଏବଂ ଖାର୍ଗ ଦ୍ୱୀପ ନିକଟରେ ଇରାନୀ ତୈଳ ଟ୍ୟାଙ୍କର୍ ଉପରେ ଆକ୍ରମଣ କରାଯାଇଥିଲା। ଇରାନ ବାହାରିନ୍ ଏବଂ କୁଏତ୍ ବନ୍ଦର ନିକଟରେ ତୈଳ ଟ୍ୟାଙ୍କର୍ ଉପରେ ଟାର୍ଗେଟ କରି ପ୍ରତିଶୋଧ ନେବାକୁ ପ୍ରତିଶ୍ରୁତି ଦେଇଛି। ଆଇଆରଜିସି ଏହି ଦେଶଗୁଡ଼ିକର ବନ୍ଦର ନିକଟରେ ଥିବା ତୈଳ ଟ୍ୟାଙ୍କର୍ କ୍ରୁମାନଙ୍କୁ ତୁରନ୍ତ ସେମାନଙ୍କର ଜାହାଜ ପରିତ୍ୟାଗ କରିବାକୁ ଚେତାବନୀ ଦେଇଛି।

# ମୁଁ ପଳାତକ ନୁହେଁ, ମୋ ପ୍ରତି ଅନ୍ୟାୟ ହୋଇଛିଃ ବିଜୟ ମାଲ୍ୟା



ଲଣ୍ଡନ,୯।୯ଃ ମଦ ବ୍ୟବସାୟୀ ବିଜୟ ମାଲ୍ୟା ପୁଣି ଥରେ ତାଙ୍କୁ ପଳାତକ ବୋଲି ଆଖ୍ୟା ଦିଆଯିବା ଉପରେ ପ୍ରଶ୍ନ ଉଠାଇଛନ୍ତି। ମାଲ୍ୟା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି, ମୁଁ ଭାରତ ଫେରିବାକୁ ପଛାଉନାହିଁ। ଯେଉଁମାନେ ମୋତେ ପଳାତକ କହୁଛନ୍ତି ସେମାନେ ବୁଝିବା ଉଚିତ୍ ଯେ ମୁଁ ୧୯୯୨ ମସିହାରୁ ୟୁକେର ସ୍ଥାୟୀ ବାସିନ୍ଦା। ବର୍ତ୍ତମାନ, ମୋତେ ଦେଶ ଛାଡିବାକୁ ଆଇନଗତ ଭାବରେ ବାରଣ କରାଯାଇଛି। ଭାରତ ସରକାର ମୋ ପ୍ରତି ଘୋର ଅନ୍ୟାୟ କରିଛନ୍ତି। ଭାରତ ସରକାରଙ୍କ ରେକର୍ଡରେ ବିଜୟ ମାଲ୍ୟାଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରାଯାଇଛି। ଅକ୍ଟୋବର ୨୦୨୫ରେ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ ସୂଚନା ଦେଇଥିଲେ ଯେ, ପଳାତକ ଅର୍ଥନୈତିକ ଅପରାଧୀ ଆଇନ ୨୦୧୮ ଅନୁଯାୟୀ ୧୫ ଜଣଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରାଯାଇଛି। ଏହି ତାଲିକାରେ ବିଜୟ ମାଲ୍ୟା ଏବଂ ନୀରବ ମୋଦୀ ସମେତ ଅନେକ ଜଣାଶୁଣା ବ୍ୟକ୍ତିଙ୍କ ନାମ ରହିଛି।

## ବିଶ୍ୱର ସବୁଠାରୁ ଧନୀ ସିଙ୍ଗାପୁର ପ୍ରଧାନମନ୍ତ୍ରୀ



ସିଙ୍ଗାପୁର,୯।୯ଃ ବିଶ୍ୱର ସବୁଠାରୁ ଅଧିକ ଦରମା ପାଉଥିବା ସିଙ୍ଗାପୁରର ପ୍ରଧାନମନ୍ତ୍ରୀଙ୍କର ରେକର୍ଡ ଦରମା ବୃଦ୍ଧି ପାଇବାକୁ ଯାଉଛି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତୁଳନାରେ ସାତ ଗୁଣା ଅଧିକ ରୋଜଗାର କରିବେ। ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କ ଦରମା ଆହୁରି ୧୦ ଲକ୍ଷ ଡଲାର ବୃଦ୍ଧି ପାଇବାକୁ ଯାଉଛି। ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ, ୱଙ୍ଗଙ୍କ ଦରମା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାର୍ଷିକ ଦରମା ୪୦୦, ୦୦୦ ଡଲାରର ପ୍ରାୟ ସାତ ଗୁଣା ହେବ। ସଂସଦରେ ୱଙ୍ଗ ଘୋଷଣା କରିଛନ୍ତି ଯେ ନେତାମାନଙ୍କ ଦରମା ସଂଶୋଧନ କରାଯିବ। ୱଙ୍ଗଙ୍କ ଦରମା ୬୪ ପ୍ରତିଶତରୁ ଅଧିକ ବୃଦ୍ଧି କରାଯାଇଛି। ୱଙ୍ଗଙ୍କୁ ଅକ୍ଟୋବର ୧୫ ତାରିଖରୁ ବୃଦ୍ଧି ହୋଇଥିବା ଦରମା ପାଇବେ। ଫଳରେ ବାର୍ଷିକ ଏହା ବର୍ତ୍ତମାନର ୨.୨ ସିଙ୍ଗାପୁର ଡଲାର ବା ୧୬ କୋଟି ୧୨ ଲକ୍ଷରୁ ବୃଦ୍ଧି ପାଇ ୩.୬ ନିୟୁତ ସିଙ୍ଗାପୁର ଡଲାର ବା ୨୬ କୋଟି ୯୦ ଲକ୍ଷରେ ପହଞ୍ଚିବ।

● ମଣିପୁରୀ ସଙ୍ଗୀତଜ୍ଞଙ୍କୁ ହତ୍ୟା ମାମଲା

## ରାହୁଲଙ୍କୁ ବିଜେପିର ପ୍ରତିଆକ୍ରମଣ




ନୂଆଦିଲ୍ଲୀ,୯।୯ଃ ମଣିପୁରର ଜଣେ ସଂଗୀତଜ୍ଞଙ୍କ ହତ୍ୟା ଅଭିଯୋଗ ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ପାଇଁ ମଙ୍ଗଳବାର ବିଜେପି ତାଙ୍କୁ ପ୍ରତିଆକ୍ରମଣ କରିଛି। ତାଙ୍କ ଦଳର ନେତା ସାମ୍ ପିତ୍ରୋଡା ଉତ୍ତର-ପୂର୍ବର ଲୋକମାନେ ଚୀନ୍ ଲୋକ ପରି ଦେଖାଯାଉଥିବା କହିଥିବା ବେଳେ ରାହୁଲ ଗାନ୍ଧୀ କେଉଁଠାରେ ଲୁଚି ରହିଥିଲେ ବୋଲି ପ୍ରଶ୍ନ କରିଛି। ପିତ୍ରୋଡାଙ୍କ ଆପତ୍ତିଜନକ ମନ୍ତବ୍ୟବେଳେ ଗାନ୍ଧୀ ଓ କଂଗ୍ରେସ ନେତା କାହିଁକି ନିରବ ଥିଲେ ବୋଲି ବିଜେପି ପ୍ରବକ୍ତା ଗୌରବ ଭାଟିଆ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ରାହୁଲ ଗାନ୍ଧୀ ମଣିପୁରୀ ସଙ୍ଗୀତଜ୍ଞ ଚୋଙ୍ଗଥାମ୍ ବିକ୍ରମ ସିଂହ (୫୪)ଙ୍କୁ ହତ୍ୟା ମାମଲାରେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଆଇନ ଶୃଙ୍ଖଳା ବ୍ୟବସ୍ଥା ଭଙ୍ଗ ହେଉଥିବା ନେଇ ପ୍ରଶ୍ନ କରିଥିଲେ। ଏହି ଘଟଣାରେ ତ୍ୱରିତ ତଦନ୍ତ କରିବାକୁ ସେ କହିଥିଲେ।

● ହୁତି ବିଦ୍ରୋହୀଙ୍କୁ ନିନ୍ଦା କଲା ଭାରତ

## ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ ଗ୍ରହଣୀୟ ନୁହେଁଃ ଜୈସୱାଲ୍

ନୂଆଦିଲ୍ଲୀ,୯।୯ଃ ସାଉଦି ଆରବର ଗୁରୁତ୍ୱପୂର୍ଣ୍ଣ ଶକ୍ତି ପ୍ରକଳ୍ପ ଓ ଜନସାଧାରଣ ବ୍ୟବହାର କରୁଥିବା ଭିତ୍ତିଭୂମି ଉପରେ ୟେମେନର ହୁତି ବିଦ୍ରୋହୀଙ୍କ ଭୟାବହ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣକୁ ଭାରତ ବୁଧବାର ଦୃଢ଼ ଶବ୍ଦରେ ନିନ୍ଦା କରିଛି। ଏହି ଆକ୍ରମଣ ଆଞ୍ଚଳିକ ସୁରକ୍ଷା ଓ ସ୍ଥିରତାକୁ ବିପନ୍ନ କରିବା ସହ 'ବାବ୍-ଏଲ୍-ମାଣ୍ଡେବ୍' ସାମୁଦ୍ରିକ ପ୍ରଣାଳୀରେ ନୌଚାଳନାର ସ୍ୱାଧୀନତା ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୈଦେଶିକ ମନ୍ତ୍ରଣାଳୟର ସରକାରୀ ପ୍ରବକ୍ତା ରଣଧୀର ଜୈସୱାଲ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ସାଉଦି ଆରବର ସାର୍ବଭୌମ ଆଞ୍ଚଳିକ ସୀମା, ବିଶେଷ କରି ସାଧାରଣ ନାଗରିକ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି କରାଯାଉଥିବା ଏହିପରି ଆକ୍ରମଣ ଗ୍ରହଣଯୋଗ୍ୟ ନୁହେଁ।

## କାନାଡାରୁ କ୍ଷୀର ଉତ୍ପାଦ, ମୋଟରସାଇକେଲ ଆମଦାନିକୁ ନିଷେଧ କଲା ଆମେରିକା



ୱାଶିଂଟନ,୯।୯ଃ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ହ୍ୱାଇଟ୍ ହାଉସ୍ କହିଛି ଯେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ବୃଦ୍ଧି ପାଇବା ସହିତ ଆମେରିକା କାନାଡାରୁ କ୍ଷୀର ଉତ୍ପାଦ, ଅଧିକାଂଶ ମଦ୍ୟପାନଯୁକ୍ତ ପାନୀୟ ଓ ମୋଟରସାଇକେଲ ଉପରେ ପ୍ରତିବନ୍ଧକ ଲଗାଉଛି। ଏହି ପ୍ରତିବନ୍ଧକ ତିନି ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ ହେବ। ମଙ୍ଗଳବାର କାନାଡା ୨୦ ବିଲିୟନ ଆମେରିକୀୟ ଡଲାରର ଆମଦାନି ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲଗାଇବା ପରେ ୱାସିଂଟନ ଏଭଳି ନିଷ୍ପତ୍ତି ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୀର୍ଘକାଳୀନ ଆମେରିକୀୟ ସରକାରୀ ଚୁକ୍ତିନାମାରୁ କାନାଡିୟ ଉତ୍ପାଦଗୁଡ଼ିକୁ ବନ୍ଦ କରିବାକୁ ପଦକ୍ଷେପ ନେଇଛନ୍ତି। କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଆମେରିକା ଉପରେ ଦେଶର ନିର୍ଭରଶୀଳତା ହ୍ରାସ କରିବା ପାଇଁ ପ୍ରୟାସ କରୁଥିବାବେଳେ ଟ୍ରମ୍ପ ଆମେରିକାର ସାଧାରଣ ସେବା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, କାନାଡା ଆମେରିକୀୟ ଉତ୍ପାଦ ପାଇଁ ପୂର୍ଣ୍ଣ ଏବଂ ନିରପେକ୍ଷ ପାରସ୍ପରିକ କ୍ରିୟା ଅନୁମତି ନଦେବା ପର୍ଯ୍ୟନ୍ତ କାନାଡିୟ ଉତ୍ପାଦଗୁଡ଼ିକୁ ସେହି ଚୁକ୍ତିନାମା ଆଧାରରେ ଅଯୋଗ୍ୟ ଘୋଷଣା କରାଯିବ। କାର୍ନି ପୂର୍ବରୁ କହିଥିଲେ ଯେ କାନାଡାର ରଣନୀତି ଅଧିକ ସ୍ୱତନ୍ତ୍ର ଏବଂ ଏହାକୁ ନିଶ୍ଚିତ କରିବା ପ୍ରସଙ୍ଗରେ କୌଣସି ଦେଶ ଆମକୁ ରୋକି ପାରିବ ନାହିଁ। ଆମେ ଯେପରି ବଞ୍ଚିବାକୁ ଚାହୁଁ, ସେହିପରି ଭାବେ ବଞ୍ଚିପାରିବୁ। କାନାଡାର ୭୦ ପ୍ରତିଶତରୁ ଅଧିକ ରପ୍ତାନି ଏବେ ବି ଆମେରିକାକୁ ଯାଉଛି। ଯାହା ବାଣିଜ୍ୟ ବିବିଧତା ପାଇଁ କାର୍ନିଙ୍କ ପ୍ରୟାସର ପରିମାଣକୁ ସ୍ପଷ୍ଟ କରିଛି। ସେ କହିଛନ୍ତି, ଅନ୍ୟ ଦେଶଗୁଡ଼ିକୁ କାନାଡାର ରପ୍ତାନି ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଆଗାମୀ ଦଶନ୍ଧି ମଧ୍ୟରେ ଏହା ଦ୍ୱିଗୁଣିତ ହେବାର ଆଶା ରହିଛି।

● ଜୋସେଫ ବିଜୟଙ୍କ ବଡ଼ ନିଷ୍ପତ୍ତି

## ମନ୍ଦିର ପରିଚାଳନା ପାଇଁ ସୃଷ୍ଟିକଲେ ଭିନ୍ନ ବିଭାଗ



ଚେନ୍ନାଇ,୯।୯ଃ ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ବିବାଦ ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବିଜୟଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ହିନ୍ଦୁ ମନ୍ଦିର ପରିଚାଳନା ପାଇଁ ଏକ ପୃଥକ ବିଭାଗ ସୃଷ୍ଟି କରିଛନ୍ତି। ଏପର୍ଯ୍ୟନ୍ତ ତାମିଲନାଡୁ ହିନ୍ଦୁ ଧାର୍ମିକ ଓ ଦାତବ୍ୟ ଦାନ ବିଭାଗ ବାଣିଜ୍ୟିକ ଟିକସ ଏବଂ ପଞ୍ଜିକରଣ ବିଭାଗ ଅଧୀନରେ ଥିଲା। ବର୍ତ୍ତମାନ ସରକାର ଏହାକୁ ସ୍ୱତନ୍ତ୍ର କରିଛନ୍ତି। ତାମିଲନାଡୁ ସରକାରଙ୍କ ହିନ୍ଦୁ ଧାର୍ମିକ ଓ ଦାତବ୍ୟ ଦାନ ବିଭାଗ ରାଜ୍ୟ ସାରା ହିନ୍ଦୁ ମନ୍ଦିର, ମଠ ଓ ଦାତବ୍ୟ ଦାନର ପ୍ରଶାସନ, ରକ୍ଷଣାବେକ୍ଷଣ ଓ ନିୟନ୍ତ୍ରଣ ତଦାରଖ କରିଥାଏ। ଏହା ହିନ୍ଦୁ ଓ ଜୈନ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ପରିଚାଳନା କରିଥାଏ। ଜୁଲାଇ ମାସରେ ମୁଖ୍ୟମନ୍ତ୍ରୀ ଯୋସେଫ ବିଜୟଙ୍କ ନେତୃତ୍ୱରେ ଟିଭିକେ ସରକାର ଏକ ବ୍ୟାପକ ପ୍ରଶାସନିକ ପୁନର୍ଗଠନର ଅଂଶ ଭାବରେ ପର୍ଯ୍ୟଟନ, ସଂସ୍କୃତି ଓ ଧାର୍ମିକ ଦାନ ବିଭାଗରୁ ହଟାଇ ବାଣିଜ୍ୟିକ ଟିକସ ଓ ପଞ୍ଜୀକରଣ ବିଭାଗକୁ ସ୍ଥାନାନ୍ତର କରିଥିଲେ।

## 'ବନ୍ଦେ ମାତରମ୍' ସମ୍ପୂର୍ଣ୍ଣ ଗୀତରେ ଛିଡ଼ା ହେଲେ ଓମାର ଅବଦୁଲ୍ଲା
## ଆପତ୍ତି କଲା କଂଗ୍ରେସ



ଶ୍ରୀନଗର,୯।୯ଃ 'ବନ୍ଦେ ମାତରମ୍' ସମ୍ପୂର୍ଣ୍ଣ ଗାନ କରାଯିବା ସମୟରେ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଛିଡ଼ା ହୋଇ ରହିବାକୁ ନେଇ କଂଗ୍ରେସର ସହଯୋଗୀ ନ୍ୟାସନାଲ କନଫରେନ୍ସ ସହିତ ବିବାଦ ଦେଖାଯାଇଛି। କଂଗ୍ରେସ ନ୍ୟାସନାଲ କନଫରେନ୍ସର ଏହି ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇଛି ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ କରିବାକୁ ନିବେଦନ କରିଛି। ଶ୍ରୀନଗରରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଓମାର ଅବଦୁଲ୍ଲା ଓ ନ୍ୟାସନାଲ କନଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା 'ବନ୍ଦେ ମାତରମ୍'ର ସମ୍ପୂର୍ଣ୍ଣ ପରିବେଷଣ ସମୟରେ ଛିଡ଼ା ହୋଇ ରହିଥିଲେ। ଅବଦୁଲ୍ଲା ଗୀତର ସମସ୍ତ ଛଅଟି ପଦରେ ଛିଡ଼ା ହେବା ପରେ ରାଷ୍ଟ୍ରୀୟ ଗୀତକୁ ନେଇ 'ଇଣ୍ଡି ମେଣ୍ଟ'ରେ ମତଭେଦ ଦେଖାଯାଇଥିବା ଜଣାପଡ଼ିଛି।

## ମାସୁଦ ଆଫଗାନିସ୍ତାନରେ ଲୁଚିଥିବା ଦାବିକୁ ଖଣ୍ଡନ କଲା ତାଲିବାନ

 କାବୁଲ,୯।୯ଃ ଜୈଶ-ଏ-ମହମ୍ମଦର ପ୍ରତିଷ୍ଠାତା ମୁଖ୍ୟ ମୌଲାନା ମାସୁଦ ଆଝାର ଆଫଗାନିସ୍ତାନରେ ଲୁଚି ରହିଥିବା ପାକିସ୍ତାନର ବାରମ୍ବାର ଦାବିକୁ ତାଲିବାନ ସରକାର ଖଣ୍ଡନ କରିଛନ୍ତି। ଆଫଗାନ ବୈଦେଶିକ ମନ୍ତ୍ରଣାଳୟ ନିଶ୍ଚିତ କରିଛି ଯେ, ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷିତ ହୋଇଥିବା ମାସୁଦ ଆଝାର ଆମ ଦେଶରେ ନାହିଁ। ଇସଲାମାବାଦ ବହୁ ଦିନ ଧରି ଦାବି କରିଆସୁଛି ଯେ ଆଝାର ମେ' ୨୦୧୯ରେ ଡୁରାଣ୍ଡ ରେଖା ପାର କରିବା ପରେ ଆଫଗାନିସ୍ତାନ ପଳାଇ ଯାଇଥିଲା ଏବଂ ସେଠାରେ ରହିଛି। କାବୁଲ ଦୋହରାଇଛି ଯେ, ଆଫଗାନିସ୍ତାନ ମାଟିକୁ ଅନ୍ୟ କୌଣସି ଦେଶ ବିରୋଧରେ ବ୍ୟବହାର କରାଯିବ ନାହିଁ।



ଦିଲ୍ଲୀ କୋଠା ଭୁଶୁଡ଼ିବା ଘଟଣା

## ପିଜି ଅପରେଟର୍ ଗିରଫ, ସିଲ୍ ହେଲା ଅନ୍ୟ ପିଜି

ନୂଆଦିଲ୍ଲୀ,୯।୯ଃ ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଏକ ୫ ମହଲା କୋଠା ଭୁଶୁଡ଼ି ୭ ଜଣଙ୍କର ମୃତ୍ୟୁ ଘଟିବା ଘଟଣାରେ ଦିଲ୍ଲୀ ପୁଲିସ କାର୍ଯ୍ୟାନୁଷ୍ଠାନକୁ ଆହୁରି କଡ଼ାକଡ଼ି କରିଛି। ବୁଧବାର ସକାଳେ 'ହଷ୍ଟେଲ ଡେଜ୍' ନାମକ ବଏଜ୍ ପିଜି ଚଳାଉଥିବା ଦୁଇଜଣ ବ୍ୟବସାୟୀଙ୍କ ମଧ୍ୟରୁ ଅଭିଯୁକ୍ତ ସୁଧାଂଶୁଙ୍କୁ ପୁଲିସ ଗିରଫ କରିଛି। ଅନ୍ୟଜଣ ସହ-ଅଂଶୀଦାର ଶୁଭମ ତ୍ୟାଗୀ ଏବେ ବି ଫରାର୍ ଥିବା ବେଳେ ତାଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି।

ଗତ ରବିବାର ଅପରାହ୍ଣରେ ଏହି ୫ ମହଲିଆ କୋଠାଟି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ଫଳରେ ୫ ଜଣ ଛାତ୍ରଙ୍କ ସମେତ ମୋଟ ୭ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା। ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ପୋଲିସ ଡିସିପି ଅମିତ ଗୋଏଲଙ୍କ ଅନୁଯାୟୀ, ବର୍ଷା ଦିନିଆ ପାଣି ଓ ବର୍ଜ୍ୟବସ୍ତୁ ଜମି ରହୁଥିବାରୁ ଗତ ୮-୧୦ ଦିନ ହେବ ବେସମେଣ୍ଟରେ ମରାମତି କାମ ଚାଲିଥିଲା। ଏଥିସହିତ ଗ୍ରାଉଣ୍ଡ ଫ୍ଲୋରକୁ ବ୍ୟବସାୟିକ ସମ୍ପ୍ରସାରଣ ପାଇଁ ବେଆଇନ୍ ଭାବେ ଭଙ୍ଗାଗଢ଼ା କରାଯାଉଥିବାରୁ କୋଠାଟି ଦୁର୍ବଳ ହୋଇ ଭୁଶୁଡ଼ି ପଡ଼ିଥିଲା। ଏହି ମାମଲାରେ ପୋଲିସ ପୂର୍ବରୁ ବେସମେଣ୍ଟ ମରାମତି କାମର ତଦାରଖ କରୁଥିବା ଠିକାଦାର ସନୋଜଙ୍କୁ ଗିରଫ କରିଥିଲା। ଏହାପରେ ରାଜସ୍ଥାନର ଭିୱାଡିରୁ ୮୧ ବର୍ଷୀୟ କୋଠା ମାଲିକ ହରିରାମ ବଂଶଲ, ତାଙ୍କ ସ୍ତ୍ରୀ ଉର୍ମିଳା ଗୁପ୍ତା ଏବଂ ପୁଅ ମହେଶ ଗୁପ୍ତାଙ୍କୁ ଗିରଫ କରାଯାଇଥିଲା। କୋର୍ଟ ବୃଦ୍ଧ ଦମ୍ପତିଙ୍କୁ ୧୪ ଦିନିଆ ଜେଲକୁ ପଠାଇଥିବା ବେଳେ କୋଠାର ସମସ୍ତ ପରିଚାଳନା କରୁଥିବା ପୁଅ ମହେଶଙ୍କୁ ୨ ଦିନିଆ ପୋଲିସ ରିମାଣ୍ଡରେ ପଠାଇଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ଉତ୍ତରପ୍ରଦେଶର ସୁଧାଂଶୁ ଓ ଶୁଭମ ୨୦୨୫ ଅଗଷ୍ଟରୁ ଏହି କୋଠାକୁ ଭଡ଼ାରେ ନେଇ ପିଜି ଚଲାଉଥିଲେ। ସ୍ଥାନୀୟ ଅଞ୍ଚଳରେ ସେମାନଙ୍କର ଅନ୍ୟ ୩ଟି ପିଜି ଚାଲୁଥିବା ଜଣାପଡ଼ିବା ପରେ ତଦନ୍ତ ବ୍ୟାପକ କରାଯାଇଛି।



ରାହୁଲ ଗାନ୍ଧିଙ୍କ ବିରୋଧରେ ମାନହାନି ମାମଲା

## ଶୀଘ୍ର ଶୁଣାଣି ଦାବିକୁ ସୁପ୍ରିମକୋର୍ଟଙ୍କ ନା'



ନୂଆଦିଲ୍ଲୀ,୯।୯ଃ ସୁପ୍ରିମକୋର୍ଟ ରାହୁଲ ଗାନ୍ଧୀଙ୍କ ବିରୋଧରେ ମାନହାନି ମାମଲାରେ ଅଭିଯୋଗକାରୀଙ୍କୁ କହିଛନ୍ତି ଯେ, ଯଦି ସେ ଚାହାଁନ୍ତି ମାମଲାର ଶୀଘ୍ର ଶୁଣାଣି ହେଉ, ତେବେ ତାଙ୍କୁ ଏଥିପାଇଁ ଆବେଦନ କରିବା ଉଚିତ୍। ଆମ ସମ୍ମୁଖରେ ସମସ୍ତେ ସମାନ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ)ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ଭି. ମୋହନାଙ୍କ ଖଣ୍ଡପୀଠ କହିଛନ୍ତି। ଅଭିଯୋଗକାରୀଙ୍କୁ ପ୍ରକ୍ରିୟା ଅନୁସରଣ କରିବାକୁ କୋର୍ଟ କହିଛନ୍ତି।ଅଭିଯୋଗକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଗୌରବ ଭାଟିଆ ଯୁକ୍ତି ଦର୍ଶାଇଛନ୍ତି ଯେ, ଗାନ୍ଧୀ ଜଣେ ଭିଭିଆଇପି ନୁହଁନ୍ତି ଏବଂ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାନୁଷ୍ଠାନ ବିରୋଧରେ ସୁପ୍ରିମକୋର୍ଟରେ ଗାନ୍ଧୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ଗତ ପାଞ୍ଚ ମାସ ଧରି ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇନାହିଁ। ଏଭଳି କାର୍ଯ୍ୟ ନ୍ୟାୟିକ ପ୍ରତିଷ୍ଠାନ ପାଇଁ ଭଲ ନୁହେଁ। ସିଜେଆଇ କହିଛନ୍ତି, ଆମେ ପ୍ରକ୍ରିୟା ଅନୁସରଣ କରୁ। ଶୀଘ୍ର ଶୁଣାଣି ପାଇଁ ଆବେଦନ ଦାଖଲ କରୁ। ଆମ ସମ୍ମୁଖରେ ସମସ୍ତେ ସମାନ।

ଦିଲ୍ଲୀ ଭୋଟର ତାଲିକାରେ ରାଘବ ଚଢ଼ାଙ୍କ ନାମ

## ଆପ୍ ଅଭିଯୋଗକୁ ଖଣ୍ଡନ କଲେ ଦିଲ୍ଲୀ ସିଇଓ

ନୂଆଦିଲ୍ଲୀ, ୯।୯ଃ ବିଜେପି ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ନାମ ଦିଲ୍ଲୀର ଭୋଟର ତାଲିକାରେ 'କୌଣସି ନିୟମ ନ ମାନି' ଯୋଡ଼ାଯାଇଥିବା ନେଇ ଆପ୍ ଆଣିଥିବା ଅଭିଯୋଗକୁ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ପ୍ରତ୍ୟାଖ୍ୟାନ କରିଛନ୍ତି। ନିୟମାନୁସାରେ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରାଯାଇ ଏହି ନାମ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ନିର୍ବାଚନ କମିଶନ ସ୍ପଷ୍ଟ କରିଛନ୍ତି। ଗତ ଏପ୍ରିଲ ମାସରେ ଆପ୍ ଛାଡ଼ି ବିଜେପିରେ ଯୋଗ ଦେଇଥିବା ରାଘବ ଚଢ଼ା ପୂର୍ବରୁ ପଞ୍ଜାବର ମୋହାଲିରେ ଭୋଟର ଥିଲେ। ପଞ୍ଜାବର ଚିଠା ଭୋଟର ତାଲିକାରେ ତାଙ୍କ ନାମକୁ ସ୍ଥାନାନ୍ତରିତ ଦର୍ଶାଯିବା ପରେ ସେ ଆପ୍ ସରକାରଙ୍କ ବିରୋଧରେ ରାଜନୈତିକ ପ୍ରତିଶୋଧ ପରାୟଣତାର ଅଭିଯୋଗ ଆଣିଥିଲେ।

## ମନ୍ତ୍ରୀଙ୍କ ଲିଙ୍କ୍‌ରେ ଥିବା ୧୮ ସ୍ଥାନରେ ଇଡି ଚଢ଼ାଉ



ବେଲଗାଭି,୯।୯ଃ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କର୍ଣ୍ଣାଟକ ପୂର୍ତ୍ତ ବିଭାଗ ମନ୍ତ୍ରୀ ସତୀଶ ଜାରକୀହୋଲି, ତାଙ୍କ ଝିଅ ତଥା ଚିକୋଡି ସାଂସଦ ପ୍ରିୟଙ୍କା ଜାରକୀହୋଲି ଓ ପରିବାର ଲିଙ୍କ୍‌ରେ ଥିବା ୧୮ଟି ସ୍ଥାନ ଉପରେ ବୁଧବାର ଚଢ଼ାଉ କରାଯାଇଛି। ବାର୍ ଲାଇସେନ୍ସ ପ୍ରଦାନରେ ଅନିୟମିତତା ଓ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗର ତଦନ୍ତ ପରିପ୍ରେକ୍ଷୀରେ ଇଡି ମନ୍ତ୍ରୀଙ୍କ ଲିଙ୍କ୍‌ରେ ଥିବା ପ୍ରାୟ ୧୮ଟି ସ୍ଥାନରେ ତଲାସୀ କରିଥିଲା, ଯେଉଁଥିରେ ବେଙ୍ଗାଲୁରୁର ଡଲାର୍ସ କଲୋନୀରେ ଥିବା ତାଙ୍କ ବାସଭବନ, ବେଲାଗାଭି ଓ ଗୋକାକରେ ଥିବା ସରକାରୀ କ୍ୱାର୍ଟର୍ସ ଓ ସମ୍ପତ୍ତି ଅନ୍ତର୍ଭୁକ୍ତ। କିଛି ସପ୍ତାହ ତଳେ ସତୀଶଙ୍କ ସମ୍ପର୍କୀୟ ଯୁଗ୍ମ ଅବକାରୀ କମିଶନର ୱାଇ ମଞ୍ଜୁନାଥଙ୍କ ସମ୍ପତ୍ତି ଉପରେ ମଧ୍ୟ ଚଢ଼ାଉ କରାଯାଇଥିଲା।

## ପ୍ରେମ ନୁହେଁ, ରାକ୍ଷୀ ବାନ୍ଧିବି



ନୂଆଦିଲ୍ଲୀ,୯।୯ଃ ବାଦଶାହାଙ୍କ ସହ ବିବାହ ବିଚ୍ଛେଦ ପରେ ପ୍ରେମକୁ ନେଇ ପଞ୍ଜାବୀ ଅଭିନେତ୍ରୀ ଇଶା ରିଖିଙ୍କ ଚିନ୍ତାଧାରା ବଦଳି ଯାଇଛି। ବିଗ୍ ବସ୍ ଘରେ କେହି ଯଦି ତାଙ୍କୁ ଭଲପାଇ ବସନ୍ତି, ତେବେ ପ୍ରେମ ନୁହେଁ ସେ ସିଧା ତାଙ୍କ ହାତରେ ରାକ୍ଷୀ ବାନ୍ଧିଦେବେ ବୋଲି କହିଛନ୍ତି। ଇଶା ସ୍ପଷ୍ଟ କହିଛନ୍ତି, ବିଗ୍ ବସ୍ ଘରେ ସେ କୌଣସି ଲଭ୍ ଆଙ୍ଗେଲ୍‌ରେ ଆଗ୍ରହୀ ନୁହନ୍ତି। ଯଦି ଶୋ' ଭିତରେ କୌଣସି ପୁଅ ତାଙ୍କ ପ୍ରତି ଆକର୍ଷିତ ହୁଅନ୍ତି, ତେବେ ସେ ତାଙ୍କୁ ପ୍ରେମର ପ୍ରସ୍ତାବ ଦେବା ପରିବର୍ତ୍ତେ ରାକ୍ଷୀ ବାନ୍ଧିଦେବେ। ଇଶାଙ୍କ କହିବା କଥା ବର୍ତ୍ତମାନ ତାଙ୍କ ଜୀବନରେ ପ୍ରେମ ପାଇଁ କୌଣସି ସ୍ଥାନ ନାହିଁ।

# ଜର୍ମାନୀରେ ବଢୁଛି ନାଜୀ ଚିନ୍ତାଧାରାର ଲୋକପ୍ରିୟତା

ବର୍ଲିନ,୯।୯ଃ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନାଜି ଏକଛତ୍ରବାଦର ପତନର ୮ ଦଶନ୍ଧି ପରେ ହିଟଲରଙ୍କ ଚିନ୍ତାଧାରା ଜର୍ମାନୀରେ ପୁନରାବୃତ୍ତି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଜର୍ମାନୀ ଏକ ଏପରି ମୋଡ଼ରେ ପହଞ୍ଚିଛି ଯାହା ସମଗ୍ର ୟୁରୋପକୁ ଚକିତ କରିଛି। ଦେଶର ପୂର୍ବ ରାଜ୍ୟଗୁଡ଼ିକରେ ହୋଇଥିବା ନିର୍ବାଚନରେ ଦକ୍ଷିଣପନ୍ଥୀ ଦଳ ଅଲଟରନେଟିଭ୍ ଫର୍ ଜର୍ମାନୀ (ଏଏଫ୍‌ଡି) ପ୍ରଥମଥର ପାଇଁ ସରକାର ଗଠନ କରିବାକୁ ଯାଉଛି। ୧୯୪୫ ପରେ ପ୍ରଥମଥର ଲାଗି କୌଣସି ଏକ ମୌଳବାଦୀ ତଥା ପ୍ରବାସୀ ବିରୋଧୀ ଚିନ୍ତାଧାରା ରଖୁଥିବା ଦଳ ରାଜ୍ୟଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଯାଉଥିବାରୁ ଏଭଳି ଆଶଙ୍କା ସୃଷ୍ଟି ହୋଇଛି।

ଏଏଫ୍‌ଡିର ନିର୍ବାଚନୀ ସଫଳତା ପରେ ଜର୍ମାନୀର ବିଭିନ୍ନ ସହରରେ ବିରୋଧ ପ୍ରଦର୍ଶନ କରାଯାଇଛି। ରାଜଧାନୀ ବର୍ଲିନରେ ବ୍ରାଣ୍ଡେନବର୍ଗ ଗେଟ୍ ନିକଟରେ ହଜାର ହଜାର ଲୋକ ଗଣତନ୍ତ୍ରର ସମର୍ଥନରେ ରାଲି କରିଛନ୍ତି। ପାଖାପାଖି ୫ ହଜାର ଲୋକ ରାଲିରେ ସାମିଲ ହୋଇଥିବା ପୁଲିସ ଅନୁମାନ କରିଥିବା ବେଳେ ଆୟୋଜକମାନେ ଏହି ସଂଖ୍ୟା ୧୪ ହଜାରରୁ ବୋଲି ଦାବି କରିଛନ୍ତି। ପୋଟସ୍‌ଡ୍ୟାମ୍, ମ୍ୟୁନଷ୍ଟର, ଗୋଟିଙ୍ଗେନ୍, ଡ୍ରେସଡେନ୍, ଆଖେନ୍, ବାମବର୍ଗ, ଡାର୍ମଷ୍ଟାଡ୍ଟ ଏବଂ ହାଲବରଷ୍ଟାଡ୍ ଭଳି ସହରରେ ମଧ୍ୟ ବିରୋଧ ପ୍ରଦର୍ଶନ ହୋଇଥିବା ରିପୋର୍ଟ ରହିଛି। ପ୍ରଦର୍ଶନକାରୀମାନଙ୍କ ହାତରେ ଜାତିବାଦ ଓ ଫାସୀବାଦ ବିରୋଧୀ ପ୍ଲାକାର୍ଡ ରହିଛି। ଅନେକ ସ୍ଥାନରେ ପ୍ରତିବାଦକାରୀ 'ନେଭର ଏଗେନ୍' ଅର୍ଥାତ୍ 'ଆଉ କେବେ ନୁହେଁ' ବୋଲି ବାର୍ତ୍ତା ମଧ୍ୟ ଦେଇଛନ୍ତି।




### ଏଏଫ୍‌ଡିର ବିଜୟ ପରେ ରାସ୍ତାକୁ ଓହ୍ଲାଇଲେ ଲୋକେ

ସାକ୍ସୋନି-ଆନହାଲ୍ଟ ନିର୍ବାଚନରେ ଏଏଫ୍‌ଡିର ଶକ୍ତିଶାଳୀ ପ୍ରଦର୍ଶନ ଜର୍ମାନୀ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି। ଦିଆଯାଇଥିବା ରିପୋର୍ଟ ଅନୁସାରେ, ଏଏଫ୍‌ଡି ପ୍ରାୟ ୪୪ ପ୍ରତିଶତ ଭୋଟ୍ ପାଇ ରାଜ୍ୟ ବିଧାନସଭାର ୮୩ଟି ଆସନ ମଧ୍ୟରୁ ୩୯ଟି ଆସନ ଜିତିଛି। ତେବେ ଏକାକୀ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ଦଳ ପାଖରେ ନଥିବାରୁ ଅନ୍ୟ ଦଳର ସମର୍ଥନ ଆବଶ୍ୟକ ହେବ। ଏହି କାରଣରୁ ମୁଖ୍ୟଧାରାର ଦଳଗୁଡ଼ିକ ଏଏଫ୍‌ଡି ସହ ସହଯୋଗ କରିବେ କି ବୋଲି ଏବେ ପ୍ରଶ୍ନ ଉଠୁଛି।

ଜର୍ମାନୀରେ ଏବେ ହିଟଲରଙ୍କ ଦର୍ଶନର ଲୋକପ୍ରିୟତା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଆଉ ଏହାକୁ ହିଁ ନିଜର ନିର୍ବାଚନୀ ମୁଖ୍ୟପ୍ରସଙ୍ଗ କରିଛି ଏଏଫଡି। ଜର୍ମାନୀରେ ପ୍ରବାସୀ ଓ ଶରଣାର୍ଥୀଙ୍କ ସଂଖ୍ୟା, ଆଶ୍ରୟ ନୀତି ଏବଂ ସାଂସ୍କୃତିକ ଏକୀକରଣକୁ ନେଇ ଯେଉଁ ଅସନ୍ତୋଷ ରହିଛି, ଏଏଫଡି ତାହାକୁ ନିଜ ରାଜନୈତିକ ଅଭିଯାନର ଏକ ପ୍ରମୁଖ ବିଷୟ କରିଛି।

### ‘ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୭’ର ଶୁଭାରମ୍ଭ

# ଖେଳପଡ଼ିଆରୁ ସଂସଦ ଓ ଶ୍ରେଣୀଗୃହରୁ ବୋର୍ଡରୁମ୍ ପହଞ୍ଚିବାର ସୁଯୋଗ




ଭୁବନେଶ୍ୱର, ୯।୯ (ସଂଚାର ବ୍ୟୁରୋ)ଃ ରାଜ୍ୟର ଯୁବପିଢ଼ିଙ୍କ ନେତୃତ୍ୱ, ସୃଜନଶୀଳତା ଓ ନବସୃଜନକୁ ଜାତୀୟସ୍ତରରେ ନୂଆ ପରିଚୟ ଦେବା ଉଦ୍ଦେଶ୍ୟରେ ‘ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୭’ର ଶୁଭାରମ୍ଭ ହୋଇଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ‘ମୋ ଭାରତ’ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଅଭିଯାନ ମାଧ୍ୟମରେ ଯୁବମାନଙ୍କୁ ‘ବିକଶିତ ଭାରତ ୨୦୪୭’ର ଲକ୍ଷ୍ୟ ପ୍ରତି ନିଜର ଚିନ୍ତାଧାରା ଓ ଅବଦାନ ଉପସ୍ଥାପନ କରିବାର ଅପୂର୍ବ ସୁଯୋଗ ମିଳିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

କ୍ରୀଡା ମନ୍ତ୍ରୀ କହିଛନ୍ତି ଯେ, ଏହି ସଂଳାପ ହେଉଛି ରାଜ୍ୟ ଓ ଦେଶର ଆଗାମୀ ଯୁବ ନେତାମାନଙ୍କ ପାଇଁ ‘ଖେଳପଡ଼ିଆରୁ ସଂସଦ’ ଓ ‘ଶ୍ରେଣୀଗୃହରୁ ବୋର୍ଡରୁମ୍’ ପର୍ଯ୍ୟନ୍ତ ପହଞ୍ଚିବାର ଏକ ଦକ୍ଷ ମଞ୍ଚ। ଚିନ୍ତାଧାରାରୁ ନବସୃଜନ ପ୍ରକ୍ରିୟାରେ ବିଭିନ୍ନ ଉତ୍ପାଦ ଓ ସେବା ସାମିଲ ରହିଛି। ଯୁବପିଢ଼ିଙ୍କ ମଧ୍ୟରେ ଥିବା ନୂତନ ଚିନ୍ତାଧାରା ଓ ନବସୃଜନକୁ କିପରି ସମୃଦ୍ଧ ଓ ପ୍ରୋତ୍ସାହିତ କରାଯାଇପାରିବ, ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଉତ୍ତମ ଚିନ୍ତାଧାରାଗୁଡ଼ିକୁ ସାକାର କରିବା ପାଇଁ ସରକାର ଆଇଆଇଟି ଓ ଅନ୍ୟାନ୍ୟ ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକର ସହାୟତା ମଧ୍ୟ ନେଉଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କର ଅମର ବାଣୀ ‘ମୋତେ ୧୦୦ ଜଣ ସମର୍ପିତ ଯୁବକ ଦିଅ, ମୁଁ ସମ୍ପୂର୍ଣ୍ଣ ବିଶ୍ୱକୁ ବଦଳାଇ ଦେବି’କୁ ସ୍ମରଣ କରି ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ପ୍ରତିଭାର କୌଣସି ଅଭାବ ନାହିଁ। ନୂତନ ଚିନ୍ତାଧାରା, ନବସୃଜନ ଓ ସଂସ୍କୃତିର ମିଳନ ହେଉଛି ‘ଦକ୍ଷ ଓଡ଼ିଶା’, ‘ବିକଶିତ ଓଡ଼ିଶା’ ଓ ସର୍ବୋପରି ‘ବିକଶିତ ଭାରତ’ର ମୂଳଦୁଆ। ପୂର୍ବରୁ ଓମ୍‌ପ୍ରକାଶ ରଥ ଓ ସୁଜାତା ଭୂଇଆଁଙ୍କ ଭଳି ପ୍ରତିଭାମାନେ ଜାତୀୟସ୍ତରରେ ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ଏବେ ଓଡ଼ିଶାରୁ ଏହିଭଳି ଆହୁରି ଅନେକ ନୂଆ ପ୍ରତିଭାଙ୍କୁ ଆଗକୁ ବଢ଼ାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଅଭିଯାନକୁ ଅଧିକ ସଫଳ କରିବା ଓ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ ‘ମୋ ଭାରତ’ ଓ ‘ଏନଏସଏସ’ ସହିତ ସହବନ୍ଧିତ।



## ଗେରୁଆ ସମ୍ମାନ ଯାତ୍ରାରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ

କୋଲକାତା, ୯।୯(ସଂଚାର ବ୍ୟୁରୋ)ଃ ଗେରୁଆ ରଙ୍ଗକୁ ଅସମ୍ମାନ କରାଯାଇଥିବା ଦାବିକରି ସାଧୁ-ସନ୍ଥମାନେ ଆରମ୍ଭ କରିଥିବା ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବୁଧବାର ଅପରାହ୍ଣରେ ଅଂଶଗ୍ରହଣ କରିଛନ୍ତି। ଗୋଲପାର୍କରୁ ଯାଦବପୁର ଅଭିମୁଖେ ଶୋଭାଯାତ୍ରା ଯାଇ ବିଶ୍ୱବିଦ୍ୟାଳୟ ନିକଟରେ ଶେଷ ହୋଇଥିଲା। ଶୁଭେନ୍ଦୁ ଅଧିକାରୀ ଗେରୁଆ ପୋଷାକ ପିନ୍ଧି ଶୋଭାଯାତ୍ରାରେ ଚାଲିଥିଲେ। ‘ଜୟ ଶ୍ରୀ ରାମ’ ଧ୍ୱନି ଦେଇଥିଲେ। ନାଗା ସାଧୁମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ।

## ଇସ୍ତଫା ଦେଲେ କୃଷ୍ଣେନ୍ଦ୍ର ନାରାୟଣ ଚୌଧୁରୀ

କୋଲକାତା, ୯।୯(ସଂଚାର ବ୍ୟୁରୋ)ଃ କୃଷ୍ଣେନ୍ଦୁ ନାରାୟଣ ଚୌଧୁରୀ ଇଂରେଜବଜାର ପୌରସଭାର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ସେ ପୌରସଭାର ପରିଷଦ ବୋର୍ଡର ଏକ ବୈଠକ ସମୟରେ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ତୃଣମୂଳ ନେତା କୃଷ୍ଣେନ୍ଦୁ ପାଞ୍ଚଥର ଇଂରେଜବଜାର ପୌରସଭାର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଛନ୍ତି। ଇସ୍ତଫା ପରେ ସେ କହିଛନ୍ତି ଯେ ରାଜ୍ୟର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନେଇଛନ୍ତି।

## ରବୀନ୍ଦ୍ର ବିଠଲରାଓ ଘୁଗେ ମୁଖ୍ୟ ବିଚାରପତି



କୋଲକାତା, ୯।୯ (ସଂଚାର ବ୍ୟୁରୋ)ଃ କୋଲକାତା ହାଇକୋର୍ଟର ୪୫ତମ ମୁଖ୍ୟ ବିଚାରପତି ଭାବରେ ରବୀନ୍ଦ୍ର ବିଠଲରାଓ ଘୁଗେ ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ଉତ୍ସବ ସକାଳ ୧୦ଟା ସମୟରେ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବିଧାନସଭା ବାଚସ୍ପତି ଓ ବହୁ ବିଧାୟକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ହାଇକୋର୍ଟର ପୂର୍ବତନ ଓ କାର୍ଯ୍ୟରତ ବିଚାରପତିମାନେ ମଧ୍ୟ ପହଞ୍ଚିଥିଲେ। ପଶ୍ଚିମବଙ୍ଗ ରାଜ୍ୟପାଳ ଆର.ଏନ୍. ରବି ୧ ନମ୍ବର କୋର୍ଟରୁମ୍‌ରେ ନୂତନ ମୁଖ୍ୟ ବିଚାରପତିଙ୍କୁ ଶପଥ ପାଠ କରାଇଥିଲେ।

## ତୃଣମୂଳ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

କୋଲକାତା, ୯।୯(ସଂଚାର ବ୍ୟୁରୋ)ଃ ଖଡ଼ଗପୁର ପୌରସଭାର ତୃଣମୂଳ ଅଧ୍ୟକ୍ଷଙ୍କ ବିରୋଧରେ ତୃଣମୂଳ କାଉନସିଲର ସଦସ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ପୌରସଭାର ମୋଟ ୩୫ଟି ଆସନ ମଧ୍ୟରୁ ତୃଣମୂଳ କାଉନସିଲ ୨୪ଟି ଆସନରେ ଅଛି, ଅନ୍ୟପଟେ ବିଜେପି ପାଖରେ ଛଅଟି, କଂଗ୍ରେସ ପାଖରେ ଚାରିଟି ଏବଂ ସିପିଏମ ପାଖରେ ଗୋଟିଏ ଆସନ ଅଛି। ତୃଣମୂଳ ସଦସ୍ୟ କଲ୍ୟାଣୀ ଘୋଷ ବର୍ତ୍ତମାନ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି। ବୁଧବାର ୧୫ ଜଣ ତୃଣମୂଳ କାଉନସିଲର ସଦସ୍ୟ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। କଲ୍ୟାଣୀ ଘୋଷଙ୍କ ପୂର୍ବରୁ ପ୍ରଦୀପ ସରକାର ଅଧ୍ୟକ୍ଷ ପଦବୀରେ ଥିଲେ। ବର୍ତ୍ତମାନ ସରକାର ସମେତ ୧୫ ଜଣ ତୃଣମୂଳ କାଉନସିଲର ଏକ ଗୋଷ୍ଠୀ ତାଙ୍କ ବିରୁଦ୍ଧରେ ଏହି ପ୍ରସ୍ତାବ ଆଗତ କରିଛନ୍ତି।

## ଯୁବକଙ୍କୁ ପିଟି ପିଟି ହତ୍ୟା, ଦୁଇ ଗିରଫ

କୋଲକାତା, ୯।୯(ସଂଚାର ବ୍ୟୁରୋ)ଃ ଲିଲୁଆ ଥାନା ଅନ୍ତର୍ଗତ ଅଞ୍ଚଳରେ ଚୋରି ସନ୍ଦେହରେ କିଛି ବ୍ୟକ୍ତି ପିଟି ପିଟି ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ମୃତକଙ୍କ ନାମ ରାଜ କୁମାର ଚୌହାନ। ସେ ଉତ୍ତରପଡ଼ାର ବାସିନ୍ଦା। ଏହି ଘଟଣାରେ ପୁଲିସ ଶୁଭଜିତ ପଟେଲ ଓ ସୁମିତ ପାସୱାନଙ୍କୁ ଗିରଫ କରିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ହାଓଡା ପୁଲିସ କମିଶନର ଅଖିଳେଶ ଚତୁର୍ବେଦୀଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାସ୍ଥଳ ଯାଞ୍ଚ କରିଛନ୍ତି। ପୁଲିସ କମିଶନର କହିଛନ୍ତି ଯେ ଏହା ଏକ ହତ୍ୟା ମାମଲା ଓ ଦୁଇ ଜଣଙ୍କୁ ଗିରଫ କରାଯାଇଛି।

# ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟର ଫ୍ରେଶର୍ସ ମିଟ୍

### ଶିକ୍ଷା ସହ ଶୃଙ୍ଖଳା, ସଂସ୍କାର, ମାନବିକତା ଜୀବନର ଅଂଶ ହେଉ



ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ)ଃ ଚନ୍ଦ୍ରଶେଖରପୁରସ୍ଥିତ ଅନ୍ନପୂର୍ଣ୍ଣା ମଣ୍ଡପଠାରେ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆୟୋଜିତ ‘ଫ୍ରେଶର୍ସ ପାର୍ଟି-୨୦୨୬’ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଜେପି ଦଳର ବରିଷ୍ଠ ନେତା ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରଛାତ୍ରୀମାନଙ୍କୁ ନୂତନ ଶିକ୍ଷା ଜୀବନ ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ନବାଗତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଶ୍ରୀ ମହାପାତ୍ର କହିଥିଲେ ଯେ ଛାତ୍ର ଜୀବନ କେବଳ ଡିଗ୍ରୀ ହାସଲ କରିବାର ସମୟ ନୁହେଁ, ଏହା ନିଜର ଜ୍ଞାନ, ଚରିତ୍ର, ଦକ୍ଷତା ଓ ବ୍ୟକ୍ତିତ୍ୱକୁ ଗଢ଼ି ତୋଳିବାର ସୁବର୍ଣ୍ଣ ସମୟ। ଶିକ୍ଷା ସହ ଶୃଙ୍ଖଳା, ସଂସ୍କାର, ନୀତି, ମାନବିକତା ଓ ସାମାଜିକ ଦାୟିତ୍ୱକୁ ଜୀବନର ଅଂଶ କରି ଆଗକୁ ବଢ଼ିଲେ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ପରିବାର, ସମାଜ ଓ ଦେଶ ପାଇଁ ଗର୍ବର କାରଣ ହୋଇପାରିବେ। ସେ ଆହୁରି କହିଥିଲେ ଯେ ଆଜିର ଯୁବପିଢ଼ି ହେଉଛି ଆସନ୍ତାକାଲିର ଭାରତର ଭବିଷ୍ୟତ। ନିଜର ପ୍ରତିଭା ଓ ସାମର୍ଥ୍ୟକୁ ଚିହ୍ନଟ କରି ନିଷ୍ଠା, ପରିଶ୍ରମ ଓ ଆତ୍ମବିଶ୍ୱାସର ସହ ଆଗେଇ ଚାଲିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ସେସବୁ ନବାଗତ ଛାତ୍ରଛାତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଜ୍ଞାନ, ସଫଳତା, ଆତ୍ମବିଶ୍ୱାସ ଓ ଉଜ୍ଜ୍ୱଳ ଭବିଷ୍ୟତର ନୂଆ ପଥରେ ଆଗେଇ ଚାଲିବାକୁ ଶୁଭକାମନା ଦେଇଥିଲେ।

# ଏମ୍‌ଏମ୍‌ଡିଆର୍ ବିଲ୍ ନେଇ ବର୍ଷିଲେ କଂଗ୍ରେସ ବିଧାୟକ




ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ)ଃ ଏମଏମଡିଆର ବିରୋଧରେ କଂଗ୍ରେସର ରାଜ୍ୟବ୍ୟାପୀ ଜନଜାଗରଣ ଆନ୍ଦୋଳନ ବିଷୟକୁ ନେଇ କଂଗ୍ରେସ ବିଧାୟକ ଦଳଙ୍କ ଏକ ସାମ୍ବାଦିକ ସମ୍ମିଳନୀ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ପ୍ରଧାନ ଓ ବିଧାୟକ ସିଏସ ରାଜେନ ଏକ୍କା ଏମଏମଡିଆର ପ୍ରତ୍ୟାହାରକୁ ନେଇ ଯୁଦ୍ଧ ଘୋଷଣା କରିଛନ୍ତି।

ସିଏଲପି ନେତା କହିଛନ୍ତି ଯେ କେନ୍ଦ୍ରର ବୈମାତୃକ ମନୋଭାବ ଓଡ଼ିଶା ପ୍ରତି ଦେଖାଦେଇଛି। ଗତକାଲି ଆମ ପ୍ରଦେଶ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ସମସ୍ତ ଦଳଙ୍କ ସହ ମିଳିତ ଭାବେ ଏକ କନଭେନସନ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସଂଘୀୟ ବ୍ୟବସ୍ଥାକୁ ମାଧ୍ୟମରେ ଯାହା ଶୁଣିବା କଥା ତାହା ଶୁଣିଲେ ନାହିଁ ଏବଂ ଏହି ଖଣି ଓ ଖଣିଜଯାତ ଦ୍ରବ୍ୟ ଆଇନ-୨୦୨୬ ପାରିତ କରିନେଲେ। ଏହି ଅଧିନିୟମକୁ କଂଗ୍ରେସ ଦଳ ସମ୍ପୂର୍ଣ୍ଣ ଭାବେ ବିରୋଧ କରୁଛି। ଓଡିଶାର ୪.୫ କୋଟି ଲୋକଙ୍କ କଥାକୁ କେନ୍ଦ୍ର ସରକାର କୌଣସି ପ୍ରକାର ଭୃକ୍ଷେପ କଲେ ନାହିଁ। ଏହି ଅଧିନିୟମ ଦ୍ୱାରା ଦେଶରେ ଥିବା ଓଡ଼ିଶା ଭଳି ଅନେକ ଖଣିଜପ୍ରଧାନ ରାଜ୍ୟଗୁଡ଼ିକ ପ୍ରଭାବିତ ହେବେ।

ବରିଷ୍ଠ ବିଧାୟକ ଶ୍ରୀ ବାହିନୀପତି କହିଛନ୍ତି ଯେ କେନ୍ଦ୍ର ସରକାର ଯେଉଁ ଖଣି ବିଲ୍ ଆଣିଛନ୍ତି ସମସ୍ତେ ଜାଣିଛନ୍ତି ସଂସଦରେ ତାହା ବିନା ଆଲୋଚନାରେ ୧୦ ମିନିଟ ଭିତରେ ପାସ କରିଦେଇଛନ୍ତି। ତାହା ସମ୍ପୂର୍ଣ୍ଣ ଭାବେ ରାଜ୍ୟବିରୋଧୀ ଆଇନ। ରାଜୀବ ଗାନ୍ଧି ଯେଉଁ ନିୟମ କରିଥିଲେ ଗ୍ରାମସଭା ପଲ୍ଲୀସଭା କରିବା ପରେ ଖଣିଗୁଡ଼ିକ ଦେବାର ନିୟମ ତାହା କିନ୍ତୁ ଆଦାନୀ ଓ ଅମ୍ବାନୀଙ୍କୁ ସବୁ ଖଣି ଦେବା ପାଇଁ ଏ ସରକାର ତରତର ହୋଇ ଏହି ନିୟମଗୁଡ଼ିକ ଆଣିଛନ୍ତି। କଂଗ୍ରେସ ଏହି ଭୁଲ ଖଣି ନିୟମକୁ ନେଇ ସାଧାରଣରେ ସଚେତନତା ଆରମ୍ଭ କରିବ। ଆଗାମୀ ଦିନରେ ଯଦି ଏହା ସଂଶୋଧନ କରା ନ ଯାଏ, ତା’ହେଲେ ଦଳ ସରକାରକୁ ପ୍ରବଳ ମାତ୍ରାରେ ବିରୋଧ କରିବ ବୋଲି ସେ କହିଛନ୍ତି।

# କାର୍ ସହ ୬୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ




ଫୁଲବାଣୀ,୯।୯(ସଂଚାର ବ୍ୟୁରୋ)ଃ ଫିରିଙ୍ଗିଆ ବ୍ଲକ୍‌ରେ ଗଞ୍ଜେଇ ଚାଲାଣ କମିବାରେ ନାଁ ଧରୁନି। ବାହାର ରାଜ୍ୟର ବୁଲା ବେପାରୀଠାରୁ ବଡ଼ ଗଞ୍ଜେଇ ବେପାରୀ ପର୍ଯ୍ୟନ୍ତ ସମସ୍ତେ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଏକରକମ ଛାଇ ହୋଇ ରହିଛନ୍ତି। କମ୍ବଳ, ଛତା, ପାଲ, ପ୍ଲାଷ୍ଟିକ ଡ୍ରମ ଭଳି ବିଭିନ୍ନ ଜିନିଷ ବେପାର କରୁଥିବା ବେଳେ ଏମାନଙ୍କର ମୁଖ୍ୟ ଲକ୍ଷ ଗଞ୍ଜେଇ ଚାଲାଣ। ଫିରିଙ୍ଗିଆ ପୁଲିସ ଜଣେ ବାହାର ରାଜ୍ୟର ଗଞ୍ଜେଇ ମାଫିଆକୁ ଗିରଫ କରିଥିବା ବେଳେ ଗଞ୍ଜେଇ ଚାଲାଣ ହେଉଥିବା କାର ସହ ୬୦ କେଜି ଜବତ କରିବାରେ ସଫଳ ହୋଇଛି ଅନ୍ୟପଟେ ଘଟଣା ସ୍ଥଳରୁ କାରରୁ କିଛି ଗଞ୍ଜେଇ ମାଫିଆ ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି।

ମିଳିଥିବା ସୂଚନାନୁସାରେ, ଫିରିଙ୍ଗିଆ ଥାନା ଅଧୀନସ୍ଥ ସାଡ଼ିଙ୍ଗିଆ ଅଞ୍ଚଳରୁ କେରଳକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଫିରିଙ୍ଗିଆ ପୁଲିସକୁ ସୂଚନା ମିଳିଥିଲା। ଫିରିଙ୍ଗିଆ ଥାନାଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶରେ ଫିରିଙ୍ଗିଆ ଥାନା ଏସଆଇ ଅଜୟ କୁମାର ସାହୁ ଓ ଟିମ ସାଡ଼ିଙ୍ଗିଆ ଛକ ନିକଟର କିଛି ଦୂରରେ ଥିବା ବେଳେ ସାଡ଼ିଙ୍ଗିଆ ପଟୁ ଆସୁଥିବା ଏକ କାର ପୁଲିସକୁ ଦେଖି ହଠାତ ଗାଡ଼ିକୁ ରଖିଦେଇଥିଲା ଓ କିଛି ଚାଲାଣକାରୀ ଗାଡ଼ିରୁ ବାହାରି ଫେରାର ହୋଇଯାଇଥିଲେ। ତେବେ କାର୍‌ରୁ ଜଣେ ଯୁବକକୁ ପୁଲିସ୍ ଗିରଫ କରିବା ସହ କାର ଓ ସେଥିରେ ଥିବା ଗଞ୍ଜେଇ ଜବତ କରିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରିବା ପରେ ତା’ ୬୦ କିଲୋ ଥିବା ଜଣାପଡ଼ିଥିଲା। ଗିରଫ ଯୁବକ ଜଣଙ୍କ କେରଳର ଏର୍ଣ୍ଣାକୁଲମ ଜିଲ୍ଲାର ନିବାସୀ ବୋଲି ଜଣାପଡ଼ିଛି। ଫିରିଙ୍ଗିଆ ଥାନାରେ ଗଞ୍ଜେଇ ଚାଲାଣ ସମ୍ପର୍କିତ ମାମଲା ରୁଜୁ କରି ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

# ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ)ଃ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ଭାବେ ୨୦୨୬କୁ ସ୍ମରଣୀୟ କରିବା ସହ କଳାତ୍ମକ ଉତ୍କର୍ଷର ଅନ୍ୱେଷଣରେ ୩୨ଟି ଗୌରବମୟ ବର୍ଷ ପୂରଣ କରିଥିବା ପାଞ୍ଚଦିନିଆ ସାଂସ୍କୃତିକ ମହୋତ୍ସବ, ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୬, ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ, ଭୁବନେଶ୍ୱର ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକର ସହଯୋଗରେ ଆୟୋଜିତ ହୋଇ ବହୁ ପ୍ରତୀକ୍ଷିତ ପୁରସ୍କାର ପ୍ରଦାନ ସମାରୋହ ଓ ଏହାପରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ କଳାତ୍ମକ ନିର୍ଦ୍ଦେଶନା ଓ ସୃଜନର ନିର୍ଦ୍ଦେଶକ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ଅନୁଶାସନର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ଅଭିଭାଷଣରେ ସମସ୍ତ ଅତିଥି ଓ ଦର୍ଶକଙ୍କୁ ସ୍ୱାଗତ କରିଥିଲେ। ଏହାପରେ ବିଶିଷ୍ଟ ଅତିଥିଗଣ ପୁରସ୍କାରପ୍ରାପ୍ତମାନଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ପ୍ରଦାନ ସମାରୋହ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ଥିଏଟର, ସିନେମା କ୍ଷେତ୍ରରେ ଆଜୀବନ ସାଧନା ଓ ଅପାର ଅବଦାନ ପାଇଁ ୪ ଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୬ ପ୍ରଦାନ କରାଯାଇଛି। ୧ ଲକ୍ଷ ଟଙ୍କା ଓ ଏକ ମାନପତ୍ର ସମ୍ବଳିତ ଏହି ପୁରସ୍କାର ନୃତ୍ୟ ପାଇଁ ଗୁରୁ ଶାରନ୍ ଲୋଏନ୍, ସଙ୍ଗୀତ ପାଇଁ ଗୁରୁ କେଶବ ଚନ୍ଦ୍ର ରାଉତ, ଥିଏଟର ପାଇଁ ଶ୍ରୀ ଧୀରେନ୍ଦ୍ରନାଥ ମଲ୍ଲିକ ଓ ସିନେମା ପାଇଁ ମହାଶ୍ୱେତା ରାୟଙ୍କୁ ପ୍ରଦାନ କରାଯାଇଛି। ସେହିପରି ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ୪୦-୫୫ ବର୍ଷ ବୟସର ପ୍ରତିଷ୍ଠିତ କଳାକାରମାନଙ୍କୁ ୫୦ ହଜାର ଟଙ୍କା ଓ ଏକ ମାନପତ୍ର ସମ୍ବଳିତ ଏହି ପୁରସ୍କାର ବାଦ୍ୟଯନ୍ତ୍ର (ବେହେଲା) ପାଇଁ ଅଗ୍ନିମିତ୍ର ବେହେରା ଓ ସଙ୍ଗୀତ (କଣ୍ଠ) ପାଇଁ ଡକ୍ଟର ନାଜିଆ ଆଲମଙ୍କୁ ପ୍ରଦାନ କରାଯାଇଛି।

୪୦ ବର୍ଷରୁ କମ୍ ବୟସର ଚାରିଜଣ କଳାକାରଙ୍କୁ ସ୍ୱୀକୃତି ଦେଇ, ୨୫ ହଜାର ଟଙ୍କା ନଗଦ ପୁରସ୍କାର ଏବଂ ଏକ ମାନପତ୍ର ସମ୍ବଳିତ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୬, ସୁଶ୍ରୀ ବୃନ୍ଦା ଚଢ଼ା (ଓଡ଼ିଶୀ ନୃତ୍ୟ), ସୁଶ୍ରୀ ଐଶ୍ୱର୍ଯ୍ୟା ସିଂହଦେଓ (ଓଡ଼ିଶୀ ନୃତ୍ୟ), ଡକ୍ଟର ନିକିତା ବନାୱଲିକର (କଥକ) ଓ ସୌମ୍ୟ ରଞ୍ଜନ ନାୟକ (ଓଡ଼ିଶୀ ସଙ୍ଗୀତ-ମର୍ଦ୍ଦଳ)ଙ୍କୁ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସୃଜନ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ମନୋମୁଗ୍ଧକର ପ୍ରସ୍ତୁତି ‘ମାଟି’ ମଞ୍ଚସ୍ଥ ହୋଇଥିଲା।

### ‘ସୃଜନ’ ଶିଳ୍ପୀଙ୍କ ମନୋମୁଗ୍ଧକର ପ୍ରସ୍ତୁତି ‘ମାଟି’






## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱସ୍ତରୀୟ ନିବେଶ...

ଏଡିଆଇ ଫାଉଣ୍ଡେସନର ଆନ୍ଦ୍ରେ ଲାଜୋରେଙ୍କୋ ପ୍ରମୁଖ ସାମିଲ ଥିଲେ। ଏହି ଆଲୋଚନାରେ ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ ପାଇଁ ସମ୍ଭାବ୍ୟ ସ୍ଥାନ ଚୟନ ପ୍ରକ୍ରିୟା ଆଗେଇଛି। ଏଥିପାଇଁ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ତହସିଲରେ ‘ଆଲୁମିନା ରିଫାଇନାରୀ’ ଓ ସୁନ୍ଦରଗଡ଼ ଜିଲ୍ଲାର ସଦର ସୁନ୍ଦରଗଡ଼ ତହସିଲରେ ‘ଆଲୁମିନିୟମ ସ୍ମେଲ୍ଟର’ ପାଇଁ ଜମି ପ୍ରସ୍ତାବ ଦିଆଯାଇଛି। ଏହି ଆଲୋଚନା ଫଳରେ ସହଯୋଗିତାକୁ ବାସ୍ତବ ପ୍ରକଳ୍ପରେ ରୂପାନ୍ତରିତ କରିବା ପାଇଁ ଅଧିକ ଗତି ମିଳିଛି। ଓଡ଼ିଶା ସରକାର, ଆଇଏଚସି ଓ ଅଦାନୀ ଗ୍ରୁପ୍ ମଧ୍ୟରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଏହି ଗସ୍ତର ପ୍ରମୁଖ ସଫଳତା। ଏହି ପ୍ରକଳ୍ପଗୁଡ଼ିକରେ ଆନୁମାନିକ ୨,୧୦,୫୦୦ କୋଟି ଟଙ୍କା ନିବେଶ ସହ ପାଖାପାଖି ୮,୬୮,୨୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ମେଟାଲ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି, ସ୍ଲରୀ ପାଇପଲାଇନ୍, କ୍ରିଟିକାଲ ମିନେରାଲ୍ସ ଓ ରେୟାର ଆର୍ଥ, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ, ଅକ୍ଷୟ ଶକ୍ତି ଉପକରଣ, ସ୍ୱାସ୍ଥ୍ୟସେବା, ଶିଳ୍ପ ଭିତ୍ତିଭୂମି, ପର୍ଯ୍ୟଟନ, ଦକ୍ଷତା ବିକାଶ ଏବଂ କ୍ରୀଡ଼ା ଭିତ୍ତିଭୂମି ଭଳି ପ୍ରମୁଖ କ୍ଷେତ୍ର ସାମିଲ ରହିଛି। ଏହା ଆଲୁମିନିୟମ ପ୍ରକଳ୍ପକୁ ଆଧାର କରି ଆଇଏଚସି ବିଭିନ୍ନ ବ୍ୟବସାୟ ପାଇଁ ଓଡ଼ିଶାକୁ ଏକ ସମ୍ଭାବ୍ୟ କେନ୍ଦ୍ର ଭାବେ ଗଢ଼ି ତୋଳିବ। ଏହା ରାଜ୍ୟର ଶିଳ୍ପ ଦକ୍ଷତା ସହ ଅନ୍ତର୍ଜାତୀୟ ପୁଞ୍ଜି, ବୈଷୟିକ ଜ୍ଞାନକୌଶଳ ଓ ବିଶ୍ୱ ବଜାରର ସୁଯୋଗକୁ ଯୋଡ଼ିବା ପାଇଁ ନୂଆ ଦ୍ୱାର ଖୋଲିବ। ମୁଖ୍ୟମନ୍ତ୍ରୀ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରୋଫେସନାଲ୍ ଗ୍ରୁପ୍ (ଆଇବିପିଜି)ର ପ୍ରତିନିଧିମାନଙ୍କୁ ଭେଟିଥିଲେ, ଯେଉଁଥିରେ ଆଇବିପିଜି ସଭାପତି ରାଜୀବ ଶାହ, ସାଧାରଣ ସମ୍ପାଦକ ବରୁଣ ୱାହି ଓ ଗ୍ରୁପ୍‌ର ଅନ୍ୟ ବରିଷ୍ଠ ସଦସ୍ୟମାନେ ସାମିଲ ଥିଲେ। ଆଲୋଚନାରେ ନିବେଶ ଉତ୍ସାହ ସୃଷ୍ଟି କରିବା ଏବଂ ଓଡ଼ିଶା ଓ ୟୁଏଇ-ଆଧାରିତ ବ୍ୟବସାୟଗୁଡ଼ିକ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦ୍ୱିପାକ୍ଷିକ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ଓ ଓଡ଼ିଶାରେ ନିବେଶ ସୁଯୋଗ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ଓ ଆଇବିପିଜି ମଧ୍ୟରେ ଏକ ସହଯୋଗିତା ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଆଲୋଚନାରେ ଓଡ଼ିଶାର ବିଭିନ୍ନ ଉତ୍ପାଦ, ଯେପରିକି ହଳଦୀ, ଅଦା ଭଳି ମସଲା ଜାତୀୟ ଦ୍ରବ୍ୟ ଓ ସାମୁଦ୍ରିକ ଖାଦ୍ୟର ରପ୍ତାନୀ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ୟୁଏଇର ପ୍ରମୁଖ ବ୍ରାଣ୍ଡଗୁଡ଼ିକ ପାଇଁ କଣ୍ଟ୍ରାକ୍ଟ ମ୍ୟାନୁଫ୍ୟାକ୍ଚରିଂକୁ ପ୍ରୋତ୍ସାହିତ କରିବା ଓ ଓଡ଼ିଶାର ଉଚ୍ଚ ଦକ୍ଷତାସମ୍ପନ୍ନ ମାନବ ସମ୍ବଳ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ଉଦ୍ୟୋଗୀମାନେ ମଧ୍ୟ ଭାଗ ନେଇଥିଲେ। ସେମାନେ ବ୍ୟାବସାୟିକ ଭାଗିଦାରୀର ବିସ୍ତାର, ବଜାର ସଂଯୋଗକୁ ସୁଦୃଢ଼ କରିବା ଓ ୟୁଏଇ ବଜାରରେ ପହଞ୍ଚ ବୃଦ୍ଧି କରିବା ନେଇ ନିଜ ନିଜର ମତ ରଖିଥିଲେ। ଏହି ଆଲୋଚନା ଓଡ଼ିଶା-ୟୁଏଇ ବାଣିଜ୍ୟିକ ସହଯୋଗକୁ ଅଧିକ ମଜବୁତ କରିବା ସହ ବାଣିଜ୍ୟ, ନିବେଶ ଓ ବ୍ୟାବସାୟିକ ସହଯୋଗିତା ପାଇଁ ନୂଆ ପନ୍ଥା ସୃଷ୍ଟି କରିବାକୁ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀ ବୋରୋଜ୍ (ପେଟ୍ରୋକେମିକାଲ୍ ସେକ୍ଟର)ର ସିଇଓ ହାଜିମ୍ ସୁଲତାନ ଅଲ୍ ସୁୱାଇଦିଙ୍କୁ ଭେଟିଥିଲେ। ପାରାଦୀପଠାରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡର ପ୍ରସ୍ତାବିତ ନାପଥା କ୍ରାକର ପ୍ଲାଣ୍ଟରୁ କଞ୍ଚାମାଲ ସଂଯୋଗର ସୁଯୋଗ ନେଇ ଓଡ଼ିଶାରେ ଏକ ବୃହତ୍ ପେଟ୍ରୋକେମିକାଲ୍ସ ଡାଉନଷ୍ଟ୍ରିମ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ସେ ବୋରୋଜ୍ କମ୍ପାନୀକୁ ନିମନ୍ତ୍ରଣ ଜଣାଇଛନ୍ତି।

### ୪ ରେଳ ପ୍ରକଳ୍ପକୁ...

ରେଳବାଇର ନେଟୱର୍କକୁ ପ୍ରାୟ ୬୫୬ କିମି ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକର ସମୁଦାୟ ଆନୁମାନିକ ବ୍ୟୟ ଅଟକଳ ୧୦,୭୮୩ କୋଟି ଟଙ୍କା ରଖାଯାଇଛି ଏବଂ ଏହାକୁ ୨୦୨୯-୩୦ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ରେଳ ଲାଇନ୍ କ୍ଷମତା ବୃଦ୍ଧି ହେବା ଫଳରେ ଗମନାଗମନ ବେଗ ବୃଦ୍ଧି ପାଇବ, ଯାହା ଭାରତୀୟ ରେଳବାଇର କାର୍ଯ୍ୟକ୍ଷମତା ଓ ସେବା ବିଶ୍ୱସନୀୟତାରେ ସୁଧାର ଆଣିବ। ଏହି ମଲ୍ଟିଟ୍ରାକିଂ ପ୍ରସ୍ତାବଗୁଡ଼ିକ ରେଳ ଚଳାଚଳକୁ ସ୍ୱାଭାବିକ କରିବା ସହ ଭିଡ଼ କମାଇବାରେ ସହାୟକ ହେବ।

### ସୋସିଆଲ ମିଡିଆରେ...

ଦଶକର ଟ୍ରେଣ୍ଡ୍ ସହ ତାଳ ଦେଇ...’। ଫଟୋରେ ସେ ଗ୍ରେ ରଙ୍ଗର ସୁଟ୍, ଧଳା ଶାର୍ଟ ଓ ଚଷମା (ଆଭିଏଟର ସନଗ୍ଲାସ) ପିନ୍ଧି ସେପିଆ-ଟୋନ୍ ଗ୍ରାଫିକ୍ସରେ ନଜର ଆସୁଛନ୍ତି। ସେହିପରି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ମଧ୍ୟ କାର୍ ପାଖରେ ଠିଆ ହୋଇଥିବା ନିଜର ଏକ ଭିଣ୍ଟେଜ୍ ଲୁକ୍ ଫଟୋ ପୋଷ୍ଟ କରି ଲେଖିଛନ୍ତି, ‘ସମସ୍ତେ କାହିଁକି ୮୦ ଦଶକର ମାହୋଲକୁ ଫେରୁଛନ୍ତି? ମୁଁ ମଧ୍ୟ ଏହି ନୋଷ୍ଟାଲଜିଆର ଶିକାର ହେବାକୁ ବାଧ୍ୟ ହେଲି’। ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଧ୍ୟ ନିଜର ୮୦ ଦଶକର ଏଆଇ ଲୁକ୍ ଶେୟାର କରି ଦର୍ଶକଙ୍କ ମନ ଜିଣିଛନ୍ତି। ସୋସିଆଲ ମିଡିଆରେ ଛାଇଯାଇଥିବା ଏହି ଟ୍ରେଣ୍ଡରେ କଂଗ୍ରେସ ନେତା ରାହୁଲ ଗାନ୍ଧି ରେଟ୍ରୋ ଲୁକ୍‌ରେ ମଧ୍ୟ ନଜର ଆସିଛନ୍ତି। ଫଟୋରେ ରାହୁଲ ଗାନ୍ଧି ଭିଣ୍ଟେଜ୍ ବ୍ରାଉନ୍ ଜ୍ୟାକେଟ୍, ଚଉଡ଼ା କଲର ଥିବା ଶାର୍ଟ, ବେଲ୍‌ବଟମ ପ୍ୟାଣ୍ଟ ଓ ୮୦ ଦଶକର କ୍ଲାସିକ୍ ଚମଡ଼ା ଯୋତା ପିନ୍ଧିଥିବାର ଦେଖାଯାଉଛନ୍ତି। ତେବେ କ’ଣ ଏହି ‘ଏଆଇ ୮୦ ଦଶକର ଫଟୋ ଟ୍ରେଣ୍ଡ’? ଏହି ଟ୍ରେଣ୍ଡରେ ୟୁଜର୍ସ କେବଳ ପୁରୁଣା ଫିଲ୍ଟର ଲଗାଉନାହାନ୍ତି, ବରଂ ଚାଟ ଜିପିଟି କିମ୍ବା ଅନ୍ୟ ଏଆଇ ଟୁଲ୍‌କୁ କିଛି ପ୍ରମ୍ପ୍ଟ (କମାଣ୍ଡ) ଦେଇ ନିଜ ଚେହେରାକୁ ୧୯୮୦ ଦଶକର ହେୟାରଷ୍ଟାଇଲ୍, ପୋଷାକ ଏବଂ ସେହି ସମୟର ବଲିଉଡ୍ ଫଟୋଶୁଟ କିମ୍ବା ଷ୍ଟୁଡିଓ ଫଟୋ ଆକାରରେ ବଦଳାଉଛନ୍ତି। ଗାଢ଼ ରଙ୍ଗ, ଚଷମା, ରଙ୍ଗିନ ଶାଢ଼ି ଓ ଆନାଲଗ ଫିଲ୍ମର ଟେକ୍ସଚର ଏହି ଫଟୋକୁ ସମ୍ପୂର୍ଣ୍ଣ ଅସଲି ପୁରୁଣା ଫଟୋର ଲୁକ୍ ଦେଉଛି।

### ୨ ମିସ୍ତ୍ରିଙ୍କ ସମେତ...

(୪୬), ଆଲୋକ କରଡ଼ା (୪୭) ଓ ପ୍ରକାଶ ଲିମା (୪୫)। ସେମାନେ ସମସ୍ତେ କେନ୍ଦୁଗୁଡ଼ା ଥାନାଞ୍ଚଳ ଅନ୍ତର୍ଗତ ଜୀବଜଗତପୁରର ବାସିନ୍ଦା। ମୃତକଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତି ଜଣଙ୍କ ଜଣେ ଶ୍ରମିକ ଥିଲେ। ଘଟଣା ପରେ ପଦ୍ମପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଟାଙ୍କି ଭିତରୁ ତିନି ଜଣଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ତୁରନ୍ତ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତିନି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଘଟଣା ସମ୍ପର୍କରେ ଖବର ପାଇ ପଦ୍ମପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

### ଭାରତରତ୍ନ ପ୍ରଫେସରଙ୍କ...

ଏସଆଇଆର ପରିଚାଳନା କରୁଥିବା ସମ୍ପୃକ୍ତ କର୍ତ୍ତୃପକ୍ଷ ପ୍ରଫେସର ରାଓଙ୍କ ପରିଚୟ ଯାଞ୍ଚ୍ (ଆଇଡେଣ୍ଟିଟି ଭେରିଫିକେସନ୍) କରିବା ଲାଗି ବାଧ୍ୟ ହୋଇଛନ୍ତି। ତେବେ ପ୍ରଫେସର ରାଓଙ୍କ ପରି ଜଣେ ବିଖ୍ୟାତ ବୈଜ୍ଞାନିକ ତଥା ଭାରତରତ୍ନ ଭଳି ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାରରେ ସମ୍ମାନିତ ତଥା ଏବେ ଶଯ୍ୟାଶାୟୀ ଥିବା ବ୍ୟକ୍ତିତ୍ୱଙ୍କୁ ନିଜର ନାଗରିକତା ପ୍ରମାଣ କରିବା ଲାଗି ଏସଆଇଆର ଶୁଣାଣିକୁ ଆସିବା ପାଇଁ ଡକାଇବା ଘଟଣାକୁ ନେଇ ନିର୍ବାଚନ ଆୟୁକ୍ତଙ୍କୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏହି ଘଟଣା ଉପରେ ଭାରତର ନିର୍ବାଚନ କମିଶନ (ଇସିଆଇ) ଏକ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ରାଓଙ୍କ ନାମରେ ରହିଥିବା ବିସଙ୍ଗତିକୁ ଯାଞ୍ଚ୍ କରି ତାହାର ସଂଶୋଧନ କରିବା ଲାଗି ତାଙ୍କର ବେଙ୍ଗାଲୁରୁ ବାସଭବନକୁ ଏହା ଅଧିକାରୀମାନଙ୍କୁ ପଠାଇବେ। ଇସିଆଇର ଜଣେ ଅଧିକାରୀ ଏକଥା ପୁଷ୍ଟି କରି କହିଛନ୍ତି ଯେ ଶ୍ରୀ ରାଓଙ୍କୁ ନିର୍ଦ୍ଦିଷ୍ଟ ଶୁଣାଣି କେନ୍ଦ୍ରକୁ ଆସିବାର ଆବଶ୍ୟକତା ପଡ଼ିବ ନାହିଁ। ତା’ ପରିବର୍ତ୍ତେ ନିର୍ବାଚନ କର୍ମଚାରୀ ରାଓଙ୍କ ଘରକୁ ଯାଇ ଯାଞ୍ଚ୍ ପ୍ରକ୍ରିୟା ସଂଚାଳନ କରିବା ସହ ଆବଶ୍ୟକ ବିସଙ୍ଗତିର ସଂଶୋଧନ କରିବେ।

### ବିସ୍ଥାପିତଙ୍କ କଲ୍ୟାଣ...

କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ ଜମି, କ୍ଷତିପୂରଣ ଓ ନିଯୁକ୍ତି ସମ୍ବନ୍ଧୀୟ ସମସ୍ୟାର ସହଜ ଓ ତ୍ୱରିତ ସମାଧାନ ପାଇଁ ଏକ ‘ୱେବ୍ ପୋର୍ଟାଲ୍’ ବା ୱାନ୍ ଷ୍ଟପ୍ ସଲ୍ୟୁସନ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଯୁବକଯୁବତୀଙ୍କୁ ଦକ୍ଷ କରିବା ପାଇଁ ଏମସିଏଲରର ସେଣ୍ଟ୍ରାଲ ୱାର୍କସପ୍‌କୁ ଅପଗ୍ରେଡ୍ କରି ମାଇନିଂ ସେକ୍ଟର ପାଇଁ ଏକ ‘ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ’ ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହାଛଡ଼ା ଡିଏମଏଫ୍ ଟ୍ରଷ୍ଟ ବୋର୍ଡ ବୈଠକରେ ଖଣିଜ ରାଜସ୍ୱ ପାଣ୍ଠିର ସଠିକ୍ ଓ ସ୍ୱଚ୍ଛ ବିନିଯୋଗ ମାଧ୍ୟମରେ ଅଞ୍ଚଳର ଭିତ୍ତିଭୂମି ଓ ଜନସାଧାରଣଙ୍କ ସେବା ପାଇଁ ପ୍ରକଳ୍ପଗୁଡ଼ିକର ସମୀକ୍ଷା ହୋଇଛି। ବିଶେଷ ଭାବରେ ଖଣି ଅଧ୍ୟୁଷିତ ଅଞ୍ଚଳର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଦକ୍ଷତା ବିକାଶ, ମହିଳା ଓ ଶିଶୁ କଲ୍ୟାଣ, କୃଷି, ଗମନାଗମନ, ଭିତ୍ତିଭୂମି ଓ ସ୍ୱଚ୍ଛ ପରିବେଶ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଛି। ଏଥିସହ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ଓ ଶତପ୍ରତିଶତ ବିଦ୍ୟୁତୀକରଣ, କମ୍ୟୁନିଟି ହେଲଥ୍ ସେଣ୍ଟର ଓ ଆରୋଗ୍ୟ ମନ୍ଦିରଗୁଡ଼ିକର ଶଯ୍ୟା ଓ ଭିତ୍ତିଭୂମି ବୃଦ୍ଧି, ଯୁବପିଢ଼ିଙ୍କ ପାଇଁ ଏଆଇ ଇକୋସିଷ୍ଟମ୍ ସହ ‘ୟୁଥ୍-ସେଣ୍ଟ୍ରିକ୍’ ସ୍କିଲିଂ ପ୍ରଦାନ ଓ ବର୍ଜ୍ୟବସ୍ତୁ ସୁପରିଚାଳନା ଭଳି ଆନୁଷଙ୍ଗିକ ବିଷୟଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକଗୁଡ଼ିକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ଜିଲ୍ଲାର ବିଧାୟକଗଣ, ଆଞ୍ଚଳିକ ରାଜସ୍ୱ କମିଶନର, ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ଏମସିଏଲ ସମେତ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ପାକିସ୍ତାନରେ...

ରହିଛି ମହାପ୍ରଭୁଙ୍କ ନାଁ, କେବେଠାରୁ ଏହି ଜମି ଶ୍ରୀଜଗନ୍ନାଥଙ୍କ ନାଁରେ ରହିଛି, ବିଭାଜନ ପୂର୍ବରୁ ଥିଲା କି ସମ୍ପତ୍ତି, ବର୍ତ୍ତମାନ ଏହାର ସ୍ଥିତି କ’ଣ, ଜମି ଦାନସୂତ୍ରରେ ଆସିଥିଲା କି, ନା ଅନ୍ୟ କୌଣସି ଐତିହାସିକ ପ୍ରକ୍ରିୟାରେ ମହାପ୍ରଭୁଙ୍କ ସମ୍ପତ୍ତି ହୋଇଥିଲା, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଆଇନ ମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁଙ୍କର ୩୬ ହଜାର ଏକର ଜମିର ରେକର୍ଡଭୁକ୍ତ ରହିଛି। ସେହିପରି ରାଜ୍ୟ ଓ ରାଜ୍ୟ ବାହାରେ ଅଛି ୫୮ ହଜାର ଏକର ଜମି। ସବୁଠୁ ବଡ଼ ପ୍ରଶ୍ନ ଯେଉଁ ଜମି ଭାରତରେ ଅଛି, ତାହାର ରେକର୍ଡ ଯାଞ୍ଚ, ଚିହ୍ନଟ ଓ ସେଟଲମେଣ୍ଟ କରିବା ସହଜ ହେବ। ହେଲେ ପାକିସ୍ତାନ ଭଳି ବିଦେଶ ମାଟିରେ ଥିବା ଜମିକୁ ଚିହ୍ନଟ କରାଯିବ କେମିତି? ପ୍ରଥମ ପଦକ୍ଷେପ ହେବ ପୁରୁଣା ରେକର୍ଡ ଖୋଜିବା। ମନ୍ଦିର ରେକର୍ଡ, ପୁରୁଣା ରେଭେନ୍ୟୁ ଡକ୍ୟୁମେଣ୍ଟ, ରେଜିଷ୍ଟ୍ରି, ସେଟଲମେଣ୍ଟ ରେକର୍ଡ ଆଉ ସେତେବେଳେର ପ୍ରଶାସନିକ ଦସ୍ତାବିଜର ଖୋଳତାଡ଼ କରାଯିବ। ଏସବୁ ତଥ୍ୟକୁ ମେଳ କରି ଜମିର ଅବସ୍ଥାନ, ପରିମାଣ ଓ ମାଲିକାନାର ଇତିହାସ ଯାଞ୍ଚ କରିବାକୁ ପଡ଼ିବ। ପାକିସ୍ତାନ ମାଟିରେ ଥିବା ଜମି ପାଇଁ ଲାଗିବ ସେଠାକାର ଆଇନ। ଅର୍ଥାତ ଏଠି କେବଳ ମନ୍ଦିର ପ୍ରଶାସନର ପଦକ୍ଷେପ ଯଥେଷ୍ଟ ନୁହେଁ। ଆବଶ୍ୟକ ପଡ଼ିପାରେ ଆଇନଗତ ପ୍ରକ୍ରିୟା, ରେକର୍ଡ ଭେରିଫିକେସନ୍। ଏପରିକି କୂଟନୈତିକ ସ୍ତରରେ ସମନ୍ୱୟର ବି ଆବଶ୍ୟକତା ପଡ଼ିପାରେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ ଅନ୍ୟ ଜଣେ ଗୁରୁତର



ନୀଳଗିରି,୯।୯ (ସଂଚାର ବ୍ୟୁରୋ): ସଡ଼କରେ ଆସୁଥିବା ବେଳେ ଅନ୍ୟ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଭାରସାମ୍ୟ ହରାଇ ଗଛରେ ବାଡେଇ ବାଇକରେ ଆସୁଥିବା ଦୁଇ ଭାଇ ଦୁର୍ଘଟଣା ଗ୍ରସ୍ତ ହୋଇ ସାନ ଭାଇର ମୃତ ହୋଇଥିବା ବେଳେ ବଡ଼ ଭାଇ ମୃତ୍ୟୁ ସହ ସଂଘର୍ଷ ଘଟଣା ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଟାଙ୍ଗୀରିଆ ଗ୍ରାମର ବାଜୁନ କିସ୍କୁ ଙ୍କ ଦୁଇ ପୁତ୍ର ଫାଦୁ କିସ୍କୁ (୨୨)ଏବଂ ତାଙ୍କ ବଡ ଭାଇ ବୁଦ୍ଧିରାମ କିସ୍କୁ (୨୫)ଆଜି ପୂର୍ବାହ୍ନ ପ୍ରାୟ ୧୧ଘଟିକା ସମୟରେ ଘରୁ ଏକ ବାଇକ ଯୋଗେ ନରଣ ପୁର ପଞ୍ଚାୟତ ର ଦଲକିସାହି ବନ୍ଧୁ ଘରକୁ ଆସୁଥିଲେ। ତେଓ୍ୱେ ପ୍ରାୟ ୧୨,୩୦ମିନିଟ ସମୟରେ ଦେବଯାନୀ ଛକ ନିକଟରେ ଏକ ଅଜଣା ଗାଡି ଉଭୟ ଭାଇଙ୍କୁ ଧକ୍କା ଦେବାରୁ ଭାରସାମ୍ୟ ହରାଇ ଏକ ଗଛରେ ପିଟି ଯାଇଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ନୀଳଗିରି ମେଡିକାଲ କୁ ନିଆଯାଇଥିଲା। ସେଠାରେ ଡାକ୍ତର ଫାଦୁ କୁ ମୃତ ଘୋଷଣା କରିଥିଲେ। ତାଙ୍କ ବଡ ଭାଇ ବୁଦ୍ଧିରାମ ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ବରହମପୁର ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଆସନ୍ତା ଗୁରୁବାର ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି।

## ବିଷ ପିଇ ଯୁବକ ମୃତ

ଫୁଲବାଣୀ,୯।୯ (ସଂଚାର ବ୍ୟୁରୋ): ଜଣେ ୧୯ ବର୍ଷୀୟ ଯୁବକ ନିଜ ମା'ଙ୍କ ସହ ଝଗଡା କରି ବିଷ ପିଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ତେବେ ସୂଚନା ପ୍ରକାରେ କନ୍ଧମାଳ ସୀମାନ୍ତ କଳାହାଣ୍ଡି ଜିଲ୍ଲା ଏମ ରାମ ପୁର ବ୍ଲକ ମାଗାଡି ଗାଁର ୧୯ ବର୍ଷୀୟ ଯୁବକ ସିଦ୍ଧାନ୍ତ ମାଝୀ କୌଣସି ଏକ କାମ ପାଇଁ ଗତକାଲି ମା ସହ ଝଗଡା ହେଇଥିଲା। ଝଗଡା ପରେ ବଜାରକୁ ଯାଇ ବିଷ ଔଷଧ ଆଣି ଖାଇଥିଲେ। ଗୁରୁତର ହେବାରୁ ପରିବାର ଲୋକେ ପ୍ରଥମେ ବାଲିଗୁଡା ଉପଖଣ୍ଡ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ପରେ ଅବସ୍ଥା ଅତି ଗୁରୁତର ହେବାରୁ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଛି । ଅନ୍ୟପଟେ ଏହି ଘଟଣାକୁ ନେଇ ଫୁଲବାଣୀ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

### ରାସ୍ତା ଅବସ୍ଥା ଶୋଚନୀୟ

# କାଦୁଅ ପଚପଚ ଯୋଗୁଁ ଲୋକେ ହନ୍ତସନ୍ତ

ଆନନ୍ଦପୁର,୯।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ କୋଡ଼ପଡ଼ା ପଞ୍ଚାୟତର ୧୦ ଓ ୧୧ ନମ୍ବର ୱାର୍ଡର ତଳସାହି, କୁଅଁରସାହି ଓ ମୁଖୀସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ କାଦୁଅରେ ପଚପଚ। ସାଧାରଣତଃ ବର୍ଷା ହେଲେ ରାସ୍ତାର ଅବସ୍ଥା ଆହୁରି ଦୟନୀୟ ହୋଇପଡୁଥିବାରୁ ଯାତାୟାତରେ ଲୋକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।



ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତାର ସ୍ଥାୟୀ ମରାମତି ପାଇଁ ମରମ କିମ୍ବା ଆବଶ୍ୟକ ନିର୍ମାଣ ସାମଗ୍ରୀ ପକାଇବା ବଦଳରେ ରାତି ଅଧିଆ ଜେସିବି ମେସିନ୍ ଲଗାଇ ରାସ୍ତା କଡ଼ରୁ ମାଟି ଉଠାଇ ରାସ୍ତା ଉପରେ ପକାଯାଉଥିଲା। ଏହାକୁ ସାହିବାସିନ୍ଦା ବାରଣ କରିଥିବା ଜଣାପଡ଼ିଛି।

ତେବେ ମରମ ପକାଇ ରାସ୍ତା ମରାମତି କରିବା ପରିବର୍ତ୍ତେ ମାଟି କାହିଁକି ପକାଯାଉଥିଲା? ଯଦି ମାଟି ପକାଇବା ଆବଶ୍ୟକ ଥିଲା, ତେବେ ରାତି ଅଧିଆ ଜେସିବି ଲଗାଇ ଏଭଳି କାମ କାହିଁକି କରାଯାଉଥିଲା? ଏଭଳି ଅନେକ ପ୍ରଶ୍ନ ଏବେ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଘଟଣାର ତଦନ୍ତ କରିବା ସହ ରାସ୍ତାର ସ୍ଥାୟୀ ମରାମତି କରିବାକୁ ଦାବି କରିଛନ୍ତି ଉଷା ରାଣୀ ନାହାକ, କାଳୀ ଖଟୁଆ, ପାର୍ବତୀ ସେଠୀ, ପଞ୍ଚୁ ଖଟୁଆ, ଅକ୍ଷୟ

### ପହଞ୍ଚି ପାରୁନାହିଁ ଆମ୍ବୁଲାନ୍ସ

### ରାତି ଅଧିଆ ମାଟି ପକାକୁ ନେଇ ବଢ଼ିଲା ସନ୍ଦେହ

ଖଟୁଆ, ଚୈତନ୍ୟ ସେଠୀ, ପ୍ରଶାନ୍ତ କୁମାର ମୁଖୀ, ବିକ୍ରମ ନାଏକ, ଚଗୁଲୁ ନାଏକ, ଆକାଶ ଦେହୁରୀ, ଲକ୍ଷ୍ମୀଧର ନାହାକ, ମାନସ କୁଆଁର ଓ ପ୍ରଦୀପ ନାହାକ।

ସ୍ଥାନୀୟ ଲୋକଙ୍କ ଦାବି, କେବଳ ମାଟି ପକାଇ ତୁରନ୍ତ ସମାଧାନ ନୁହେଁ, ଏହି ରାସ୍ତାର ସ୍ଥାୟୀ ମରାମତି ସହ ପକ୍କା ସଡ଼କ ନିର୍ମାଣ କରାଯାଉ। ତେବେ ରାସ୍ତା ମରାମତି ପାଇଁ କେଉଁ ଯୋଜନାରେ କେତେ ଅର୍ଥ ବ୍ୟୟ ହେଉଛି, ତାହାର ତଦନ୍ତ ହେଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରିବ ବୋଲି କୁହାଯାଉଛି।

### କୁଆଖାଇକୁ ଅଟୋ ଚାଳକ ଡେଇଁବା ଘଟଣା

## ୩୬ ଘଣ୍ଟା ପରେ ମୃତଦେହ ଉଦ୍ଧାର

ବାଲିଅନ୍ତା,୯।୯ (ସଂଚାର ବ୍ୟୁରୋ): ବାଲିଅନ୍ତା କୁଆଖାଇ ନଦୀରେ ଅଟୋ ଚାଳକ ସଞ୍ଜୟ ସ୍ୱାଇଁ ନିଖୋଜ ଘଟଣାର ୩୬ ଘଣ୍ଟା ପରେ ଉଦ୍ଧାର ହୋଇଛି । ବାଲିଅନ୍ତା ଅଗ୍ନିଶମ ବାହିନୀ ଦୀର୍ଘ ୩୬ ଘଣ୍ଟା କାଳ ସର୍ଚ୍ଚ ଅପରେସନ କରି ଶବ ଠାବ କରିବାରେ ସଫଳ ହୋଇଥିଲେ। ଘଟଣାସ୍ଥଳ ଟଙ୍କପାଣି ବ୍ରିଜ ଠାରୁ ପ୍ରାୟ ୨ କିମି ଦୂର ଲିଙ୍ଗିପୁର ପାର୍ଶ୍ୱରେ ମୃତଦେହ ଠାବ କରିଥିଲେ । ଖବର ପାଇ ବାଲିଅନ୍ତା ଥାନା ପୁଲିସ ପହଞ୍ଚିଥିଲା । ଏପଟେ ଖବର ପାଇ ପରିବାର ଲୋକ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ନେଇ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା ।

ଉଲ୍ଲେଖ ଯୋଗ୍ୟ ଗତ ୭ ତାରିଖ ରାତି ୧୦ଟା ସମୟରେ ହରଚଣ୍ଡୀ ସାହିର ସଞ୍ଜୟ ପତ୍ନୀଙ୍କ ସହ ଝଗଡା କରି ନିଖୋଜ ହୋଇଯାଇଥିଲେ । କିଛି ସମୟ ପରେ ଟଙ୍କପାଣି ବ୍ରିଜ ଉପରୁ ତାଙ୍କର ଅଟୋ ଚପଲ, ଗାଡି ଚାବି, ଏବଂ ମୋବାଇଲ ଫୋନ ମିଳିଥିଲା । ବାଲିଅନ୍ତା ଅଗ୍ନିଶମ ବାହିନୀ, ଭୁବନେଶ୍ୱର ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ ସର୍ଚ୍ଚ ଅପରେସନ ଜାରି ରଖିଥିଲେ ।

# କୋଲ କରିଡର ରାସ୍ତାରେ ଭାରୀଯାନ ଭିଡ଼




ସୁନ୍ଦରଗଡ଼,୯।୯ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲାର କାଲୋବାହାଲ ଠାରୁ ଭେଡ଼ାବାହାଲ ଦେଇ ଯାଇଥିବା କୋଲ କରିଡର ରାସ୍ତାରେ ଭାରୀ ଯାନବାହନର ଅତ୍ୟଧିକ ଭିଡ଼ ଏବେ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ରାସ୍ତାରେ ସବୁବେଳେ ଭାରୀ ଗାଡ଼ି ଜମା ହୋଇ ରହୁଥିବାରୁ ଲୋକମାନେ ରାସ୍ତା ପାର ହେବା ସହ ଦୈନନ୍ଦିନ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ତେଲିପାଲି ଓ ନିଆଳିପାଲି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରୁଛନ୍ତି। ଏହି ରାସ୍ତାରେ କୋଲ କରିଡର ଥିବାରୁ ଭାରୀ ଯାନବାହନ ଚଳାଚଳ ମଧ୍ୟରେ ଲୋକଙ୍କୁ ରାସ୍ତା ପାର ହୋଇ ସୁନ୍ଦରଗଡ଼ ସହର ଆଡ଼କୁ ଯିବାକୁ ପଡୁଛି। ତା'ସହ ଅନେକ ଗାଡ଼ି ରାସ୍ତା କଡ଼ରେ ଅନିୟମିତ ଭାବେ ରହୁଥିବାରୁ ରାସ୍ତା ସଙ୍କୁଚିତ ହୋଇ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି।

ରାସ୍ତାରେ ଏଭଳି ସ୍ଥିତି ଯୋଗୁଁ କେବଳ ଯାତାୟାତ ସମସ୍ୟା ସୃଷ୍ଟି ହେଉନାହିଁ, ଅଘଟଣର ଆଶଙ୍କା ମଧ୍ୟ ବଢ଼ିଛି। ବିଶେଷକରି ଛାତ୍ରଛାତ୍ରୀ,

### ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଲୋକେ

ବୃଦ୍ଧବୃଦ୍ଧା ଓ ସାଧାରଣ ପଥଚାରୀମାନେ ଭାରୀ ଯାନବାହନ ମଧ୍ୟରେ ରାସ୍ତା ପାର ହେବା ବେଳେ ଅସୁବିଧାରେ ପଡୁଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ରାସ୍ତାରେ ଭାରୀ ଯାନବାହନ ଜମା ହୋଇ ରହିବା ଓ ଅନିୟମିତ ପାର୍କିଂ ସମସ୍ୟା ଦୀର୍ଘଦିନର। ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ନିୟମିତ ଯାଞ୍ଚ ସହ ଅନିୟମିତ ପାର୍କିଂ ଉପରେ କଡ଼ା ରୋକ୍ ଲଗାଇବା ଏବଂ ଆବଶ୍ୟକ ସ୍ଥାନରେ ଯାତାୟାତ ନିୟନ୍ତ୍ରଣ ବ୍ୟବସ୍ଥା କରିବା ଜରୁରୀ ହୋଇପଡ଼ିଛି। ତେଣୁ କାଲୋବାହାଲରୁ ଭେଡ଼ାବାହାଲ କୋଲ କରିଡର ରାସ୍ତାରେ ଅନିୟମିତ ଭାବେ ଜମି ରହୁଥିବା ଭାରୀ ଯାନବାହନକୁ ତୁରନ୍ତ ନିୟନ୍ତ୍ରଣ କରିବା ସହ ଲୋକଙ୍କ ସୁରକ୍ଷିତ ଯାତାୟାତ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗଛ ଚାରା ପ୍ରଦାନ କାର୍ଯ୍ୟକ୍ରମ



ଯାଜପୁର ରୋଡ଼,୯।୯ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଂଚଳ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଯାଜପୁର ରୋଡ଼ ବନବିଭାଗ ରେଞ୍ଜର ପ୍ରସନ୍ନ କୁମାର ସାହୁ ଓ ଏସ.ପି.ସି.ବି ରିଜୋନାଲ ଅଫିସର ମଦନ ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଂଚଳର ଜନସାଧାରଣ ମାନଙ୍କୁ ପାଖାପାଖି ୩ ଶ଼ହରୁ ଉର୍ଦ୍ଧ୍ୱ ସୁଗୁଣବର୍ତା ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏସ.ପି.ସି.ବି ଏଷ୍ଟାବ୍ଲିସମେଂଟ ଅଫିସର ରାକେଶ କୁମାର ବାରିକ, ବନ ବିଭାଗ ଫରେଷ୍ଟର ଏମ.ଡି ସାକିର ହୁସେନ ଓ ଫରେଷ୍ଟ ଗାର୍ଡ ସାଇସ୍ମୃତି ବିଶ୍ୱାଳ ପ୍ରମୁଖ ସାମିଲ ହୋଇ ଜନସାଧାରଣଙ୍କୁ ନିଜ ଘର ପରିସରରେ ଗଛ ଲଗାଇ ସବୁଜ ପରିବେଶ ସୃଷ୍ଟି କରନ୍ତୁ ବୋଲି ବାର୍ତା ଦେବା ସହ ପରିବେଶ ସୁରକ୍ଷିତ ରହିଲେ ପ୍ରତ୍ୟେକ ବ୍ୟକ୍ତି ସୁରକ୍ଷିତ ରହିବା ସହ ତାଙ୍କ ପରିବାର ଓ ସମାଜ ସୁରକ୍ଷିତ ରହି ପାରିବ ବୋଲି କହିଥିଲେ।

### ହିଞ୍ଜିଳିରେ ଥମୁନି ଚୋରି

# ପମ୍ପ ଗୃହରୁ କାଟିନେଲେ ୫ଟି ମୋଟର କେବୁଲ



### କଣ୍ଟାଇକୋଳି ଗ୍ରାମରେ ଜଳ ଯୋଗାଣ ବନ୍ଦ

ହିଞ୍ଜିଳିକାଟୁ,୯।୯ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ କଞ୍ଚୁରୁ ପଞ୍ଚାୟତ ଅଧୀନ କଣ୍ଟାଇକୋଳି ଗ୍ରାମରେ ବିଳମ୍ବିତ ରାତିରେ ଡକାୟତି ଗ୍ୟାଙ୍ଗ କଳାକନା ବୁଲାଉଛନ୍ତି | ପମ୍ପ ଗୃହର ତାଲା ଭାଙ୍ଗି ଭିତରେ ପଶି ୫ଟି ମୋଟରର ବିଦ୍ୟୁତ୍ କେବୁଲ କାଟି ନେଇଯାଇଛନ୍ତି ଦୁର୍ବୃତ୍ତ। ଫଳରେ ଗ୍ରାମରେ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

ସୂଚନା ପ୍ରକାରେ, କଣ୍ଟାଇକୋଳି ଗ୍ରାମରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଜଳ ଯୋଗାଣ ବା ବସୁଧା ଯୋଜନା ଅଧୀନରେ ଏକ ପମ୍ପ ଗୃହ ରହିଛି। ଏହି ପମ୍ପ ମାଧ୍ୟମରେ ଗ୍ରାମରେ ଥିବା ୩ଟି ବଡ଼ ପାଣି ଟାଙ୍କିକୁ ଜଳ ଯୋଗାଣ କରାଯାଏ। ପ୍ରତ୍ୟେକ ଟାଙ୍କିର କ୍ଷମତା ପ୍ରାୟ ୩ ଲକ୍ଷ ଲିଟର ବୋଲି ଜଣାପଡ଼ିଛି। ଏହି ୩ଟି ଟାଙ୍କିକୁ ପାଣି ଉଠାଇବାରେ ବ୍ୟବହୃତ ମୋଟରଗୁଡ଼ିକର ବିଦ୍ୟୁତ୍ କେବୁଲ ଚୋରି ହୋଇଛି। ଗତକାଲି ରାତିରେ କିଛି ଦୁର୍ବୃତ୍ତ ପମ୍ପ ଗୃହରେ ପଶି ଏହି ଚୋରି କରିଥିବା ଅଭିଯୋଗ ହୋଇଛି। ଆଜି ସକାଳେ ପମ୍ପ ଚାଳକ ସୀମାଞ୍ଚଳ ବେହେରା ପାଣି ଛାଡ଼ିବା ପାଇଁ ପମ୍ପ ଗୃହକୁ ଆସିଥିବା ବେଳେ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଭିତରକୁ ଯାଇ ଯାଞ୍ଚ କରିବା ପରେ ୫ଟି ମୋଟରରୁ ପମ୍ପକୁ ଯାଇଥିବା ୫ଟି ବିଦ୍ୟୁତ୍ ତାର କାଟି ନେଇଯାଇଥିବା ଜଣାପଡ଼ିଥିଲା।

ଘଟଣା ସମ୍ପର୍କରେ ପମ୍ପ ଚାଳକ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ମଦନ ମୋହନ ସେଠୀ ଘଟଣାସ୍ଥଳକୁ ଆସି ପରିସ୍ଥିତି ଦେଖିବା ସହ ଏ ସମ୍ପର୍କରେ ଆରଡବ୍ଲ୍ୟୁଏସଏସ ଜେଇଙ୍କୁ ଅବଗତ କରିଛନ୍ତି। ଏଥିସହ ଘଟଣାର ତଦନ୍ତ ପାଇଁ ହିଞ୍ଜିଳି ଥାନାକୁ ମଧ୍ୟ ଖବର ଦିଆଯାଇଛି। ତେବେ ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହା ପଛରେ କାହାର ହାତ ରହିଛି, ତାହାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

କେବୁଲ ଚୋରି ଯୋଗୁଁ ଆଜି ଗ୍ରାମରେ ସମ୍ପୂର୍ଣ୍ଣ ଭାବେ ଜଳ ଯୋଗାଣ ବନ୍ଦ ରହିବାରୁ ଲୋକଙ୍କ ଅସୁବିଧା ବଢ଼ିଛି। ତୁରନ୍ତ ନୂଆ କେବୁଲ ଲଗାଇ ପମ୍ପକୁ କାର୍ଯ୍ୟକ୍ଷମ କରିବା ସହ ଗ୍ରାମବାସୀଙ୍କୁ ଶୀଘ୍ର ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି |

ଠିକ ସେହିଭଳି ଗତ କିଛି ମାସ ତଳେ ଜାତୀୟ ରାଜପଥକୁ ଲାଗି ଚୈତନ୍ୟପଡ଼ା ଛକଠାରେ ଏକ ସୋଲାର ୱାଟର ପମ୍ପ (ଆନୁମାନିକ ମୂଲ୍ୟ ୪ ଲକ୍ଷ) ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା।

## ସାମଗ୍ରୀ ସ୍ରଷ୍ଟା ଓ ସୋସିଆଲ ମିଡ଼ିଆ ପ୍ରଭାବକ ନିମନ୍ତେ ପଞ୍ଜୀକୃତ ବ୍ୟବସ୍ଥା

ଖୋରଧା,୯।୯ (ସଂଚାର ବ୍ୟୁରୋ): ଓଡ଼ିଶା ସରକାର, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଅଗ୍ରଣୀ ଯୋଜନାର ବ୍ୟାପକ ପ୍ରଚାର ଓ ପ୍ରସାର ସହ ସମସ୍ତ ଜନସାଧାରଣ ଏବଂ ତତ୍‌ସହିତ ଯୋଜନାର ଉଦ୍ଦିଷ୍ଟ ହିତାଧିକାରୀମାନେ ଯୋଜନାର ସୁଫଳ ନେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ଜିଲ୍ଲାର ସାମଗ୍ରୀ ସ୍ରଷ୍ଟା ଏବଂ ସୋସିଆଲ ମିଡ଼ିଆ ପ୍ରଭାବକ ମାନଙ୍କ ଏକ ଡାଟା ବେଶ୍ ପ୍ରସ୍ତୁତ କରିବାକୁ ଯାଉଛନ୍ତି । ଏହା ଦ୍ୱାରା ସମସ୍ତ ସରକାରୀ ଯୋଜନାର, ତଥ୍ୟ, ସୂଚନା, ଯୋଜନାର ସଂପୃକ୍ତ ହୋଇପାରିବା ହିତାଧିକାରୀଙ୍କ ମାନଙ୍କ ସବିଶେଷ ତଥ୍ୟ ସୁଚାରୁ ରୂପେ, କମ୍ ସମୟ ମଧ୍ୟରେ ବିସ୍ତାରିତ ଓ ପ୍ରସାରଣ କରାଯାଇ ପାରିବ।

ଏହି ପରିପ୍ରେକ୍ଷୀରେ ଖୋରଧା ଜିଲ୍ଲାର ୬ ଗୋଟି ବ୍ଲକରେ ଯଥା ଖୋରଧା, ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ଚିଲିକା, ବାଣପୁର ବ୍ଲକରେ ଏବଂ ଜିଲ୍ଲା ସଦର ମହକୁମାରେ ସାମଗ୍ରୀ ସ୍ରଷ୍ଟା ଏବଂ ସୋସିଆଲ ମିଡ଼ିଆ ପ୍ରଭାବକ୍ ମାନଙ୍କୁ ଅନୁରୋଧ କରାଯାଇଅଛି ସେମାନଙ୍କର ବିସ୍ତୃତ ସୂଚନା ଏବଂ ଦରଖାସ୍ତ ତଥା ଆବଶ୍ୟକ ପ୍ରମାଣ ପତ୍ର, ମୋବାଇଲ ନମ୍ବର, ଇ ମେଲ୍ ଠିକଣା ସହ ଆସନ୍ତା କାଲି ଅର୍ଥାତ୍ ତା୧୦.୦୯.୨୦୨୬ ରିଖ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଖୋରଧା ଠାରେ କିମ୍ବା କାର୍ଯ୍ୟାଳୟ ଆଇ ମେଲ୍ dipro khordha 1@ gmail.com ରେ ଅପରାହ୍ନ ୫ ଘଟିକା ସୁଦ୍ଧା ଦାଖଲ କରିବା ପାଇଁ ଜଣାଇ ଦିଆଗଲା ।

### ଭାର୍ଗବୀ ବ୍ରିଜରେ ବାଇକ-ସ୍କୁଟି ମୁହାଁମୁହିଁ

## ଗାଡି ଚୂରମାର, ୨ ଆରୋହୀ ଗୁରୁତର



ବାଲିଅନ୍ତା,୯।୯ (ସଂଚାର ବ୍ୟୁରୋ): ସରଦେଇପୁର-ନିମାପଡା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ବାଲକାଟି ଭାର୍ଗବୀ ବ୍ରିଜ ଉପରେ ଗତକାଲି ବିଳମ୍ବିତ ରାତିରେ ଦ୍ରୁତବେଗରେ ଯାଉଥିବା ଏକ ବାଇକ ଏବଂ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ଦ୍ୱୟଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ । ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଖରାପ ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣାରେ ବାଇକ ଏବଂ ସ୍କୁଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୂରମାର ହୋଇଯାଇଛି । ବାଇକ ଏବଂ ସ୍କୁଟି ଆରୋହୀ କିଛି ଦୂରକୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ରାତି ପାଖାପାଖି ଗୋଟାଏ ସମୟରେ ଏହି ଦୁର୍ଘଟଣା ଘଟିଛି । ଖବର ପାଇ ବାଲକାଟି ଫାଣ୍ଡି ପୁଲିସ ଦୁର୍ଘଟଣା ଗ୍ରସ୍ତ ବାଇକ ୨ଟିକୁ ଜବତ କରିଛି। ତେବେ ବର୍ତ୍ତମାନ ସୁଦ୍ଧା ଆହତ ୨ ଯୁବକଙ୍କ ପରିଚୟ ମିଳିପାରିନି ।

## ତାଲିମ ନେଉଥିବା ଶିକ୍ଷାର୍ଥୀଙ୍କୁ ପୋଷାକ ବଣ୍ଟନ




ମାଲକାନଗିରି, ୯।୯ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାର ଯୁବପିଢ଼ିଙ୍କୁ ରୋଜଗାରକ୍ଷମ ଏବଂ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆଜି ଏକ ସ୍ୱତନ୍ତ୍ର ପୋଷାକ ଓ ପାଠ୍ୟୋପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ୍ ପାଖର ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଏବଂ ଗ୍ରାମତରଙ୍ଗ ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ସାମଗ୍ରୀ ବଣ୍ଟନ କରିଛନ୍ତି।

ବ୍ଲକ୍ ପାଖର ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ସାଧାରଣ ସେବା ସହାୟକ ପାଠ୍ୟକ୍ରମରେ ତାଲିମ ନେଉଥିବା ୨୯ ଜଣ ଶିକ୍ଷାର୍ଥୀଙ୍କୁ ଏବଂ ଗ୍ରାମତରଙ୍ଗ ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ସିଲେଇ ମେସିନ ଚାଳକ ପାଠ୍ୟକ୍ରମରେ ତାଲିମ ନେଉଥିବା ୨୦ ଜଣ ଶିକ୍ଷାର୍ଥୀଙ୍କୁ ବିଧାୟକ ପୋଷାକ ଓ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଥିଲେ।

ଏହି ଅବସରରେ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିୟୋଜନ ଅଧିକାରୀ ଗୁପ୍ତ ମାଢ଼ୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

ସୂଚନାଯୋଗ୍ୟ ଯେ, ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଅଧୀନରେ ଉଭୟ କେନ୍ଦ୍ରରେ ଏହି ମାଗଣା ପ୍ରଶିକ୍ଷଣ ଶିବିର ପରିଚାଳିତ ହେଉଛି, ଯାହାକି ଆଗାମୀ ଦିନରେ ଗ୍ରାମାଞ୍ଚଳର ଯୁବକଯୁବତୀମାନଙ୍କୁ ସିଧାସଳଖ ନିଯୁକ୍ତି ସୁଯୋଗ ଯୋଗାଇବାରେ ସହାୟକ ହେବ।

### ଖବର ପ୍ରକାଶ ପରେ ବି ଚେତା ପଶିଲାନି

# ଦାୟିତ୍ୱ ଏଡାଇଲା ପ୍ରାଣୀ ବିଭାଗ

କାକଟପୁର/ଅସ୍ତରଙ୍ଗ, ୯।୯ (ସଂଚାର ବ୍ୟୁରୋ): ଦୈନିକ ଖବର କାଗଜ "ସଂଚାର"ରେ "ଗାଁକୁ ଗାଁ ଲମ୍ପି ଆତଙ୍କ" ଖବର ପ୍ରକାଶିତ ହେଲା। ଯୁବକ ରୁଦ୍ର ପ୍ରସାଦ ଲେଙ୍କା ନିଜ ଏକ୍ସ "ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗକୁ ଟ୍ୟାଗ୍ କରି ଅଭିଯୋଗ କରିବା ପରେ ଶେଷରେ ବିଭାଗ ମୁହଁ ଖୋଲିଛି, ହେଲେ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଶୁଣି ଚାଷୀ ହତବାକ ହୋଇଯାଇଛନ୍ତି। ରୋଗକୁ ଲୁଚାଇ, ତଥ୍ୟକୁ ଚପାଇ ବିଭାଗ ନିଜ ଅପାରଗତାକୁ ଘୋଡାଇବାକୁ ଚେଷ୍ଟା କରିଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଗୋରୁ ଗାଈଙ୍କୁ ଲମ୍ପି ଭାଇରସ ବା ଚର୍ମବିଣ୍ଡି ରୋଗ ଖବର ପ୍ରକାଶ ପାଇବା ପରେ, ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ଡାକ୍ତରୀ ଦଳ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରାୟ ୨୫୦ଟି ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୭ଟି ପ୍ରାଣୀ ଆକ୍ରାନ୍ତ ଥିବା ଚିହ୍ନଟ ହୋଇଛି। ଏଥିରୁ ୫ଟି ପ୍ରାଣୀ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ କେବଳ ବାଛୁରୀଙ୍କ ଠାରେ ଲକ୍ଷଣ ଦେଖା ଦେଇଛି ଏବଂ କୌଣସି ଦୁଧିଆଳୀ ଗାଈ ଆକ୍ରାନ୍ତ ହୋଇନାହାଁନ୍ତି।ବିଭାଗର ଏହି ଦାବିକୁ ନେଇ ଏବେ ବଡ ପ୍ରଶ୍ନ। ଯଦି ୧୫ଟି ପଞ୍ଚାୟତରେ ହଜାର ହଜାର ଗାଈ ଅଛନ୍ତି, ତେବେ ମାତ୍ର ୨୫୦ଟି ପରୀକ୍ଷା କରି ବିଭାଗ କେମିତି କହୁଛି ମାତ୍ର ୭ଟି ଆକ୍ରାନ୍ତ? ସଞ୍ଚାର"ପ୍ରତିନିଧି ଅସ୍ତରଙ୍ଗ, ଆଳସାହି, ନଗର, ତାଳଦା, ଶିଶୁଅ ପଞ୍ଚାୟତର ପ୍ରତି ଗାଁରେ ଦେଖିଛନ୍ତି ପ୍ରତି ଗାଁରେ ଅନେକ ଗାଈର ଦେହରେ ଟଙ୍କା ଭଳି ଗଣ୍ଠି, ଗୋଡ ଫୁଲି ପୂଜ ବାହାରୁଛି, କ୍ଷୀର ଶୁଖିଗଲାଣି। ଅଜୟ ବେହେରାଙ୍କ ଭଳି ଅନେକ ଚାଷୀଙ୍କ ବାଛୁରୀ ମରି ସାରିଛି ବୋଲି ଅଭିଯୋଗ ହୋଇଥିଲା, ହେଲେ ବିଭାଗ କହୁଛି ଦୁଧିଆଳୀ



### ଏକ୍ସରେ ସଫେଇ-୫୦ରୁ ୭ ଆକ୍ରାନ୍ତ

ଗାଈ ଭଲ ଅଛି। ଏହା ଚାଷୀଙ୍କ କ୍ଷତିକୁ ଲୁଚାଇବା ପ୍ରୟାସ ନୁହେଁ କି? ଆକ୍ରାନ୍ତ ପ୍ରାଣୀଙ୍କ ଠାରୁ ୧୦ଟି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି ବୋଲି ବିଭାଗ କହୁଛି। ପ୍ରାଣୀଙ୍କ ସୁରକ୍ଷା ପାଇଁ ପୂର୍ବରୁ ୧୬ଶହ ଡୋଜ୍ ଜିପିଭି ଟୀକା ଦିଆଯାଇଥିବା ବେଳେ ବର୍ତ୍ତମାନ ଆଉ ୧୦ ହଜାର ଡୋଜ୍ ଜିପିଭି ଟୀକା ଓ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଛି। ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ଟୀକାକରଣ ପାଇଁ ୨ଟି ରାପିଡ ରେସପନ୍ସ ଟିମ୍ ଗଠନ କରାଯାଇଛି।

ଏଠି ବି ପ୍ରଶ୍ନ - ଯଦି ୧୦ ହଜାର ଟୀକା ମହଜୁଦ ଥିଲା, ତେବେ 'ସଞ୍ଚାର'ରେ ଖବର ପ୍ରକାଶ ହେବା ଯାଏଁ ବିଭାଗ କାହିଁକି ଚୁପ୍ ଥିଲା? ୧୫ ପଞ୍ଚାୟତ ପାଇଁ ମାତ୍ର ୨ଟି ଟିମ୍ କଣ ଯଥେଷ୍ଟ? ଯୁବକ ରୁଦ୍ର ପ୍ରସାଦ ଲେଙ୍କା ଏକ୍ସ ରେ ନ ଅଭିଯୋଗ କରିଥିଲେ ବିଭାଗ ଏତିକି ବି କରି ନଥାନ୍ତା ବୋଲି ଲୋକେ କହୁଛନ୍ତି। ଚାଷୀ ଦାବି କରିଛନ୍ତି କାଗଜରେ ନୁହେଁ, ଗୁହାଳକୁ ଆସି ଟୀକା ଦିଅ।

## ମହାବିଦ୍ୟାଳୟରେ ଏଚ୍ଆଇଭି/ଏଡ୍ସ ସଚେତନତା କାର୍ଯ୍ୟକ୍ରମ




ଫୁଲବାଣୀ,୯।୯ (ସଂଚାର ବ୍ୟୁରୋ): ଜାତୀୟ ଏଡ୍ସ ନିୟନ୍ତ୍ରଣ ଅନୁଷ୍ଠାନଙ୍କ ଆକଳନ ଅନୁଯାୟୀ ଏଚ୍.ଆଇ.ଭି. ସଂକ୍ରମଣକୁ କମାଇବାକୁ ହେଲେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢାଇବାର ଆବଶ୍ୟକତା ଅଛି। ଏଥିପାଇଁ ଅଗଷ୍ଟ ୧୨ ତାରିଖ ଠାରୁ ଅକ୍ଟୋବର ମାସ ୧୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଇନ୍ଟେନ୍ସିଫାଏଡ ଆଇ.ସି./ବିସି. ସି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଯାହାକି ଅଧିକ ଜନସାଧାରଣଙ୍କୁ ସଂକ୍ରମଣର ମାଧ୍ୟମ ଜଣାଇ ସେଥିରୁ ସତର୍କ ରହି ସଂକ୍ରମଣକୁ ରୋକିବାରେ ସହାୟକ ହେବା ସହିତ ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସାର ଉପାୟ ବିଷୟରେ ସୂଚନା ପହଂଚାଇବା। ଏହି ପରିପ୍ରେକ୍ଷିରେ ଓଡିଶା ରାଜ୍ୟ ଏ.ଡ୍.ସ୍. ନିୟନ୍ତ୍ରଣ ସମିତି , ଭୁବନେଶ୍ୱର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ',କନ୍ଧମାଳ ଙ୍କ ମିଳିତ ସହଯୋଗ ରେ ଫିରିଙ୍ଗିଆ ପଂଚାୟତ ମହାବିଦ୍ୟାଳୟ ଠାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଯେପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ପହଂଚାଯାଇ ପାରିବ ଏବଂ ଏଚ୍.ଆଇ.ଭି. ସଂକ୍ରମଣକୁ ରୋକାଯାଇ ପାରିବ। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ଆରକ୍ଷି ଅଧିକ୍ଷକ ରାମେନ୍ଦ୍ର ପ୍ରଶାଦ ମୁଖ୍ୟଅତିଥି ଭାବେ ଯୋଗଦେଇ ସଙ୍କ୍ରମଣକୁ ରୋକିବାକୁ ହେଲେ ଜନ ସଚେତନତା ଆବଶ୍ୟକ ବୋଲି କହିଥିଲେ। ତତ୍‌ସହିତ ପକ୍ସୋ ଆଇନ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
******

**"e" Procurement Notice for Road Works**
**Identification No. Online Tender /08/ RWDBNJ/2026-2027**
**No. 2593 Date: 02-09.2026**

1. Name of the work :: Building Works
2. Total Number of works :: 01 (One) Nos.
3. Estimated cost :: 51.44 Lakhs
4. Class of Contractor :: 'B' Class of Contractor
5. Period of Completion :: 06 (Six) Calendar Months
6. Other details ::

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/08/ RWDBNJ/2026-2027 | 29.09.2026 at 10.00 A.M. | 13.10.2026 at 5.00 P.M. |

**Further details can be seen from the website: - www.tendersodisha.gov.in**

**Executive Engineer**
**R.W. Division, Bhanjanagar**

**AFFIDAVIT**

By virtue of an affidavit sworn before Notary Public, Nilgiri, dated 24.08.2026,
I Gitanjali Mohapatra, aged about 45 years, w/o-Pradeep Kumar Mohapatra vill- Uparadiha, PO.-Upardiha, PS-Berhampur Dist- Baleshwar do hereby Solemnly affirm and stateas follows:-
1. That, I am the deponent of this affidavit.
2. That, my actual name is Gitanjali Mohapatra which is Mentioned in Aadhar card No. 4865 0135 8680. But the above has been mentioned in my PLI Policy No. R-OR-EA-757843 as Gitarani Giri. Giri is my petternal Surname.
That Gitanjali Mohapatra and Gitarani Giri is one and same person in this locality.
4. That, to declare the above facts.
Hence I swear this affidavit.
**Gitanjali Mohapatra**

**AFFIDAVIT**

By virtue of an affidavit sworn before Executive Magistrate, Bissamcuttack, dated 5.9.2026
I Smt. Bhagyabati Palo, aged about 49 years, W/O- Saroj Padhi, of Village- Main Road, Bissamcuttack P.O.-Bissamcuttack, P.S.- Bissamcuttack, Dist. Rayagada, Pin Code No- 765019, Aadhar Card No. 6728 1069 7537 (Odisha) do here by solemnly affirm and states follow:-
I state on oath and say that: I am the deponent and well acquainted with the fact of this affidavit.
I state on oath and say that: Office of the Election Commission of India have issued a Voter Identity Card in which my name mentioned as Tilotama Padhi and in my Aadhar Card my name mentioned as Bhagyabati Palo.
I state on oath and say that: Tilotama Padhi @ Bhagyabati Palo is only one and same person in our locality and no other person found.
I state on oath and say that: this affidavit is to be filed before the concerned authority for necessary action.
I state on oath and say that, the above facts are true and correct to the best of my knowledge and belief.
**Bhagyabati Palo**

# ରାଜ୍ୟରେ ଗଡ଼ିବ କ୍ୟାନ୍ସର କେୟାର ଭ୍ୟାନ୍

## ପ୍ରତି ଜିଲ୍ଲା ହସ୍ପିଟାଲରେ ମିଳିବ କେମୋ ସୁବିଧା, ଗାଁ ଗାଁରେ ହେବ କ୍ୟାନ୍ସର ଚିକିତ୍ସା




ଭୁବନେଶ୍ୱର,୯।୯ (ସଂଚାର ବ୍ୟୁରୋ) : ଖୁବଶୀଘ୍ର ରାଜ୍ୟରେ ଗଡ଼ିବ କ୍ୟାନ୍ସର କେୟାର ଭ୍ୟାନ୍ । ଏହାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କ୍ୟାନ୍ସର କେୟାର କ୍ଷେତ୍ରରେ ଓଡ଼ିଶାକୁ ଏକ ମଡେଲ୍ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟ ରହିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । କ୍ୟାନ୍ସର ଚିକିତ୍ସାକୁ କେବଳ ବଡ଼ ସହର ମଧ୍ୟରେ ସୀମିତ ନରଖି ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଓ ରୋଗୀଙ୍କ ନିକଟରେ ପହଞ୍ଚାଇବାକୁ ଓଡ଼ିଶା ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଏହାସହ ରାଜ୍ୟର ୩୨ଟି ଜିଲ୍ଲା ହସ୍ପିଟାଲରେ ଡେ-କେୟାର ସିଷ୍ଟମ୍ ଲାଗୁ କରାଯିବ । ଏହି ବ୍ୟବସ୍ଥା ଲାଗୁ ହେଲେ କ୍ୟାନ୍ସର ରୋଗୀଙ୍କୁ ପ୍ରତିଥର ଚିକିତ୍ସା ପାଇଁ ଦୂର ଜିଲ୍ଲା କିମ୍ବା କଟକ ଯିବାକୁ ପଡ଼ିବ ନାହିଁ । କ୍ୟାନ୍ସର ଚିହ୍ନଟ ହେବା ପରେ ରୋଗୀ ଆଚାର୍ଯ୍ୟ ହରିହର କ୍ୟାନ୍ସର ସେଣ୍ଟରରେ ପ୍ରଥମ କେମୋଥେରାପି ନେବେ। ଏହାପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପରବର୍ତ୍ତୀ କେମୋଥେରାପି ନିଜ ଜିଲ୍ଲା ହସ୍ପିଟାଲରେ ନେଇପାରିବେ। ଫଳରେ ରୋଗୀ ଓ ତାଙ୍କ ପରିବାରକୁ ବାରମ୍ବାର ଦୂର ସ୍ଥାନକୁ ଯାତାୟାତ କରିବାର ଖର୍ଚ୍ଚ ଓ ଅନ୍ୟାନ୍ୟ ଆର୍ଥିକ ବୋଝରୁ ଆଶ୍ୱସ୍ତି ମିଳିବ । ସେହିପରି କ୍ୟାନ୍ସର ଚିହ୍ନଟ ହେଲେ ଆଚାର୍ଯ୍ୟ ହରିହର କ୍ୟାନ୍ସର ସେଣ୍ଟରରେ ମାଗଣା ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ନୂଆ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳର କ୍ୟାନ୍ସର ରୋଗୀମାନେ ନିଜ ଅଞ୍ଚଳରେ ଅଧିକ ସହଜରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଆଶା କରାଯାଉଛି ।

# ପାରାଦୀପର ବିଭିନ୍ନ ସ୍ପାରେ ରେଡ୍

## ୨ ଗ୍ରାହକ ଓ ୨ ମାଲିକ ଗିରଫ



ପାରାଦୀପ,୯।୯ (ସଂଚାର ବ୍ୟୁରୋ) : ବନ୍ଦର ନଗରୀ ପାରାଦୀପରେ ବୁଧବାର ସନ୍ଧ୍ୟାରେ ବିଭିନ୍ନ ସ୍ପା ଉପରେ ଚଢ଼ାଉ ହୋଇଛି। ଆଦର୍ଶ ଥାନା ପୁଲିସ ପାରାଦୀପ ସ୍କୁଲ ଲାଇନ ଓ ତାରିଣୀଗଡ଼ାରେ ଥିବା ଏକ ସ୍ପା ଉପରେ ଚଢ଼ାଉ କରିଛି। ଏହି ଚଢ଼ାଉରେ ଚାରି ଜଣ ଯୁବତୀ, ୨ ଗ୍ରାହକ ଓ ୨ ମାଲିକଙ୍କୁ ପୁଲିସ ଧରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ମାଣେଙ୍କ ନେତୃତ୍ୱରେ ପାରାଦୀପ ଆଦର୍ଶ ଥାନାର ପାଞ୍ଚଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଚଢ଼ାଉ ସମୟରେ ୨ ସ୍ପାର ବୈଧ ପଞ୍ଜିକରଣ ନଥିବା ପୁଲିସ ଜାଣିବାକୁ ପାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଯୁବତୀ ମାନଙ୍କୁ ଆଣି ପାରାଦୀପର ବିଭିନ୍ନ ସ୍ପାରେ ରଖି ଦୀର୍ଘ ଦିନ ହେବ କିଛି ଦଲାଲ ଅନୈତିକ କାର୍ଯ୍ୟରେ ଲିପ୍ତ କରାଉଥିବା ଅଭିଯୋଗ ହୋଇଥିଲା। ଯାହା ପରେ ପୁଲିସର ଏହି ଚଢ଼ାଉ ସମୟରେ ପାରାଦୀପରେ ସ୍ପା ନାମରେ ଚାଲୁଥିବା ଅନେକ ଦେହ ବ୍ୟବସାୟୀ ଦଲାଲମାନେ ଏବେ ଭୟଭୀତ ହୋଇଥିବା ଜଣାପଡ଼ିଛି। ଆଗକୁ ବିଶ୍ୱକର୍ମା ପୂଜା ଆସୁଥିବାରୁ ଅସାମାଜିକ କାର୍ଯ୍ୟ କଳାପକୁ ରୋକିବା ପାଇଁ ପାରାଦୀପର ବିଭିନ୍ନ ସ୍ଥାନରେ ପୁଲିସର ଚଢ଼ାଉ ଜାରି ରହିବ ବୋଲି କହିଛନ୍ତି ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ।

# ପୁରୀ ଜଗନ୍ନାଥ ମେଡିକାଲ କଲେଜକୁ ପିଜି ପାଠ୍ୟକ୍ରମ ସ୍ୱୀକୃତି

ପୁରୀ,୯।୯ (ସଂଚାର ବ୍ୟୁରୋ): ଦୀର୍ଘ ବର୍ଷର ପ୍ରତୀକ୍ଷାର ଆଜି ଅନ୍ତ ହୋଇଛି। ପୁରୀର ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ପିଜି (ପୋଷ୍ଟ ଗ୍ରାଜୁଏଟ୍) ପାଠ୍ୟକ୍ରମ ପାଇଁ ସ୍ୱୀକୃତି ମିଳିଛି। ଏହା ଫଳରେ ରାଜ୍ୟର ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଆଉ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସେହିପରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଉନ୍ନତ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ମେଡିକାଲ କଲେଜର ଟିଚିଂ ହସ୍ପିଟାଲ୍ ଖୁବ୍‌ଶୀଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହା ଫଳରେ ବିଶେଷଜ୍ଞ ଚିକିତ୍ସା ସେବା ବିସ୍ତାର ହେବା ସହ ରୋଗୀମାନେ ଅଧିକ ସୁବିଧା ପାଇପାରିବେ। ପର୍ଯ୍ୟଟନ ନଗରୀ ପୁରୀକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସୁଥିବାରୁ ଉନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଆବଶ୍ୟକତା ଦୀର୍ଘଦିନ ଧରି ଅନୁଭବ କରାଯାଉଥିଲା।

ଚଳିତ ଶିକ୍ଷାବର୍ଷରୁ ମେଡିକାଲ କଲେଜର ୭ଟି ପ୍ରମୁଖ ବିଭାଗରେ ପିଜି ପାଠ୍ୟକ୍ରମ ଆରମ୍ଭ ହୋଇଛି। ୨୦୨୫ରୁ ୨୦୨୯ ଶିକ୍ଷାବର୍ଷ ପର୍ଯ୍ୟନ୍ତ ୨୫ଟି ପିଜି ସିଟ୍‌କୁ ଆୟୁର୍ବିଜ୍ଞାନ ରାଷ୍ଟ୍ରୀୟ ପରୀକ୍ଷା ବୋର୍ଡ (ଏନ୍‌ବିଇଏମ୍‌ଏସ୍) ସ୍ୱୀକୃତି ପ୍ରଦାନ କରିଛି। ଏଥିରୁ ୫୦ ପ୍ରତିଶତ ସିଟ୍ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିବ। ଏଥିସହ ମେଡିକାଲ କଲେଜରେ କାର୍ଡିଓଲୋଜି, ନ୍ୟୁରୋଲୋଜି, ନ୍ୟୁରୋ ସର୍ଜରୀ ଓ ପ୍ଲାଷ୍ଟିକ ସର୍ଜରୀ ଭଳି ୪ଟି ସୁପର ସ୍ପେସାଲିଟି ବିଭାଗ କାର୍ଯ୍ୟକ୍ଷମ ହୋଇସାରିଛି। ବିଶେଷଜ୍ଞ ଡାକ୍ତରମାନେ ମଧ୍ୟ ଯୋଗ ଦେଇଥିବାରୁ ଆଗାମୀ ଦିନରେ ରୋଗୀମାନେ ଉନ୍ନତ ଚିକିତ୍ସା ସୁବିଧା ପାଇବେ ବୋଲି ଆଶା କରାଯାଉଛି। ପ୍ରତିବର୍ଷ ୨୫ ଜଣ



ଛାତ୍ରଛାତ୍ରୀ ପିଜି ପାଠ୍ୟକ୍ରମରେ ନାମ ଲେଖାଇବେ। ସେହି ହିସାବରେ ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟକୁ ପ୍ରାୟ ୧୨୫ ଜଣ ବିଶେଷଜ୍ଞ ଡାକ୍ତର ମିଳିବେ, ଯାହା ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ। ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ପ୍ରତିବର୍ଷ ୩୬ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସା ସେବା ନେଉଛନ୍ତି। କିନ୍ତୁ ରୋଗୀଙ୍କ ସଂଖ୍ୟା ତୁଳନାରେ ବେଡ୍, ଡାକ୍ତର ଓ ଅନ୍ୟାନ୍ୟ ସୁବିଧା ପର୍ଯ୍ୟାପ୍ତ ନ ଥିବାରୁ ରୋଗୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପିଜି ପାଠ୍ୟକ୍ରମ ଆରମ୍ଭ ଓ ସୁପର ସ୍ପେସାଲିଟି ବିଭାଗ କାର୍ଯ୍ୟକ୍ଷମ ହେବା ପରେ ଏହି ସ୍ଥିତିରେ ସୁଧାର ଆସିବା ଆଶା ରହିଛି।

# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାରଙ୍ଗ,୯।୯ (ସଂଚାର ବ୍ୟୁରୋ): ଭୁବନେଶ୍ୱର ରେଳବାଇ ଥାନା ଅଧୀନସ୍ଥ ଭିଏସଏସ ନଗର ରେଳ ଫାଟକ ନିକଟରୁ ଜନୈକ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ସ୍ଥାନୀୟ ଜିଆରପି। ଉକ୍ତ ଯୁବକଙ୍କ ବୟସ ପାଖାପାଖି ୪୫ ବର୍ଷ ହେବ। ଯୁବକ ଜଣଙ୍କ ଧଳା ଓ ମାଟିଆ ରଙ୍ଗର ଟି-ଶାର୍ଟ ପିନ୍ଧିଥିବା ବେଳେ ପାଉଁଶିଆ ରଙ୍ଗର ଜିନ୍ସ ପ୍ୟାଣ୍ଟ୍ ପିନ୍ଧିଛନ୍ତି। ଏଥିସହ ତାଙ୍କ ମୃତଦେହ ନିକଟରେ ସବୁଜ ରଙ୍ଗର ଚପଲ ମଧ୍ୟ ପଡ଼ିରହିଛି। ତେବେ ଯୁବକ ଜଣଙ୍କ ଟ୍ରେନରୁ ଖସିପଡ଼ି ମୃତ୍ୟୁବରଣ କରିଥାଇପାରନ୍ତି କିମ୍ବା କୌଣସି ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ରେଳବାଇ ପୁଲିସ ଅନୁମାନ କରୁଛି। ଏହି ଘଟଣାରେ ଭୁବନେଶ୍ୱର ସରକାରୀ ରେଳବାଇ ଥାନା ପୁଲିସ କେସ ନଂ.୬୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ।

● ଅବକାରୀ ବିଭାଗର ଚଢ଼ାଉ

# ବିୟର ଓ ମଦ ଜବତ, ୨ ଗିରଫ



ପାରାଦୀପ,୯।୯ (ସଂଚାର ବ୍ୟୁରୋ): ବେଆଇନ ମଦ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ପୃଥକ ମାମଲାରେ ବିୟର ଓ ମଦ ଜବତ କରାଯାଇଛି। ସ୍ଥାନୀୟ କାଠଗଡ଼ ଛକ ଅଞ୍ଚଳରେ ଚଢ଼ାଉ କରାଯାଇ ସମ୍ବିତ ସ୍ୱାଇଁ ନାମକ ଜନୈକ ବ୍ୟକ୍ତିଙ୍କ ନିକଟରୁ ୬.୫ ଲିଟର ବିୟର ଜବତ କରାଯାଇଛି। ସେହିପରି ଚକ୍ରଧରପୁର ଅଞ୍ଚଳରେ ଚଢ଼ାଉ କରାଯାଇ ଖୁଲଣା ସାହୁଙ୍କ ନିକଟରୁ ୬.୬୬୦ ଲିଟର ବିଦେଶୀ ମଦ ଓ ୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଅବକାରୀ ଅଧିକ୍ଷକ ଅନିତା ପ୍ରଧାନଙ୍କ ନିର୍ଦ୍ଦେଶନାରେ ଅବକାରୀ ନିରୀକ୍ଷକ ଶ୍ରୀକାନ୍ତ ପଟନାୟକ, ଅବକାରୀ ଉପନିରୀକ୍ଷକ ଧର୍ମପଦ ଦାସ, ଅବକାରୀ ସହ ଉପନିରୀକ୍ଷକ ଗୟାଧର ସେଠୀ ଓ ଅବକାରୀ ସିପାହୀ ମନୋରଞ୍ଜନ ଦାସ, ଜୟଦେବ ପାତ୍ର ଓ ସନ୍ତୋଷୀ ସାହୁଙ୍କୁ ନେଇ ଗଠିତ ଟିମ୍ ଏହି ଚଢ଼ାଉ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଜଳପ୍ରପାତରେ ବୁଡ଼ିଗଲେ ନାବାଳକ

ଝାରସୁଗୁଡ଼ା,୯।୯ (ସଂଚାର ବ୍ୟୁରୋ): ଲଖନପୁର ବ୍ଲକ ଅନ୍ତର୍ଗତ ଲାଲପଥର ଜଳପ୍ରପାତରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳକ ଝାରସୁଗୁଡ଼ା ଭୁଲିଆଟିକ୍ରା ଅଞ୍ଚଳର ଅର୍ପିତ ତ୍ରିପାଠୀ। ଅର୍ପିତ ନିଜ ସାଙ୍ଗମାନଙ୍କ ସହ ଲାଲପଥର ଜଳପ୍ରପାତକୁ ବୁଲିବାକୁ ଆସିଥିଲେ। ସେ ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ହଠାତ୍ ପାଣିରେ ବୁଡ଼ିଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରିବା ସହ ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଲଖନପୁର ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ପ୍ରାୟ ୪ ଘଣ୍ଟା ଖୋଜାଖୋଜି କରିବା ପରେ ଲାଲପଥର ଜଳପ୍ରପାତର ପାଣି ଭିତରୁ ଅର୍ପିତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

# ବାପାଙ୍କୁ ପିଟି ହତ୍ୟାକଲା ନିଶାସକ୍ତ ପୁଅ

ପାଟଣା,୯।୯ (ସଂଚାର ବ୍ୟୁରୋ): ପାରିବାରିକ କଳହକୁ କେନ୍ଦ୍ର କରି କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ନୂଆଖମଣ ଗ୍ରାମରେ ଏକ ଅଭାବନୀୟ ହତ୍ୟାକାଣ୍ଡ ଘଟିଛି। ମଦ ନିଶାରେ ପୁଅ ଠେଙ୍ଗାରେ ପିଟି ବାପାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟା ପରେ ଅଭିଯୁକ୍ତ ପୁଅ ଥାନାରେ ଆତ୍ମସମର୍ପଣ କରିଛି। ମୃତକ ଜଣଙ୍କ ହେଲେ ପୂର୍ଣ୍ଣଚନ୍ଦ୍ର ମୁଣ୍ଡା। ଗତକାଲି ବିଳମ୍ବିତ ରାତିରେ ପାରିବାରିକ କଳହକୁ ନେଇ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ପୁଅ ଶ୍ରୀକାନ୍ତ ମୁଣ୍ଡାଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ମଦ ନିଶାରେ ଉତ୍ତ୍ୟକ୍ତ ହୋଇ ଶ୍ରୀକାନ୍ତ ଠେଙ୍ଗାରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଏଥିରେ ଘଟଣାସ୍ଥଳରେ ହିଁ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଅଭିଯୁକ୍ତ ଶ୍ରୀକାନ୍ତ ତୁରୁମୁଙ୍ଗା ଥାନାରେ ପହଞ୍ଚି ଆତ୍ମସମର୍ପଣ କରିଥିଲେ। ଖବର ପାଇ ତୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

● ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

# ବଢ଼ିଲା ବିଦ୍ୟାଭାରତୀଙ୍କ ଅଡୁଆ ହାଇକୋର୍ଟରେ ଆବେଦନ ଖାରଜ



କଟକ, ୯।୯ (ସଂଚାର ବ୍ୟୁରୋ): ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ ତାଙ୍କ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡାଙ୍କ ପାଇଁ ଆଇନଗତ ଅଡୁଆ ଆହୁରି ବଢ଼ିଯାଇଛି। କୋର୍ଟରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ପାଇଁ ବିଦ୍ୟାଭାରତୀ ଯେଉଁ ଆବେଦନ କରିଥିଲେ, ତାହାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ଅକ୍ଟୋବର ୧ ତାରିଖ ସୁଦ୍ଧା ଟ୍ରାଏଲ୍ କୋର୍ଟରେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ବିଦ୍ୟାଭାରତୀଙ୍କ ଗିରଫ ଆଶଙ୍କା ବଢ଼ିବାରେ ଲାଗିଛି। ହାଇକୋର୍ଟରେ ବିଦ୍ୟାଭାରତୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ସେ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାର ନୂଆଗାଁରେ ଚୁକ୍ତିଭିତ୍ତିକ ସରକାରୀ ଚାକିରି କରୁଛନ୍ତି। ପାରଳାଖେମୁଣ୍ଡି ତାଙ୍କ କର୍ମସ୍ଥଳୀଠାରୁ ୫୨୪ କିମିରୁ ଅଧିକ ଦୂର ହୋଇଥିବାରୁ ବାରମ୍ବାର କୋର୍ଟରେ ହାଜର ହେବା କଷ୍ଟକର। ତେବେ ବିଦ୍ୟାଭାରତୀ ଜାଣିଶୁଣି କୋର୍ଟ ପ୍ରକ୍ରିୟାକୁ ଏଡ଼ାଇ ଚାଲିଥିବା ଯୁକ୍ତି ଦର୍ଶାଇଥିଲେ ପ୍ରତିପକ୍ଷ। ବିଦ୍ୟାଭାରତୀଙ୍କ ଅନୁପସ୍ଥିତି ଯୋଗୁଁ ଟ୍ରାଏଲ୍ ଆରମ୍ଭ ହୋଇପାରିନାହିଁ ବୋଲି ପ୍ରତିପକ୍ଷଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା, ଯାହାକୁ ଗ୍ରହଣ କରି ହାଇକୋର୍ଟ କହିଛନ୍ତି ଯେ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ବିଦ୍ୟାଭାରତୀଙ୍କ ବ୍ୟକ୍ତିଗତ ହାଜର ହେବା ଏବେ ଏଡ଼ାଇ ହେବନାହିଁ। ତେବେ ଆବଶ୍ୟକତା ଅନୁଯାୟୀ ପରବର୍ତ୍ତୀ ସମୟରେ ଏଥିପାଇଁ ଆବେଦନ କରିପାରିବେ।

# ଭତ୍ତା ପାଇଁ ବର୍ଷାରେ ଭିଜିଲେ ବୃଦ୍ଧବୃଦ୍ଧା



ଉଦଳା,୯।୯ (ସଂଚାର ବ୍ୟୁରୋ): ବର୍ଷାରେ ଭିଜି ଭିଜି ଚାଲିଛି ରାସ୍ତାରୋକ। ଭତ୍ତା ପାଇଁ ବିକ୍ଷୋଭ କରୁଛନ୍ତି ବୃଦ୍ଧବୃଦ୍ଧା। ମୟୂରଭଞ୍ଜ ଜିଲ୍ଲା ଶରତ ଛକରେ ରାସ୍ତାରୋକ। ୭ ଘଣ୍ଟାରୁ ଅଧିକ ହେବ ବୃଦ୍ଧବୃଦ୍ଧାମାନେ ବିକ୍ଷୋଭ କରୁଛନ୍ତି। ଲଗାଣ ବର୍ଷାରେ ଭିଜି ଭିଜି ନିଜର ହକ୍ ମାଗୁଛନ୍ତି ବିକ୍ଷୋଭକାରୀ। ଭତ୍ତା ପାଇଁ ବର୍ଷାରେ ଭିଜି ଭିଜି ରାସ୍ତାରୋକ କରିଛନ୍ତି। ନିଜର ହକ୍ ଓ ଅଧିକାର ପାଇଁ ଲଗାଣ ବର୍ଷାକୁ ଖାତିର ନକରି ରାସ୍ତା ଉପରେ ବସିଛନ୍ତି ବୃଦ୍ଧବୃଦ୍ଧା। ମୟୂରଭଞ୍ଜ ଜିଲ୍ଲା ଶରତ ଛକରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଭତ୍ତା ପ୍ରଦାନରେ ଅନିୟମିତତା ଓ ସମସ୍ୟାକୁ ନେଇ ବୃଦ୍ଧବୃଦ୍ଧାମାନେ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନାନୁସାରେ, ଦୀର୍ଘ ସମୟ ଧରି ବୃଦ୍ଧବୃଦ୍ଧାମାନେ ଶରତ ଛକରେ ରାସ୍ତାରୋକ କରି ଧାରଣାରେ ବସିଛନ୍ତି। ବର୍ଷାରେ ଭିଜି ଭିଜି ବୃଦ୍ଧବୃଦ୍ଧାଙ୍କ ଏଭଳି ଧାରଣା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ଏବେ ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ କି ନାହିଁ, ତାହା ଉପରେ ନଜର ରହିଛି।

# ରାସ୍ତା ମଝିରେ ଅଟକିଲେ ହାତୀପଲ

## ଉଭୟ ପାର୍ଶ୍ୱରେ ଅଟକିଲା ଶହ ଶହ ଗାଡ଼ି

ଯୋଡ଼ା,୯।୯ (ସଂଚାର ବ୍ୟୁରୋ): ଜାତୀୟ ରାଜପଥ ମଝିରେ ହାତୀପଲ। ଦୀର୍ଘ ସମୟ ଧରି ଜାତୀୟ ରାଜପଥ ୨୦ରେ ହାତୀପଲ ରହିବା ଫଳରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। କେନ୍ଦୁଝର ଜିଲ୍ଲା ରିମୁଳି-ଚମ୍ପୁଆ ଜାତୀୟ ରାଜପଥ ୨୦ରେ ଦଳିତା ନିକଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ୨୫ଟିକିଆ ହାତୀପଲ ଜାତୀୟ ରାଜପଥ ଉପରେ ରାସ୍ତା ଅତିକ୍ରମ କରିବା ସମୟରେ ଦୀର୍ଘ ସମୟ ଧରି ରାସ୍ତା ଉପରେ ଠିଆ ହୋଇ ରହିଥିଲେ। ରାସ୍ତା ଉପରୁ



ହାତୀ ନ ହଟିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ସତର୍କ କରିଥିଲା। ଦୀର୍ଘ ସମୟ ପରେ ହାତୀ ପଲ ପୁଣି ରାସ୍ତା ଅତିକ୍ରମ କରି ଜଙ୍ଗଲ ଭିତରକୁ ଚାଲିଯିବାରୁ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାନୁସାରେ, ହାତୀପଲ ଜଙ୍ଗଲ ଅଞ୍ଚଳରୁ ଅନ୍ୟପଟକୁ ଯିବା ପାଇଁ ଜାତୀୟ ରାଜପଥ ପାର୍ ହେଉଥିଲା। ତେବେ ରାସ୍ତା ମଝିରେ ଦୀର୍ଘ ସମୟ ଧରି ହାତୀମାନେ ରହିଯିବାରୁ ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଥିବା ଦେଖାଯାଇଥିଲା। ଦୀର୍ଘ ସମୟ ପରେ ହାତୀପଲ ରାସ୍ତା ଅତିକ୍ରମ କରି ପୁଣି ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଏହାପରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ପୁଣି ସ୍ୱାଭାବିକ ହୋଇଥିଲା। ତେବେ ଜାତୀୟ ରାଜପଥ ଦେଇ ହାତୀପଲର ଏଭଳି ଚଳାଚଳ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଯାତ୍ରୀ ଓ ଗାଡ଼ି ଚାଳକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି।

# ହଷ୍ଟେଲ୍‌ରେ ଯୁକ୍ତ-୨ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

## ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକଙ୍କ ଅଭିଯୋଗ

କଟକ,୯।୯ (ସଂଚାର ବ୍ୟୁରୋ): କଟକର ଏକ ଘରୋଇ କଲେଜର ହଷ୍ଟେଲ୍‌ରେ ଯୁକ୍ତ-୨ ବିଜ୍ଞାନର ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକ ଜଣଙ୍କ ହେଉଛନ୍ତି ଚିନ୍ମୟ ସାହୁ। ତେବେ ପରିବାର ଲୋକେ ଏହାକୁ ସାଧାରଣ ଆତ୍ମହତ୍ୟା ନୁହେଁ, ବରଂ ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।



ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଚିନ୍ମୟଙ୍କ ବେକରେ ଫାଶ ଚିହ୍ନ ଥିବା ସହ ଶରୀରର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଆଘାତର ଚିହ୍ନ ରହିଛି। ଗତ ଗୁରୁ ଦିବସରେ କଲେଜର କେତେକ ସିନିୟର ଛାତ୍ରଙ୍କ ସହ ଚିନ୍ମୟଙ୍କର ବଚସା ହୋଇଥିଲା। ସେହି ଘଟଣାକୁ କେନ୍ଦ୍ର କରି ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ତେବେ ସ୍ଥାନୀୟ ପୁଲିସ ସମସ୍ତ ଦିଗକୁ ନେଇ ଛାନଭିନ୍ ଜାରି ରଖିଛି। ଏହି ଘଟଣା ପରେ କଲେଜ ହଷ୍ଟେଲ୍‌ର ପରିଚାଳନାକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠିଛି। ତଦନ୍ତ ବେଳେ କିଛି ଗୁରୁତର ଅବହେଳା ସାମ୍ନାକୁ ଆସିଛି, ଯାହା ଘଟଣାକୁ ଆହୁରି ସନ୍ଦେହଜନକ କରିଦେଇଛି।

ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନଚିହ୍ନ ଲାଗିଛି। ଏନେଇ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ କହିଛନ୍ତି ଯେ ସିସିଟିଭି ଖରାପ ଥିବା କଥା ସେମାନେ ଜାଣିଥିଲେ, କିନ୍ତୁ ତାହାର ମରାମତି ହୋଇପାରି ନ ଥିଲା। ଆଗାମୀ ଦିନରେ ଏଭଳି ଅବହେଳା ନ ହେବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ତେବେ ଜଣେ ମେଧାବୀ ଛାତ୍ରଙ୍କ ଅକାଳ ମୃତ୍ୟୁ ତାଙ୍କ ପରିବାର ଓ ସହପାଠୀମାନଙ୍କୁ ଗଭୀର ଆଘାତ ଦେଇଛି। ପୁଲିସ୍ ତା'ର ତଦନ୍ତରେ ମୃତ୍ୟୁର ପ୍ରକୃତ କାରଣ ଜାଣିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପରିବାର ଲୋକେ ଆଶା କରିଛନ୍ତି। ଏବେ ସମସ୍ତଙ୍କ ନଜର ପୁଲିସ ତଦନ୍ତ ଓ ପୋଷ୍ଟମର୍ଟମ ରିପୋର୍ଟ ଉପରେ ରହିଛି।

● ଖୋର୍ଦ୍ଧାରେ ନକଲି 'ଟାଟା' ଡିଇଏଫ

# ବଡ଼ ରାକେଟ୍‌ର ପର୍ଦ୍ଦାଫାସ; ଅଭିଯୁକ୍ତ ଗିରଫ




ଖୋର୍ଦ୍ଧା,୯।୯ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦଳେଇପୁଟ ଅଞ୍ଚଳରେ ନକଲି 'ଡିଜେଲ୍ ଏକ୍‌ଜଷ୍ଟ ଫ୍ଲୁଇଡ୍' (ଡିଇଏଫ) ବିକ୍ରି କରୁଥିବା ଏକ ବଡ଼ ରାକେଟ୍‌କୁ ପୁଲିସ୍ ଓ ଇଆଇପିଆର (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍‌ର ଏକ ମିଳିତ ଟିମ୍ ଠାବ କରିଛି। ଏହି ଅଭିଯାନ ସମୟରେ 'ଫ୍ରେଣ୍ଡସ୍ କମ୍ୟୁନିକେସନ୍' ନାମକ ଏକ ଦୋକାନର ମାଲିକଙ୍କୁ ଗିରଫ କରାଯାଇଛି ଓ ତାଙ୍କ ନିକଟରୁ ପ୍ରତିଷ୍ଠିତ କମ୍ପାନୀ 'ଟାଟା ମୋଟର୍ସ'ର ବ୍ରାଣ୍ଡ ନାମରେ ବିକ୍ରି ହେଉଥିବା ବହୁ ପରିମାଣର ନକଲି ଡିଇଏଫ ଜବତ କରାଯାଇଛି। ଇଆଇପିଆରର ଜଣେ ବରିଷ୍ଠ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଓ ଅଭିଯୋଗକୁ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିତ୍ ପୁରୁଷୋତ୍ତମଦାସ ଗୁରୁତର ସହ ଗ୍ରହଣ କରିଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ ପାଇଁ ରଣନୀତି ପ୍ରସ୍ତୁତ କରିବା ଓ କାର୍ଯ୍ୟକାରୀ କରିବା ଲାଗି ଖୋର୍ଦ୍ଧା ସଦର ଥାନା ଆଇଆଇସି ବାସୁଦେବ ଜୟସିଂହ ଓ ସବ୍-ଇନ୍ସପେକ୍ଟର ଚନ୍ଦନ କୁମାରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା।

ସ୍ଥାନୀୟ ସାକ୍ଷୀମାନଙ୍କ ଉପସ୍ଥିତିରେ ପୁଲିସ ଦଳେଇପୁଟସ୍ଥିତ 'ଫ୍ରେଣ୍ଡସ୍ କମ୍ୟୁନିକେସନ୍' ଦୋକାନରେ ହଠାତ୍ ଚଢ଼ାଉ କରିଥିଲା। ଦୋକାନରେ ଉପସ୍ଥିତ ଥିବା ଅଭିଯୁକ୍ତ ଲୁକମାନ ଖାନ୍‌ଙ୍କୁ ଅଟକ ରଖାଯାଇଥିଲା ଓ ଦୋକାନ ଘର ତଲାସି ବେଳେ 'ଟାଟା ମୋଟର୍ସ ଡିଇଏଫ' ଲେଖାଥିବା ବହୁ ସଂଖ୍ୟାରେ ଏକ ୨୦ ଲିଟରବିଶିଷ୍ଟ ବାଲଟି ଜବତ କରାଯାଇଥିଲା। ପୁଲିସ୍ ଘଟଣାସ୍ଥଳରେ ଜବତ ସାମଗ୍ରୀର ତାଲିକା ପ୍ରସ୍ତୁତ କରି ସମସ୍ତ ମାଲ୍ ନିଜ ଅଧୀନକୁ ନେଇଥିଲା। ଅଭିଯୋଗକାରୀଙ୍କ ରିପୋର୍ଟ ଆଧାରରେ ଏହି ଘଟଣା ନେଇ ଖୋର୍ଦ୍ଧା ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ସେବାଶ୍ରମ ବିଦ୍ୟାଳୟରେ ଛାତ୍ର ସୁରକ୍ଷା ନେଇ ପ୍ରଶ୍ନ

# ର୍‍ୟାଗିଂକୁ ନେଇ ଛାତ୍ରଙ୍କ ମଧ୍ୟରେ ବଚସା, ମାରପିଟ୍ ଅଭିଯୋଗ

ନାରାୟଣପାଟଣା,୯।୯ (ସଂଚାର ବ୍ୟୁରୋ): ରାୟଗଡ଼ା ପରେ ଏବେ କୋରାପୁଟ ଜିଲ୍ଲାର ସେବାଶ୍ରମ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ନାରାୟଣପାଟଣା ବ୍ଲକ୍ ଅନ୍ତର୍ଗତ ବାଲିପେଟା ଅନୁସୂଚିତ ଜାତି ଓ ଜନଜାତି ସେବାଶ୍ରମ ବିଦ୍ୟାଳୟରେ ନବମ ଶ୍ରେଣୀର କିଛି ଛାତ୍ରଙ୍କ ମଧ୍ୟରେ ର୍‍ୟାଗିଂକୁ କେନ୍ଦ୍ର କରି ବଚସା ପରେ ମାରପିଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜଣେ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଆହତ ଛାତ୍ରଙ୍କ ଚିକିତ୍ସା କରାଇବା ସହ ତାଙ୍କ ପରିବାରକୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ତେବେ ଏକ ଆବାସିକ ବିଦ୍ୟାଳୟ ପରିସରରେ ଛାତ୍ରଙ୍କ ମଧ୍ୟରେ ଏଭଳି ଘଟଣା ଘଟିବା ନେଇ ଅଭିଭାବକ ମହଲରେ ଚିନ୍ତା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି ଯେ ସାମାନ୍ୟ କଥାକୁ ନେଇ ଛାତ୍ରମାନଙ୍କ ମଧ୍ୟରେ ଏଭଳି ଘଟଣା ଘଟିଥିଲା। ଘଟଣା ପରେ ଉଭୟ ପକ୍ଷର ଛାତ୍ରଙ୍କ ପରିବାର ସହ ଆଲୋଚନା କରାଯାଇ ଆପୋଷ ବୁଝାସୁଝା ମାଧ୍ୟମରେ ସମସ୍ୟାର ସମାଧାନ କରାଯାଇଛି ବୋଲି ଆହତ ଛାତ୍ରଙ୍କ ପରିବାର ପକ୍ଷରୁ କୁହାଯାଇଛି।

# ନନ୍ଦନକାନନରେ ପହଞ୍ଚିଲେ ଓରାଙ୍ଗଉଟାନ

- ସେଣ୍ଟ୍ରାଲ ଜୁ' ଅଥରିଟିକୁ ଜଙ୍ଗଲ ବିଭାଗର ଚିଠି
- ସ୍ଥାୟୀ ଭାବେ ରଖିବାକୁ ଲୋଡ଼ିଲେ ଅନୁମତି
- ସନ୍ଦେହରେ କଳା କାର, ଏସଟିଏଫ ଖୋଳତାଡ଼



ଭୁବନେଶ୍ୱର,୯।୯ (ସଂଚାର ବ୍ୟୁରୋ): ଗତକାଲି ବାଲେଶ୍ୱରରୁ ଉଦ୍ଧାର ହୋଇଥିବା ବିରଳ ଜନ୍ତୁ ଓରାଙ୍ଗଉଟାନ ପହଞ୍ଚିଛନ୍ତି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ। ଓରାଙ୍ଗଉଟାନଗୁଡ଼ିକୁ ନନ୍ଦନକାନନରେ ପ୍ରଥମେ କ୍ୱାରେଣ୍ଟାଇନରେ ରଖାଯାଇଥିବା ସୂଚନା ମିଳିଛି। ତେବେ ଭୋଗରାଇ ଜଙ୍ଗଲରେ ହଠାତ କେଉଁଠୁ ଆସି ପହଞ୍ଚିଥିଲେ ବଣ ମଣିଷ ଭଳି ଦେଖାଯାଉଥିବା ଏହି ୫ଟି ବିରଳ ଓରାଙ୍ଗଉଟାନ୍ ସେନେଇ କିଛି ବି ସ୍ପଷ୍ଟ ହୋଇନାହିଁ। ନନ୍ଦନକାନନରେ ଓରାଙ୍ଗଉଟାନଙ୍କୁ ସ୍ଥାୟୀ ଭାବେ ରଖିବାକୁ ସେଣ୍ଟ୍ରାଲ ଜୁ ଅଥରିଟିକୁ ଅନୁମତି ମଗାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ତେବେ ଓରାଙ୍ଗଉଟାନଙ୍କୁ କିଏ ଆଣିଲା, କେଉଁଠୁ ଅଣାଗଲା ତା'ର ତଦନ୍ତ ଚାଲିଛି ବୋଲି କହିଛନ୍ତି ମନ୍ତ୍ରୀ। ଏୟାରପୋର୍ଟ ଓ ରେଲୱେ ଷ୍ଟେସନର ସିସିଟିଭି ଚେକ୍ କରାଯାଉଛି। ଜଳପଥ ପାଇଁ କୋଷ୍ଟଗାର୍ଡ ସହ ବି ଆଲୋଚନା ଚାଲିଛି।

ଦେଶର ବିଭିନ୍ନ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚାଲିଛି। ଯଦି କେହି ଚିଡ଼ିଆଖାନାରୁ ଚୋରି କରି ଆଣିଥିବେ, ସେନେଇ ମଧ୍ୟ କଥାବାର୍ତ୍ତା ଚାଲିଛି ବୋଲି କହିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ। ଅନ୍ତର୍ଜାତୀୟ ଲିଙ୍କ୍ ନେଇ ମଧ୍ୟ ତଦନ୍ତ ଚାଲିଥିବା ଏସଟିଏଫ ଡିଆଇଜି କନୱର ବିଶାଲ ସିଂ ସୂଚନା ଦେଉଛନ୍ତି। ଏସପିଙ୍କ ନେତୃତ୍ୱରେ ଏକ ଟିମ୍ ବାଲେଶ୍ୱରରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ସ୍ଥାନୀୟ ତଥ୍ୟ, ସାଇଣ୍ଟିଫିକ୍ ପ୍ରମାଣକୁ ଆଧାର କରି ତଦନ୍ତ ଚାଲିଛି। ଅନ୍ତର୍ଜାତୀୟ ଲିଙ୍କ୍ ନେଇ ବି ଖୋଳତାଡ଼ ଚାଲିଛି ବୋଲି ସେ କହିଛନ୍ତି। ସେପଟେ ଓରାଙ୍ଗଉଟାନ ଠାବ ହେବା ପୂର୍ବ ରାତିରେ ସେହି ଅଞ୍ଚଳରେ ଏକ କଳା ରଙ୍ଗର କାର ଯା'ଆସ କରିଥିଲା। ଗାଡ଼ିଟି ଯାଇ ୧୦ ମିନିଟ ପରେ ପୁଣି ଫେରି ଆସିଥିଲା। ସ୍ଥାନୀୟ ଲୋକେ ଏହି କଳା ରଙ୍ଗର ଗାଡ଼ି ଦେଖିଥିବା କହିଛନ୍ତି। ଆଉ ସେହି ବୟାନକୁ ନେଇ ଖୋଳତାଡ଼ ପରେ ସାମ୍ନାକୁ ଆସିଛି ଏକ ସିସିଟିଭି ଫୁଟେଜ, ଯେଉଁଥିରେ ଗାଡ଼ିଟି ଯାଇଛି ପୁଣି ପାଖାପାଖି ୧୨ ମିନିଟ ପରେ ଫେରି ଆସିଥିବା ଦେଖିବାକୁ ମିଳିଛି। ଏହା ଏବେ ଘଟଣା ଉପରେ ଅଧିକ ସନ୍ଦେହ ବଢ଼ାଉଛି।

# ଗାଡ଼ି କଳାକାଚ ଚେକିଂ କରୁଛି ପୁଲିସ

ଭୁବନେଶ୍ୱର,୯।୯ (ସଂଚାର ବ୍ୟୁରୋ) : କଳା କାଚ ବ୍ୟବହାର କରୁଥିଲେ ହୁସିଆର। ଧରାପଡିଲେ ଗଣିବେ ମୋଟା ଅଙ୍କର ଫାଇନ । କଳା କାଚ ବ୍ୟବହାରକାରୀଙ୍କ ଉପରେ ଚାଲୁଛି ସ୍ପେଶାଲ ଡ୍ରାଇଭ୍। ଏମଭିଆଇ ଓ ପୁଲିସର ମିଳିତ ଡ୍ରାଇଭ। ଲୋକମାନେ ନିଜେ ନିଜ ଗାଡିରେ କଳାକାଚ ଥିଲେ ଏହାକୁ ସ୍ୱତଃପ୍ରବୃତ୍ତ ବାହାର କରି ଦିଅନ୍ତୁ। ନଚେତ ରାସ୍ତା ଘାଟରେ ଚେକିଂର ସମ୍ମୁଖୀନ ହେବେ। ଯାହା ଫଳରେ ଗାଡିରୁ କାଚ କଢା ହେବା ସହ ଫାଇନ ମଧ୍ୟ ଦେବାକୁ ପଡିବ। ଏଜି ଛକରେ ଅନେକ ଗାଡ଼ି ଅଟକାଯାଇ କଳାକାଚ ପରଦାଗୁଡ଼ିକୁ ହଟାଯାଇଛି। ୨୦୧୨ମସିହାରେ କଳା କାଚ ବ୍ୟବହାର ଉପରେ ରୋକ ଲଗାଇଥିଲେ ସୁପ୍ରିମକୋର୍ଟ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar | ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash | ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଡେଇଁଲା



ନୂଆଦିଲ୍ଲୀ,୯।୯ : ଇରାନ ଓ ଆମେରିକା ମଧ୍ୟରେ ସଂଘର୍ଷ ପୁଣି ଥରେ ତୀବ୍ର ହୋଇଛି। ଏହାର ପ୍ରଭାବ ଅଶୋଧିତ ତେଲ ଦର ଉପରେ ପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ପାର୍ କରିଯାଇଛି। ବୁଧବାର ବ୍ରେଣ୍ଟ କ୍ରୁଡ୍ ଦାମରେ ୨.୨୫% ବୃଦ୍ଧି ଘଟିଛି। ଏହାର ୨ ଦିନ ପୂର୍ବରୁ ବ୍ରେଣ୍ଟ କ୍ରୁଡ୍ ଦର ବ୍ୟାରେଲ ପିଛା ୯୮ ଡଲାର ଥିଲା। ବିଗତ ୬ ସପ୍ତାହ ମଧ୍ୟରେ ଅଶୋଧିତ ତେଲ ଦରରେ ଏହା ସବୁଠାରୁ ବଡ଼ ବୃଦ୍ଧି। ଜୁଲାଇ ୨୪ରେ କ୍ରୁଡ୍ ଦର ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁଥିଲା। ଯଦି ଏହିପରି ଦର ବଢ଼ିଚାଲେ, ତେବେ ପେଟ୍ରୋଲ-ଡିଜେଲ ଏବଂ ଏଲପିଜି ଦାମ୍ ମଧ୍ୟ ବୃଦ୍ଧି ପାଇପାରେ।

କ୍ରୁଡ୍ ଅଏଲ୍ ଦର ବୃଦ୍ଧିର ସବୁଠାରୁ ବଡ଼ କାରଣ ହେଉଛି 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ବନ୍ଦ ହେବା। ଏହି ସାମୁଦ୍ରିକ ପ୍ରଣାଳୀ ପ୍ରାୟ ୧୬୭ କିଲୋମିଟର ଲମ୍ବା। ହର୍ମୁଜ୍ ପ୍ରଣାଳୀ ପାରସ୍ୟ ଉପସାଗର (Persian Gulf)କୁ ଆରବ ସାଗର ସହ ଯୋଡ଼ିଥାଏ। ବିଶ୍ୱର ମୋଟ ପେଟ୍ରୋଲିୟମର ୨୦% ଏହି ରାସ୍ତା ଦେଇ ଯାଇଥାଏ। ସାଉଦି ଆରବ, ଇରାକ୍ ଏବଂ କୁଏତ ଭଳି ଦେଶ ମଧ୍ୟ ନିଜ ରପ୍ତାନି ପାଇଁ ଏହା ଉପରେ ନିର୍ଭରଶୀଳ। ଏପରିକି ଭାରତ ନିଜ ଆବଶ୍ୟକତାର ୫୦% ଅଶୋଧିତ ତେଲ ଏବଂ ୫୪% ଏଲଏନଜି ଏହି ରାସ୍ତା ଦେଇ ଆଣିଥାଏ। ନିଜେ ଇରାନ୍ ମଧ୍ୟ ଏହି ରୁଟ୍ ଦେଇ ତେଲ ରପ୍ତାନି କରିଥାଏ। ଯଦି ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମହଙ୍ଗା ରହେ, ତେବେ ଭାରତରେ ପେଟ୍ରୋଲ-ଡିଜେଲ ଦର ଉପରେ ମଧ୍ୟ ଚାପ ବଢ଼ିପାରେ। ତେବେ ଭାରତରେ ପେଟ୍ରୋଲ ଦର କେବଳ ଅଶୋଧିତ ତେଲ ଉପରେ ନିର୍ଭର କରେନାହିଁ, ବରଂ ଏଥିରେ ଟିକସ, ରିଫାଇନିଂ, ଭାଡ଼ା ଏବଂ ଡିଲର କମିଶନ୍ ଭଳି ଅନେକ ଜିନିଷ ସାମିଲ ଥାଏ। ଏଭଳି ସ୍ଥିତିରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି କ୍ରୁଡ୍ ଆହୁରି ମହଙ୍ଗା ହୁଏ, ତେବେ ସାଧାରଣ ଲୋକଙ୍କୁ ୧ ଲିଟର ପେଟ୍ରୋଲ କେତେ ଟଙ୍କାରେ ମିଳିବ ?

ଯଦି ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର କିମ୍ବା ୧୨୦ ଡଲାର ରହେ, ତେବେ ପେଟ୍ରୋଲ ଦର ସିଧାସଳଖ ସେହି ଅନୁପାତରେ ୧୦୦ ପ୍ଲସ୍ ହୋଇଯାଏ ନାହିଁ। ପେଟ୍ରୋଲ ଦାମରେ କ୍ରୁଡ୍ ବ୍ୟତୀତ ରିଫାଇନିଂ, ଭାଡ଼ା, OMC ମାର୍ଜିନ୍, ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ୍ ଏବଂ ଭାଟ୍ ସାମିଲ ଥାଏ। ତେଣୁ ଏକ ଆନୁମାନିକ ହିସାବ ଅନୁସାରେ, ୧ ଲିଟର ପେଟ୍ରୋଲ ଦାମ୍ ପ୍ରାୟ ୧୦୫- ୧୧୦ ଟଙ୍କା ପାଖାପାଖି ଯାଇପାରେ। ଯଦି କ୍ରୁଡ୍ ବ୍ୟାରେଲ ପିଛା ୧୨୦ ଡଲାର ପର୍ଯ୍ୟନ୍ତ ଯାଏ, ତେବେ ଲିଟର ପିଛା ପେଟ୍ରୋଲ ଦାମ୍ ୧୧୫- ୧୨୫ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ। ଏହା ପୂର୍ବରୁ ୧ ମେ' ୨୦୨୬ରେ ଆଇଓସି, ବିପିସିଏଲ୍ ଏବଂ ଏଚପିସିଏଲ୍ ପେଟ୍ରୋଲ ଓ ଡିଜେଲ ଦୁଇଟିଯାକର ଦାମ୍ ବୃଦ୍ଧି କରିଥିଲେ। ଏହା ଅଧୀନରେ ପେଟ୍ରୋଲ-ଡିଜେଲ ଉପରେ ଲିଟର ପିଛା ୭.୫୦-୭.୫୦ ଟଙ୍କା ବୃଦ୍ଧି କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଦେଶର ୧ ଲକ୍ଷରୁ ଅଧିକ ପେଟ୍ରୋଲ ପମ୍ପ ମଧ୍ୟରୁ ୯୦%ରୁ ଅଧିକ ପମ୍ପ ଏହି ତିନୋଟି ସରକାରୀ କମ୍ପାନିର ନିୟନ୍ତ୍ରଣରେ ଅଛି। ଭାରତ ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟ କରୁଥିବା 'ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍' (PPAC) ପେଟ୍ରୋଲ-ଡିଜେଲ ବ୍ୟବହାର, କଞ୍ଚା ତେଲ ଆମଦାନୀ, ରିଫାଇନରୀ ଡାଟା, ଏଲପିଜି, ଏଟିଏଫ୍ ଆଦିର ତଥ୍ୟ ଜାରି କରିଥାଏ। ପିପିଏସିର ମେ' ୨୫ ଡାଟା ଅନୁଯାୟୀ, ଭାରତକୁ କଞ୍ଚା ତେଲ ଲିଟର ପିଛା ୫୫.୧୮ ଟଙ୍କାରେ ଆସିଥାଏ। ଏହା ଉପରେ ତେଲ କମ୍ପାନିଗୁଡ଼ିକର ୩.୮୨ ଟଙ୍କା ମାର୍ଜିନ୍ ଯୋଡ଼ାଯାଏ। ଅର୍ଥାତ୍ ଏହି ମାର୍ଜିନ୍ ତେଲ କମ୍ପାନିଗୁଡ଼ିକର ରିଫାଇନରୀ ଏବଂ ପାଇପଲାଇନ୍ ବିଛାଇବାର ଖର୍ଚ୍ଚ ବାବଦକୁ ପ୍ରତି ଲିଟରରେ ୩.୮୨ ଟଙ୍କା ପଡ଼ିଥାଏ। ଏହା ପରେ କେନ୍ଦ୍ର ସରକାର ଏକ୍ସାଇଜ୍ ଡ୍ୟୁଟି ବାବଦକୁ ଲିଟର ପିଛା ୧୯ ଟଙ୍କା ଆଦାୟ କରନ୍ତି। ତା'ପରେ ଲିଟର ପିଛା ୪.୪୦ ଟଙ୍କା ପେଟ୍ରୋଲ ପମ୍ପ ମାଲିକଙ୍କ ପାଖକୁ ମାର୍ଜିନ୍ ଭାବେ ଯାଏ। ଏହି ଟଙ୍କାରୁ ପେଟ୍ରୋଲ ଗଚ୍ଛିତ ରଖିବା, ପେଟ୍ରୋଲ ପମ୍ପର ରକ୍ଷଣାବେକ୍ଷଣ ଏବଂ କର୍ମଚାରୀଙ୍କ ଦରମା ବାହାରିଥାଏ। ୧୫.୩୭ ଟଙ୍କା ରାଜ୍ୟ ସରକାର ଭାଟେ ଭାବେ ଆଦାୟ କରନ୍ତି।

## ସାହାରା ଗ୍ରୁପ ଠକେଇର ଶିକାର ଲୋକଙ୍କୁ ମିଳିବ ଫସି ରହିଥିବା ଟଙ୍କା

ନୂଆଦିଲ୍ଲୀ,୯।୯ : ଯେଉଁମାନଙ୍କର ଟଙ୍କା ସାହାରା ଗ୍ରୁପ ସମବାୟ ସମିତିରେ ଫସି ରହିଥିଲା ସେମାନଙ୍କ ପାଇଁ ଖୁସୀ ଖବର। କାରଣ କେନ୍ଦ୍ର ସରକାର ପୁଣିଥରେ ସହାରା ରିଫଣ୍ଡ ପୋର୍ଟାଲ ଚାଲୁ କରିଛନ୍ତି। ଫଳରେ ପୂର୍ବରୁ ଗ୍ରୁପରେ ଫସି ରହିଥିବା ଟଙ୍କା ଜମା କରି ରିଫଣ୍ଡକୁ ଅପେକ୍ଷା କରିଥିବା ଲକ୍ଷ ଲକ୍ଷ ଜମାକାରୀଙ୍କୁ ଏକ ଆସ୍ୱସ୍ତି ମିଳିଛି। ଘଟଣାରେ ପୂର୍ବରୁ ଲମ୍ବିତ ଥିବା ପ୍ରାୟ ୨୦ ଲକ୍ଷ ଦାବିର ଯାଞ୍ଚ କରାଯିବ, ଏବଂ ଯଥାଶୀଘ୍ର ସେମାନଙ୍କର ଟଙ୍କା ଫେରସ୍ତ ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି କୁହାଯାଉଛି। ମିନିଷ୍ଟ୍ରି ଅଫ କୋଅପରେସନ ବା ସହଯୋଗ ମନ୍ତ୍ରଣାଳୟ ଅନୁସାରେ, ଏପର୍ଯ୍ୟନ୍ତ ପ୍ରାୟ ୪୨ ଲକ୍ଷ ଜମାକାରୀଙ୍କୁ ମୋଟ ୯ ହଜାର ୨୬୭ କୋଟି ଟଙ୍କା ଫେରସ୍ତ କରାଯାଇଛି। ଏହି ଟଙ୍କା ଜମାକାରୀଙ୍କ ଆଧାର ସହ ଲିଙ୍କ୍ ଥିବା ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯାଇଛି। ଏବେ ପୋର୍ଟାଲ ପୁଣି ଚାଲୁ ହେବା ପରେ ଅନ୍ୟ ଯୋଗ୍ୟ ଜମାକାରୀଙ୍କ ଦାବି ଉପରେ ମଧ୍ୟ ପ୍ରକ୍ରିୟା ଆରମ୍ଭ ହେବ।

ତେବେ କାହିଁକି ବନ୍ଦ ହୋଇଥିଲା ରିଫଣ୍ଡ ପ୍ରକ୍ରିୟା? ସହାରା ସମବାୟ ସମିତିଗୁଡ଼ିକରେ ଆଇଟି ବ୍ୟବସ୍ଥା, ଆବଶ୍ୟକ ଲାଇସେନ୍ସ, କମ୍ପ୍ୟୁଟର ଓ ଅନ୍ୟ ଉପକରଣର ରକ୍ଷଣାବେକ୍ଷଣ ସହ କର୍ମଚାରୀ ଅଭାବ ଭଳି ସମସ୍ୟା ଦେଖାଦେଇଥିଲା। ନଭେମ୍ବର ୨୦୨୫ରେ କିଛି ମାମଲା କାରଣରୁ ସମିତିଗୁଡ଼ିକର ପରିସର ସିଲ୍ ହୋଇଥିଲା। ଫଳରେ ଦାବି ଯାଞ୍ଚ ଓ ରିଫଣ୍ଡ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଏବେ ସହଯୋଗ ମନ୍ତ୍ରଣାଳୟର ହସ୍ତକ୍ଷେପ ପରେ ଏହି ବୈଷୟିକ ଓ ପ୍ରଶାସନିକ ସମସ୍ୟାଗୁଡ଼ିକୁ ଦୂର କରାଯାଇଛି। ସହାରା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି, ସହାରାୟନ ୟୁନିଭର୍ସାଲ୍ ମଲ୍ଟିପର୍ପୋଜ୍ ସୋସାଇଟି, ହମାରା ଇଣ୍ଡିଆ କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ଏବଂ ଷ୍ଟାର୍ସ ମଲ୍ଟିପର୍ପୋଜ୍ କୋଅପରେଟିଭ୍ ସୋସାଇଟିର ଯୋଗ୍ୟ ଜମାକାରୀ ଏହି ରିଫଣ୍ଡ ପ୍ରକ୍ରିୟାର ଲାଭ ପାଇପାରିବେ।

ରିଫଣ୍ଡ ପାଇଁ ଦାବି ପ୍ରକ୍ରିୟାକୁ ଅନଲାଇନ୍ ଓ କାଗଜବିହୀନ ରଖାଯାଇଛି। ଆଧାର ମାଧ୍ୟମରେ ଜମାକାରୀଙ୍କ ପରିଚୟ ଯାଞ୍ଚ କରାଯାଏ। ଏହାପରେ ନାମ, ସଦସ୍ୟତା ତଥ୍ୟ, ଜମା ପ୍ରମାଣପତ୍ର ଏବଂ ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟ ଯାଞ୍ଚ ହୁଏ। ଯାଞ୍ଚ ସମ୍ପୂର୍ଣ୍ଣ ହେଲେ ଯୋଗ୍ୟ ଜମାକାରୀଙ୍କ ଖାତାକୁ ଟଙ୍କା ପଠାଯାଏ। ନୂଆ ଦାବି ପାଇଁ ଜମାକାରୀମାନେ କେବଳ ଅଧିକୃତ ସହାରା ରିଫଣ୍ଡ ପୋର୍ଟାଲ ବ୍ୟବହାର କରିବା ଉଚିତ। ପୂର୍ବରୁ ଦାଖଲ କରିଥିବା ଦାବିରେ ତ୍ରୁଟି ଥିଲେ, ତାକୁ ସୁଧାରି ପୁଣି ଦାବି ଦାଖଲ କରିବାର ସୁବିଧା ମଧ୍ୟ ରହିଛି। ନକଲି ୱେବସାଇଟ୍, ଏଜେଣ୍ଟ ଓ ଭ୍ରାମକ ପ୍ରତିଶ୍ରୁତିଠାରୁ ସତର୍କ ରହିବାକୁ ସରକାର ପରାମର୍ଶ ଦେଇଛନ୍ତି।




## ସେନ୍ସେକ୍ସ ୮୧୩ ପଏଣ୍ଟ ଖସିଲା




ମୁମ୍ବାଇ,୯।୯ : ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ମହଙ୍ଗା ହେବାରୁ ଷ୍ଟକ୍ ବଜାର କାରବାର ପ୍ରଭାବିତ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୮୧୩.୩୫ ପଏଣ୍ଟ ହ୍ରାସ ପାଇ ୭୪,୭୬୪.୨୩ ପଏଣ୍ଟ ଓ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ୨୦୩.୬୦ ପଏଣ୍ଟ ହ୍ରାସ ପାଇ ୨୩,୪୩୧.୫୦ ପଏଣ୍ଟରେ ବନ୍ଦ ହୋଇଛି। ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିବା ପରେ ସେୟାର ବିକ୍ରି ବଢ଼ିଥିଲା। ଏହାର ପ୍ରଭାବରେ ଦେଶର ଆମଦାନି ବିଲ୍ ବଢ଼ିବା ଆଶଙ୍କା ଦେଖାଦେଇଥିବାରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି।ଆଜି ନିବେଶକମାନେ ସେୟାର ବିକ୍ରି କରିବାରୁ ଏଚ୍‌ସିଏଲ୍‌ଟେକ୍ ସେୟାର ଦର ୪.୫୫ ପ୍ରତିଶତ, ଇନ୍‌ଫୋସିସ୍‌ର ୪.୪୩ ପ୍ରତିଶତ, ଟେକ୍ ମହିନ୍ଦ୍ରାର ୩.୮୭ ପ୍ରତିଶତ ଓ ଟିସିଏସ୍ ସେୟାର ମୂଲ୍ୟ ୨.୨୬ ପ୍ରତିଶତ ହ୍ରାସ ପାଇଛି। ବଜାଜ ଫାଇନାନ୍ସ, ଅଲ୍‌ଟ୍ରାଟେକ୍ ସିମେଣ୍ଟ, ଭାରତୀ ଏୟାରଟେଲ୍ ଓ ବିଇଏଲ୍‌ର ସେୟାର ମୂଲ୍ୟ ବି କମିଥିଲା। ଅନ୍ୟପକ୍ଷରେ ଆଦାନୀ ପୋର୍ଟସ୍, ଟାଟା ଷ୍ଟିଲ୍, ଏନ୍‌ଟିପିସି, ଏସିଆନ୍ ପେଣ୍ଟସ ଓ ପାୱାରଗ୍ରିଡ୍ ସେୟାର ମୂଲ୍ୟ ବୃଦ୍ଧି ପାଇଛି।

## ଚୀନ, ଆମେରିକା ଓ ୟୁରୋପ ରାଷ୍ଟ୍ରଙ୍କ ତୁଳନାରେ ଭାରତରେ ଅଧିକ ମହଙ୍ଗା ସ୍ମାର୍ଟଫୋନ

ନୂଆଦିଲ୍ଲୀ,୯।୯:ମେମୋରୀ ଚିପ୍ର ଦର ବୃଦ୍ଧିର ପ୍ରଭାବ ଏବେ ସିଧାସଳଖ ମୋବାଇଲ୍ ଫୋନ୍ ବଜାର ଉପରେ ପଡ଼ିଛି। ବିଶ୍ୱର ଅନ୍ୟ ଦେଶ ତୁଳନାରେ ଭାରତରେ ମୋବାଇଲ୍ ଫୋନ୍ର ଖୁଚୁରା ଦରରେ ସବୁଠାରୁ ଅଧିକ ବୃଦ୍ଧି ଦେଖାଯାଇଛି। କାଉଣ୍ଟରପାର୍ଟ ରିସର୍ଚ୍ଚର ବିଶ୍ୱସ୍ତରୀୟ ଅଧ୍ୟୟନ ଅନୁସାରେ, ୨୦୨୬ରେ ଏପର୍ଯ୍ୟନ୍ତ ଭାରତରେ ମୋବାଇଲ୍ ଫୋନ୍ର ହାରାହାରି ଦର ଗତବର୍ଷ ତୁଳନାରେ ୨୧ ପ୍ରତିଶତ ବଢ଼ିଛି। ଏହି ସମୟ ମଧ୍ୟରେ ବିଶ୍ୱସ୍ତରରେ ମୋବାଇଲ୍ ଫୋନ୍ର ଖୁଚୁରା ଦରରେ ହାରାହାରି ୧୫ ପ୍ରତିଶତ ବୃଦ୍ଧି ହୋଇଛି। ଅର୍ଥାତ୍ ବିଶ୍ୱ ହାର ତୁଳନାରେ ଭାରତରେ ମୋବାଇଲ୍ ଦର ବୃଦ୍ଧି ପ୍ରାୟ ୬ ପ୍ରତିଶତ ଅଧିକ ରହିଛି। ଭାରତୀୟ ବଜାରର ଗଠନ ଏହି ଦରବୃଦ୍ଧିର ଏକ ବଡ଼ କାରଣ। ଦେଶର ସ୍ମାର୍ଟଫୋନ୍ ବଜାରର ପ୍ରାୟ ୫୧ ପ୍ରତିଶତ ଅଂଶ ୨୦ ହଜାର ଟଙ୍କାରୁ କମ୍ ମୂଲ୍ୟର ଲୋ ଏବଂ ମିଡ୍-ରେଞ୍ଜ୍ ଫୋନ୍ ଦଖଲ କରିଛି। ମେମୋରୀ ଚିପ୍ର ମୂଲ୍ୟ ବଢ଼ିବା ପରେ କମ ବଜେଟ୍ ଫୋନ୍ର ଦାମରେ ଏହାର ପ୍ରଭାବ ଅଧିକ ଦେଖାଯାଉଛି। ଏହାର କାରଣ ହେଉଛି ମହଙ୍ଗା ପ୍ରିମିୟମ୍ ଫୋନ୍ ତୁଳନାରେ ଶସ୍ତା ଫୋନ୍ରେ ନିର୍ମାତାମାନଙ୍କ ଲାଭ ମାର୍ଜିନ୍ କମ୍ ଥାଏ। ତେଣୁ ଉତ୍ପାଦନ ଖର୍ଚ୍ଚ ବଢ଼ିଲେ କମ୍ପାନୀଗୁଡ଼ିକ ପାଇଁ ସେହି ଅତିରିକ୍ତ ଖର୍ଚ୍ଚ ନିଜେ ବହନ କରିବା କଷ୍ଟକର ହୋଇଥାଏ। ଅନ୍ୟପଟେ ୩୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ପ୍ରିମିୟମ୍ ଫୋନ୍‌ରେ କମ୍ପାନୀଗୁଡ଼ିକ ଅଧିକ ମାର୍ଜିନ୍ ପାଉଥିବାରୁ ବଢ଼ିଥିବା ଖର୍ଚ୍ଚର କିଛି ଅଂଶ ନିଜେ ବହନ କରିପାରନ୍ତି। ଫଳରେ ଏହି ବର୍ଗର ଫୋନ୍ରେ ଦରବୃଦ୍ଧିର ପ୍ରଭାବ ତୁଳନାତ୍ମକ ଭାବେ କମ୍ ରହିଛି। ଯେଉଁ ବଜାରରେ ପ୍ରିମିୟମ୍ ଫୋନ୍ର ଅଂଶ ଅଧିକ ଏବଂ ମୋବାଇଲ୍ ଅପରେଟରମାନେ ଫୋନ୍ ସହିତ ବିଭିନ୍ନ ପ୍ୟାକେଜ୍ ବଣ୍ଡଲ୍ କରି ବିକ୍ରି କରନ୍ତି, ସେଠାରେ ମୋବାଇଲ୍ ଦର ବୃଦ୍ଧି ତୁଳନାମୂଳକ ଭାବେ କମ୍ ରହିଛି। ଚୀନ୍ରେ ମୋବାଇଲ୍ ଫୋନ୍ର ଦର ପ୍ରାୟ ୧୦ ପ୍ରତିଶତ ବଢ଼ିଥିବା ବେଳେ ୟୁରୋପରେ ମାତ୍ର ୭ ପ୍ରତିଶତ ଏବଂ ଆମେରିକାରେ ୫ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପକ୍ଷରେ ଏସିଆ-ପାସିଫିକ୍ ବଜାରରେ ଦର ୧୯ ପ୍ରତିଶତ, ମଧ୍ୟପ୍ରାଚ୍ୟ ଓ ଆଫ୍ରିକାରେ ୧୮ ପ୍ରତିଶତ ଏବଂ ଲାଟିନ୍ ଆମେରିକାରେ ୧୬ ପ୍ରତିଶତ ମୂଲ୍ୟ ବୃଦ୍ଧି ହୋଇଛି।

ମୋବାଇଲ୍ ଫୋନ୍ର ଦର ବଢ଼ିବା ଯୋଗୁ ଭାରତୀୟ ଗ୍ରାହକମାନେ ମଧ୍ୟ ନିଜର କ୍ରୟ ନିଷ୍ପତ୍ତି ବଦଳାଇବା ଆରମ୍ଭ କରିଛନ୍ତି। କାଉଣ୍ଟର ପଏଣ୍ଟ ରିସର୍ଚ୍ଚର ରିସର୍ଚ୍ଚ ଆନାଲିଷ୍ଟ ଶୁଭମ ସିଂହଙ୍କ କହିବା ଅନୁସାରେ, ଅଧିକ ଦାମ ଯୋଗୁ ଅନେକ ଗ୍ରାହକ ନୂଆ ଫୋନ୍ କିଣିବା କିମ୍ବା ପୁରୁଣା ଫୋନ୍ ଅପଗ୍ରେଡ୍ କରିବାରେ ବିଳମ୍ବ କରୁଛନ୍ତି। କେବଳ ସେତିକି ନୁହେଁ, ଗ୍ରାହକମାନେ ଅଧିକ ଷ୍ଟୋରେଜ୍ ଥିବା ମଡେଲ୍ ବଦଳରେ କମ୍ ଷ୍ଟୋରେଜ୍ର ଫୋନ୍ ବାଛୁଛନ୍ତି। କିଛି ଗ୍ରାହକ ମଧ୍ୟ ଦାମ କମ୍ ଥିବାରୁ ୫ଜି ଫୋନ୍ ବଦଳରେ ୪ଜି ଫୋନ୍ କିଣିବାକୁ ପସନ୍ଦ କରୁଛନ୍ତି। ମୋବାଇଲ୍ ଦର ବୃଦ୍ଧିର ସିଧାସଳଖ ପ୍ରଭାବ ଏବେ ସ୍ମାର୍ଟଫୋନ୍ ବିକ୍ରି ଉପରେ ପଡ଼ିବା ଆଶଙ୍କା ରହିଛି। ବିଶ୍ଳେଷକମାନଙ୍କ ଆକଳନ ଅନୁସାରେ, ୨୦୨୬ରେ ଭାରତର ସ୍ମାର୍ଟଫୋନ୍ ବିକ୍ରି ୧୪ରୁ ୧୬ ପ୍ରତିଶତ ପର୍ଯ୍ୟନ୍ତ କମିପାରେ। ଅର୍ଥାତ୍ ମେମୋରୀ ଚିପ୍ର ଦାମ ବୃଦ୍ଧି କେବଳ ମୋବାଇଲ୍ ଫୋନର ଦାମ ବଢ଼ାଇ ନାହିଁ, ଏହା ଗ୍ରାହକଙ୍କ କିଣିବାର କ୍ଷମତାକୁ ଓ ଆଚରଣକୁ ମଧ୍ୟ ବଦଳାଇ ଦେଇଛି। ଆଗାମୀ ଦିନରେ ମେମୋରୀ ମୂଲ୍ୟ କେତେ ସ୍ଥିର ହେଉଛି ଏବଂ ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକ କିପରି ଦର ନିୟନ୍ତ୍ରଣ କରୁଛନ୍ତି, ତାହା ଭାରତୀୟ ସ୍ମାର୍ଟଫୋନ୍ ବଜାର ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ।



## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୦୦ ଟଙ୍କା ଓ ୨୨ କ୍ୟାରେଟେ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୯୫୦ ଟଙ୍କା ଓ ୨୨ କ୍ୟାରେଟେ ୧,୪୨,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୫ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୬ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୫୬ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୮. ୯୬ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୬୫ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୬୫ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ।

ସଂଚାର THE SANCHAR

# ଶରତନାଳ ଉପରେ ବିପଦ, ଫାଟି ଆଁ କରିଛି ସେତୁ

## ଦଶ ଗାଁକୁ ଜୀବନରେଖା ଏହି ରାସ୍ତା

## ଅଘଟଣ ପୂର୍ବରୁ ଚେତିବ କି ପ୍ରଶାସନ ?



**ଆନନ୍ଦପୁର,୯।୯(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଧକୋଟା ପଞ୍ଚାୟତ ଜାମୁଡ଼ାହାଳି ଠାରୁ ଚାନ୍ଦପଶିକୁ ସଂଯୋଗ କରୁଥିବା ଏ ରାସ୍ତା ହେଉଛି ମୁଖ୍ୟ ରାସ୍ତା। ଆଉ ଏହି ରାସ୍ତାରେ ରହିଛି ଶରତନାଳ। ତେବେ ଶରତନାଳ ଉପରେ ନିର୍ମିତ ଏହି ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ। ପୋଲର ଅବସ୍ଥା ଏମିତି ଯେ, ଆପଣ ଦେଖୁଥିବା ଚିତ୍ର ହିଁ ବୟାନ କରୁଛି ଏହାର ଦୁର୍ଦ୍ଦଶା। ପୋଲରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବା ବେଳେ, କେଉଁ ମୁହୂର୍ତ୍ତରେ ସେ ବଡ଼ ଧରଣର ଅଘଟଣ ଘଟିବ, ତାହାକୁ ନେଇ ଏବେ ଆଶଙ୍କାରେ ଅଞ୍ଚଳବାସୀ। ସବୁଠାରୁ ବଡ଼ କଥା ହେଉଛି, ଏହି ବିପଦପୂର୍ଣ୍ଣ ପୋଲ ଉପରେ ପ୍ରତିଦିନ ଯାତାୟାତ କରୁଛନ୍ତି ଶହ ଶହ ଲୋକ। ଜାମୁଡ଼ାହାଳି, ମାର୍ଷପାଳ, ଦୁମା ସାହି, ଚତୁରୀ ସାହି, ପ୍ରଧାନ ସାହି ଓ ହୁଡ଼ିତଳ ସାହି ସମେତ ଅନେକ ଗାଁର ଲୋକଙ୍କ ଯାତାୟାତର ମୁଖ୍ୟ ମାଧ୍ୟମ ହେଉଛି ଏହି ରାସ୍ତା। କିନ୍ତୁ ଏବେ ପୋଲର ଅବସ୍ଥା ଯେଉଁଭଳି ହୋଇଛି, ତାହା ଲୋକଙ୍କ ଚିନ୍ତା ବଢ଼ାଇ ଦେଉଛି। ବିଶେଷ କରି ଭାରୀଯାନ ଚଳାଚଳ ଜାରି ରହିଲେ ପୋଲ ଉପରେ ଅଧିକ ଚାପ ପଡ଼ିବା ସହ ବିପଦ ଆହୁରି ବଢ଼ିପାରେ ବୋଲି ଆଶଙ୍କା କରୁଛନ୍ତି ଅଞ୍ଚଳବାସୀ। ତେଣୁ ବଡ଼ ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ତୁରନ୍ତ ଏହି ପୋଲ ଉପରେ ଭାରୀଯାନ ଚଳାଚଳରେ କଟକଣା ଲଗାଇବା ସହ ଶରତନାଳ ଉପରେ ନୂତନ ସେତୁ ନିର୍ମାଣ କରିବାକୁ ଦାବି ହୋଇଛି। ଏବେ ପ୍ରଶ୍ନ ଉଠୁଛି, ବଡ଼ ଅଘଟଣ ଘଟିବା ପରେ ପ୍ରଶାସନ ଚେତିବ, ନା ତା' ପୂର୍ବରୁ ଏହି ବିପଦସଙ୍କୁଳ ପୋଲ ପ୍ରତି ଦୃଷ୍ଟି ଦେବ?

# ହଜାରେ ବନ୍ୟା ବିପନ୍ନ ପରିବାରଙ୍କୁ ସହାୟତାର ହାତ ବଢ଼ାଇଲା କଂଗ୍ରେସ

**ନୀଳଗିରି,୯।୯(ସଂଚାର ବ୍ୟୁରୋ):** ଲଗାଣ ବର୍ଷା ଜନିତ ବନ୍ୟା ରେ ନୀଳଗିରି ଉପଖଣ୍ଡ ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବହୁ ପରିବାର କ୍ଷତି ଗ୍ରସ୍ତ ହୋଇଛି। ତେବେ ୧୦୦୦ରୁ ଉର୍ଦ୍ଧ୍ୱ ବନ୍ୟା ବିପନ୍ନ ପରିବାର ଙ୍କୁ ସହାୟତା ର ହାତ ବଢ଼ାଇଲା ନୀଳଗିରି କଂଗ୍ରେସ। ସୂଚନା ଯୋଗ୍ୟ ଗତ ବନ୍ୟା ରେ ନୀଳଗିରି ନିର୍ବାଚନ ମଣ୍ଡଳୀ ରେ ବନ୍ୟା ପ୍ରଭାବିତ ପରିବାର ମାନଙ୍କ ମଧ୍ୟରୁ ୧୦୦୦ ପରିବାରଙ୍କ ପାଖରେ ପହଁଚିଛି ନୀଳଗିରି କଂଗ୍ରେସ। ଗତ ଜୁଲାଇ ୨୭ ତାରିଖ ରାତିରେ ପ୍ରବଳ ଲଗାଣ ବର୍ଷା ହେବା ଫଳରେ ୨୮ ତାରିଖ ସକାଳେ ହଟାତ ସବୁଆଡେ ଜଳମୟ ହୋଇ ବହୁ ପରିବାର ନାହିଁ ନଥିବା କ୍ଷୟ କ୍ଷତିର ସାମ୍ନା କରି ଥିବା ବେଳେ ବନ୍ୟା ଦୁଃଖ ଆଜି ପର୍ଯ୍ୟନ୍ତ ଭୁଲି ନାହାନ୍ତି ଲୋକେ। ଏହି ଦୁଃଖ ସମୟରେ ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ ଓ ଅନ୍ୟ ନେତୃତ୍ୱ ତଥା ସହକର୍ମୀ ମାନଙ୍କୁ ଧରି ନୀଳଗିରି ଅଞ୍ଚଳ ରେ ବିଭିନ୍ନ ସେବା କାର୍ଯ୍ୟରେଲାଗି ରହିଛନ୍ତି।ପ୍ରତେକ ଦିନ ସୋସିଆଲ ମିଡ଼ିଆରେ ତାଙ୍କର ସେବା କାର୍ଯ୍ୟ ଦୃଶ୍ୟ ମାନ ହେଉଥିବା ବେଳେ ନୀଳଗିରି ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଗାଁ ଗୁଡିକର ବନ୍ୟା ପ୍ରଭାବିତ ପରିବାର ମାନଙ୍କୁ ରିଲିଫ ପ୍ରଦାନ, ତମ୍ବୁ, ଶାଢ଼ୀ, ଗାମୁଛା, ବିସ୍କୁଟ, ଚୁଡା, ଗୁଡ ଆଦି ସହାୟତା ପ୍ରଦାନ କରୁ ଥିବା ଦେଖିବାକୁ ମିଳିଛି।ଓଡିଶା ପ୍ରଦେଶ କଂଗ୍ରେସ ଓ ବ୍ଲକ କଂଗ୍ରେସ ସଭାପତି ଶ୍ରୀ ରାଉତ ଙ୍କ ମିଳିତ ସହଯୋଗରେ ଆଜି ନୀଳଗିରି ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ପଞ୍ଚାୟତ ର ପାଖା ପାଖି ଏକ ହଜାର ବନ୍ୟା ପ୍ରଭାବିତ ପରିବାର ଙ୍କ ପାଖରେ ପହଂଚି ପାରିଛନ୍ତି। ତତ ସହିତ ବନ୍ୟାରେ ଧୋଇ ଯାଇଥିବା ରାସ୍ତା ନିର୍ମାଣ, ବନ୍ୟା ପରେ ପାନୀୟ ଜଳ ବ୍ୟବସ୍ତା, ଆବାସ ଗୃହ ନିର୍ମାଣ ରେ ତ୍ରୁଟି, ଗ୍ରାମୀଣ ପରିମଳ ବ୍ୟବସ୍ଥା, ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ର ଅବସ୍ଥା ବୁଲି ଦେଖିବା ସହିତ ଅଞ୍ଚଳର ପ୍ରମୁଖ ସମସ୍ୟା ନେଇ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଛନ୍ତି।



# ସାରଳା ସଂସ୍କୃତ ମହାବିଦ୍ୟାଳୟର ୩୪ ପ୍ରତିଷ୍ଠା ଦିବସ ଓ ଗୁରୁ ପୂଜନ ଉତ୍ସବ



**ବାଲିକୁଦା,୯।୯(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ କରମଙ୍ଗ ସଂସ୍କୃତ ମହାବିଦ୍ୟାଳୟ ରେ ୩୪ତମ ପ୍ରତିଷ୍ଠା ଦିବସ ଏବଂ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ ର ପ୍ରାକ୍ତନ ପ୍ରଫେସର ବୈଷ୍ଣବ ଚରଣ ସାମଲ, ବିଶିଷ୍ଟ ଅତିଥି ଭାବେ କଳିଙ୍ଗ ରତ୍ନ ବ୍ରଜକିଶୋର ମହାନ୍ତି, ମୁଖ୍ୟ ବକ୍ତା ପଲ୍ଲୀ ପ୍ରତିଭା ସାହିତ୍ୟ ସଂସଦ ସଭାପତି ପ୍ରଫେସର ଡଃ ପ୍ରଭାବତୀ ପଣ୍ଡା , ଶ୍ରୀ ଚୈତନ୍ୟ କୁମାର ରାଉତ,ସମ୍ମାନିତ ଅତିଥି ସାହିତ୍ୟିକ ସ୍ତମ୍ଭକାର ଅଧ୍ୟାପିକା ମୀରା ବେଉରା, ବିଶିଷ୍ଟ ଶିକ୍ଷାବିତ କୈଳାସ ବିଶ୍ୱାଳ ଯୋଗଦେଇଥିବା ବେଳେ ଅନ୍ତର୍ଜାତୀୟ ଗୀତା ମିଶନ ଭୁବନେଶ୍ୱର ର ଅଧକ୍ଷ ଡ଼ଃ ସ୍ୱାମୀ ଚିଦାନନ୍ଦ ମହାରାଜ ଯୋଗ ଦେଇ ଉତ୍ସବ କୁ ଉଦ୍ଘାଟନ କରିଥିଲେ। ଉକ୍ତ ଉତ୍ସବ ରେ ଗୁରୁ ପୂଜନ, ଭକ୍ତିମୂଳକ କାର୍ଯ୍ୟକ୍ରମ, ଧାର୍ମିକ କାର୍ଯ୍ୟକ୍ରମ ସହ ବିଶିଷ୍ଟ ଵ୍ୟକ୍ତି ମାନଙ୍କୁ ମହାବିଦ୍ୟାଳୟ ର ପ୍ରତିଷ୍ଠାତା ସମ୍ପାଦକ ନରେନ୍ଦ୍ର ନାଥ ମହାନ୍ତି ଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ସମ୍ମାନିତ କରିବା ସହ ସହ ମହାବିଦ୍ୟାଳୟ ର ସ୍ନାତକ ଶ୍ରେଷ୍ଠ ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ଏବଂ ଉଚ୍ଚ ମାଧ୍ୟମିକ ଶ୍ରେଷ୍ଠ ଛାତ୍ରୀ ରାଜଶ୍ରୀ ଦାସ ଙ୍କୁ ନରେନ୍ଦ୍ର ସମ୍ମାନ ରେ ସମ୍ମାନିତ କରାଯାଇ ଥିଲା। ଉତ୍ସବରେ ବିଭିନ୍ନ କ୍ଷେତ୍ରର ସାଧୁସନ୍ଥ, ଗୁରୁଜନ, ଶିକ୍ଷାବିତ୍ ଓ ଅତିଥିମାନେ ଯୋଗଦେଇ ଗୁରୁଙ୍କ ମହତ୍ତ୍ୱ, ଶିକ୍ଷା ଓ ପୁରାତନ ସଂସ୍କୃତି ରେ ସଂସ୍କାର ଆଣିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗୁରୁଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ପ୍ରକାଶ କରିବା ସହ ସମାଜରେ ନୈତିକ ମୂଲ୍ୟବୋଧ ଓ ମାନବୀୟତାର ପ୍ରସାର ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମହାବିଦ୍ୟାଳୟ ର ଅଧକ୍ଷ ଅଜୟ କୁମାର ମୁଦୁଲି ପ୍ରକାଶ କରିଥିଲେ।

# କୁହୁଳୁଛି କୁଜଙ୍ଗ, ଏନ୍ଏସି ଦାବିରେ ଆନ୍ଦୋଳନ ହେବ ଦୁର୍ବାର




**ପାରାଦ୍ୱୀପ,୯।୯(ସଂଚାର ବ୍ୟୁରୋ):** ଐତିହାସିକ ଓ ବ୍ୟବସାୟିକ ଅଞ୍ଚଳ କୁଜଙ୍ଗକୁ ତୁରନ୍ତ ଏନ୍ଏସି ଘୋଷଣା କରିବା ଦାବି ଏବେ ଜୋର ଧରିଛି। କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏହି ଦାବିକୁ ନେଇ ମଙ୍ଗଳବାରଠାରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ଦସ୍ତଖତ ଅଭିଯାନ ଶିବିରକୁ ବିଶିଷ୍ଟ ଶିକ୍ଷାବିତ ତଥା ବରିଷ୍ଠ ନାଗରିକ ବାବୁରାମ ଚୌଧୁରୀ ଉଦ୍ଘାଟନ କରିଥିଲେ। ମଞ୍ଚର ଆବାହକ ଡକ୍ଟର ରଘୁନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମଞ୍ଚର ବରିଷ୍ଠ ଉପଦେଷ୍ଟା ପୀତାମ୍ବର ତରାଇ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରି କହିଥିଲେ ଯେ, କୁଜଙ୍ଗର ଜମି ଉପରେ ଶିଳ୍ପ ସହର ଠିଆ ହୋଇଛି। କୁଜଙ୍ଗ ଏକ ଐତିହାସିକ ଓ ବ୍ୟବସାୟିକ ସହର ହୋଇଥିବା ବେଳେ ଏଠାରେ ଶତାଧିକ ସରକାରୀ ଓ ବେସରକାରୀ ଅନୁଷ୍ଠାନ କାର୍ଯ୍ୟ କରୁଛି। ଏପରିକି କୁଜଙ୍ଗକୁ ବିଚାର ବିଭାଗୀୟ ଜିଲ୍ଲା ମାନ୍ୟତା ମିଳିଥିବା ସତ୍ତ୍ୱେ ଏନ୍ଏସି ଘୋଷଣା ନହେବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ବିଜୁ ଜନତା ଦଳ ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଜଙ୍ଗକୁ ଏନ୍ଏସି ଘୋଷଣା କରିଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ସମୟରେ ନୂଆ ସରକାର ରାଜ୍ୟର ବିଭିନ୍ନ ଅଞ୍ଚଳକୁ ନୂଆ ଏନ୍ଏସି ଘୋଷଣା କରିଥିଲେ ମଧ୍ୟ କୁଜଙ୍ଗକୁ ବାଦ ଦିଆଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, କୁଜଙ୍ଗ କୁହୁଳୁଛି, ଆଗାମୀ ଦିନରେ ଆନ୍ଦୋଳନ ଦୁର୍ବାର ହେବ। ସରକାର ପୂର୍ବ ଘୋଷଣା ଅନୁଯାୟୀ କୁଜଙ୍ଗକୁ ଏନ୍ଏସି ମାନ୍ୟତା ନଦେଲେ କୁଜଙ୍ଗ ବନ୍ଦ ସହ ଆର୍ଥିକ ଅବରୋଧ ଭଳି କଠୋର ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

# ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

**ବାଲିଅନ୍ତା,୯।୯(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ୍ ଅଲାରପୁର ସ୍ଥିତ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିରରେ ଅଷ୍ଟାଦଶ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଅରୁଣ ଶ୍ରେଣୀ ରୁ ଦ୍ୱିତୀୟ ଶ୍ରେଣୀ ପ୍ରାତଃ ଅଧିବେଶନରେ ୧୨୨ ଟି ପ୍ରକଳ୍ପ ଓ ତୃତୀୟ ଶ୍ରେଣୀ ରୁ ଦଶମ ଶ୍ରେଣୀ ଦିବା ଅଧିବେଶନରେ ୮୫ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏଥିରୁ ଶ୍ରେଷ୍ଠ ୬ଟି ପ୍ରକଳ୍ପକୁ ସେପ୍ଟେମ୍ବର ୧୧ ତାରିଖରେ ଭୁବନେଶ୍ୱର ମହାନଗର ସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ସ୍ଥିର କରାଯାଇଛି ।



# ଶୃଙ୍ଖଳିତ ଭାବେ ଗଣେଶ ପୂଜା ପାଇଁ ଥାନାରେ ବୈଠକ




**ନିଶ୍ଚିନ୍ତକୋଇଲି, ୯।୮(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଅଞ୍ଚଳରେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ଗଣେଶ ପୂଜା ଉତ୍ସବ ଏବଂ ଭଷାଣୀକୁ କିଭଳି ଶାନ୍ତିଶୃଙ୍ଖଳାର ସହିତ କରାଯିବ ସେଥିପାଇଁ ସମସ୍ତ ଗଣେଶ ପୂଜା କମିଟିର ସଭାପତି, ସମ୍ପାଦକ ଏବଂ ସଦସ୍ୟ ମାନଙ୍କୁ ନେଇ ଏକ ବୈଠକ ନିଶ୍ଚିନ୍ତକୋଇଲି ଥାନା ପରିସରରେ ଆଇଆଇସି ଅନିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସାଲେପୁର ଏସଡ଼ିପିଓ ବିରଞ୍ଚି ନାରାୟଣ ପତି ଯୋଗଦାନ କରି ସମସ୍ତ ପୂଜା କମିଟିର ସଭ୍ୟ ମାନଙ୍କ ସହ ଆଲୋଚନା କରିବା ସହିତ ଭଷାଣୀ ସମୟରେ ଯେପରି କୌଣସି ଅପ୍ରୀତିକର ଘଟଣା ନଘଟେ, ପୂଜା କମିଟି ପ୍ରଶାସନ ସହିତ ସମନ୍ୱୟ ରଖି ଶାନ୍ତିଶୃଙ୍ଖଳା ଭାବେ ସମସ୍ତ କାର୍ଯ୍ୟ କରିବା, ଅତ୍ୟଧିକ ଡ଼ିଜେ ସାଉଣ୍ଡ ନବଜାଇବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଏପରିକି ପୂଜା କମିଟି ପୋଲିସ ପ୍ରଶାସନ ସମନ୍ୱୟ ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରି ଭସାଣୀ ଶୋଭାଯାତ୍ରା କରାଯିବ ବୋଲି ପ୍ରକାଶ କରିଥିଲେ।

# ପଞ୍ଚାୟତ ସମିତି ବୈଠକରେ ଏନଏସି ଦାବି ଉପସ୍ଥାପନ

● ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ ଉପରେ ଆଲୋଚନା




**ସଇଁତଲା,୯।୯(ସଂଚାର ବ୍ୟୁରୋ):** ସଇଁତଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ, ବ୍ଲକ ଉପାଧ୍ୟାକ୍ଷ ଗୁଣସାଗର ମାଝୀ,ବଲାଙ୍ଗୀର ସାଂସଦ ଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ରଣା, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ହିମାଞ୍ଚଳ ଭୋଇ, ଏ ବିଡ଼ିଓ ଉପେନ୍ଦ୍ର ମାଝୀ, ବ୍ଲକ ସହକାରି ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ବୈଠକ ଆରମ୍ଭ ରୁ ସଇଁତଲା ସରପଞ୍ଚ ସୁବ୍ରତ ନାଗ ସଇଁତଲା ସହରକୁ ଏନ ଏ ସି ମାନ୍ୟତା ଦାବୀ ଉପସ୍ଥାପନା କରିଥିଲେ ପରେ ସମିତି ସଭ୍ୟ ସଭ୍ୟା ମାନେ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ପାନୀୟ ଜଳ, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଯୋଜନା ଓ ଅନ୍ୟାନ୍ୟ ସରକାରୀ ଯୋଜନାର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ବୈଠକରେ ଜନସାଧାରଣଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ତ୍ୱରିତ ସମାଧାନ କରିବା ସହ ବିଭିନ୍ନ ଯୋଜନାର ସୁଫଳ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ, ସେନେଇ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବ୍ଲକ ପ୍ରଶାସନର ଅଧିକାରୀ, ପଞ୍ଚାୟତ ସମିତି ସଦସ୍ୟ, ସରପଞ୍ଚ ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ କିଶୋର କୌଶଳ ଶ୍ରେଣୀ କାର୍ଯ୍ୟକ୍ରମ

**ସଇଁତଲା.୯।୯(ସଂଚାର ବ୍ୟୁରୋ):** ସଇଁତଲା ବ୍ଲକ୍ ଅଧିନସ୍ତ ଯୁରାବନ୍ଧ ଗ୍ରାମ ପଞ୍ଚାୟତ ର କେଓମାଲ ଉଚ୍ଚ ବିଦ୍ୟାଳୟ ଠାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସାପ୍ତାହିକ ଆଇରନ ଫୋଲିକ ଏସିଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମମତା ଏଚ୍ଆଇଏମ୍ଏସ୍‌ର ସଇଁତଲା ବ୍ଲକ୍ କୋଓର୍ଡିନେଟର ସରୋଜ ଚନ୍ଦନ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମମତା ଏଚ୍ଆଇଏମ୍ଏସ୍‌ର ବଲାଙ୍ଗୀର ଜିଲ୍ଲା ସଂଯୋଜକ ଦେବଦତ୍ତ ସା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଇଁତଲା ର ଜନସ୍ୱାସ୍ଥ୍ୟ ଅଧିକାରୀ ମୀନା କୁମାରୀ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଆତ୍ମସଚେତନତା,ଯୋଗାଯୋଗ,ନିଷ୍ପତି ଗ୍ରହଣ,ସମସ୍ୟା ସମାଧାନ, ଲକ୍ଷ୍ୟ ନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ଆବଶ୍ୟକ ଜୀବନ କୌଶଳ ଉପରେ ଅବଗତ କରିଥିଲେ ଏବଂ ଶିକ୍ଷକ ମାନଙ୍କୁ ରକ୍ତ ହୀନତା ପ୍ରତିରୋଧ ଏବଂ ସାପ୍ତାହିକ ଆଇରନ ଫଲିକ ଏସିଡ କାର୍ଯ୍ୟକ୍ରମ ବିଷୟରେ ଜ୍ଞାନ ବୃଦ୍ଧି କରାଇବା , ଯାହାଦ୍ୱାରା ସେମାନେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସୁସ୍ଥ ଅଭ୍ୟାସକୁ ପ୍ରଭାବଶାଳୀ ଭାବେ ପ୍ରୋସାହିତ କରିପାରିବେ ବୋଲି ଜଣାଇଥିଲେ।ଏଥିରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକର୍ମୀ ସଫିରା ସାଗର, ଆଶା କର୍ମୀ କିଆ ଭୋଇ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରଛାତ୍ରୀଙ୍କୁ ମିଳିନି ୫ ବର୍ଷର ଷ୍ଟାଇପେଣ୍ଡ ଟଙ୍କା!




**ଆନନ୍ଦପୁର,୯।୯(ସଂଚାର ବ୍ୟୁରୋ)** କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ଅନ୍ତର୍ଗତ ବାର୍ଣ୍ଣିଡି ଗ୍ରାମରେ ଥିବା ସରକାରୀ ଉପ୍ରା ପ୍ରାଥମିକ ବିଦ୍ୟାଳୟକୁ ନେଇ ଏବେ ଉଠିଛି ସଙ୍ଗିନ ଅଭିଯୋଗ। ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ଏହି ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ଶିକ୍ଷକ ଉମାକାନ୍ତ ଜେନା ଙ୍କ ବିରୋଧରେ ଗରିବ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ଟଙ୍କା ଦୀର୍ଘ ପାଞ୍ଚ ବର୍ଷ ଧରି ଦିଆଯାଇନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଛାତ୍ରଛାତ୍ରୀମାନେ ନିଜ ଷ୍ଟାଇପେଣ୍ଡ ଟଙ୍କା ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏନେଇ ଗ୍ରାମବାସୀ ଓ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଘଷିପୁରା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ସଦ୍ୟସ୍ମାନ ପଣ୍ଡାଙ୍କୁ ପଚାରିବାରୁ, ଘଟଣାଟି ସତ ବୋଲି କହିବା ସହ ଏହି ବିଷୟରେ ଜାଣିବା ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ଶୀଘ୍ର ଛାତ୍ରଛାତ୍ରୀଙ୍କ ଟଙ୍କା ପ୍ରଦାନ କରିବାକୁ କହିଛନ୍ତି ବୋଲି ପ୍ରକାଶ କରିଛନ୍ତି। ତେବେ ଗ୍ରାମବାସୀଙ୍କ କହିବା ଅନୁସାରେ, ଟଙ୍କା ପ୍ରଦାନ ପାଇଁ ଶିକ୍ଷକଙ୍କୁ ପ୍ରାୟ ଦେଢ଼ ମାସ ସମୟ ଦିଆଯାଇଥିଲା। କିନ୍ତୁ ଦୁଇ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନିଜ ଷ୍ଟାଇପେଣ୍ଡ ଟଙ୍କା ପାଇନଥିବା ଅଭିଯୋଗ ହୋଇଛି। ଏପଟେ ସମ୍ପୃକ୍ତ ଶିକ୍ଷକଙ୍କ ପ୍ରମୋଶନ୍ ହୋଇ ତେଲକୋଇ ବ୍ଲକ୍‌କୁ ବଦଳି ହୋଇଥିବା ସୂଚନା ମିଳିଛି। ତେବେ ପ୍ରଶ୍ନ ଉଠୁଛି, ଗରିବ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ଟଙ୍କା ଏତେ ବର୍ଷ ଧରି କାହିଁକି ଦିଆଯାଇନଥିଲା? ଟଙ୍କା ପ୍ରଦାନରେ ବିଳମ୍ବ ପଛରେ କାହାର ଦାୟିତ୍ୱ ରହିଛି? ଏବଂ ଏହି ଘଟଣାରେ ଆଉ କେହି ସହଯୋଗ କରିଥିଲେ କି? ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ସହ ଯଦି କେହି ଦୋଷୀ ପ୍ରମାଣିତ ହୁଅନ୍ତି, ତେବେ ତାଙ୍କ ବିରୋଧରେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ବକେୟା ଷ୍ଟାଇପେଣ୍ଡ ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ଦାବି ହୋଇଛି।

# ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ଯତ୍ନ ବୃଦ୍ଧି ପାଇଁ ଜିଲ୍ଲାସ୍ତରୀୟ ତାଲିମ



**ମାଲକାନଗିରି,୯।୯(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଉପସ୍ଥିତିରେ ଆପତ୍ତିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ଏବଂ ମନୋସାମାଜିକ ଯତ୍ନ ବୃଦ୍ଧି ପାଇଁ ଏକ ଜିଲ୍ଲା ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ବାଙ୍ଗାଲୋରର ଜାତୀୟ ମାନସିକ ସ୍ୱାସ୍ଥ୍ୟ ଏବଂ ସ୍ନାୟୁବିଜ୍ଞାନ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମାଲକାନଗିରିର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଥିବା ଏହି ତାଲିମ ଶିବିର ୯ ରୁ ୧୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ପ୍ରଭାବିତ ଲୋକଙ୍କୁ ମାନସିକ ସହାୟତା ଯୋଗାଇଦେବା ଏବଂ ପ୍ରଶାସନିକ ସ୍ତରରେ ସଚେତନତା ସୃଷ୍ଟି କରିବା ଏହି ତିନିଦିନିଆ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜେଶିର୍କେ କହିଛନ୍ତି ଯେ, ଯେକୌଣସି ପ୍ରାକୃତିକ କିମ୍ବା ଜରୁରୀକାଳୀନ ବିପର୍ଯ୍ୟୟ ସମୟରେ କେବଳ ଭୌତିକ ଧନଜୀବନର କ୍ଷତି ହୋଇନଥାଏ, ବରଂ ପ୍ରଭାବିତ ଲୋକମାନେ ତୀବ୍ର ମାନସିକ ଚାପ ଦେଇ ଗତି କରିଥାନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ ତୁରନ୍ତ ମାନସିକ ସହାୟତା ଓ ପରାମର୍ଶ ଯୋଗାଇଦେବା ପ୍ରଶାସନର ଏକ ପ୍ରମୁଖ ଦାୟିତ୍ୱ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜାତୀୟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଏହି ମିଳିତ ପ୍ରୟାସ ଜିଲ୍ଲାର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଉପ-ମହାପ୍ରବନ୍ଧକ ଦେବଦ୍ୟୁତି ନାୟକ ଏବଂ ଜାତୀୟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ରାଜ୍ୟ ପ୍ରକଳ୍ପ ସମନ୍ୱୟକ ସୁବୋଧ ନାୟକ ପ୍ରମୁଖ ଉପସ୍ଥିତ ରହି ତାଲିମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ।

# ଚିନ୍ତା ବଢ଼ାଉଛି ବିପଦସଂକୁଳ ଷ୍ଟଲ ଓ ଦୋକାନ ଗୃହ

**କୋରାପୁଟ,୯।୯(ସଂଚାର ବ୍ୟୁରୋ):** କୋରାପୁଟ ସହରରେ ବିପଦସଂକୁଳ ଷ୍ଟଲ ଓ ଦୋକାନଗୁଡ଼ିକୁ ନେଇ ଏବେ ଚିନ୍ତା ବଢ଼ିଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ପୌର ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ବିପଦପୂର୍ଣ୍ଣ ଷ୍ଟଲଗୁଡ଼ିକୁ ପର୍ଯ୍ୟାୟକ୍ରମେ ଭଙ୍ଗାଯିବ ବୋଲି କହିଛନ୍ତି କୋରାପୁଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ। ଗତବର୍ଷ ସେପ୍ଟେମ୍ବର ୧୩ ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଦୋକାନର ପ୍ରଥମ ମହଲାର ଛାତ ଭୁଶୁଡ଼ି ପଡ଼ିବା ଘଟଣା କୋରାପୁଟ ସହରକୁ ଦୋହଲାଇ ଦେଇଥିଲା। ଏହି ଦୁର୍ଘଟଣାରେ ଜଣଙ୍କ ଜୀବନ ଯାଇଥିଲା।




ଘଟଣା ପରେ ସହରରେ ଥିବା ଏଭଳି ବିପଦସଂକୁଳ ଷ୍ଟଲ ଓ କୋଠା ଚିହ୍ନଟ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ନିର୍ଦ୍ଦେଶ ଅନୁସାରେ ଟ୍ରାଫିକ ଛକ, ଜଗନ୍ନାଥ ମନ୍ଦିର ଛକ ଏବଂ ଡେଲି ମାର୍କେଟ ଅଞ୍ଚଳରେ ଥିବା ଷ୍ଟଲଗୁଡ଼ିକର ସର୍ଭେ କରାଯାଇ ବିପଦପୂର୍ଣ୍ଣ ଷ୍ଟଲ ଚିହ୍ନଟ କରାଯାଇଛି।

ଅନ୍ୟପଟେ, ପୁରୁଣା ଓ ବିପଦପୂର୍ଣ୍ଣ ଷ୍ଟଲ ହଟାଇବା ସହ ନୂତନ ଷ୍ଟଲ ନିର୍ମାଣ ପାଇଁ ପୌର ପରିଷଦ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ତେବେ ଲଗାଣ ବର୍ଷା ଯୋଗୁଁ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ବିପଦପୂର୍ଣ୍ଣ ଷ୍ଟଲ ତଳେ ପ୍ରତିଦିନ ଲୋକଙ୍କ ଯାତାୟାତ ଓ ବ୍ୟବସାୟ ଚାଲୁଥିବାରୁ କେବେ ଏଗୁଡ଼ିକୁ ସମ୍ପୂର୍ଣ୍ଣ ହଟାଯିବ, ତାହାକୁ ନେଇ ଏବେ ସାଧାରଣରେ ଚିନ୍ତା ବଢ଼ିଛି।

# ଶାନ୍ତିପୂର୍ଣ୍ଣ ଗଣେଶ ପୂଜା ପାଇଁ ପୁଲିସର ପ୍ରସ୍ତୁତି

**ଛତ୍ରପୁର,୯।୯(ସଂଚାର ବ୍ୟୁରୋ):** ଆସନ୍ତା ୧୪ ତାରିଖରେ ପାଳିତ ହେବ ଅଗ୍ରପୂଜ୍ୟ ମହାବିନାୟକ ଶ୍ରୀଗଣେଶଙ୍କ ପୂଜା। ଗଣେଶ ପୂଜାକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଗଞ୍ଜାମ ଥାନା ପୋଲିସ ପକ୍ଷରୁ ଏଥର କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏନେଇ ବୁଧବାର ଗଞ୍ଜାମ ଥାନା ପରିସରରେ ବିଭିନ୍ନ ସାହି ଓ ଗ୍ରାମର ଗଣେଶ ପୂଜା ପରିଚାଳନା କମିଟିର ସଦସ୍ୟମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼ାଇ, ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ଅତିରିକ୍ତ ଆଇଆଇସି ଶୁଭଲକ୍ଷ୍ମୀ କଂହର, ଏସ୍ଆଇ ଅନିରୁଦ୍ଧ ସ୍ୱାଇଁ, ଏଏସ୍ଆଇ ସୁଦୀପ୍ତ ସାହୁ ଓ ମହିଳା ଏଏସ୍ଆଇ ସୁପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଗଞ୍ଜାମ ଥାନା ଅଧୀନରେ ହେଉଥିବା ସମସ୍ତ ଗଣେଶ ପୂଜା ଆୟୋଜନ ସମ୍ପର୍କରେ ପୋଲିସ ପକ୍ଷରୁ ବିଭିନ୍ନ ନିୟମ ଓ କଟକଣା ବିଷୟରେ ପୂଜା କମିଟିଗୁଡ଼ିକୁ ଅବଗତ କରାଯାଇଥିଲା। ବିଶେଷକରି ଡିଜେ ଶୋଭାଯାତ୍ରା ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବା ବେଳେ ପୂଜା ଓ ବିସର୍ଜନ ସମୟରେ ଉଚ୍ଚଶବ୍ଦରେ ସାଉଣ୍ଡ ବଜାଇବା ଉପରେ ମଧ୍ୟ କଟକଣା ରହିଛି। ସେହିପରି ସର୍ବସାଧାରଣ ରାସ୍ତା ଅବରୋଧ ନକରିବା, କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ନକରିବା ଓ ପ୍ରଶାସନର ନିୟମ ମାନି ପୂଜା ପାଳନ କରିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିସର୍ଜନ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ କରିବାକୁ କୁହାଯାଇଛି।



# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମାସିକ ରାଜସ୍ୱ ଓ ପିଏମ୍‌ଜି ପ୍ରଗତି ବୈଠକ

**ମାଲକାନଗିରି,୯।୯ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଙ୍କ ପୌରୋହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମାସିକ ରାଜସ୍ୱ ଏବଂ ପି.ଏମ୍.ଜି. ପ୍ରଗତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାର ଚାଲୁ ରହିଥିବା ବିଭିନ୍ନ ଭିତ୍ତିଭୂମି ଉନ୍ନୟନ, ଗମନାଗମନ, ପାନୀୟ ଜଳ ଏବଂ ଗ୍ରାମୀଣ ବିକାଶ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଥିସହ ଜିଲ୍ଲାର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଜମି ରାଜସ୍ୱ, ଖଣିଜ ରାଜସ୍ୱ ଏବଂ ଅନ୍ୟାନ୍ୟ ସରକାରୀ ଟିକସ ଆଦାୟର ଲକ୍ଷ୍ୟଧାର୍ଯ୍ୟ ଉପରେ ସମୀକ୍ଷା କରାଯିବା ସହ ବାକି ରହିଥିବା ରାଜସ୍ୱକୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଶେଷ କରି ଜଙ୍ଗଲ ଜମି କ୍ଲିୟରାନ୍ସ ଏବଂ ପରିବେଶ ସମ୍ବନ୍ଧୀୟ ଆପତ୍ତି ଯୋଗୁଁ ଅଟକି ରହିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବୃହତ୍ ପ୍ରକଳ୍ପଗୁଡ଼ିକର ସମାଧାନ ପାଇଁ ବନଖଣ୍ଡ ଅଧିକାରୀଙ୍କ ସହ ମିଳିତ ସମୀକ୍ଷା ହୋଇଥିଲା। ସମସ୍ତ ବିକାଶମୂଳକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ ଏହାର ଗୁଣବତ୍ତା ବଜାୟ ରଖିବାକୁ ଜିଲ୍ଲାପାଳ ଇଞ୍ଜିନିୟର ଓ ବିଭାଗୀୟ ମୁଖ୍ୟମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି।

ଏହି ଅବସରରେ ଜିଲ୍ଲାପାଳ ନିଜ କହିଛନ୍ତି ଯେ, ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତ୍ୟେକ ପ୍ରକଳ୍ପ ଏବଂ ରାଜସ୍ୱ ଆଦାୟର ସଫଳ ରୂପାୟନ ଅତ୍ୟନ୍ତ ଜରୁରୀ। ସରକାରୀ ଯୋଜନାଗୁଡ଼ିକର ସୁଫଳ ଯେପରି ସାଧାରଣ ଲୋକଙ୍କ ପାଖରେ ଠିକ୍ ସମୟରେ ପହଞ୍ଚିପାରିବ, ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ। ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ନକଲେ ସମ୍ପୃକ୍ତ ବିଭାଗ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକ ଶେଷରେ ସମସ୍ତ ବିଭାଗୀୟ ମୁଖ୍ୟମାନେ ନିଜ ନିଜ ବିଭାଗର ପ୍ରଗତି ରିପୋର୍ଟ ଉପସ୍ଥାପନ କରିବା ସହ ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସଙ୍କଳ୍ପ ନେଇଥିଲେ।





# ବ୍ରେକଫାଷ୍ଟ ଦିନସାରା ଆପଣଙ୍କୁ ରଖିବ ଆକ୍ଟିଭ



ଯଦି ଆପଣ ସକାଳେ ଏକ ହେଲ୍ଦି ଏବଂ ପୁଷ୍ଟିକର ବ୍ରେକଫାଷ୍ଟ କରନ୍ତି, ତେବେ ରୋଗ ଆପଣଙ୍କଠାରୁ ଦୂରରେ ରହିବ ଏବଂ ଆପଣ ମଧ୍ୟ ଦିନସାରା ଶକ୍ତିଶାଳୀ ଅନୁଭବ କରିବେ। ପ୍ରକୃତରେ ବ୍ରେକଫାଷ୍ଟ ହେଉଛି ଦିନର ପ୍ରଥମ ଭୋଜନ, ତେଣୁ ଏହି ସମୟରେ ସର୍ବଦା ହେଲ୍ଦି ଖାଦ୍ୟ ଖାଇବା ଉଚିତ୍। ଖାଲି ପେଟରେ ସକାଳେ ପ୍ରଥମେ ପାଣି ପିଅନ୍ତୁ। ପାଣି ପିଇବା ଦ୍ୱାରା ଆପଣଙ୍କ ଶରୀରରୁ ଅପରିଷ୍କାର ବିଷାକ୍ତ ପଦାର୍ଥ ସହଜରେ ବାହାରିଯାଇଥାଏ। ଏହା ପରେ, ଶରୀରକୁ ସୁସ୍ଥ ରଖିବା ପାଇଁ ଏକ ପୁଷ୍ଟିକର ବ୍ରେକଫାଷ୍ଟ ଖାଆନ୍ତୁ। ଦିନଟି ଭାରି ଭୋଜନ ସହିତ ନୁହେଁ ବରଂ ହାଲୁକା ଜଳଖିଆ ସହିତ ଆରମ୍ଭ ହେବା ଉଚିତ୍। ଏହା ସହିତ, ଆପଣ ଦିନସାରା ସକ୍ରିୟ ରୁହନ୍ତି ଏବଂ ଆପଣ ଅଳସୁଆ ଅନୁଭବ କରନ୍ତି ନାହିଁ। ଦିନସାରା ଏନର୍ଜିରେ ପରିପୂର୍ଣ୍ଣ ରହିବାକୁ ସକାଳୁ ଉଠିବା ପରେ କେଉଁ ଖାଦ୍ୟକୁ ଆପଣ ନିଜ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଉଚିତ୍? ଆସନ୍ତୁ ଜାଣିବା ଏହା ବିଷୟରେ...

**ବାଦାମ:** ସକାଳେ ଭିଜାଯାଇଥିବା ବାଦାମ ଖାଇବା କେବଳ ଆପଣଙ୍କ ମସ୍ତିଷ୍କକୁ ତୀକ୍ଷ୍ଣ କରେ ନାହିଁ ବରଂ ଆପଣଙ୍କ ଶରୀର ପାଇଁ ଅନେକ ଲାଭ ମଧ୍ୟ ଦେଇଥାଏ। ଅନେକ ଜରୁରୀ ଭିଟାମିନ୍, ପ୍ରୋଟିନ୍ ଏବଂ ମିନେରାଲ୍ସ ବାଦାମରେ ମିଳିଥାଏ ଯାହା ଆପଣଙ୍କୁ ସୁସ୍ଥ ରଖେ। ଏପରି ପରିସ୍ଥିତିରେ, ଯଦି ଆପଣ ଦିନଟି ଭଲ ଭାବରେ ଆରମ୍ଭ କରିବାକୁ ଏବଂ ସୁସ୍ଥ ରହିବାକୁ ଚାହାଁନ୍ତି, ତେବେ ସକାଳେ ବାଦାମ ଖାଆନ୍ତୁ। ବାଦାମକୁ ରାତାରାତି ଭିଜାଇବା ଦ୍ୱାରା ଏହାର ପୁଷ୍ଟିକର ମୂଲ୍ୟ ଆହୁରି ବଢିଥାଏ। ଏହା ବ୍ୟତୀତ ସକାଳେ ବାଦାମ ଖାଇବା କ୍ଷୁଧାକୁ ରୋକିଥାଏ ଯାହା ମୋଟାପଣକୁ ମଧ୍ୟ ନିୟନ୍ତ୍ରଣ କରିଥାଏ।

**ଖଜୁରୀ:** ଖଜୁରୀକୁ ଗୁଣର ଖଣି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଏନର୍ଜି ସହିତ ଦିନ ଆରମ୍ଭ କରିବାକୁ ଚାହାଁନ୍ତି ତେବେ ଖଜୁରୀ ଏକ ଭଲ ଅପ୍ସନ। ଖଜୁରୀରେ ଥିବା ପୁଷ୍ଟିକର ଫାଇବର ଆପଣଙ୍କୁ କେବଳ ଇନଷ୍ଟାଣ୍ଟ ଏନର୍ଜି ପ୍ରଦାନ କରେ ନାହିଁ ବରଂ ଆପଣଙ୍କ ହଜମ ପ୍ରକ୍ରିୟାକୁ ମଧ୍ୟ ମଜବୁତ କରିଥାଏ ଏବଂ କୋଷ୍ଠକାଠିନ୍ୟ ଏବଂ ଏସିଡିଟି ଦୂର କରିଥାଏ।

**ଚିଆ ସିଡ୍ସ:** ଛୋଟ ଦେଖାଯାଉଥିବା ଚିଆ ସିଡ୍ସରେ ପ୍ରଚୁର ପରିମାଣର ପ୍ରୋଟିନ୍ ଥାଏ। ଚିଆ ସିଡ୍ସ ଶରୀର ପାଇଁ ଅତ୍ୟାବଶ୍ୟକ ଫ୍ୟାଟି ଏସିଡ୍, ମ୍ୟାଗ୍ନେସିୟମ୍, ଆଇରନ୍ ଏବଂ ଭିଟାମିନ୍ ବିରେ ପରିପୂର୍ଣ୍ଣ। ଗୋଟିଏ ଚାମଚ ଚିଆ ସିଡ୍ସକୁ ରାତିସାରା ପାଣିରେ ଭିଜାଇ ସକାଳେ ଖାଆନ୍ତୁ। ଏହାକୁ ସ୍ମୁଦୀ, ତାଜା ଫଳ ଏବଂ ଜଳଖିଆରେ ମିଶାଇ ମଧ୍ୟ ଖାଇ ପାରିବେ।

**ଅମୃତଭଣ୍ଡା:** ସକାଳେ ଖାଲି ପେଟରେ ଅମୃତଭଣ୍ଡା ଖାଇବା ବହୁତ ଭଲ। ଏଥିରେ କ୍ଲିଂଜିଙ୍ଗ ଗୁଣ ଅଛି ଏବଂ ପେଟ ସଫା କରିବାରେ ସାହାଯ୍ୟ କରେ। ଚର୍ମ ପାଇଁ ଅମୃତଭଣ୍ଡା ମଧ୍ୟ ବହୁତ ଭଲ ବୋଲି ବିବେଚନା କରାଯାଏ। ଅମୃତଭଣ୍ଡା ଖାଇବା ପରେ ଅତି କମରେ ଏକ ଘଣ୍ଟା ପର୍ଯ୍ୟନ୍ତ କିଛି ଖାଇବା ଠାରୁ ଦୂରେଇ ରୁହନ୍ତୁ। ଖାଲି ପେଟରେ ଅମୃତଭଣ୍ଡା ଖାଇବା ମଧ୍ୟ ଖରାପ କୋଲେଷ୍ଟ୍ରଲ୍ର ସମସ୍ୟା ଦୂର କରିଥାଏ।



# ସ୍କିନ୍ ସମସ୍ୟାରୁ ମୁକ୍ତି ଚାହାଁନ୍ତି କି ?

ଖରାଦିନେ ଅଧିକ ଉତ୍ତାପ ଏବଂ ଝାଳ ହେତୁ ଆମ ସ୍କିନ ଶୁଷ୍କ ଏବଂ ଖରାପ ଦେଖାଯିବା ଆରମ୍ଭ କରେ। ଏପରି ପରିସ୍ଥିତିରେ, ବିଭିନ୍ନ ସ୍କିନ କେୟାର ଏବଂ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିବା ପରେ ମଧ୍ୟ ଚେହେରାରେ କୌଣସି ଗ୍ଲୋ କିମ୍ବା ଚମକ ଦେଖାଯାଏ ନାହିଁ। କିନ୍ତୁ ଉଭୟ ପୁରୁଷ ଏବଂ ମହିଳା ନିଜ ସ୍କିନର ଚମକ ବଜାୟ ରଖିବାକୁ ଏବଂ ପ୍ରତ୍ୟେକ ଋତୁରେ ଏହାକୁ ସତେଜ ରଖିବାକୁ ଚାହାଁନ୍ତି। ଏହା ଆପଣଙ୍କୁ ଭଲ ମଧ୍ୟ ଅନୁଭବ କରାଇଥାଏ। କିନ୍ତୁ ଏହି ଋତୁରେ, ସୂର୍ଯ୍ୟ କିରଣ, ଉତ୍ତାପ ଏବଂ ଝାଳ ଯୋଗୁଁ ଅନେକ ସ୍କିନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇଥାଏ। ଖରାଦିନେ ସ୍କିନକୁ ଥଣ୍ଡା କରିବା ପାଇଁ ମୁହଁରେ ଥଣ୍ଡା ଜିନିଷ ଲଗାଯାଏ। ଯେପରିକି କାକୁଡି, ଦହି, ଆଲୋଭେରା ଏବଂ ଗୋଲାପ ଜଳ। ଲୋକମାନେ ସେମାନଙ୍କୁ ବିଭିନ୍ନ ଉପାୟରେ ବ୍ୟବହାର କରନ୍ତି। କେହି କେହି ସେମାନଙ୍କୁ ମିଶ୍ରଣ କରି ଏକ ଫେସ୍ ପ୍ୟାକ୍ ରେ ପ୍ରୟୋଗ କରନ୍ତି। କିନ୍ତୁ ଅଧିକାଂଶ ଲୋକ ଗୋଲାପ ଜଳକୁ ଟୋନର ଭାବରେ ବ୍ୟବହାର କରିବାକୁ ପସନ୍ଦ କରନ୍ତି। କିନ୍ତୁ ଆପଣ ଏହାର ଜେଲ୍ ତିଆରି କରି ଆପଣଙ୍କ ଚେହେରାରେ ଲଗାଇ ପାରିବେ। ଘରେ ତିଆରି ପ୍ରାକୃତିକ ଗୋଲାପ ଫେସ୍ ଜେଲ୍ ସ୍କିନର ହଜିଯାଇଥିବା ଚମକକୁ ଫେରାଇ ଆଣିବା ଏବଂ ଚେହେରାକୁ ସତେଜ ଅନୁଭବ କରିବାରେ ସହାୟକ ହୋଇପାରେ। ସ୍କିନକୁ ହାଇଡ୍ରେଟ୍ ଏବଂ ନରମ ରଖିବାରେ ଏହା ଲାଭଦାୟକ ପ୍ରମାଣିତ ହୋଇପାରେ। ଏହାକୁ ପ୍ରସ୍ତୁତ କରିବା ପାଇଁ ଆପଣଙ୍କୁ ଗୋଲାପ ଫୁଲ, ବାଦାମ ତେଲ, ଗ୍ଲିସେରିନ, ଭିଟାମିନ୍ ଇ କ୍ୟାପସୁଲ ଏବଂ ଆଲୋଭେରା ଜେଲ ଆବଶ୍ୟକ ହେବ। ଆପଣ ଘରେ ଗୋଲାପ ଜେଲ ତିଆରି କରି ଏହାକୁ ବ୍ୟବହାର କରିପାରିବେ। ଏହାକୁ ପ୍ରସ୍ତୁତ କରିବା ପାଇଁ, ଆପଣଙ୍କ ଆବଶ୍ୟକତା ଅନୁଯାୟୀ ଗୋଲାପ ଫୁଲକୁ ଭଲ ଭାବରେ ଧୋଇବା ପରେ ଏହାକୁ ଏକ ବ୍ଲେଣ୍ଡରରେ ରଖନ୍ତୁ ଏବଂ ଏହାକୁ ଭଲ ଭାବରେ ବ୍ଲେଣ୍ଡ କରିଦିଅନ୍ତୁ। ଏହା ପରେ କିଛି ବୁନ୍ଦା ବାଦାମ ତେଲ ମିଶାଇ ଏହାକୁ ଏକ ନରମ ପେଷ୍ଟ ପ୍ରସ୍ତୁତ କରନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ଏକ ସୂକ୍ଷ୍ମ ଛଣା ସାହାଯ୍ୟରେ ଛାଣି ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ଗୋଲାପ ଫୁଲର ପେଷ୍ଟ ପକାନ୍ତୁ, ବର୍ତ୍ତମାନ ଏଥିରେ ଗ୍ଲିସେରିନ୍ ଏବଂ ଭିଟାମିନ୍ ଇ କ୍ୟାପସୁଲ ମିଶାଇ ଭଲ ଭାବରେ ମିଶାନ୍ତୁ, ତା'ପରେ ସେଥିରେ ଆଲୋଭେରା ଜେଲ୍ ମିଶାନ୍ତୁ ଏବଂ ପେଷ୍ଟଟି ନରମ ଜେଲ୍ ଫର୍ମ ନହେବା ପର୍ଯ୍ୟନ୍ତ ଏହାକୁ ମିଶାନ୍ତୁ। ଏହାପରେ ଆପଣଙ୍କ ଘର ତିଆରି ଗୋଲାପ ଫେସ୍ ଜେଲ୍ ପ୍ରସ୍ତୁତ ହୋଇଯିବ। ବର୍ତ୍ତମାନ ଏହାକୁ ଏକ ଟାଇଟ୍ ପାତ୍ରରେ ରଖନ୍ତୁ ଏବଂ ଏହାକୁ ବ୍ୟବହାର କରନ୍ତୁ। ମନେ ରଖନ୍ତୁ ଏହି ଘରୋଇ ପ୍ରାକୃତିକ ଗୋଲାପ ଫେସ୍ ଜେଲ୍ ୪ ରୁ ୫ ଦିନ ପର୍ଯ୍ୟନ୍ତ ହିଁ ବ୍ୟବହାର କରନ୍ତୁ। ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ଜେଲ୍ ବ୍ୟବହାର କରନ୍ତୁ ନାହିଁ।

# ଫେସ୍ ଡ୍ରାଏ ହେଉଛି କି ?

ଗ୍ରୀଷ୍ମଋତୁରେ ଅନେକ ପ୍ରକାରର ସମସ୍ୟା ସୃଷ୍ଟି ହୋଇଥାଏ। ଯେମିତିକି ଫେସ୍ ଡ୍ରାଏ ହୋଇଯାଏ, ସ୍କିନ୍ ଖରାପ ଦେଖାଯିବା ସହ ଗୋଡ ମଧ୍ୟ ଫାଟିଥାଏ। ଫେସ୍ ଡ୍ରାଏକୁ ନେଇ ସମସ୍ତେ ଚିନ୍ତାରେ ରହିଥାନ୍ତି। ଏହାସହ ଫେସରେ ଅନେକ ପ୍ରକାର ଜିନିଷ ମଧ୍ୟ ବ୍ୟବହାର କରିଥାନ୍ତି। କାରଣ ଆମ ଶରୀରରେ ଫେସ ହିଁ ମୁଖ୍ୟ ଅଂଶ ହୋଇଥାଏ। ସମସ୍ତେ ଚାହିଁଥାନ୍ତି ଯେ ଫେସ କିପରି ଗ୍ଲୋ କରିବ। ହେଲେ ଶୀତଋତରେ ଫେସ୍ ଆଦୌ ଗ୍ଲୋ କରି ନଥାଏ ବରଂ ଅଧିକ ଖରାପ ଦେଖାଯାଇଥାଏ। ଖାସ୍ କରି ଝିଅମାନେ ଅଧିକ ଟେନସନରେ ପଡିଯାଆନ୍ତି। କାରଣ ସେ ପ୍ରାୟତଃ ସବୁ ସମୟରେ ମେକପ୍ ନେଇଥାନ୍ତି ହେଲେ ଶୀତଋତୁରେ ମେକପ୍ ନେବା ବହୁତ କଷ୍ଟ ହୋଇଯାଇଥାଏ। ଏହି ଋତୁରେ ଫେସ ଡ୍ରାଏ ହୋଇଥାଏ ସେଥିପାଇଁ ମେକଅପ୍ ନେଲେ ସୁନ୍ଦର ଦେଖାଯିବା ବଦଳରେ ଖରାପ ଦେଖାଯାଇଥାନ୍ତି। ଶୀତଋତୁରେ ଅନେକ ପ୍ରକାରର ଲୋସନ ଏବଂ କ୍ରିମ୍ ବ୍ୟବହାର କରିଥାନ୍ତି ଏବଂ ସେହି ଲୋସନ କିମ୍ବା କ୍ରିମ୍ ୧-୨ ଘଣ୍ଟା ଭିତରେ ସୁଖିଯାଏ। ଏହିଭଳି ଅନେକ ପ୍ରଡକ୍ଟ ବ୍ୟବହାର କେଲେ ମଧ୍ୟ କୌଣସି ରେଜଲ୍ଟ ମିଳି ନଥାଏ। ଯାହାକୁ ନେଇ ବହୁତ ଟେନସନ୍ ବଢ଼ିଯାଏ। ହେଲେ ଆଜି ଆମେ ଆପଣଙ୍କୁ ଏପରି କିଛି ଟିପ୍ସ ବିଷୟରେ କହିବୁ ଯାହାକୁ ବ୍ୟବହାର କଲେ ଶୀତଋତୁରେ ଫେସ ଗ୍ଲୋ କରିବା ସହ ଅନେକ ପ୍ରକାର ଫାଇଦା ମଧ୍ୟ ମିଳିବ। ତେବେ ଆସନ୍ତୁ ଜାଣିବା ସେହି ଟିପ୍ସ ବିଷୟରେ। ଏହି ଟିପ୍ସର ନାମ ହେଉଛି 'ନଡିଆ ତେଲ'। ଯଦି ନଡିଆ ତେଲକୁ ଫେସରେ ମସାଜ୍ କରାଯାଏ ତେବେ ଡ୍ରାଏ ନେସ ଦୂର ହୋଇଯାଇଥାଏ। ଖାସ୍ କରି ଶୀତଋତରେ ଫେସରେ ନଡିଆ ତେଲ ମସାଜ୍ କରିବା ନିହାତି ଆବଶ୍ୟକ। ଏହି ନଡିଆ ତେଲ ଅନେକ ଲୋସନଠାରୁ ବେଟର ହୋଇଥାଏ। କାରଣ ଲୋସନ ଲଗାଇଲେ ସେ ୧-୨ ଘଣ୍ଟା ମଧ୍ୟରେ ସୁଖିଯାଇଥାଏ ହେଲେ ନଡିଆ ତେଲ ଦିନସାରା ଫେସକୁ ଚମକାଇଥାଏ। ଏହାସହ ମେକପ୍ ହଟାଇବା ପାଇଁ ମଧ୍ୟ ନଡିଆ ତେଲ ବ୍ୟବହାର କରାଯାଇଥାଏ। ନଡିଆ ତେଲ ଲଗାଇବା ଦ୍ୱାରା ସ୍କିନ୍ ନରମ ହେବା ସହ ଚମକ ମଧ୍ୟ ଆଣିଥାଏ। ଏହା ସହ ଏହି ତେଲକୁ ବ୍ୟବହାର କରିବା ଫଳରେ ଫେସର ଦାଗ ଏବଂ ପିମ୍ପଲ ଦୂର ହୋଇଥାଏ। ନଡିଆ ତେଲ ତ୍ୱଚାରେ ଲଗାଇବା ଫଳରେ କୋଲେଜନ୍ ଉତ୍ପାଦନ ସୃଷ୍ଟି ହୋଇଥାଏ, ଯାହା ଫଳରେ ବାର୍ଦ୍ଧକ୍ୟ ଜନିତ ସମସ୍ୟା ଦୂର ହୋଇଯାଇଥାଏ। ଏହା ସହ ଆପଣ ବହୁତ ୟଙ୍ଗ ମଧ୍ୟ ଦେଖାଯିବେ। ଆପଣଙ୍କର ସୁନ୍ଦରତା ଆହୁରି ଦ୍ୱିଗୁଣ ବଢ଼ିଯିବ। ଏହା ସହ ନଡିଆ ତେଲ ଲଗାଇବା ଫଳରେ ଆଲର୍ଜି ଦୂର ହୋଇଥାଏ। ତେବେ ଆପଣ ଯଦି ଶୀତଋତରେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି ତାହାଲେ ନିୟମିତ ଭାବେ ନଡିଆ ତେଲ ଫେସରେ ମସାଜ କରନ୍ତୁ। ଆପଣଙ୍କ ଫେସ ଗ୍ଲୋ କରିବା ସହ ଅନେକ ଫାଇଦା ମଧ୍ୟ ମିଳିବ।



# ପିଲା ପାଟିରେ ଆଙ୍ଗୁଠି ପୂରାଇବା ହାନିକାରକ

ଆରେ ପାଟିରେ ଆଙ୍ଗୁଠି କାହିଁକି ପୂରାଉଛୁ ? ରୋଗ ହେବ....ହାତରେ କେତେ ଧୂଳି ଲାଗିଛି ଦେଖିଲୁ। ଏମିତି କେତେ କଟକଣାରେ ବାପା, ମା' ତାଙ୍କ ପିଲାଙ୍କୁ ତାଗିଦ କୁରୁଥିବାର ଦେଖିଥିବେ। ବାରମ୍ବାର ହାତ ଧୋଉଥିବେ। ସ୍ୱଚ୍ଛତା ଉପରେ ବୁଝାଉଥିବାର ମଧ୍ୟ ଦେଖାଯାଏ। କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଜନ୍ମରୁ ୨ ବର୍ଷର ଛୁଆଙ୍କ ପାଇଁ ଏହା ଉପକାରୀ ବୋଲି କୁହାଯାଇଥାଏ।



**କ'ଣ ରହିଛି ଉପକାରିତା:** ଯେତେବେଳେ ପିଲାମାନେ ପାଟିରେ ଆଙ୍ଗୁଠି ପୂରାଇଥାନ୍ତି, ଏହା ସେମାନଙ୍କ ଆତ୍ମଶାନ୍ତି ଦେଇଥାଏ ବୋଲି କହିଛନ୍ତି। ଯେତେବେଳେ ସେମାନଙ୍କୁ ବିରକ୍ତି ଆସିଥାଏ ସେମାନେ ଆଙ୍ଗୁଠି ଚୋଷିବାଦ୍ୱାରା ଶାନ୍ତି ମିଳିଥାଏ। ଏହା ଏକ ପ୍ରାକୃତିକ ଉପାୟ ଯାହା ଦ୍ୱାରା ପିଲାଟି ନିଜକୁ ସାନ୍ତ୍ୱନା ଦେଇଥାଏ। ଯେତେବେଳେ ପିଲାମାନଙ୍କର ନୂଆ ନୂଆ ଦାନ୍ତ ଉଠେ, ସେମାନେ ଅସହଜ ଅନୁଭବ କରନ୍ତି। ଏପରି ପରିସ୍ଥିତିରେ, ସେଥିରୁ ଆରାମ ପାଇବା ପାଇଁ ସେମାନେ ପାଟିରେ ବାରମ୍ବାର ଆଙ୍ଗୁଠି ପୂରାନ୍ତି। ଏହା ସେମାନଙ୍କୁ ବହୁତ ଆରାମଦାୟକ ଅନୁଭବ କରାଏ। କିଛି ଗବେଷଣା ଅନୁଯାୟୀ, ପିଲାମାନଙ୍କ ପାଟିରେ ଆଙ୍ଗୁଠି ରଖିବା ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ପାଇଁ ସହାୟକ ହୋଇଥାଏ କାରଣ ଏହା ଶରୀରକୁ ହାଲୁକା ଜୀବାଣୁ ସହିତ ମୁକାବିଲା କରିବା ଶିଖିବାରେ ସାହାଯ୍ୟ କରେ। ପିଲାମାନେ କ୍ଷୀର ପିଇବା ପରେ ନିଦ୍ରା ଅନୁଭବ କରନ୍ତି, ସେମାନେ ଜୋରରେ ଆଙ୍ଗୁଳି ଚୋବାଇବା ଆରମ୍ଭ କରନ୍ତି। ଏପରି ପରିସ୍ଥିତିରେ, ବୁଝିଯିବା ଯେ ପିଲାଟି ନିଦ୍ରା ଅନୁଭବ କରୁଛି। ଯଦି ପିଲାଟି ପାଟିରେ ଆଙ୍ଗୁଠି ପୁରାଇ ହସୁଛି, ତେବେ ବୁଝିବାକୁ ହୁଏ ଯେ ସେ ନିଜ ଖୁସି ବ୍ୟକ୍ତ କରୁଛନ୍ତି। ଏପରି କିଛି ଛୋଟ ଛୋଟ କଥାକୁ ଧ୍ୟାନ ଦେବା ଆବଶ୍ୟକ ହୋଇଥାଏ।

**ଏହି ଅଭ୍ୟାସ କେବେଠାରୁ ବନ୍ଦ କରିବା:** କିଛି ଜିନିଷ ଛୋଟ ବୟସରେ ଭଲ ଲାଗିଥାଏ ଓ କିଛି ସ୍ୱାସ୍ଥ୍ୟ ପାଇଁ ଉପଯୋଗ ମନେ ହୁଏ। କିନ୍ତୁ ଧୀରେ ଧୀରେ ଏହି ଅଭ୍ୟାସ ବଡ଼କାଳେ ରୋଗର କାରଣ ସାଜେ। ଯଦି ଆପଣଙ୍କ ପିଲା ୩ରୁ ୪ ବର୍ଷର ହୋଇଯାଏ ଏବଂ ସେ ଲଗାତାର ନିଜ ଆଙ୍ଗୁଠି ଚୋଷୁଛି, ତେବେ ଏହା ତାଙ୍କ ଦାନ୍ତର ବିକାଶକୁ ପ୍ରଭାବିତ କରିପାରେ ବୋଲି ମତ ରହିଛି। ବାରମ୍ବାର ଆଙ୍ଗୁଠି ଚୋବାଇଲେ ଚର୍ମ ସଂକ୍ରମଣ କିମ୍ବା ଜୀବାଣୁ ହେବାର ଆଶଙ୍କା ମଧ୍ୟ ବଢ଼ିଥାଏ।

# କମୁଛି ପୁରୁଷଙ୍କ ଶୁକ୍ରାଣୁ କମୁଛି ପ୍ରଜନନ କ୍ଷମତା



ନୂଆଦିଲ୍ଲୀ: ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜସ୍ୱ ସନ୍ତାନ ଜନ୍ମ ଏକ ପ୍ରାଥମିକ ଅଧିକାର। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ଓଡ଼ିଶାରେ ଦମ୍ପତିଙ୍କ ଯେଉଁଭଳି ପ୍ରଜନନ କ୍ଷମତା ହ୍ରାସ ପାଉଛି ଅନେକଙ୍କ ଅଭିଭାବକ ହେବାର ସ୍ୱପ୍ନକୁ ଧୂଳିସାତ୍ କରୁଛି। ୧୯୯୨-୯୩ (ଏନ୍ଏଫ୍ଏଚ୍ଏସ୍-୧)ରେ ପ୍ରଜନନ ହାର ୨.୯% ଥିଲା। ୨୦୧୯-୨୧ (ଏନ୍ଏଫ୍ଏଚ୍ଏସ୍-୫)ରେ ଏହା ୧.୮%ରେ ପହଞ୍ଚିଛି। ୧୯୯୮-୯୯ରେ ୨.୫%, ୨୦୦୫-୦୬ରେ ୨.୪%, ୨୦୧୫-୧୬ରେ ୨.୧% ଥିଲା। ଭାରତ ଏବେ ୬ଷ୍ଠ ପର୍ଯ୍ୟାୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍-୬) କରିବାକୁ ଯାଉଛି। ପ୍ରଥମଥର ପାଇଁ ମୁମ୍ବାଇର ଇଣ୍ଟର୍ନ୍ୟାସ୍ନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ପପୁଲେସନ୍ ସାଇନ୍ସେସ୍ ହିଁ ଏହି ସର୍ଭେ ଆୟୋଜନ କରୁଛି। ଏନ୍ଏଫ୍ଏଚ୍ଏସ୍-୬ ପ୍ରଜନନ, ଶିଶୁ ଓ ଶିଶୁ ମୃତ୍ୟୁହାର ତଥା ଅନ୍ୟାନ୍ୟ ପରିବାର କଲ୍ୟାଣ ଓ ସ୍ୱାସ୍ଥ୍ୟନିୟାମକ ଭଳି ପ୍ରମୁଖ ସୂଚକାଙ୍କ ପାଇଁ ଜାତୀୟ, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଓ ଜିଲ୍ଲାସ୍ତରୀୟ ଆକଳନ ରିପୋର୍ଟ ପ୍ରଦାନ କରିବ। ତେବେ ବର୍ତ୍ତମାନ ଯେଉଁଭଳି ଅବସ୍ଥା ରହିଛି ଆଗାମୀ ଦିନରେ ପ୍ରଜନନ କ୍ଷମତା ହ୍ରାସ ପାଇବାର ଆଶଙ୍କା କମିଯିବ ବୋଲି କିଛି କହିହେବ ନାହିଁ। ଏଥିପାଇଁ କେବଳ ମହିଳାଙ୍କ ବିଳମ୍ବରେ ବିବାହ, ଦୀର୍ଘ ଦିନ ଧରି ପ୍ରୋଟେକ୍ସନ୍ର ବ୍ୟବହାର ନୁହେଁ ବରଂ ପୁରୁଷଙ୍କ ଶୁକ୍ରାଣୁ ହ୍ରାସ ମଧ୍ୟ ସମାନ ପରିମାଣରେ ଦାୟୀ। ଏକ ରିପୋର୍ଟ ଅନୁଯାୟୀ, ମୋଟ୍ ପ୍ରଜନନ ହାର (ଟିଏଫ୍ଆର୍) ପ୍ରତି ମହିଳା ୨.୦ ସନ୍ତାନକୁ ହ୍ରାସ ପାଇଛି, ଯାହା ପ୍ରଜନନର ବଦଳସ୍ତର (ପ୍ରତି ମହିଳା ୨.୧ ସନ୍ତାନ)ରେ ରହିଛି। ସେହିପରି ପ୍ରତି ୧୦୦୦ ପୁରୁଷରେ ୧୦୨୦ ମହିଳାଙ୍କ ଲିଙ୍ଗ ଅନୁପାତ ୧୮୮୧ ପରଠାରୁ ସର୍ବାଧିକ ରେକର୍ଡ ହୋଇଛି, କିନ୍ତୁ ଜନ୍ମ ସମୟରେ ପୁରୁଷଙ୍କ ପ୍ରତି ଲିଙ୍ଗ ଅନୁପାତ ବିକୃତ ରହିଛି। କିଛି ରାଜ୍ୟରେ, ଏନ୍ଏଫ୍ଏଚ୍ଏସ୍-୪ ତୁଳନାରେ ଶିଶୁଙ୍କ ଶରୀରରେ ଷ୍ଟଣ୍ଟିଙ୍ଗ୍, ଅବକ୍ଷୟ ଓ କମ୍ ଓଜନ ସ୍ଥିତି ଆହୁରି ଖରାପ ହୋଇଛି। ବାଲ୍ୟ ବିବାହର ଜାତୀୟ ହାର ହ୍ରାସ ପାଇଛି, ଯଦିଓ ତ୍ରିପୁରା, ପଶ୍ଚିମବଙ୍ଗ, ମଣିପୁର ଓ ପଞ୍ଜାବ ଭଳି ରାଜ୍ୟରେ ଏହା ବୃଦ୍ଧି ପାଇଛି। ଏନ୍ଏଫ୍ଏଚ୍ଏସ୍-୫ ଶିଶୁ ଟୀକାକରଣ, ସୂକ୍ଷ୍ମ ପୋଷକ ତତ୍ତ୍ୱ ଅଭାବ, ଋତୁସ୍ରାବକାଳୀନ ସ୍ୱଚ୍ଛତା, ମଦ୍ୟପାନ, ତମାଖୁ ବ୍ୟବହାର, ଉଚ୍ଚ ରକ୍ତଚାପ ଓ ମଧୁମେହ ଭଳି ଅଣ-ସଂକ୍ରାମକ ରୋଗ ବିଷୟରେ ମଧ୍ୟ ତଥ୍ୟ ସଂଗ୍ରହ କରିଥିଲା।

ଏକ ରିପୋର୍ଟ ଆଧାରରେ, ୭୦ ବର୍ଷ ମଧ୍ୟରେ ପୁରୁଷଙ୍କ ଶୁକ୍ରାଣୁ ୫୦ ପ୍ରତିଶତ ହ୍ରାସ ପାଇଛି। ପରିବେଶ ଓ ଜୀବନଶୈଳୀ ପରିବର୍ତ୍ତନ ସାଙ୍ଗକୁ ଅତ୍ୟଧିକ ଫାଷ୍ଟଫୁଡ୍ ଖାଇବା, ନିଶାଦ୍ରବ୍ୟ ସେବନ, ଆବଶ୍ୟକ ପରିମାଣର ଶୋଇବାର ଅଭାବ, କମ୍ପ୍ୟୁଟର୍ ଓ ମୋବାଇଲ୍ର ମାତ୍ରାଧିକ ବ୍ୟବହାର ଯୋଗୁଁ ଏଭଳି ହେଉଛି। ଓଡ଼ିଶା ପରିପ୍ରେକ୍ଷୀରେ ନିଶା ସହିତ ମଧୁମେହ ଓ ମାତ୍ରାଧିକ ଚିନ୍ତା ପୁରୁଷଙ୍କ ଶୁକ୍ରାଣୁ ସଂଖ୍ୟାକୁ କମାଇବାରେ ଲାଗିଛି। ଯାହାର ସିଧାସଳଖ ପ୍ରଭାବ ପ୍ରଜନନ କ୍ଷମତା ଉପରେ ପଡୁଛି।

### ୧୪୭ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଚିନ୍ତା

# ୯ଟି ଶ୍ରେଣୀକୁ ମାତ୍ର ୨ ଶିକ୍ଷକ



**ବରଗଡ଼,୯।୯ (ସଂଚାର ବ୍ୟୁରୋ):** ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷା ଓ ଶିକ୍ଷକ ନିଯୁକ୍ତିକୁ ନେଇ ସରକାର ବିଭିନ୍ନ ଦାବି କରୁଥିବା ବେଳେ ବରଗଡ଼ ଜିଲ୍ଲାର ପୋନ୍ନି ସୁଗର କଲୋନି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ କାହାଣୀ କହୁଛି । ୯ଟି ଶ୍ରେଣୀର ୧୪୭ ଜଣ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ଏଠାରେ ରହିଛନ୍ତି ମାତ୍ର ୨ ଜଣ ବିଷୟ ଶିକ୍ଷୟିତ୍ରୀ । ଫଳରେ ପିଲାଙ୍କ ଶିକ୍ଷା ଗୁରୁତର ଭାବେ ପ୍ରଭାବିତ ହେଉଛି। ବରଗଡ଼-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ଏହି ବିଦ୍ୟାଳୟକୁ ୨୦୧୦ ମସିହାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉନ୍ନୀତ କରାଯାଇଥିଲା । ସେହି ସମୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ବ୍ୟବସ୍ଥା ସହ କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲ ମଧ୍ୟ ନିର୍ମାଣ କରାଯାଇଥିଲା। କିନ୍ତୁ ସମୟ ବିତିବା ସହ ଶିକ୍ଷକ ସଂଖ୍ୟା କମି କମି ଏବେ ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି। ଗତ ବର୍ଷଠାରୁ କ୍ରମାଗତ ଭାବେ ଶିକ୍ଷକମାନେ ଅବସର ନେବା ପରେ ବର୍ତ୍ତମାନ ସ୍କୁଲରେ ମାତ୍ର ୪ ଜଣ ଶିକ୍ଷକ ରହିଛନ୍ତି। ସେଥିମଧ୍ୟରୁ ଜଣେ ଖେଳ ଶିକ୍ଷକ ଏବଂ ଅନ୍ୟ ଜଣେ ନାଚ-ଗୀତ ଶିକ୍ଷକ। ବାକି ମାତ୍ର ଦୁଇ ଜଣ ଶିକ୍ଷୟିତ୍ରୀଙ୍କ ଉପରେ ସମସ୍ତ ବିଷୟ ପଢ଼ାଇବାର ଦାୟିତ୍ୱ ପଡ଼ିଛି। ଏଭଳି ପରିସ୍ଥିତିରେ ସମସ୍ତ ବିଷୟ ନିୟମିତ ପଢ଼ାଇବା ସମ୍ଭବ ହେଉନାହିଁ । କୌଣସି କାରଣରୁ ଜଣେ ଶିକ୍ଷୟିତ୍ରୀ ଅନୁପସ୍ଥିତ ରହିଲେ ଅନ୍ୟ ଜଣଙ୍କ ପାଇଁ ୯ଟି ଶ୍ରେଣୀ ପରିଚାଳନା କରିବା ପ୍ରାୟ ଅସମ୍ଭବ ହୋଇପଡୁଛି । ସ୍କୁଲ ପରିସରରେ ଥିବା କସ୍ତୁରବା ଗାନ୍ଧୀ ହଷ୍ଟେଲରେ ୧୩୦ ଜଣ ଛାତ୍ରୀ ରହୁଛନ୍ତି । ସନ୍ଧ୍ୟା ସମୟରେ ସେମାନଙ୍କ ପାଠପଢ଼ା ପାଇଁ ସରକାର ପକ୍ଷରୁ କିଛି ଯୁବତୀଙ୍କୁ ପାର୍ଟ-ଟାଇମ୍ ଭିତ୍ତିରେ ନିଯୁକ୍ତି ଦିଆଯାଇଛି। କିନ୍ତୁ ସେମାନେ ପ୍ରଶିକ୍ଷିତ ଶିକ୍ଷକ ନୁହଁନ୍ତି ଏବଂ ସରକାରଙ୍କ ପାଠ୍ୟକ୍ରମ ଓ ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କରେ ମଧ୍ୟ ପର୍ଯ୍ୟାପ୍ତ ଅଭିଜ୍ଞତା ନାହିଁ । ଏହା ହଷ୍ଟେଲରେ ରହୁଥିବା ଛାତ୍ରୀଙ୍କ ଶିକ୍ଷା ଉପରେ ମଧ୍ୟ ପ୍ରଭାବ ପକାଉଛି । ଏଭଳି ସ୍ଥିତିକୁ ନେଇ ଅଭିଭାବକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି । ପିଲାଙ୍କ ଭବିଷ୍ୟତକୁ ନେଇ ସେମାନେ ଚିନ୍ତା ପ୍ରକାଶ କରିଛନ୍ତି। ବହୁବାର ବ୍ଲକ ଶିକ୍ଷା ଅଧିକାରୀଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ମିଳିନାହିଁ। କେବଳ ଆଶ୍ୱାସନ ମିଳୁଥିବା ବେଳେ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ହୋଇନାହିଁ । ସ୍ଥାନୀୟ ଲୋକଙ୍କ ଦାବି, ତୁରନ୍ତ ଆବଶ୍ୟକ ସଂଖ୍ୟକ ବିଷୟ ଶିକ୍ଷକ ନିଯୁକ୍ତ କରାଯାଉ ଏବଂ ପିଲାଙ୍କ ପାଠପଢ଼ାରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ସରକାର ଶୀଘ୍ର ପଦକ୍ଷେପ ନିଅନ୍ତୁ ।

## ଦୁର୍ଘଟଣାରେ ସ୍ୱାମୀ ସ୍ତ୍ରୀ ଗୁରୁତର ଆହତ



**ବୈଶିଙ୍ଗା,୯।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା -ରୁପ୍ସା ରାସ୍ତାର କଦଳିଆ ନିକଟରେ ବୁଧବାର ରାତି ୮ ଘଟିକା ସମୟରେ ଗୋଟିଏ ବାଇକ ରେ ସ୍ୱାମୀ ସ୍ତ୍ରୀ ଦୁହେଁ ଆସୁଥିବା ବେଳେ ଏକ ଅଜଣା ପିକ୍ ଅପ୍ ଗାଡି ଧକ୍କା ଦେଇ ଦୃତ ଗତିରେ ରୁପ୍ସା ଦିଗରେ ପଳାଇ ଯାଇଥିଲା। ସଙ୍ଗେ ସଙ୍ଗେ ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ନେଇ ବୈଶିଙ୍ଗା ଡାକ୍ତରଖାନା ପହଞ୍ଚାଇଥିଲେ। ଖବର ରୁ ପ୍ରକାଶ ବଡସାହି ଥାନା ଅନ୍ତର୍ଗତ କେନ୍ଦୁଡିହା ଗ୍ରାମର ରମେଶ ବେହେରା(୫୫) ତାଙ୍କ ସ୍ତ୍ରୀ ଯଶୋଦା ବେହେରା(୪୫) ନିଜର ବାଇକ ନଂ ଓ ଆର ୧୧ଏଫ୍-୧୩୦୧ ରେ ନିଜ ଘରକୁ ଫେରୁଥିଲେ। କଦଳିଆ ନିକଟରେ ତାଙ୍କୁ ଏକ ପିକ୍ ଅପ୍ ଧକ୍କା ଦେଇ ପଳାଇ ଯାଇଥିଲା। ବୈଶିଙ୍ଗା ହସ୍ପିଟାଲ ରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାମୀ ରମେଶ ଙ୍କର ଗୋଡ ଭାଙ୍ଗି ଗୁରୁତର ହୋଇ ଯାଇଥିବାରୁ ବାଲେଶ୍ୱର ରେଫର କରାଯାଇଥିବା ଜଣା ଯାଇଛି। ତେବେ ବୈଶିଙ୍ଗା ପୋଲିସ ବିଳମ୍ବରେ ଖବର ପାଇ ଘଟଣା ସ୍ଥଳରୁ ବାଇକ ଉଦ୍ଧାର କରିବା ସହିତ ହସ୍ପିଟାଲ ଯାଇ ତଦନ୍ତ କରିଥିବା ଜଣା ଯାଇଛି।

## ହାଣ୍ଡିଭଙ୍ଗା ଗ୍ରାମରେ ସଖୀ ୱାନ୍ ଷ୍ଟପ୍ ସେଂଟରର ସଚେତନତା କାର୍ଯ୍ୟକ୍ରମ

**କେନ୍ଦୁଝର,୯।୯ (ସଂଚାର ବ୍ୟୁରୋ):** ମହିଳା ଓ ବାଳିକାଙ୍କ ସୁରକ୍ଷା, ସହାୟତା ଏବଂ ସଶକ୍ତିକରଣ ଉଦ୍ଦେଶ୍ୟରେ ୱାନ୍ ଷ୍ଟପ୍ ସେଂଟର, କେନ୍ଦୁଝର ପକ୍ଷରୁ ଆଜି ସଦର ବ୍ଲକ ଅନ୍ତର୍ଗତ ହାଣ୍ଡିଭଙ୍ଗା ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସଖୀ ଓଏସ୍ସିର କେନ୍ଦ୍ର ପ୍ରଶାସକ ଶ୍ରୀମତୀ ସୁଜାତାରାଣୀ ପାଢ଼ୀ, କାଉନ୍ସେଲର ମିସ୍ ଦୀପିକା ନାୟକ ଏବଂ କେସ୍ ୱାର୍କର ମିସ୍ ତବସୁମ୍ ବେଗମ୍ ଯୋଗଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଜିସିଆରପି, ସଭାପତି, ସମ୍ପାଦକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଇସି, ଏମବିକେ, ପିସି ଓ ଅନ୍ୟାନ୍ୟ ସମୁଦାୟ ପ୍ରତିନିଧିଙ୍କ ସମେତ ମୋଟ ୩୩ ଜଣ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ପରିଚାଳିକା ସୁଜାତାରାଣୀ ପାଢ଼ୀ ସଖୀ ୱାନ୍ ଷ୍ଟପ୍ ସେଂଟରର ଉଦ୍ଦେଶ୍ୟ, କାର୍ଯ୍ୟ ଓ ମହିଳାମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସେବା ବିଷୟରେ ବିସ୍ତୃତ ଭାବେ ସଚେତନ କରିଥିଲେ। ହିଂସା, ନିର୍ଯାତନା, ଘରୋଇ ହିଂସା, ଯୌନ ଉତ୍ପୀଡ଼ନ ଆଦିର ଶିକାର ମହିଳା ଓ ବାଳିକାମାନଙ୍କୁ ସଖୀ ଓଏସ୍ସି ପକ୍ଷରୁ ମିଳୁଥିବା କାଉନସେଲିଂ, ଆଇନଗତ ସହାୟତା, ଚିକିତ୍ସା ସହାୟତା, ପୋଲିସ୍ ସହାୟତା, ଅସ୍ଥାୟୀ ଆଶ୍ରୟ ଓ ଅନ୍ୟାନ୍ୟ ଆବଶ୍ୟକ ସହଯୋଗ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା।

## ବିକଶିତ ଓ ଦାଦନମୁକ୍ତ ପାଇଁ ବ୍ଲକସ୍ତରୀୟ ବୈଠକ



**କନ୍ଧମାଳ,୯।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରୁ ଦାଦନ ସମସ୍ୟା ଦୂର କରିବା ସହ ସ୍ଥାନୀୟ ଅଞ୍ଚଳରେ ରୋଜଗାର ସୃଷ୍ଟି କରି ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଦାରିଙ୍ଗବାଡ଼ି ଜାଗୃତି ସଭାଗୃହରେ ଏକ ବ୍ଲକସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସୋସିଆଲ ୱାର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ (ଏସ୍ଡବ୍ଲୁଏକେ) ଓ ଜାଗୃତି ଅନୁଷ୍ଠାନର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ବୈଠକରେ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ସଭାପତି ଆମନ ଚନ୍ଦ୍ର ନାୟକ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ଜାଗୃତିର ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏସ୍ଡବ୍ଲୁଏକେର ସମ୍ପାଦକ ହୃଷିକେଶ ପ୍ରଧାନ ବୈଠକର ଉଦ୍ଦେଶ୍ୟ ଓ ଦାଦନ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକ ଆରମ୍ଭରେ ଦାଦନ ଖଟିବାକୁ ଯାଇ ବାହାର ରାଜ୍ୟରେ ମୃତ୍ୟୁବରଣ କରିଥିବା ୧୧ ଜଣ ଶ୍ରମିକଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଆଲୋଚନାରେ କୁହାଯାଇଥିଲା ଯେ, କନ୍ଧମାଳର ଅନେକ ଅଞ୍ଚଳରେ ପର୍ଯ୍ୟାପ୍ତ ରୋଜଗାର ସୁଯୋଗର ଅଭାବ ଯୋଗୁଁ ପ୍ରତିବର୍ଷ ଶହ ଶହ ଶ୍ରମିକ କାମ ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଉଛନ୍ତି। ଦଲାଲଙ୍କ ମାଧ୍ୟମରେ ପ୍ରବାସ କରୁଥିବା ଅନେକ ଶ୍ରମିକ ଠକେଇ, ନିର୍ଯାତନା, ଦୁର୍ଘଟଣା ଓ ଅନ୍ୟାନ୍ୟ ସମସ୍ୟାର ଶିକାର ହେଉଛନ୍ତି। ତେଣୁ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳରେ ରୋଜଗାର ଓ ଜୀବିକାର ସୁଯୋଗ ସୃଷ୍ଟି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। 'ଏକ ଜିଲ୍ଲା, ଏକ ସଙ୍କଳ୍ପ' ନୀତି ଆଧାରରେ କନ୍ଧମାଳର ପ୍ରାକୃତିକ ଓ ମାନବ ସମ୍ବଳର ସଠିକ୍ ଉପଯୋଗ କରି ଯୁବପିଢ଼ିଙ୍କ ପାଇଁ ସ୍ଥାୟୀ ରୋଜଗାର, ଆତ୍ମନିଯୁକ୍ତି ଓ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରିବା ନେଇ ବିଭିନ୍ନ ମତ ପ୍ରକାଶ ପାଇଥିଲା। ବୈଠକରେ ଦାରିଙ୍ଗବାଡ଼ି ଅଞ୍ଚଳର ହଳଦୀ ଚାଷ ଓ ଚାଷୀଙ୍କ ସମସ୍ୟା ନେଇ ମଧ୍ୟ ଆଲୋଚନା ହୋଇଥିଲା।

## ବିନା ଅନୁମତିରେ ସାଉଣ୍ଡ ବାଜିଲେ ଜବତ ହେବ ଡିଜେ ଗାଡ଼ି, ସିଧା ହେବେ ଗିରଫ: ପାର୍ବଣ ପୂର୍ବରୁ ପୁଲିସର ଚେତାବନୀ

**ପୁରୁଷୋତ୍ତମପୁର,୯।୯ (ସଂଚାର ବ୍ୟୁରୋ):** ଆଗାମୀ ପୂଜାପାର୍ବଣ ସମୟରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପୁରୁଷୋତ୍ତମପୁର ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଉପଜିଲାପାଳଙ୍କ ବିନା ଅନୁମତିରେ କୌଣସି ସ୍ଥାନରେ ସାଉଣ୍ଡ କିମ୍ବା ଡିଜେ ବଜାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ନିୟମ ଉଲ୍ଲଂଘନ କଲେ ଡିଜେ ସରଞ୍ଜାମ, ଯନ୍ତ୍ରପାତି ଓ ଗାଡ଼ି ଜବତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ପୋଲିସ ଚେତାବନୀ ଦେଇଛି। ବୁଧବାର ପୁରୁଷୋତ୍ତମପୁର ଥାନା ପରିସରରେ ଆଇଆଇସି କୁଳମଣି ସେଠୀଙ୍କ ପୌରୋହିତ୍ୟରେ ଡିଜେ ସାଉଣ୍ଡ ପରିଚାଳକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଏସଡିପିଓ ସୁଜିତ କୁମାର ନାୟକ ଯୋଗଦେଇ ଅଞ୍ଚଳର ସମସ୍ତ ଡିଜେ ସାଉଣ୍ଡ ମାଲିକଙ୍କୁ ଆଇନ ଶୃଙ୍ଖଳା ଓ ନିୟମ ମାନି ସାଉଣ୍ଡ ପରିଚାଳନା କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ବିଶେଷକରି ଡିଜେରେ



ଅତ୍ୟଧିକ ଉଚ୍ଚ ଶବ୍ଦ ଓ ଭାଇବ୍ରେସନ୍ (କମ୍ପନ) ରଖିବାକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଛି। ଅତ୍ୟଧିକ ଶବ୍ଦ ଓ କମ୍ପନ ଯୋଗୁଁ ବରିଷ୍ଠ ନାଗରିକ, ଶିଶୁ ଏବଂ ହୃଦ୍‌ରୋଗୀଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଥିବାରୁ, ପୋଲିସ ପ୍ରଶାସନ ଏହି କଟକଣାକୁ କଠୋର ଭାବେ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି।

## ଡେଙ୍ଗୁ, ମାଲେରିଆ ଓ ଫାଇଲେରିଆ ସଚେତନତା ରଥ ପରିକ୍ରମା ପ୍ରହସନରେ ପରିଣତ

**ଗଞ୍ଜାମ,୯।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲାରେ ଗାଁ ଗାଁରେ ଏବେ ଡେଙ୍ଗୁ, ମାଲେରିଆ, ଫାଇଲେରିଆ ଓ ହଇଜା ସଚେତନତା ପାଇଁ ପ୍ରଚାର ରଥ ବୁଲିବା ପ୍ରହସନରେ ପରିଣତ ହୋଇଛି। ବିଭିନ୍ନ ପଞ୍ଚାୟତରେ ଗାଁମାନଙ୍କରେ ମଶା ଓ ମାଛିଚାଷ ଚାଲିଛି। ସେଥିପାଇଁ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ପଞ୍ଚାୟତର ନିଘା ନାହିଁ। ନାଳନର୍ଦ୍ଦମା ସଫା ହେଉନାହିଁ। ପଚାପାଣି ନିଷ୍କାସିତ ହେଉନାହିଁ। ତାର ସଦ୍ୟତମ ଦୃଷ୍ଟାନ୍ତ ହେଲା ପିତଳ ବଜାର। ଏଠାରେ ନାଳ ନର୍ଦ୍ଦମାର ପଚା ପାଣି ରାସ୍ତା ଉପରେ ଓ ଜନସାଧାରଣଙ୍କ ଘର ନିକଟରେ ଭାସୁଛି। ଦୁର୍ଗନ୍ଧ ଓ ମଶାମାଛିଙ୍କ ଦୌରାତ୍ମ୍ୟ ଲୋକମାନଙ୍କୁ ଅସହ୍ୟ କରୁଛି। ଲୋକେ ବିଭିନ୍ନ ସଂକ୍ରାମକ ରୋଗର ଶୀକାର ହେଉଛନ୍ତି।

### ବନ୍ୟା କ୍ଷତିଗ୍ରସ୍ତଙ୍କ ଘରେ ପହଞ୍ଚିବ ସରକାରୀ ସର୍ଭେ ଟିମ୍

## ଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ଜିପିୱାରୀ ଟିମ୍ ଗଠନ

**ଧାମନଗର,୯।୯ (ସଂଚାର ବ୍ୟୁରୋ):** ଗତ ଜୁଲାଇ ଓ ଅଗଷ୍ଟ ମାସରେ ପ୍ରବଳ ବର୍ଷା ଓ ଲଗାତାର ବନ୍ୟାରେ ଧାମନଗର ଅଞ୍ଚଳର ବହୁ ପରିବାର ପ୍ରଭାବିତ ହୋଇଥିବାବେଳେ ଧନ ଜୀବନ ସହ ବ୍ୟାପକ କ୍ଷୟକ୍ଷତି ହୋଇଛି, ଏହାର ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ସର୍ଭେ ଆରମ୍ଭ ହେବ। ଏନ୍ଡିଆରଏଫ୍ ଓ ଏସ୍ଡିଆରଏଫ୍ ନିୟମାବଳୀ ଅନୁଯାୟୀ ଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ଗ୍ରାମପଞ୍ଚାୟତୱାରୀ ସର୍ଭେ ଟିମ୍ ଗଠନ କରାଯାଇଛି। ପ୍ରତି ପଞ୍ଚାୟତରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (ଆର୍ଆଇ), ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ), ଏଡିଇଓ ସ୍ତରର ନୋଡାଲ ଅଧିକାରୀ, ଗ୍ରାମ ରୋଜଗାର ସେବକ (ଜିଆରଏସ୍)ଙ୍କ ସମେତ କ୍ଷେତ୍ରୀୟ କର୍ମଚାରୀଙ୍କୁ ନେଇ ଟିମ୍ ଗଠିତ ହୋଇଛି। ସର୍ଭେ ଟିମ୍ ଘରକୁ ଘର ବୁଲି ବନ୍ୟାଜଳ ବାସଗୃହରେ ପ୍ରବେଶ କରିଥିଲା କି ନାହିଁ ଓ ପରିବାର କ୍ଷତିଗ୍ରସ୍ତ ହୋଇଛି କି ନାହିଁ, ତାହାର କ୍ଷେତ୍ରସ୍ତରୀୟ ଯାଞ୍ଚ କରିବେ। ଯାଞ୍ଚ ପରେ ସହାୟତା ପାଇବାକୁ ଯୋଗ୍ୟ ପରିବାରଙ୍କ ତାଲିକା ପ୍ରସ୍ତୁତ କରି ତହସିଲ କାର୍ଯ୍ୟାଳୟରେ ଦାଖଲ କରାଯିବ। ସର୍ଭେ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ତାଲିକା ଦାଖଲ କରିବାକୁ ଟିମ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଭଦ୍ରକ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ ଉପଜିଲ୍ଲାପାଳ ଓ ଧାମନଗର ବିଡିଓଙ୍କୁ ମଧ୍ୟ ଅବଗତ କରାଯାଇଛି।

## ନିଖୋଜ ଝିଅକୁ ସୁରକ୍ଷିତ ଉଦ୍ଧାର

**ଗଞ୍ଜାମ,୯।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ନିମାଖଣ୍ଡି ଥାନା ପିଲିସ ନିଖୋଜ ଝିଅକୁ ସୁରକ୍ଷିତ ଉଦ୍ଧାର କରିଛି। ନିମାଖଣ୍ଡି ଥାନା କେସ ନମ୍ବର ୨୮୨, ତାରିଖ ୦୫.୦୯.୨୦୨୬, ଧାରା ୧୩୭(୨) ବିଏନଏସ ଓ ଉଏମଏମଆର ନମ୍ବର ୬୨/୨୦୨୬ରେ ମାମଲା ରୁଜୁ ହୋଇଥିଲା। ପାଞ୍ଚ ସେପ୍ଟେମ୍ବର ଦିନ ୧୨ଟା ୪୦ରେ ବୋରିଗାଁ, ଖଣ୍ଡିଆ ସାହିର ଟୁକୁନା ସାହୁ(୫୪), ପିତା ସ୍ୱର୍ଗତ ଭୀମ ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ଏସଆଇ ଶକ୍ତିମୟୀ ବେହେରା ଜାଣିବାକୁ ପାଇଲେ ଯେ ପୀଡିତା ଭବାନୀ ସାହୁ ବଣ୍ଟି ସାହୁ ସହ ଗାଁ ଛାଡିଛନ୍ତି। ସାତ ସେପ୍ଟେମ୍ବରରେ ବଣ୍ଟି ସାହୁ ପୀଡିତାର ଭାଇକୁ ଫୋନ କରି ସେ ବାଲିପଡ଼ା ଗ୍ରାମ, ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ଅଛନ୍ତି ବୋଲି ଜଣାଇଥିଲେ। ସାଇବର ସେଲ ସହାୟତାରେ ଟେକ୍ନିକାଲ ନଜର ରଖାଯାଇଥିଲା। ସୂଚନା ମିଳିବା ପରେ ଏସଆଇ ଶକ୍ତିମୟୀ ବେହେରା ବାଲିପଡ଼ା ଗ୍ରାମକୁ ଯାଇ ପୀଡିତାଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଉଦ୍ଧାର ଝିଅକୁ ପିଲିସ ସୁରକ୍ଷାରେ ରଖାଯାଇଛି, ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

## ଡ୍ରେନ୍ ଅବ୍ୟବସ୍ଥା, କଷ୍ଣ କଲୋନୀବାସୀ ଅତିଷ୍ଠ

**ଝାରସୁଗୁଡ଼ା,୯।୯ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ପୌର ପରିଷଦ ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ଏବଂ କଷ୍ଣ କଲୋନୀ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘଦିନ ଧରି ଡ୍ରେନ୍ ଓ ନାଳନର୍ଦ୍ଦମା ସଫେଇ କରାଯାଉ ନଥିବାରୁ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ୍‌ଗୁଡ଼ିକରେ ବର୍ଜ୍ୟବସ୍ତୁ ଜମି ରହିବା ସହ ପାଣି ଜମି ରହୁଥିବାରୁ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏଥିସହ ମଶାମାଛିଙ୍କ ପ୍ରାଦୁର୍ଭାବ ମଧ୍ୟ ବୃଦ୍ଧି ପାଇଛି। ଫଳରେ ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ବ୍ୟାପିବା ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଏହି ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକେ ମଧ୍ୟ ନାହିଁ ନଥିବା ହଇରାଣ ହେଉଛନ୍ତି।

### ରୋଷେୟାଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

## ୪ ଗିରଫ ସହ ମାସ୍କ ପିକଅପ୍ ଜବତ



**ସୁବର୍ଣ୍ଣପୁର,୯।୯ (ସଂଚାର ବ୍ୟୁରୋ):** ସୋନପୁର ସହରର ଜଣାଶୁଣା ବିଶିଷ୍ଟ ସୂପକାର ତଥା ରୋଷେୟା ଅର୍ଜୁନ ରଥଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ଅଭିଯୋଗରେ ୪ଜଣ ଗିରଫ ସହ ମାସ୍କ ପିକଅପ୍ ଓ ସ୍ପେଲଣ୍ଡର ବାଇକ୍ ଜବତ। ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସପି ନାରାୟଣ ନାଏକ। ଅଭିଯୁକ୍ତ ସୁରେନ୍ଦ୍ର ନାୟକ ଓ ଅର୍ଜୁନ ପ୍ରାୟ ଏକ ଦଶନ୍ଧି ଧରି ବିବାହ ଉତ୍ସବ, ଜନ୍ମଦିନ ପାର୍ଟି, କର୍ପୋରେଟ୍ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ସାମାଜିକ ସମାବେଶ ଭଳି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମିଳିତ ଭାବେ ଖାଦ୍ୟ ଯୋଗାଣ (କ୍ୟାଟରିଂ) ଚୁକ୍ତି ନେଇ କାର୍ଯ୍ୟ କରୁଥିଲେ। ଏହି କାର୍ଯ୍ୟରେ ଅର୍ଜୁନ ରଥ ଜଣେ ରୋଷେୟା ଭାବରେ କାମ କରୁଥିବାବେଳେ ଅଭିଯୁକ୍ତ ସୁରେନ୍ଦ୍ର ନାୟକ ଫାଷ୍ଟ ଫୁଡ୍ ପ୍ରସ୍ତୁତ କରିବାରେ ନିୟୋଜିତ ଥିଲେ। ଘଟଣାର ପ୍ରାୟ ଚାରି ବର୍ଷ ପୂର୍ବେ ଅର୍ଜୁନ ଙ୍କ ପୁଅ ଓମ୍ ପ୍ରକାଶ ରଥ ଏବଂ ଅଭିଯୁକ୍ତ ସୁରେନ୍ଦ୍ର ନାୟକଙ୍କ ପୁଅ ବିଶ୍ୱନାଥ ନାୟକଙ୍କ ମଧ୍ୟରେ ଏକ ସାମାନ୍ୟ ବିଷୟକୁ ନେଇ ଝଗଡ଼ା ହୋଇଥିଲା। ସେହିଦିନଠାରୁ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା ଏବଂ ଏହି ବିବାଦ ଯୋଗୁଁ ଅଭିଯୋଗକାରୀ ଅର୍ଜୁନ ରଥ ତାଙ୍କର କୌଣସି କ୍ୟାଟରିଂ ଚୁକ୍ତିରେ ଅଭିଯୁକ୍ତ ସୁରେନ୍ଦ୍ର ନାୟକଙ୍କୁ ସାମିଲ କରୁ ନଥିଲେ। ଏହି ତିକ୍ତତା କାରଣରୁ ଅଭିଯୋଗକାରୀ ଅର୍ଜୁନ ରଥଙ୍କୁ ହତ୍ୟା କରିବେ ବୋଲି ଅଭିଯୁକ୍ତ ସୁରେନ୍ଦ୍ର ନାୟକ ଶ୍ରୀ ରଥ ଙ୍କ ସମ୍ପର୍କୀୟ ଓ ପରିଚିତ ବ୍ୟକ୍ତିମାନଙ୍କୁ ଧମକ ଦେଉଥିଲେ। ଅଭିଯୋଗକାରୀ ଶ୍ରୀ ରଥଙ୍କୁ ହତ୍ୟା କରିବାର ଯୋଜନା ମୁତାବକ ଘଟଣା ପୂର୍ବରୁ, ଅଭିଯୁକ୍ତ ସୁରେନ୍ଦ୍ର ନାୟକ ତାଙ୍କ ଡ୍ରାଇଭର ଅନ୍ତପାଲିର ନୀଳାମ୍ବର କର୍ଣ୍ଣ, ତାଙ୍କ ଶଳା ବେଜପାଲିର ଜୟ କୁମାର ପଣ୍ଡା ଏବଂ ପିପଲକଟାର ରମାନନ୍ଦ ପ୍ରଧାନ ଏକ ଅପରାଧିକ ଷଡ଼ଯନ୍ତ୍ର କରି ସେମାନେ ଏକ ଗାଡ଼ି ଦୁର୍ଘଟଣା ଘଟାଇ ଅର୍ଜୁନ ରଥଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ।

## ଖୋଲାଖୋଲି ଭାବେ ଶ୍ରମିକ ଚାଲାଣ, ସବୁ ଜାଣି ଶ୍ରମ ବିଭାଗ ଚୁପ୍

**ଥୁଆମୂଳ ରାମପୁର,୯।୯ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳରେ ଶ୍ରମିକଙ୍କୁ ସୋହାଗୀ ନିଯୁକ୍ତି ଏବଂ ମନରେଗା ଯୋଜନାରେ ବେକାର ଯୁବକ ଉପକୃତ ହେଉଥିବା ନେଇ ସରକାରୀ ଦାବିର ସତ୍ୟତା ଏବେ ପଦାରେ ପଡ଼ିଛି। ଗୋଟିଏ ପଟେ ବାଫ୍ଲିମାଳି ପାହାଡ଼ରୁ ଲକ୍ଷଲକ୍ଷ ଟନ୍ ବକ୍ସାଇଟ ଖନନ କରି ଶିଳ୍ପ ସଂସ୍ଥା ଓ ସରକାର କୋଟି କୋଟି ଟଙ୍କାର ରାଜସ୍ୱ କମାଉଛନ୍ତି, ଅନ୍ୟପଟେ ସେହି ଖଣି ପ୍ରଭାବିତ ଅଞ୍ଚଳର ବେକାର ଯୁବକମାନେ ପରିବାର ପ୍ରତିପୋଷଣ ପାଇଁ ସୁଦୂର କେରଳକୁ ଦାଦନ ଯାଉଛନ୍ତି। ଥୁଆମୂଳ ରାମପୁର ବ୍ଲକ୍ର କାନିଗୁମ୍ମା, ଗୁଣୁପୁର, କେରପାଇ, ତଳ ଆମ୍ବପଦର, ତଳଝାପି, ଓଡ୍ରି, ଗୋପୀନାଥପୁର, ମାଳିଗାଁ ସମେତ ପଡ଼ୋଶୀ ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟ ଜିଲାର ଅନେକ ଗାଁରୁ ଶ୍ରମିକମାନେ ପ୍ରତି ମଙ୍ଗଳବାର ଥୁଆମୂଳ ରାମପୁରରେ ଏକତ୍ରିତ ହୁଅନ୍ତି। 'କେଏଲ୍-୪୨-୦୭୯୫୬' ନମ୍ବର ବିଶିଷ୍ଟ ଏକ ଘରୋଇ ବସ୍‌ରେ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଭର୍ତ୍ତି କରି କାଶୀପୁର, ରାୟଗଡ଼ା ଓ ଆନ୍ଧ୍ରପ୍ରଦେଶ ଦେଇ ପ୍ରାୟ ୧୭୦୦ କିଲୋମିଟର ଦୂର କେରଳକୁ ବେଆଇନ ଭାବେ ଚାଲାଣ କରାଯାଉଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ସ୍ଥାନୀୟ ସଚେତନ ଯୁବକ ଜଗାକାଳିଆ ନାଏକ, ପରମେଶ୍ୱର ନାଏକ, ହିତେଶ କୁମାର ନାଏକ ଏବଂ ଦୁର୍ଯ୍ୟୋଧନ ଗୌଡ଼ଙ୍କ ସମେତ ଅଞ୍ଚଳର ରାଜନୈତିକ କର୍ମୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଗତ ୨୪ ବର୍ଷର ବିଜେଡି ଓ ବର୍ତ୍ତମାନର ଭାଜପା ଶାସନ କାଳରେ ବେକାର ଯୁବକଙ୍କ ପାଇଁ କୌଣସି ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା ହୋଇପାରିନାହିଁ। ଅଞ୍ଚଳଟି ଡିଏମ୍ଏଫ୍



ଅଞ୍ଚଳ ହୋଇଥିଲେ ବି ଉତ୍କଳ ଆଲୁମିନା କମ୍ପାନୀ ସ୍ଥାନୀୟ ଯୁବକଙ୍କୁ ସିକ୍ୟୁରିଟି ଗାର୍ଡ କି ଝାଡୁଦାର ଚାକିରି ଟିକିଏ ବି ଦେଉନାହିଁ। ଗାଁରେ ମନରେଗା ମଜୁରି କିମ୍ବା ଅନ୍ୟାନ୍ୟ କାମ ଠିକ ସମୟରେ ମିଳୁ ନ ଥିବା ଏବଂ କାମ କଲେ ମଧ୍ୟ କମ ପଇସା ମିଳୁଥିବା ବେଳେ କେରଳରେ ଦୈନିକ ୮୦୦ରୁ ୧୮୦୦ ଟଙ୍କା ମିଳୁଥିବାରୁ ଲୋକେ ଯିବାକୁ ବାଧ୍ୟ ହେଉଛନ୍ତି।

## ୮୧୩ କଫ୍ ସିରପ୍ ଜବତ: ମହିଳା ଗିରଫ, ସ୍ୱାମୀ ଫେରାର

**ବରଗଡ଼,୯।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲା ପୁଲିସ୍ ନିଶା କାରବାର ବିରୋଧରେ ନିଜର ଧରପଗଡ଼ ଅଭିଯାନକୁ ଅଧିକ ଜୋରଦାର କରିଛି। ବୁଧବାର ଭଟଲି ଥାନା ପୋଲିସ୍ ବଡ଼ମାଳ ଗ୍ରାମରେ ଚଢ଼ାଉ କରି ବିପୁଳ ପରିମାଣର ବେଆଇନ କଫ୍ ସିରପ୍ ସହ ପ୍ରଚୁର ନଗଦ ଟଙ୍କା ଓ ଦାମୀ ଗାଡ଼ି ଜବତ କରିଛି। ଏହି ବେଆଇନ କାରବାର ଘଟଣାରେ ପୋଲିସ୍ ପାର୍ବତୀ ସାହୁ (୪୦) ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରିଥିବା ବେଳେ ତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ପୁଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ବଡ଼ମାଳ ଗ୍ରାମର ସୂର୍ଯ୍ୟକାନ୍ତ ଏବଂ ତାଙ୍କ ସ୍ତ୍ରୀ ପାର୍ବତୀ ଦୀର୍ଘ ଦିନ ହେବ ବେଆଇନ କଫ୍ ସିରପ୍ କାରବାର କରୁଥିବା ନେଇ ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ବରଗଡ଼ ଏସ୍‌ପି ରବିନ୍ଦ୍ରନାଥ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଭଟଲି ଥାନାର ଏକ ବିଶେଷ ପୋଲିସ୍ ଟିମ୍ ମଙ୍ଗଳବାର ଅଭିଯୁକ୍ତଙ୍କ ଘରେ ଅତର୍କିତ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ସୂର୍ଯ୍ୟକାନ୍ତ ଖସି ପଳାଇବାରେ ସଫଳ ହୋଇଥିବା ବେଳେ ପାର୍ବତୀ ଘରେ ଉପସ୍ଥିତ ଥିଲେ। ପୋଲିସ୍ ପୁରା ଘର ଛାନଭିନ୍ କରିବା ପରେ ଘର ପଛପଟେ ନିର୍ମିତ ଏକ ଗୁପ୍ତ ଅଣ୍ଡରଗ୍ରାଉଣ୍ଡ ସିକ୍ରେଟ୍ ଚାମ୍ବରର ସନ୍ଧାନ ପାଇଥିଲା।



### ଉଚ୍ଚଶିକ୍ଷା ପରେ ବି ମିଳୁନି ଚାକିରି

# ବଣ୍ଡାଘାଟିରୁ ଦାଦନ ଯାଉଛନ୍ତି ୨୦୦ରୁ ଅଧିକ ଶିକ୍ଷିତ ଯୁବକଯୁବତୀ



**ମାଲକାନଗିରି,୯।୯ (ସଂଚାର ବ୍ୟୁରୋ):** ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ, ପାହାଡ଼, ଜଙ୍ଗଲ ଓ ଆଦିବାସୀ ସଂସ୍କୃତି ପାଇଁ ପରିଚିତ ବଣ୍ଡାଘାଟି। କିନ୍ତୁ ଏହି ସୁନ୍ଦର ପରିବେଶ ଭିତରେ ଲୁଚି ରହିଛି ଏକ ନିରବ ଯନ୍ତ୍ରଣା । ସେହି ଯନ୍ତ୍ରଣାର ନାଁ ହେଉଛି ଦାଦନ । ଯେଉଁ ଯୁବକଯୁବତୀଙ୍କ ହାତରେ ଉଚ୍ଚଶିକ୍ଷାର ଡିଗ୍ରୀ ରହିଛି, ସେମାନଙ୍କ ହାତରେ ଆଜି ରହିଛି ପରଦେଶକୁ ଯିବାର ବ୍ୟାଗ୍ । ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ା ଓ ଅଣ୍ଡ୍ରାହଲ ପଞ୍ଚାୟତର ୩୨ଟି ପଡ଼ା ଗାଁର ଅନେକ ଯୁବକଯୁବତୀ ଉଚ୍ଚଶିକ୍ଷା ଲାଭ କରିଛନ୍ତି । କେହି ଭୁବନେଶ୍ୱରରେ ରହି ପାଠ ପଢ଼ିଛନ୍ତି, ଆଉ କେହି ରାଜ୍ୟର ବିଭିନ୍ନ କଲେଜରୁ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ନିଜ ଗାଁକୁ ଫେରିଥିଲେ। ସମସ୍ତଙ୍କର ଆଶା ଥିଲା ନିଜ ଅଞ୍ଚଳରେ ରହି ଚାକିରି କରିବେ ଏବଂ ପରିବାର ସହ ସମାଜର ଉନ୍ନତିରେ ଭୂମିକା ନେବେ । କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତିର ସୁଯୋଗ ନଥିବାରୁ ୨୦୦ରୁ ଅଧିକ ଶିକ୍ଷିତ ବଣ୍ଡା ଯୁବକଯୁବତୀ ଭିଟାମାଟି ଛାଡ଼ି ଆନ୍ଧ୍ରପ୍ରଦେଶ ସମେତ ଦେଶର ବିଭିନ୍ନ ସହରକୁ କାମ ସନ୍ଧାନରେ ଚାଲିଯାଇଛନ୍ତି। ଅନେକ ପରିବାରଙ୍କୁ ମଧ୍ୟ ଜଣାନାହିଁ ସେମାନଙ୍କ ପୁଅଝିଅ କେଉଁଠି କାମ କରୁଛନ୍ତି। କେତେକ କ୍ଷେତ୍ରରେ ସେମାନଙ୍କ ସହ ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇଯାଇଛି। ଏକପ୍ରକାର ଦାଦନକୁ ଯାଇ ନିଖୋଜ ହୋଇଯାଇଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବଣ୍ଡାଘାଟିରେ ଉଚ୍ଚଶିକ୍ଷିତ ଯୁବପିଢ଼ିଙ୍କ ପାଇଁ ଶିଳ୍ପ, କାରଖାନା କିମ୍ବା ସରକାରୀ-ବେସରକାରୀ ଚାକିରିର ସୁଯୋଗ ପ୍ରାୟ ନାହିଁ। ପ୍ରଶାସନ ପକ୍ଷରୁ ମଧ୍ୟ ଏହି ଅଞ୍ଚଳର ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ସ୍ଥାୟୀ କର୍ମସଂସ୍ଥାନ ସୃଷ୍ଟି କରିବାରେ ଆଶାନୁରୂପ ପଦକ୍ଷେପ ଦେଖିବାକୁ ମିଳିନାହିଁ । ଫଳରେ ବାଧ୍ୟ ହୋଇ ଶିକ୍ଷିତ ଯୁବପିଢ଼ି ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ଯାଉଛନ୍ତି । ଯେଉଁ ବୟସରେ ହାତରେ ଚାକିରିର ନିଯୁକ୍ତିପତ୍ର ରହିବା କଥା, ସେହି ବୟସରେ ଅନିଶ୍ଚିତ ଭବିଷ୍ୟତକୁ ସାଥୀ କରି ପରଦେଶ ମୁହାଁ ହେଉଛନ୍ତି ଶିକ୍ଷିତ ବଣ୍ଡା ଯୁବକଯୁବତୀ । ଏହା କେବଳ ଏକ ଅଞ୍ଚଳର ସମସ୍ୟା ନୁହେଁ, ବରଂ ଆଦିବାସୀ ଅଞ୍ଚଳରେ ଶିକ୍ଷା ପରେ କର୍ମସଂସ୍ଥାନର ଅଭାବର ଏକ ବଡ଼ ଉଦାହରଣ । ସ୍ଥାନୀୟ ଲୋକଙ୍କ ପ୍ରଶ୍ନ, ଉଚ୍ଚଶିକ୍ଷା ପରେ ମଧ୍ୟ ବଣ୍ଡା ଯୁବପିଢ଼ିଙ୍କୁ ନିଜ ମାଟିରେ କାହିଁକି ଚାକିରି ମିଳୁନାହିଁ? ପ୍ରତିବର୍ଷ କାହିଁକି ଦାଦନ ଯାଉଥିବା ଶିକ୍ଷିତ ଯୁବକଯୁବତୀଙ୍କ ସଂଖ୍ୟା ବଢ଼ୁଛି? ଦାଦନ ରୋକିବା ଏବଂ ସ୍ଥାନୀୟ ସ୍ତରରେ କର୍ମସଂସ୍ଥାନ ସୃଷ୍ଟି କରିବା ପାଇଁ ସରକାର କେବେ ଦୃଢ଼ ପଦକ୍ଷେପ ନେବେ? ଏହି ପ୍ରଶ୍ନର ଉତ୍ତରକୁ ଏବେ ବି ଅପେକ୍ଷା କରିଛି ସମଗ୍ର ବଣ୍ଡାଘାଟି ।